# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ମେ ୨୨/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, May 22/2025 | Page 16 | ₹ 7.00 | BERHAMPUR

୫୧ଶ ଭାଗ ୧୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 176 | ମୂଲ୍ୟ₹୭/-





**ବିବାଦରେ ‘ହେରାଫେରି ୩’**

‘ହେରାଫେରି ୩’ ଫିଲ୍ମକୁ ନେଇ ଅଭିନେତା ଅକ୍ଷୟ କୁମାର ଓ ପରେଶ ରାୱଲଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। **୧୧**

**୧୬** **ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ**

ଆଇପିଏଲ୍‌ରେ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରି ମୁମ୍ବାଇ ଇଣ୍ଡିଆନ୍ସକୁ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇଛନ୍ତି ସୂର୍ଯ୍ୟକୁମାର ଯାଦବ।






ଯୁକ୍ତ ୨ ପରୀକ୍ଷାଫଳ ବୁଧବାର ଅପରାହ୍ନରେ ପ୍ରକାଶ ପାଇବା ପରେ କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରି ସ୍କୁଲ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି। **(ଫଟୋ-ରାଜକିଶୋର ମହାନ୍ତି)**

# ଯୁକ୍ତ ୨ ପାସ୍ ହାର ୮୨.୭୭%

## ବିଜ୍ଞାନ, ବାଣିଜ୍ୟରେ ନୟାଗଡ଼, କଳାରେ ବରଗଡ଼, ଧନ୍ଦାମୂଳକରେ ବାଲେଶ୍ୱର ଜିଲ୍ଲାର ଶ୍ରେଷ୍ଠ ପ୍ରଦର୍ଶନ

**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଅପରାହ୍ଣ ୪ଟା ୨୦ରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରିଷଦର ମୁଖ୍ୟ କାର୍ଯ୍ୟାଳୟଠାରେ ଫଳ ଘୋଷଣା କରିଛନ୍ତି। ଚଳିତବର୍ଷ ଏକାସଙ୍ଗେ ୪ ବିଭାଗର ପରୀକ୍ଷାଫଳ ପ୍ରକାଶ ପାଇଥିବାବେଳେ ପାସ୍ ହାର ୮୨.୭୭% ରହିଛି। ବିଜ୍ଞାନରେ ୮୭.୪୯% ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ବାଣିଜ୍ୟରେ ପାସ୍ ହାର ୮୩.୦୨%, କଳାରେ ୮୦.୫୧% ଏବଂ ଧନ୍ଦାମୂଳକରେ ୬୦.୫୭% ରହିଛି। ବିଜ୍ଞାନ ଓ ବାଣିଜ୍ୟରେ ନୟାଗଡ଼ ଜିଲ୍ଲାର ଛାତ୍ରୀଛାତ୍ର ଶ୍ରେଷ୍ଠ ପ୍ରଦର୍ଶନ କରିଥିବାବେଳେ କଳାରେ ବରଗଡ଼, ଧନ୍ଦାମୂଳକ ଶିକ୍ଷାରେ ବାଲେଶ୍ୱର ଜିଲ୍ଲାଗୁଡ଼ିକ ମଧ୍ୟରେ ଶୀର୍ଷରେ ରହିଛି।**

ଭୁବନେଶ୍ୱର,୨୧।୫(ସୁଚିସ୍ମିତା ସାହୁ)

ଗତବର୍ଷ ତୁଳନାରେ ଚଳିତବର୍ଷ ବିଜ୍ଞାନ ଓ ବାଣିଜ୍ୟରେ ସାମାନ୍ୟ ପାସ୍ ହାର ବୃଦ୍ଧି ପାଇଥିବା ବେଳେ କଳା ଓ ଧନ୍ଦାମୂଳକରେ ପାସ୍ ହାର କମିଛି। ଗତବର୍ଷ ବିଜ୍ଞାନରେ ୮୬.୯୩% ପିଲା ପାସ୍ କରିଥିବାବେଳେ ବାଣିଜ୍ୟରେ ୮୨.୨୭%, କଳାରେ ୮୦.୯୫% ଏବଂ ଧନ୍ଦାମୂଳକରେ ପାସ୍ ହାର ୬୮.୦୨% ରହିଥିଲା। ସେହିପରି ଚଳିତବର୍ଷ ରାଜ୍ୟରେ ନୟାଗଡ ଜିଲ୍ଲାରେ ଉଭୟ ବିଜ୍ଞାନ (୯୭.୫୮%) ଓ ବାଣିଜ୍ୟରେ (୯୩.୭୧%) ପାସ୍ ହାର ସର୍ବାଧିକ ରହିଛି। କଳାରେ ବରଗଡ ଜିଲ୍ଲା ଏବଂ ଧନ୍ଦାମୂଳକ ଶିକ୍ଷାରେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ପାସ୍ ହାର ରହିଛି। ଅନ୍ୟପଟେ ବୌଦ୍ଧ ଜିଲ୍ଲାରେ ବିଜ୍ଞାନରେ ସର୍ବନିମ୍ନ ୭୧.୮୫% ପାସ୍ ହାର ରହିଥିବା ବେଳେ ବଲାଙ୍ଗୀରରେ ବାଣିଜ୍ୟରେ ସର୍ବନିମ୍ନ ୬୯.୧୯%, ନବରଙ୍ଗପୁରରେ କଳାରେ ସର୍ବନିମ୍ନ ୬୮.୧୩% ଓ ଧନ୍ଦାମୂଳକରେ ସର୍ବନିମ୍ନ ମାଲକାନାଗିରିରେ ଶୂନ ପ୍ରତିଶତ ଅର୍ଥାତ୍ କେହି ପାସ୍ କରିହାନ୍ତି। ରାଜ୍ୟରେ ୨୨୮୨ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଏମାନଙ୍କ ମଧ୍ୟରୁ କଳାରେ ୧୭୧ଜଣ, ବାଣିଜ୍ୟରେ ୨୦୪, ବିଜ୍ଞାନରେ ୧୯୦୬ ଏବଂ ଧନ୍ଦାମୂଳକରେ ଜଣେ ପିଲା ରହିଛନ୍ତି।

**ଧନ୍ଦାମୂଳକ ପାସ୍ ହାର ୭.୪୫% କମିଲା: ମାଲକାନଗିରିରେ ଶୂନ ରେଜଲ୍ଟ**

ପରୀକ୍ଷାର୍ଥୀମାନେ www.orissaresults.nic.in ଏବଂ https://result.digilocker.gov.inରେ ପରୀକ୍ଷାଫଳ ଜାଣିବା ସହ ମାର୍କଶିଟ୍ ଡାଉନ୍‌ଲୋଡ କରିପାରିବେ। ଏଥିସହ ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାମ୍ସ ଇ-ସ୍ପେସ୍‌ରେ ମଧ ଉପଲବ୍ଧ ହେଉଛି। ତେବେ ଏଥିରେ କୌଣସି ସମସ୍ୟା ଦେଖାଦେଲେ ୦୬୭୪-୨୩୦୦୯୦୭ ନମ୍ବରରେ କଲ୍ କରି ଆବଶ୍ୟକ ସୂଚନା ପାଇପାରିବେ ବୋଲି ସୂଚନା ପରିଷଦ ପକ୍ଷରୁ କୁହାଯାଇଛି। ଫଳ ଘୋଷଣା ଅବସରରେ ମନ୍ତ୍ରୀଙ୍କ ସହ ଗଣଶିକ୍ଷା ବିଭାଗର ସଚିବ ଶାଳିନୀ ପଣ୍ଡିତ, ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ, ନିର୍ଦ୍ଦେଶକ ରଘୁରାମ ଆର୍.ଆୟର, ସଚିବ ଶୁଭ୍ରାବାଳା ବେହେରା, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। **(ଅଧିକ ଖବର: ପୃଷ୍ଠା-୩)**

# ବାସଭାରାଜୁଙ୍କ ସମେତ ୩୦ ମାଓବାଦୀ ନିହତ

**ବସ୍ତର ଜଙ୍ଗଲରେ ବଡ଼ ଏନ୍‌କାଉଣ୍ଟର**

■ **ନକ୍ସଲ ଆନ୍ଦୋଳନର ମେରୁଦଣ୍ଡ ଭାଙ୍ଗିଗଲା: ଶାହା**

**କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ଲାଲ ଆତଙ୍କରୁ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଛତିଶଗଡ଼ ପୋଲିସ ଏ ଦିଗରେ ତତ୍ପରତାର ସହ ରଣନୈତିକ କାର୍ଯ୍ୟାନୁଷ୍ଠାନ ନେଉଛି। ଏହି କ୍ରମରେ ବସ୍ତର ଅଞ୍ଚଳର ଘଞ୍ଚ ଜଙ୍ଗଲରେ ବୁଧବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଅନ୍ୟୂନ ୩୦ ମାଓବାଦୀ ନିହତ ଓ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ୭୨ ଘଣ୍ଟା ଧରି ଚାଲିଥିବା ଏହି ଏନ୍‌କାଉଣ୍ଟର ବେଳେ ଦୁର୍ଦ୍ଦାନ୍ତ ମାଓବାଦୀ ନେତା ବାସଭାରାଜୁ ପ୍ରାଣ ହରାଇଥିବା ପୋଲିସ ଦାବି କରିଛି। ଗୁଳି ବିନିମୟ ବେଳେ ରାଜ୍ୟ ପୋଲିସ ଅଧୀନ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି)ର ଜଣେ ସଦସ୍ୟଙ୍କ ମୃତ୍ୟୁ ଘଟିଛି।**



ବାସଭାରାଜୁ

ନାରାୟଣପୁର(ପି.ଟି.)/ମାଲକାନଗିରି (ଦୁର୍ଯ୍ୟୋଧନ ପାତ୍ର),୨୧।୫

ଛତିଗଡ଼ ବସ୍ତର ଅଞ୍ଚଳର ନାରାୟଣପୁର ଜିଲ୍ଲା ଅବୁଝମାଡ଼ ଜଙ୍ଗଲରେ ମାଓବାଦୀ ସଙ୍ଗଠନର ସେଣ୍ଟ୍ରାଲ କମିଟି ଓ ପଲିଟ୍‌ବ୍ୟୁରୋ ସଦସ୍ୟଙ୍କ ଉପସ୍ଥିତି ନେଇ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ୨ ଦିନ ତଳେ ନାରାୟଣପୁର-ବିଜାପୁର-ଦାନ୍ତେୱାଡ଼ା ଜିଲ୍ଲା ସୀମାନ୍ତରେ ପୋଲିସ ଓ ଡିଆର୍‌ଜି ପକ୍ଷରୁ ମିଳିତ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା। ତଲାସି ଚାଲିଥିବାବେଳେ ମାଓବାଦୀମାନେ ପ୍ରଥମେ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇଥିଲେ। ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ଅଦ୍ୟାବଧି ୩୦ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମାଓବାଦୀଙ୍କ ଗୁଳିମାଡ଼ରେ ଜଣେ ଡିଆର୍‌ଜି ସଦସ୍ୟଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଆହତ ଯବାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସର୍ଚ୍ଚ ଅପରେଶନ୍ ଏବେ ମଧ୍ୟ ଜାରି ରହିଛି। ଛତିଶଗଡ଼ ଗୃହ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି, ମୃତ ମାଓବାଦୀଙ୍କ ମଧ୍ୟରେ କେତେଜଣ ବରିଷ୍ଠ ନେତା ରହିଛନ୍ତି। ଏହାକୁ ମିଶାଇ ଚଳିତବର୍ଷ ୨୦୦ ମାଓବାଦୀ ଏନ୍‌କାଉଣ୍ଟରରେ ନିପାତ ହେଲେଣି। ସେମାନଙ୍କ ମଧ୍ୟରୁ ୧୮୩ ଜଣ କେବଳ ବସ୍ତର ଡିଭିଜନରେ ପ୍ରାଣ ହରାଇଛନ୍ତି। ୭୨ ଘଣ୍ଟା ଧରି ଅପରେଶନ ଚାଲିଥିବାବେଳେ ବୁଧବାର ସକାଳେ ଛତିଶଗଡ଼ ପୋଲିସକୁ ବଡ଼ ସଫଳତା ମିଳିଛି। ସିପିଆଇ ମାଓଇଷ୍ଟ ସାଧାରଣ ସମ୍ପାଦକ ନମ୍ବଲା କେଶବ ରାଓ ଓରଫ୍ ବାସଭାରାଜୁ ପୋଲିସ ଗୁଳିରେ ଟଳିପଡ଼ିଛନ୍ତି। ଫଳରେ ମାଓବାଦୀ ସଙ୍ଗଠନ ଏବେ ମୁରବିବିହୀନ ହୋଇଯାଇଛି ବୋଲି ଜଣେ ବରିଷ୍ଠ ଗୋଇନ୍ଦା ଅଧିକାରୀ ସୂଚନା ଦେଇଛନ୍ତି। ଜଣେ ବରିଷ୍ଠ ଏସ୍‌ପି କହିଛନ୍ତି, ପୂର୍ବରୁ ଆତ୍ମସମର୍ପଣ କରିଥିବା କ୍ୟାଡରମାନେ ବାସଭାରାଜୁଙ୍କ ମୃତଦେହକୁ ଚିହ୍ନଟ କରିଛନ୍ତି। ଆବଶ୍ୟକ ହେଲେ ତାଙ୍କ ଡିଏନ୍‌ଏ ପରୀକ୍ଷା କରାଯିବ। **(ଅଧିକ ଖବର: ପୃଷ୍ଠା-୪)**

**ଆଜିର ସମ୍ପାଦକୀୟ** ସମୃଦ୍ଧିର ଦର୍ଶନ

# ବାନୁ ମୁସ୍ତାକଙ୍କୁ ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍

ଲଣ୍ଡନ,୨୧।୫ (ପି.ଟି.)

ଲେଖିକା, ଆକ୍ଟିଭିଷ୍ଟ ତଥା ଆଇନଜୀବୀ ବାନୁ ମୁସ୍ତାକ ତାଙ୍କ କ୍ଷୁଦ୍ରଗଳ୍ପ ସଂକଳନ ‘ହାର୍ଟ ଲ୍ୟାମ୍ପ’ (ହୃଦୟ ଦୀପ) ପାଇଁ ଚଳିତ ବର୍ଷର ସମ୍ମାନଜନକ ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍ ପାଇଛନ୍ତି। ଏହି ପୁରସ୍କାର ଜିତିବାରେ ହାର୍ଟ ଲ୍ୟାମ୍ପ ପ୍ରଥମ କନ୍ନଡ଼ ପୁସ୍ତକ। ଲଣ୍ଡନର ଟାଟେ ମଡର୍ନଠାରେ ଅନୁଷ୍ଠିତ ଉତ୍ସବରେ ବାନୁଙ୍କୁ ଏହି ପୁରସ୍କାର ବାବଦରେ ୫୦ ହଜାର ବ୍ରିଟିଶ ପାଉଣ୍ଡ (୫୭,୩୬,୯୬୦ ଟଙ୍କା) ପ୍ରଦାନ କରାଯାଇଛି। ମଙ୍ଗଳବାର ରାତିରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବାନୁଙ୍କ ସହ ପୁସ୍ତକର ଇଂଲିଶ୍ ଅନୁବାଦ କରିଥିବା ଦୀପା ଭସ୍ତି ମଞ୍ଚରେ ଉପସ୍ଥିତ ଥିଲେ। ଦୀପାଙ୍କ ସହ ବାନୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହା ବିବିଧତାର ବିଜୟ ବୋଲି ବାନୁ କହିଛନ୍ତି। ହାର୍ଟ ଲ୍ୟାମ୍ପ ୧୨ଟି କ୍ଷୁଦ୍ରଗଳ୍ପର ସଂକଳନ, ଯେଉଁଥିରେ ଦକ୍ଷିଣ ଭାରତର ପିତୃକୈନ୍ଦ୍ରିକ ସମ୍ପ୍ରଦାୟର ମହିଳାମାନଙ୍କ ଦୈନନ୍ଦିନ ଜୀବନର ନମ୍ରତା, ପ୍ରତିରୋଧତା, ବୁଦ୍ଧିମତ୍ତା ଓ ଭଗ୍ନିତ୍ୱ ପ୍ରତିପାଦିତ ହେବା ସହ ମୌଖିକ କାହାଣୀ କଥନର ଉନ୍ନତ ପରମ୍ପରା ଜରିଆରେ ଜୀବନରେ ଉଜ୍ଜ୍ୱଳତା ଅଣାଯାଇଛି। ବୁକର ପୁରସ୍କାର ଜିତିଥିବା କନ୍ନଡ଼ ଲେଖିକା ବାନୁଙ୍କୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଅଭିନନ୍ଦନ ଜଣାଇଛନ୍ତି।

୧୯୪୮ରେ କର୍ଣ୍ଣାଟକର ହାସନଠାରେ ଏକ ମୁସଲମାନ ପରିବାରରେ ଜନ୍ମିତ ବାନୁ ମୁସ୍ତାକ ଜଣେ ଖ୍ୟାତନାମା ଲେଖିକା, ଆଇନଜୀବୀ ଓ ଆକ୍ଟିଭିଷ୍ଟ ହୋଇଥିବାବେଳେ ସେ କନ୍ନଡ ସମେତ ଉର୍ଦ୍ଦୁ, ହିନ୍ଦୀ, ତାମିଲ, ମାଲାୟାଲମ ଏବଂ ଇଂଲିଶ୍‌ରେ ଅନେକ ଲେଖା ଲେଖିଛନ୍ତି। ସେ ପୂର୍ବରୁ ଲଙ୍କେଶ ପତ୍ରିକେରେ ଖବରଦାତା ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଅଲ୍ ଇଣ୍ଡିଆ ରେଡିଓ ବେଙ୍ଗାଲୁରୁରେ ଯୋଗ ଦେଇଥିଲେ। ଛୋଟବେଳୁ ତାଙ୍କର ଲେଖାଲେଖି ପ୍ରତି ରୁଚି ରହିଥିଲା। ନିଜ ଅନୁଭୂତି ଓ ଅଭିଜ୍ଞତାକୁ ନେଇ ସେ ପ୍ରଥମେ ଲେଖିବା ଆରମ୍ଭ କରିଥିଲେ। ତାଙ୍କର ଅଧିକାଂଶ ଲେଖା ନାରୀ ପ୍ରସଙ୍ଗ ଉପରେ ଆଧାରିତ। ତାଙ୍କର ୬ଟି କ୍ଷୁଦ୍ରଗଳ୍ପ ସଂକଳନ, ଉପନ୍ୟାସ, ପ୍ରବନ୍ଧ ଓ କବିତା ସଂକଳ୍ପ ପ୍ରକାଶିତ ହୋଇଛି। ତାଙ୍କର ‘କାରି ଗାନାରାଗାଲୁ’ ଗଳ୍ପ ଆଧାରରେ ୨୦୦୩ରେ ହାସିନା ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା। ସେ ୮୦ ଦଶକରୁ କର୍ଣ୍ଣାଟକରେ ମୌଳବାଦ ଓ ସାମାଜିକ ଅନ୍ୟାୟ ବିରୋଧରେ କାର୍ଯ୍ୟ କରିଆସୁଛନ୍ତି। ସେ କର୍ଣ୍ଣାଟକ ସାହିତ୍ୟ ଏକାଡେମୀ ପୁରସ୍କାର, ଦାନ ଚିନ୍ତାମଣି ଅତ୍ତିମାବେ ପୁରସ୍କାର, ପେନ୍ ଇଂଲିଶ ଟ୍ରାନ୍ସଲେଟ୍ ଆୱାର୍ଡ ଆଦି ପାଇଛନ୍ତି।




ପୁରସ୍କାର ସହ ଦୀପା ଭସ୍ତି ଓ ବାନୁ ମୁସ୍ତାକ

**ପଞ୍ଚାୟତ ଉପନିର୍ବାଚନ**

# ୨୪ ଘଣ୍ଟାରେ ଘୋଷଣା, ସ୍ଥଗିତ

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ରାଜ୍ୟରେ ହେବାକୁ ଥିବା ପଞ୍ଚାୟତ ଉପନିର୍ବାଚନ ପାଇଁ ଘୋଷଣା ହେବାର ୨୪ ଘଣ୍ଟା ମଧ୍ୟରେ ତାହାକୁ ସ୍ଥଗିତ ରଖାଯାଇଛି। ସଅଳ ମୌସୁମୀ ଆସୁଥିବା କାରଣରୁ ରାଜ୍ୟ ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାଇଛନ୍ତି। ୧,୧୩୧ ଖାଲି ପଦ ପାଇଁ ଆସନ୍ତା ଜୁନ୍ ୨୩ରେ ଉପନିର୍ବାଚନ ହେବା ସମ୍ପର୍କରେ ମଙ୍ଗଳବାର ଜାରି ହୋଇଥିବା ବିଜ୍ଞପ୍ତି ବୁଧବାର ସକାଳେ ସର୍ବସମ୍ମୁଖକୁ ଆସିଥିଲା। ହେଲେ ହଠାତ୍ ବୁଧବାର ଅପରାହ୍ନରେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି। ବର୍ଷାଋତୁ ପରେ ଏନେଇ ସାନି ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କମିଶନଙ୍କ ସଚିବ ସୂଚନା ଦେଇଛନ୍ତି।

ପ୍ରଥମେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ଜୁନ୍ ୨୩ରେ ୪୩ ପଞ୍ଚାୟତରେ ଉପନିର୍ବାଚନ ହୋଇଥାନ୍ତା। ୩ ଜିଲ୍ଲାର ୫ ଜିଲ୍ଲା ପରିଷଦ ପାଇଁ ମଧ୍ୟ ଉପନିର୍ବାଚନ ହୋଇଥାନ୍ତା। ୨୧ ଜିଲ୍ଲାର ୪୦ ପଞ୍ଚାୟତ ସମିତି ସଭ୍ୟ ଓ ୭୭୨ ୱାର୍ଡସଭ୍ୟ ପାଇଁ ମଧ୍ୟ ଭୋଟ ପଡ଼ିଥାଆନ୍ତା। ଜୁନ୍ ୨୩ ତାରିଖରେ ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇ ଦିନ ୧ଟା ସରିଥାନ୍ତା। ଏଥିଲାଗି ଆସନ୍ତା ୨୬ରୁ ୩୧ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ କରିଥାଆନ୍ତେ। ଜୁନ୍ ୨୪ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ ରହିଥିଲା।

ହେଲେ ପରବର୍ତ୍ତୀ ସମୟରେ ଖବରଦାତା ସମ୍ମିଳନୀ ଜରିଆରେ ଏହାକୁ ସ୍ଥଗିତ ରଖାଯାଇଥିବା ନେଇ ସୂଚନା ଦିଆଯାଇ କୁହାଯାଇଛି। ନିର୍ବାଚନ ପ୍ରକ୍ରିୟା ମେ’ ୨୨ରୁ ଆରମ୍ଭ ହୋଇ ଜୁନ୍ ୨୫ରେ ଶେଷ ହୋଇଥାଆନ୍ତା। ହେଲେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ବାଚନ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଥିବା ଜିଲ୍ଲା ଅଧିକାରୀମାନଙ୍କ ପାଖରୁ ଏବଂ ସର୍ବସାଧାରଣ ତଥା ଆଶାୟୀ ପ୍ରାର୍ଥୀ ସେମାନଙ୍କ ମତାମତ ରଖିଛନ୍ତି। ଏ ବର୍ଷ ମୌସୁମୀ ଅନ୍ୟ ବର୍ଷ ତୁଳନାରେ ଅଧିକ ସକ୍ରିୟ ହୋଇ ନିକଟ ଭବିଷ୍ୟତରେ ଓଡ଼ିଶାକୁ ପ୍ରଭାବିତ କରିବା ସମ୍ଭାବନା ଥିବାରୁ ନିର୍ବାଚନ ପ୍ରକ୍ରିୟା ଉତ୍ତମ ଭାବେ ପରିଚାଳିତ ହେବ ନାହିଁ। ସର୍ବସାଧାରଣଙ୍କ ମତାମତ ଜାଣି ରାଜ୍ୟ ନିର୍ବାଚନ କମିଶନ ମୌସୁମୀଜନିତ ବର୍ଷା ଆଗମନର ଏକ ରିପୋର୍ଟ ପାଣିପାଗ ନିର୍ଦ୍ଦେଶାଳୟରୁ ମଗାଇଥିଲେ। ମୌସୁମୀଜନିତ ବର୍ଷା କେରଳକୁ ୩ରୁ ୪ ଦିନ ଭିତରେ ଛୁଇଁପାରେ। ତେଣୁ ରାଜ୍ୟ ନିର୍ବାଚନ ଆୟୋଗ ଏ ସମ୍ବନ୍ଧରେ ପୁନର୍ବିଚାର କରି ଉପନିର୍ବାଚନ ସ୍ଥଗିତ ରଖାଯାଇଛି।

# ୧୮,୨୦୦ ହେକ୍ଟର ଜଙ୍ଗଲ ହରାଇଛି ଭାରତ

## ଗ୍ଲୋବାଲ ଫରେଷ୍ଟ ୱାଚ୍ ୨୦୨୪ ରିପୋର୍ଟ

ନୂଆଦିଲ୍ଲୀ, ୨୧।୫ (ପି.ଟି.)

୨୦୨୪ରେ ଭାରତ ୧୮,୨୦୦ ହେକ୍ଟରର ପ୍ରାକୃତିକ ଜଙ୍ଗଲ ହରାଇଛି। ଗ୍ଲୋବାଲ ଫରେଷ୍ଟ ୱାଚ୍ ଏବଂ ୟୁନିଭର୍ସିଟି ଅଫ୍ ମେରିଲାଣ୍ଡ ପକ୍ଷରୁ ଏ ସମ୍ପର୍କିତ କରାଯାଇଥିବା ଏକ ଅଧ୍ୟୟନର ରିପୋର୍ଟକୁ ବୁଧବାର ପ୍ରକାଶ କରାଯାଇଛି। ରିପୋର୍ଟ ଅନୁଯାୟୀ, ୨୦୨୩ରେ ଭାରତ ୧୭,୭୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଥିଲା। ସେହିପରି ୨୦୦୧ରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୨.୩୧ ମିଲିୟନ ହେକ୍ଟରର ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ନଷ୍ଟ ହୋଇସାରିଛି। ଏହି ଅବଧି ମଧ୍ୟରେ ଦେଶର ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ୭.୧% ହ୍ରାସ ଘଟିଛି, ଯାହା ୧.୨୯ ଗିଗାଟନ ଅଙ୍ଗାରକାମ୍ଳ ନିର୍ଗମନ ସହ ସମାନ ବୋଲି ଏହି ରିପୋର୍ଟ କହିଛି। ୨୦୦୨ରୁ ୨୦୨୪ ମଧ୍ୟରେ ଦେଶ ୩ ଲକ୍ଷ ୪୮ ହଜାର ହେକ୍ଟରର ଆର୍ଦ୍ର ପ୍ରାକୃତିକ ଜଙ୍ଗଲ ହରାଇଛି, ଯାହା ମୋଟ ଆର୍ଦ୍ର ପ୍ରାକୃତିକ ଜଙ୍ଗଲର ୫.୪% ରହିଛି। ୨୦୧୯ରୁ ୨୦୨୪ ମଧ୍ୟରେ ଭାରତ ୧ ଲକ୍ଷ ୩ ହଜାର ହେକ୍ଟରର ଆର୍ଦ୍ର ପ୍ରାକୃତିକ ଜଙ୍ଗଲ ହରାଇଛି, ଯାହା ଉକ୍ତ ଅବଧିରେ ନଷ୍ଟ ହୋଇଥିବା ବୃକ୍ଷ ପରିବେଷ୍ଟିତ କ୍ଷେତ୍ରର ୧୪% ହୋଇଥିବା ରିପୋର୍ଟ କହିଛି। ୨୦୨୨ରେ ଦେଶ ୧୬,୯୦୦ ହେକ୍ଟର, ୨୦୨୧ରେ ୧୮,୩୦୦ ହେକ୍ଟର, ୨୦୨୦ରେ ୧୭,୦୦୦ ହେକ୍ଟର, ୨୦୧୯ରେ ୧୪,୫୦୦ ହେକ୍ଟରର ଆର୍ଦ୍ର ପ୍ରାଥମିକ ଜଙ୍ଗଲ ହରାଇଛି। ଗ୍ଲୋବାଲ ଫରେଷ୍ଟ ୱାଚ୍‌ର ଗବେଷକମାନେ ଲ୍ୟାଣ୍ଡସାଟ୍ ସାଟେଲାଇଟ ଚିତ୍ର ଏବଂ ପ୍ରତ୍ୟେକ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଆଲ୍‌ଗୋରିଦମର ବ୍ୟବହାର କରି ଭାରତର ବିଭିନ୍ନ ଜଙ୍ଗଲକୁ ଚିହ୍ନଟ କରି ଏହି ଅଧ୍ୟୟନ କରିଛନ୍ତି।



# ସବୁଜିମା ରକ୍ଷା ଲାଗି ବୃକ୍ଷରୋପଣ

ଦେଶର ସର୍ବବୃହତ୍ ବିଷୁବ ମଣ୍ଡଳୀୟ ସଂରକ୍ଷିତ ଜଙ୍ଗଲ ଭାବେ ଶିମିଳିପାଳ ପ୍ରସିଦ୍ଧ। ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଅମ୍ଳଜାନ କେନ୍ଦ୍ର। ୧୯୭୯ ଡିସେମ୍ବର ୩ରେ ଏହି ଅଞ୍ଚଳକୁ ରାଜ୍ୟ ସରକାର ପ୍ରସ୍ତାବିତ ଅଭୟାରଣ୍ୟ ରୂପେ ଗ୍ରହଣ କରିଥିଲେ। ୧୯୯୪ ଜୁନ୍ ୨୨ରେ ୟୁନେସ୍କୋର ମାନବ ଓ ଜୈବମଣ୍ଡଳ କାର୍ଯ୍ୟକ୍ରମ ଅଧୀନରେ ଏହାକୁ ଜୈବମଣ୍ଡଳର ମାନ୍ୟତା ପ୍ରଦାନ କରାଯାଇଛି। ଦୀର୍ଘ ୪୫ ବର୍ଷପରେ ୨୦୨୫ ଏପ୍ରିଲ ୨୪ରେ ଶିମିଳିପାଳକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଛି। ୧୯୮୦ ଅଗଷ୍ଟ ୬ରେ ଶିମିଳିପାଳର ୩୦୩ ବର୍ଗକି.ମି. ଅଞ୍ଚଳକୁ ଜାତୀୟ ଉଦ୍ୟାନ ଘୋଷଣା ପାଇଁ ପ୍ରଥମ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ୧୯୮୬ରେ ପରିସୀମା ବୃଦ୍ଧିକରି ୫୪୨.୭ ବର୍ଗକିମି ଅଞ୍ଚଳକୁ ନେଇ ପୁଣିଥରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜନବସତି ନ ଥିବା ୮୪୫ ବର୍ଗକି.ମି. ଅଞ୍ଚଳକୁ ବର୍ତ୍ତମାନ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇଛି।

ଶିମିଳିପାଳ ଜୈବମଣ୍ଡଳ




ଜୈବବିବିଧତାର ଅସୁମାରୀ ଭଣ୍ଡାର ଶିମିଳିପାଳରେ ରହିଛି। ଶାଳ, ପିଆଶାଳ, ଶିଶୁ, ଅସନ, ଶିମିଳି ଓ ଚମ୍ପା ଆଦି ୧୦୭୬ ପ୍ରକାରର ବୃକ୍ଷଲତା ଓ ୧୦୨ ପ୍ରକାରେ ଅର୍କିଡ୍ ପ୍ରଜାତି(ଚିତ୍ରଜାତୀୟ)ର ଫୁଲ, ୬୦୪ ପ୍ରକାର ଔଷଧୀୟ ବୃକ୍ଷ, ୪୫ ପ୍ରଜାତିର ସ୍ତନ୍ୟପାୟୀ, ୩୦୪ ପ୍ରଜାତିର ପକ୍ଷୀ, ୬୨ ପ୍ରଜାତିର ସରୀସୃପ ଓ ୨୦ ପ୍ରକାରର ଉଭୟଚର ପ୍ରାଣୀ ରହୁଥିବା ବେଳେ ଅସଂଖ୍ୟ ପ୍ରଜାତିର କୀଟପତଙ୍ଗ ଦେଖିବାକୁ ମିଳିଥାଏ। ଏପରିକି ୫୫ ପ୍ରକାରର ବିରଳ ବୃକ୍ଷ ଅଛି। ପ୍ରଚଣ୍ଡ ଶୀତ, ଗ୍ରୀଷ୍ମ ଓ ମୂଷଳ ବର୍ଷାର ଅନୁଭବ ମଧ୍ୟରେ ଜଳବାୟୁର ବିସ୍ମୟକର ବିବିଧତା ହିଁ ଶିମିଳିପାଳ ଜୈବମଣ୍ଡଳର ବିଶେଷତ୍ୱ। ଏକାଧାରରେ ଏହା ଜାତୀୟ ଉଦ୍ୟାନ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ହସ୍ତୀ ଅଭୟାରଣ୍ୟ ଭାବେ ପରିଚିତ। ଶିମିଳିପାଳ ଜୈବମଣ୍ଡଳରେ ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ବିଭିନ୍ନ ଚାରା ରୋପଣ କରାଯାଇ ଏହାର ଶୋଭାବର୍ଦ୍ଧନ କରାଯାଇଥାଏ।

ଏ ନେଇ ବାରିପଦା କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହନ୍ତି, ଗତବର୍ଷ ଜୁନ୍‌ରେ ୫ଟି ବନଖଣ୍ଡ ଅଧୀନରେ ପାଖାପାଖି ଲକ୍ଷେ ଚାରା ରୋପଣ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ଅର୍ଦ୍ଧାଧିକ ଗଛ ଲଗାଇ ଜୈବମଣ୍ଡଳକୁ ସବୁଜିମାପୂର୍ଣ୍ଣ କରାଯିବା ଲାଗି ପ୍ରଚେଷ୍ଟା ଜାରୀ ରହିଛି।

**-ନୀଳାଦ୍ରି ବିହାରୀ ଦଣ୍ଡପାଟ**, ବାରିପଦା

# ପ୍ରକୃତି ସହିତ ସମନ୍ୱୟ ଓ ସ୍ଥାୟୀ ବିକାଶ

ଏବର୍ଷର ଥିମ୍



ଆମ ପରିବେଶରେ ବଞ୍ଚି ରହିଥିବା ସମସ୍ତ ଜୀବଜନ୍ତୁ, ଗଛଲତା, କୀଟପତଙ୍ଗ ଓ ଅଣୁଜୀବଙ୍କ ଉପସ୍ଥିତି ଏବଂ ଅବସ୍ଥିତିକୁ ଜୈବ ବିବିଧତା କୁହାଯାଏ। ଜୀବମାନଙ୍କର ବିବିଧତାକୁ ବି ଜୈବବିବିଧତା କୁହନ୍ତି। ଜୈବ ବିବିଧତା ଦୁଇଟି ଶବ୍ଦ 'ଜୈବିକ' ଏବଂ 'ବିବିଧତା'ରୁ ଉତ୍ପନ୍ନ। ତେବେ ଜୈବ ବିବିଧତାର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି, ଜୈବ ବିବିଧତାର କ୍ଷୟ ସମେତ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ଧ୍ୟାନ ଦେବା ଲାଗି ମେ'୨୨ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ। ପ୍ରକୃତି ଏବଂ ମାନବ ଜୀବନ ମଧ୍ୟରେ ଏକ ସ୍ଥାୟୀ ସମ୍ପର୍କ ରହିଛି। ଆମର ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ପାଇଁ ଆମେ ସୁସ୍ଥ, ବିବିଧ ପ୍ରାକୃତିକ ପ୍ରଣାଳୀ ଉପରେ ନିର୍ଭର କରୁ। ପ୍ରକୃତି ଆମକୁ ସବୁକିଛି ଦେଇଛି, ଆମେ ପ୍ରକୃତିରୁ ଲାଭବାନ ହେଉଛେ। ତେଣୁ ନିଜକୁ ରକ୍ଷା କରିବା ପାଇଁ ପ୍ରକୃତି ସଂରକ୍ଷଣ କରିବା ଆବଶ୍ୟକ। ଏହା ମଧ୍ୟ ଏକ ଜରୁରୀ ଆବଶ୍ୟକତା।

ସୂଚନାଯୋଗ୍ୟ, ୧୯୯୨ରେ ବ୍ରାଜିଲର ରିଓ-ଡି-ଜେନେରିଓଠାରେ 'ପୃଥିବୀ ସମ୍ମିଳନୀ' ଭାବରେ ଜଣାଶୁଣା ମିଳିତ ଜାତିସଂଘର ପରିବେଶ ଏବଂ ବିକାଶ ସମ୍ମିଳନୀରେ ଯୋଗ ଦେଇଥିବା ନେତୃତ୍ୱମାନେ ନିରନ୍ତର ବିକାଶ ପାଇଁ ରଣନୀତି ଉପରେ ସହମତ ହୋଇଥିଲେ। ନିରନ୍ତର ବିକାଶ ହେଉଛି ବିଶ୍ୱର ଲୋକଙ୍କ ଆବଶ୍ୟକତା ପୂରଣ କରିବାର ମାଧ୍ୟମ ଏବଂ ଭବିଷ୍ୟତ ପିଢି ପାଇଁ ପୃଥିବୀକୁ ସୁସ୍ଥ ଓ ଜୀବିତ ରଖିବ। ପୃଥବୀ ସମ୍ମିଳନୀରେ ସର୍ବୋଚ୍ଚ ଚୁକ୍ତିନାମା ମଧ୍ୟରୁ ଗୋଟିଏ ହେଲା ଜୈବ ବିବିଧତା ସମ୍ମିଳନୀ। ଏହି ସମ୍ମିଳନୀ ୧୯୯୩ ମସିହା ଡିସେମ୍ବର ୨୯ରେ ପ୍ରଥମ କରି କାର୍ଯ୍ୟକାରୀ ହୋଇଥିଲା ଏବଂ ଏହାକୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ସେବେଠାରୁ ଏହି ଦିବସ ଡିସେମ୍ବର ୨୯ରେ ପାଳିତ ହେଲା। ତେବେ ୨୦୦୧ଠାରୁ ଏହି ଦିବସ ପରିବର୍ତ୍ତନ ହୋଇ ମେ'୨୨ ପାଳିତ ହୋଇଆସୁଛି। ପ୍ରତିବର୍ଷ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଏକ ନିର୍ଦ୍ଦିଷ୍ଟ ଥିମ୍ ଉପରେ ଧ୍ୟାନ ଦେଇଥାଏ। ସେହି ବର୍ଷ ତାହାକୁ ଆଧାର କରି ଏହି ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ଉକ୍ତ ଦିବସ ପାଇଁ ଥିମ୍ ରହିଛି 'ପ୍ରକୃତି ସହ ସମନ୍ୱୟ ଓ ସ୍ଥାୟୀ ବିକାଶ'। ପ୍ରକୃତି ସହିତ ସମନ୍ୱୟ ଶବ୍ଦଟି ମାନବଜାତି ଏବଂ ପ୍ରକୃତି ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ସାମଗ୍ରିକ ସହାବସ୍ଥାନର ନୀତିକୁ ବୁଝାଏ। ଏହା ବିଭିନ୍ନ ପ୍ରସଙ୍ଗରେ ବ୍ୟବହୃତ ହୁଏ, ବିଶେଷକରି ସ୍ଥାୟୀ ବିକାଶ ଏବଂ ପ୍ରକୃତିର ଅଧିକାର ସମ୍ପର୍କରେ, ଉଭୟ ମାନବଜାତ ପରିବେଶଗତ ସଙ୍କଟକୁ ସମାଧାନ କରିବା ପାଇଁ ଏହା ଉଦ୍ଦିଷ୍ଟ।



ଚିଙ୍ଗୁଡ଼ି ଘେରି

# ଭିତରକନିକା: ଜୈବ ବିବିଧତାକୁ ବିପଦ ଚିଙ୍ଗୁଡ଼ିଘେରି

ବ୍ରାହ୍ମଣୀ ଓ ବୈତରଣୀ ଅବବାହିକାରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ସୁପ୍ରସିଦ୍ଧ। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନସ୍ଥଳୀ, ବହୁଳ ଲୁଣା କୁମ୍ଭୀର, ଦେଶୀ ବିଦେଶୀ ପକ୍ଷୀଙ୍କ ସମାହାର, ହେନ୍ତାଳବଣ, ଔଷଧୀୟ ଗୁଳ୍ମଲତା ଆଦିରେ ପରିପୂର୍ଣ୍ଣ ଏହି ଆର୍ଦ୍ରଭୂମି ଗବେଷକଙ୍କ ପାଇଁ ଏକ ଗବେଷଣାଗାର ହୋଇରହିଛି। ଏହି ବନାଞ୍ଚଳକୁ ୧୯୭୫ ମସିହାରେ ସଂରକ୍ଷିତ କରାଯାଇଥିବା ବେଳେ ୧୯୯୮ରେ ଜାତୀୟ ଉଦ୍ୟାନ ଓ ୨୦୦୨ରେ ଅନ୍ତର୍ଜାତୀୟ ମାନ୍ୟତା (ରାମ୍‌ସାର ସାଇଟ) ମିଳିଛି। ଏହାର ଜୈବ ବିବିଧତାକୁ ବେଆଇନ ଭାବେ ଗଢ଼ିଉଠିଥିବା ଚିଙ୍ଗୁଡ଼ି ଘେରି ସାମ୍ପ୍ରତିକ ସମୟରେ ବିପଦ ସାଜିଛି। ଚିଙ୍ଗୁଡି ଘେରିରୁ ଉତ୍ପନ୍ନ ବିପଜ୍ଜନକ ରାସାୟନିକ ଦ୍ରବ୍ୟ ଓ ଗ୍ୟାସ୍ ଏକ ବିଷ ବଳୟ ସୃଷ୍ଟି କରିଛି। ଏଥିରେ ମଣିଷ ସହ ବନ୍ୟ ଓ ସାମୁଦ୍ରିକ ଜୀବ ପ୍ରଭାବିତ ହେଉଛନ୍ତି। କ୍ଷାରପାଣି ଚାଷକୁ ପ୍ରୋତ୍ସାହିତ କରି ଉଚ୍ଚ ନ୍ୟାୟାଳୟର ଆଦେଶକୁ ଅମାନ୍ୟ କରାଯାଉଛି। ଅଣମୌସୁମୀ ସମୟରେ ପ୍ରତ୍ୟେକ ଦିନ ନୂଆ କରି ୧୦ରୁ ୨୦ଟି ଘେରି ପ୍ରସ୍ତୁତ କରାଯାଉଛି। ଚାଷ ପାଇଁ ବ୍ୟବହାର ହେଉଥିବା ରାସାୟନିକ ଦ୍ରବ୍ୟ ଓ ଔଷଧ ବନ୍ୟ ଓ ସାମୁଦ୍ରିକ ଜୀବଜନ୍ତୁଙ୍କ ମୃତ୍ୟୁର କାରଣ ପାଲଟୁଛି। ପ୍ରାୟ ୧୪ ପ୍ରକାର ନିଷିଦ୍ଧ ଔଷଧ ଚିଙ୍ଗୁଡ଼ିର ଶାରୀରିକ ଓ ବଂଶ ବୃଦ୍ଧି ପାଇଁ ବ୍ୟବହାର ହେଉଛି। ଘେରିରୁ ଜଳ ନିଷ୍କାସନ ହୋଇ ନିକଟସ୍ଥ ନାଳ ମଧ୍ୟ ଦେଇ ସମୁଦ୍ରକୁ ଯାଉଛି। ଏବେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ୨୬୩ ପ୍ରକାର ମାଛଙ୍କ ପ୍ରଜନନ ସମୟ। ତେବେ ଚିଙ୍ଗୁଡ଼ି ଘେରିର ରାସାୟନିକ ଦ୍ରବ୍ୟ ସାମୁଦ୍ରିକ ମାଛ ବଂଶ ବୃଦ୍ଧିକୁ ରୋକୁଛି। ଫଳରେ ଆଗାମୀ ଦିନରେ ଖାଦ୍ୟ ଆଶାରେ ଆସୁଥିବା ବିଦେଶୀ ପକ୍ଷୀର ସମ୍ଭାର ଦେଖିବାକୁ ମିଳିବ ନାହିଁ। ସେହିପରି ଚିଙ୍ଗୁଡ଼ି ଘେରିରୁ ଉଦ୍‌ବୃତ୍ତ ବର୍ଜ୍ୟଜଳ ହେନ୍ତାଳ ବଣକୁ ନଷ୍ଟ କରୁଛି। ଏଥିଯୋଗୁ ସାମୁଦ୍ରିକ ଓ ବନ୍ୟ ପ୍ରାଣୀଙ୍କ ଅଶେଷ କ୍ଷତି ହେଉଥିବାରୁ ସମ୍ପ୍ରତି ସୁପ୍ରିମ କୋର୍ଟ ତଟାଞ୍ଚଳର ୨ କିଲୋମିଟର ମଧ୍ୟରେ ଚିଙ୍ଗୁଡ଼ି ଘେରି ନ କରାଯିବା ନେଇ ଆଦେଶ ଦେଇଛନ୍ତି। ଏଥିସହ ଜିଲା ପ୍ରଶାସନକୁ ବେଆଇନ ଚିଙ୍ଗୁଡ଼ି ଘେରି ଭାଙ୍ଗିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ, ଜିଲାବାସୀଙ୍କ ସହଯୋଗ ଏବେ ଜରୁରୀ ହୋଇପଡ଼ିଛି।

**-ଜଗନ୍ନାଥ ଧଳ**, କେନ୍ଦ୍ରାପଡ଼ା

# କାଞ୍ଜିପାଣି ଘାଟି ହରାଉଛି ସୌନ୍ଦର୍ଯ୍ୟ



କାଞ୍ଜିପାଣି ଘାଟି ଅଞ୍ଚଳ(ପୂର୍ବରୁ)

କେନ୍ଦୁଝର ଜିଲାର ହିଲ୍ ଷ୍ଟେଶନ କୁହାଯାଉଥିବା କାଞ୍ଜିପାଣି ଘାଟିର ସୌନ୍ଦର୍ଯ୍ୟ ଦିନକୁ ଦିନ ହ୍ରାସ ପାଉଛି। ଏହି ଜୈବମଣ୍ଡଳ ଜିଲାର ଜଳବାୟୁକୁ ନିୟନ୍ତ୍ରଣ କରିଆସୁଥିବା ବେଳେ ଏବେ ରାସ୍ତା ସମ୍ପ୍ରସାରଣ, ପୋଡୁଚାଷ, ବନୀକରଣ ଆଦି ନାମରେ ଧ୍ୱସ୍ତ ହୋଇପଡୁଥିବାରୁ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରୁଛନ୍ତି।

ପର୍ଯ୍ୟଟନ ମାନ୍ୟତା ପାଇଥିବା ଏହି କାଞ୍ଜିପାଣି ଘାଟିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି। ଏହି ହିଲ୍ ଷ୍ଟେଶନର ବିକାଶ ତଥା ସୁରକ୍ଷା କରାଯାଉ ନ ଥିବାରୁ ଏହାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଚାଲିଛି। ପୂର୍ବରୁ ଖରାଦିନେ ବହୁ ପ୍ରକୃତିପ୍ରେମୀ ତଥା ପର୍ଯ୍ୟଟକ ଏହାର ଶୀତଳ ପରିବେଶ ପାଇଁ ଏଠାକୁ ଆସୁଥିଲେ। ଏବେ ବ୍ୟାପକ ଗଛକଟା ଯୋଗୁ ଜଙ୍ଗଲ ପଦା ହୋଇଯାଉଥିବାରୁ ପରିବେଶ ଉତ୍ତପ୍ତ ହୋଇପଡୁଛି। ଫଳରେ ଖରାଦିନେ ଏଠାକୁ ବୁଲିଯିବା ଲାଗି ଆଗଭଳି ଲୋକେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏକଦା ଏହି ଘାଟିରାସ୍ତାର ସବୁଜ ସୁଡ଼ଙ୍ଗ ପ୍ରକୃତିପ୍ରେମୀଙ୍କୁ ବେଶି ଆକୃଷ୍ଟ କରୁଥିଲା। ଏବେ ରାସ୍ତା ସମ୍ପ୍ରସାରଣ ନାମରେ ସେସବୁର ସତ୍ତା ହଜିଯାଇଥିବା ବେଳେ ରାସ୍ତାପାର୍ଶ୍ୱରେ ଥିବା ଘଞ୍ଚ ଜଙ୍ଗଲ, ଝରଣା ଆଦି ଲୋପ ପାଇଗଲାଣି। ସେହିପରି ଏହାର ଜୈବବିବିଧତା ବିଭିନ୍ନ କାରଣରୁ ନଷ୍ଟ ହୋଇଗଲାଣି। ସେଥିମଧ୍ୟରୁ ପ୍ରମୁଖ କାରଣ ବ୍ୟାପକ ଗଛକଟା ଓ ଜଙ୍ଗଲପୋଡ଼ି ବୋଲି କୁହାଯାଉଛି। କାଠ କାଟି ତାକୁ ବିକ୍ରିକରି ଚଳିବାକୁ ବନବାସୀମାନେ ଜଙ୍ଗଲକୁ ପଦା କରିଦେଉଥିବାବେଳେ ପୋଡୁଚାଷ ଲାଗି ବିସ୍ତୃତ ଅଞ୍ଚଳକୁ ପୋଡ଼ିଦେଉଥିବାରୁ ଏହିଘାଟିଅଞ୍ଚଳ ଏବେ ଲଣ୍ଡା ଦେଖାଦେଉଛି। ଫଳରେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ପରିବେଶବିତ୍ ଡ. ବିଦ୍ୟାଧର ବେହେରା କହିଛନ୍ତି।

ଖରାଦିନେ ଜଙ୍ଗଲପୋଡ଼ି ଯୋଗୁ ଶହ ଶହ ଏକର ଜଙ୍ଗଲାଞ୍ଚଳ ପାଉଁଶ ହୋଇଯାଇଥାଏ। ଫଳରେ ଜୈବମଣ୍ଡଳ କ୍ଷତିଗ୍ରସ୍ତ ହେବା ସହ ବନ୍ୟପ୍ରାଣୀମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଖାଦ୍ୟାଭାବ ଯୋଗୁ ମାଙ୍କଡ଼ମାନେ ଖାଦ୍ୟ ପାଇଁ ରାସ୍ତାକୁ ଚାଲି ଆସୁଥିବା ବେଳେ ନିଆଁ ଲାଗିବା ଏବଂ ଜଙ୍ଗଲ ନଷ୍ଟ ଯୋଗୁ ବାସହରା ହୋଇ ସେଠାରୁ ପଳାୟନ କରୁଛନ୍ତି। ଏପରିକି ବହୁମାଙ୍କଡ଼ ଗାଡ଼ିଚାପା ଓ ନିଆଁରେ ପୋଡ଼ି ମୃତାହତ ହେଉଛନ୍ତି। ବିଶେଷକରି ବନବାସୀମାନେ ପୋଡୁଚାଷ ପାଇଁ ଏଭଳି ଜଙ୍ଗଲକୁ ପୋଡ଼ିଦେଉଥିଲେ। ମାତ୍ର ବନ ବିଭାଗ ସେମାନଙ୍କୁ ଏଥିରୁ କ୍ଷାନ୍ତ କରାଇବା ନେଇ ସେଭଳି ସଫଳ ହୋଇପାରୁନାହିଁ। ଫଳରେ ବହୁ ମୂଲ୍ୟବାନ୍ ଶାଳ, କୁସୁମ, ମହୁଲ, ଆମ୍ବ ଆଦି ଗଛ, ଔଷଧୀୟ ବୃକ୍ଷଲତା ନଷ୍ଟ ହୋଇଯାଉଥିବା ବେଳେ ଏହା ଦ୍ୱାରା ସୌନ୍ଦର୍ଯ୍ୟହାନି ହେଉଛି। ଏଥିସହ ପରିବେଶ ପ୍ରଦୂଷିତ ହେଉଥିବାରୁ ପରିବେଶବିତମାନେ କ୍ଷୋଭ ପ୍ରକାଶ କରୁଛନ୍ତି। କେତେକ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ଜମିର ଅଧିକାର ପାଇବା ଆଶାରେ ବେଧଡ଼କ ଜଙ୍ଗଲ ପଦା କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏଠାରେ ବନ ବିଭାଗ ତଥା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କରାଯାଉଥିବା ବନୀକରଣର ଠିକ୍ ପରିଚାଳନା ନ ହେବା ଯୋଗୁ ପରିବେଶ ସୁରକ୍ଷା ସଫଳ ହୋଇପାରୁନାହିଁ।

ପୋଡୁଚାଷ ଯଦିଓ ଆଦିବାସୀଙ୍କ ପରମ୍ପରା। ତେବେ ଆଗରୁ ଜଙ୍ଗଲର ଗୋଟିଏ ସ୍ଥାନରେ ଝାଟିକୁ ପୋଡ଼ି ଚାଷକରିବା ପରେ କିଛି ବର୍ଷ ପାଇଁ ସେ ସ୍ଥାନକୁ ଛାଡ଼ିଦେଇ ଅନ୍ୟ ସ୍ଥାନରେ ଏହି ଚାଷ କରୁଥିଲେ। ଆଉ ବଡ଼ ବଡ଼ ଗଛ ନଷ୍ଟ କରୁ ନ ଥିଲେ। ଜଙ୍ଗଲ ପରିବେଶ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ ତାହା ପୂରଣ ହୋଇଯାଉଥିଲା। ମାତ୍ର ଏବେ ସ୍ଥାନାଭାବରୁ ଗୋଟିଏ ସ୍ଥାନରେ ପୋଡୁଚାଷ କରୁଥିବା ବେଳେ ଏହି ଚାଷଜମି ଅଞ୍ଚଳକୁ ବୃଦ୍ଧି କରିବା ପାଇଁ ବଡ଼ ଗଛ କାଟି ପୋଡ଼ି ଦେଉଥିବାରୁ ପରିବେଶ ନଷ୍ଟ ହୋଇଚାଲିଛି। ଏ ନେଇ ଜଙ୍ଗଲ ଆଇନ ଥିଲେ ହେଁ ବନ ବିଭାଗ ନିରବଦ୍ରଷ୍ଟା ସାଜୁଥିବାରୁ ଏହା ବୃଦ୍ଧି ପାଇବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଗରିବ ଆଦିବାସୀଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଥିଲେ ହେଁ ସେସବୁ ଫଳପ୍ରଦ ହେଉ ନ ଥିବାରୁ ଏଭଳି ଜଙ୍ଗଲ ଉପରେ ବନବାସୀ ନିର୍ଭରଶୀଳ ହେବାକୁ ପଡୁଛି ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଘାଟିଟି ଜିଲାର ତେଲକୋଇ, ଭୂୟାଁ ଓ ଜୁଆଙ୍ଗ ପିଢ଼ ରେଞ୍ଜ୍ ସୀମାରେ ରହିଛି। ଘାଟିରେ ବହୁସଂଖ୍ୟାରେ ଭୂୟାଁ ଓ ଜୁଆଙ୍ଗ ଜନଜାତି ଗ୍ରାମ ଏବଂ ପଡ଼ା ରହିଛି।

**-ନରେଶ ଚନ୍ଦ୍ର ପଟ୍ଟନାୟକ**, କେନ୍ଦୁଝର



କାଞ୍ଜିପାଣି ଘାଟି ଅଞ୍ଚଳ(ଏବେକାର)

ରାଜ୍ୟ ଖବର

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିଧବା ଝିଅଙ୍କୁ ଅନ୍ତର୍ଭୁକ୍ତ କର: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧।୫(ସୁନିତ୍ ମିଶ୍ର)

ଲୋକସେବା ଭବନଠାରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା 'ଆମେ ପଢ଼ିବା ଆମ ଭାଷାରେ' ଏବଂ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିଧବା ଝିଅମାନଙ୍କୁ ଅନ୍ତର୍ଭୁକ୍ତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଗରିବ ବାପା, ମା'ଙ୍କ ଉପରୁ ଝିଅ ବାହାଘରର ବୋଝ ହାଲ୍‌କା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ କାର୍ଯ୍ୟକାରୀ ହେବାକୁ ଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଯୋଜନାରେ ବିଧବା ଝିଅମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହାସହ ସରକାରୀ ସ୍ତରରେ ଝିଅ ପାଇଁ ଉପହାର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିବାହକୁ ସାମୂହିକ ସ୍ତରରେ ଆୟୋଜନ କରିବା ପାଇଁ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ଯଥାଶୀଘ୍ର ସମସ୍ତ ପ୍ରକ୍ରିୟା ସମ୍ପନ୍ନକରି ଏହି ଯୋଜନାର ଶୁଭାରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ଦାୟିତ୍ୱ ଦେଇଛନ୍ତି।


## 'ଆମେ ପଢ଼ିବା ଆମ ଭାଷାରେ' ଯୋଜନାର ସମୀକ୍ଷା

ବର୍ତ୍ତମାନ ରାଜ୍ୟର ୧୫ ଜିଲାର ୧୦,୬୨୯ ଅଙ୍ଗନୱାଡି କେନ୍ଦ୍ରରେ ୧୭ଟି ଦେଶୀୟ ଭାଷାରେ ପିଲାମାନଙ୍କୁ ପ୍ରାରମ୍ଭିକ ଶ୍ରେଣୀରେ ନିଜ ମାତୃଭାଷାରେ ଶିକ୍ଷାଦାନ କରାଯାଉଛି। ଏହିସବୁ ଭାଷା ହେଉଛି ଦେଶିଆ, ଭୂମିଜ, ବିଞ୍ଝାଲ, ଗୋଣ୍ଡି, ହୋ, ସାଦ୍ରି, ଖଡ଼ିଆ, ବଣ୍ଡା, ମୁଣ୍ଡା, କୋୟା, କୁଭି, କୁଇ, ସଉରା, ସାନ୍ତାଳୀ, ଓରାମ୍, କିଷାନ ଏବଂ ଜୁଆଙ୍ଗ। ସୂଚନାଯୋଗ୍ୟ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଏହି ମାତୃଭାଷା ଭିତ୍ତିକ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବାରେ ଓଡ଼ିଶା ଦେଶରେ ପ୍ରଥମ। ଜାତୀୟ ଶିକ୍ଷାନୀତି ୨୦୨୦ରେ ମଧ୍ୟ ଏହି ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଛନ୍ତି, ଫାଉଣ୍ଡେଶନ ଷ୍ଟେଜ୍‌ରେ ନିଜ ମାତୃଭାଷାରେ ପିଲାକୁ ଶିକ୍ଷା ପ୍ରଦାନକଲେ ତା'ର ଆତ୍ମବିଶ୍ୱାସ ବଢ଼ିବ ଏବଂ ଆଗାମୀ ଦିନରେ ପାଠ ପ୍ରତି ତା'ର ଆଗ୍ରହ ବଢ଼ିବା ସହ ସହଜ ମଧ୍ୟ ହେବ। ପିଲାମାନଙ୍କୁ ତାଙ୍କ ନିଜ ପରିବେଶରେ ସେ ଦେଖୁଥିବା ବସ୍ତୁ, ପ୍ରାଣୀ, କିମ୍ବା ବ୍ୟବହୃତ ସାମଗ୍ରୀ ସମ୍ପର୍କିତ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ସଚିତ୍ର ପୁସ୍ତକ ପ୍ରକାଶନ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅତିରିକ୍ତ ୮୩,୧୩୫ ହିତାଧିକାରୀଙ୍କୁ ମିଳିବ ପୂର୍ଣ୍ଣାଙ୍ଗ ପେନ୍‌ସନ

ଭୁବନେଶ୍ୱର,୨୧।୫(ରବିନାରାୟଣ ଜେନା)

ରାଜ୍ୟରେ ଅତିରିକ୍ତ ୮୩,୧୩୫ ହିତାଧିକାରୀଙ୍କୁ ପ୍ରତି ମାସ ୩,୫୦୦ ଟଙ୍କା ବର୍ଦ୍ଧିତ ହାରରେ ସାମାଜିକ ସୁରକ୍ଷା ପେନ୍‌ସନ ମିଳିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ବୁଧବାର ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରର ୟୁନିଟ-୬ସ୍ଥିତ କ୍ୟାପିଟାଲ ହସ୍ପିଟାଲ କ୍ୟାମ୍ପସର ଏସ୍‌ଆଇଡିଆର୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ନିତ୍ୟାନନ୍ଦ ପ୍ରକାଶ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ବିଭାଗର ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ପେନ୍‌ସନ ମଞ୍ଜୁରିର ସ୍ଥିତି, ଚାଲୁ ରହିଥିବା କାର୍ଯ୍ୟ/ପ୍ରକଳ୍ପ, ଆଇନଗତ ପ୍ରସଙ୍ଗ ଆଦି ବିଷୟରେ ସମୀକ୍ଷା କରିଥିଲେ। ସେଗୁଡ଼ିକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯୋଗ୍ୟ ହିତାଧିକାରୀମାନେ ଯେପରି ସହଜରେ ବିଭିନ୍ନ କଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମର ଲାଭ ପାଇପାରିବେ, ସେଥିପାଇଁ ପ୍ରଶାସନିକ ପ୍ରତିବନ୍ଧକ, ନୀତିଗତ ସମସ୍ୟା ଦୂର କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଅତିରିକ୍ତ ୮୩,୧୩୫ଜଣ ହିତାଧିକାରୀଙ୍କୁ ପ୍ରତି ମାସ ୩,୫୦୦ ଟଙ୍କା ବର୍ଦ୍ଧିତ ହାରରେ ସାମାଜିକ ସୁରକ୍ଷା ପେନ୍‌ସନ ମଞ୍ଜୁର କରାଯାଇଛି ଏବଂ ରାଜ୍ୟରେ ମୋଟ ୫ଲକ୍ଷ ହିତାଧିକାରୀ ବର୍ଦ୍ଧିତ ହାରରେ ଭତ୍ତା ପାଉଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହେବା ନିଶ୍ଚିତ କରିବା, ରାଜ୍ୟରେ ଚାଲୁଥିବା ଅନୁଷ୍ଠାନ/ସ୍ୱତନ୍ତ୍ର ବିଦ୍ୟାଳୟ ଏବଂ ବୃଦ୍ଧାଶ୍ରମଗୁଡ଼ିକୁ ନିୟମିତ ପରିଦର୍ଶନ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଆର୍ଥିକ ପରାମର୍ଶଦାତା ଓ ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ସୋନିଆ ବେହେରା, ଭାସ୍କର ରଇତ ପ୍ରମୁଖ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।



# ଛାତ୍ରୀ ପାସ୍ ହାର ୮୭.୪୨%, ଛାତ୍ର ୭୭.୮୮%

ଭୁବନେଶ୍ୱର,୨୧।୫ (ସୁଚିସ୍ମିତା ସାହୁ)

**ଯୁକ୍ତ ୨ ପରୀକ୍ଷା**
**୧୦% ପଛରେ ରହିଲେ ପୁଅ**

ଚଳିତବର୍ଷ ଯୁକ୍ତ୨ ପରୀକ୍ଷାରେ ଛାତ୍ରୀଙ୍କଠାରୁ ଛାତ୍ର ପ୍ରାୟ ୧୦% ପଛରେ ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୭.୪୨ ପ୍ରତିଶତ ରହିଥିବାବେଳେ ଛାତ୍ରଙ୍କ ପାସ୍ ହାର ୭୭.୮୮ ପ୍ରତିଶତ ରହିଛି। ବିଜ୍ଞାନରେ ୧ଲକ୍ଷ ୧୩ହଜାର ୯୬୮ ଜଣ ପରୀକ୍ଷା ଦେଇଥିବା ବେଳେ ୯୯,୭୨୪ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୫୪,୯୪୭ଜଣ, ଦ୍ୱିତୀୟ ଶ୍ରେଣୀରେ ୨୬,୪୨୪ଜଣ ଏବଂ ତୃତୀୟ ଶ୍ରେଣୀରେ ୧୪,୯୫୫ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ କମ୍ପାର୍ଟମେଣ୍ଟରେ ୩,୩୯୮ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ବିଜ୍ଞାନରେ ୪୮,୭୮୧ଜଣ ଛାତ୍ରୀ ଏବଂ ୫୦,୯୪୩ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୨୫ହଜାର ୧୦୮ଜଣ ପରୀକ୍ଷା ଦେଇଥିବା ବେଳେ ୨୦,୮୯୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୬,୯୩୦ଜଣ, ଦ୍ୱିତୀୟ ଶ୍ରେଣୀରେ ୪୫୨୫ଜଣ ଏବଂ ତୃତୀୟ ଶ୍ରେଣୀରେ ୯,୨୧୬ଜଣ ପାସ୍ କରିଥିବାବେଳେ କମ୍ପାର୍ଟମେଣ୍ଟରେ ୨୨୧ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ୭୯୧୯ଜଣ ଛାତ୍ରୀ ଏବଂ ୧୨,୯୭୩ ଜଣ ଛାତ୍ର ରହିଛନ୍ତି।

କଳାରେ ୨ଲକ୍ଷ ୪୩ହଜାର ୬୫୩ଜଣ ପରୀକ୍ଷା ଦେଇଥିବା ବେଳେ ୧୯୬୧୭୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୦,୦୩୭ଜଣ, ଦ୍ୱିତୀୟ ଶ୍ରେଣୀରେ ୩୬,୮୬୬ଜଣ ଏବଂ ତୃତୀୟ ଶ୍ରେଣୀରେ ୧୧,୯୧୬୮ ଛାତ୍ରୀଛାତ୍ର ରହିଛନ୍ତି। ଏଥିସହ କମ୍ପାର୍ଟମେଣ୍ଟରେ ୧୦୦ଜଣ ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧,୧୭,୫୬୬ଜଣ ଛାତ୍ରୀ ଏବଂ ୭୮,୬୦୫ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେହିପରି ଧନ୍ଦାମୂଳକରେ ୫ହଜାର ୫୭୨ଜଣ ପରୀକ୍ଷା ଦେଇଥିବାବେଳେ ୩,୩୭୫ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୬୭୮ଜଣ, ଦ୍ୱିତୀୟ ଶ୍ରେଣୀରେ ୧୭୫୮ଜଣ ଓ ତୃତୀୟ ଶ୍ରେଣୀରେ ୭୮୧ଜଣ ଏବଂ କମ୍ପାର୍ଟମେଣ୍ଟରେ ୧୫୮ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୮୧୯ ଛାତ୍ରୀ ଓ ୧୫୫୬ଛାତ୍ର ରହିଛନ୍ତି।

| ଯୁକ୍ତ୨ ପାସ୍ ହାର | | | | |
|---|---|---|---|---|
| ଜିଲ୍ଲା | ବିଜ୍ଞାନ | ବାଣିଜ୍ୟ | କଳା | ଧନ୍ଦାମୂଳକ (%) |
| ୧. ବାଲେଶ୍ୱର | ୯୫.୫୮ | ୮୪.୧୫ | ୮୩.୨୫ | ୮୩.୮୩ |
| ୨. ଭଦ୍ରକ | ୯୨.୭୦ | ୮୫.୪୪ | ୮୧.୬୮ | ୭୧.୪୨ |
| ୩. ବଲାଙ୍ଗୀର | ୮୨.୨୩ | ୬୯.୧୯ | ୬୮.୪୪ | ୩୬.୫୬ |
| ୪. ସୁବର୍ଣ୍ଣପୁର | ୭୬.୬୬ | ୭୪.୧୦ | ୮୪.୪୫ | ୪୦.୦୦ |
| ୫. କଟକ | ୯୩.୨୩ | ୯୨.୧୨ | ୭୭.୮୨ | ୫୮.୯୮ |
| ୬. ଜଗତ୍‌ସିଂହପୁର | ୮୫.୮୭ | ୮୯.୬୮ | ୭୪.୭୮ | ୬୭.୫୨ |
| ୭. ଯାଜପୁର | ୮୭.୭୭ | ୭୫.୨୫ | ୭୫.୦୮ | ୫୨.୮୪ |
| ୮. କେନ୍ଦ୍ରାପଡ଼ା | ୮୨.୯୭ | ୮୮.୭୩ | ୭୯.୧୪ | ୬୩.୯୪ |
| ୯. ଅନୁଗୋଳ | ୮୨.୨୧ | ୭୧.୬୩ | ୭୯.୧୩ | ୭୧.୫୨ |
| ୧୦. ଢେଙ୍କାନାଳ | ୯୫.୦୩ | ୮୪.୧୮ | ୭୯.୧୫ | ୫୫.୦୮ |
| ୧୧. ଗଞ୍ଜାମ | ୮୮.୭୦ | ୮୬.୪୩ | ୮୨.୧୮ | ୫୫.୭୭ |
| ୧୨. ଗଜପତି | ୭୫.୪୮ | ୮୪.୨୮ | ୭୫.୧୩ | ୫୬.୩୮ |
| ୧୩. କଳାହାଣ୍ଡି | ୮୦.୮୭ | ୭୩.୭୭ | ୭୮.୦୭ | ୬୩.୭୫ |
| ୧୪. ନୂଆପଡ଼ା | ୭୨.୫୫ | ୭୭.୫୫ | ୮୦.୭୨ | ୨୨.୯୦ |
| ୧୫. କେନ୍ଦୁଝର | ୭୯.୧୮ | ୭୭.୨୭ | ୭୭.୪୯ | ୬୫.୮୬ |
| ୧୬. କୋରାପୁଟ | ୬୩.୩୩ | ୬୮.୧୧ | ୭୬.୩୩ | ୫୪.୫୩ |
| ୧୭. ମାଲକାନଗିରି | ୭୨.୪୮ | ୭୪.୪୮ | ୭୬.୬୨ | ୦.୦୦ |
| ୧୮. ନବରଙ୍ଗପୁର | ୭୦.୫୧ | ୭୭.୯୪ | ୬୮.୧୩ | - |
| ୧୯. ରାୟଗଡ଼ା | ୮୧.୩୬ | ୭୫.୩୬ | ୭୭.୨୫ | ୫୯.୩୩ |
| ୨୦. ମୟୂରଭଞ୍ଜ | ୮୪.୧୧ | ୭୪.୦୨ | ୮୩.୮୨ | ୬୩.୮୪ |
| ୨୧. ବୌଦ୍ଧ | ୭୬.୮୫ | ୮୭.୬୬ | ୭୭.୮୫ | ୬୨.୯୪ |
| ୨୨. ଫୁଲବାଣୀ | ୭୭.୩୪ | ୮୫.୦୯ | ୭୯.୯୭ | ୬୮.୫୮ |
| ୨୩. ଖୋର୍ଦ୍ଧା | ୯୨.୯୭ | ୯୦.୮୮ | ୮୫.୦୪ | ୭୨.୦୨ |
| ୨୪. ନୟାଗଡ଼ | ୯୭.୫୮ | ୯୩.୭୨ | ୮୩.୭୭ | ୫୩.୮୪ |
| ୨୫. ପୁରୀ | ୯୩.୦୧ | ୮୭.୩୩ | ୮୩.୦୫ | ୭୬.୦୮ |
| ୨୬. ବରଗଡ଼ | ୮୦.୩୫ | ୭୨.୪୦ | ୮୬.୭୦ | ୪୯.୧୦ |
| ୨୭. ଦେବଗଡ଼ | ୮୮.୦୩ | ୮୨.୮୨ | ୮୫.୦୯ | ୬୦.୮୬ |
| ୨୮. ଝାରସୁଗୁଡ଼ା | ୭୭.୩୭ | ୮୪.୯୫ | ୮୩.୦୦ | ୪୮.୦୦ |
| ୨୯. ସମ୍ବଲପୁର | ୯୧.୫୩ | ୮୫.୧୦ | ୮୪.୯୩ | ୫୭.୭୭ |
| ୩୦. ସୁନ୍ଦରଗଡ଼ | ୭୬.୫୮ | ୮୩.୧୨ | ୮୧.୦୧ | ୬୧.୭୪ |

## ଜୁନ୍ ଶେଷ ସପ୍ତାହରେ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଯୁକ୍ତ୨ ପରୀକ୍ଷାଫଳ ବାହାରିବାର ୭ଦିନ ଭିତରେ ପୁନଃ ମୂଲ୍ୟାୟନ ଓ ଖାତା ଯାଞ୍ଚ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଡିଜିଲକର ମାଧ୍ୟମରେ ଛାତ୍ରୀଛାତ୍ର ମାର୍କଶିଟ ଓ ସାର୍ଟିଫିକେଟ ପାଇପାରିବେ। ଏଥିସହ ନିଜ ବିଦ୍ୟାଳୟରୁ ମଧ୍ୟ ଏସବୁର ହାର୍ଡ କପି ପାଇପାରିବେ। ସେହିପରି ଯୋଗ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଆସନ୍ତା ଜୁନ୍ ଶେଷ ସପ୍ତାହରେ ବାର୍ଷିକ ଇନ୍‌ଷ୍ଟାଣ୍ଟ ଉଚ୍ଚ ମାଧ୍ୟମିକ ପରୀକ୍ଷା ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଯେଉଁ ଛାତ୍ରୀଛାତ୍ର ୨୧୦ ମାର୍କ ଓ ଏହାଠାରୁ ଅଧିକ ରଖିଥିବେ ଏବଂ ଗୋଟିଏ ବିଷୟରେ ଫେଲ୍ ହୋଇଥିବେ, ସେମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ।

## ଟେଟ୍ରାହେଡ୍ରନ୍‌ର ଶତପ୍ରତିଶତ ସଫଳତା



**ଯୁକ୍ତ ୨ ବିଜ୍ଞାନ ଫଳ ପ୍ରକାଶ**

ମଙ୍ଗୁଳି-ଜଗତପୁର, ୨୧।୫(ମାନସ ସାମଲ)

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକ ଜିଲ୍ଲା ଗାର୍ଜିଷ୍ଠିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ (ଟେଟ୍ରାହେଡ୍ରନ୍ ହାୟର ସେକେଣ୍ଡାରି ସ୍କୁଲ ଏବଂ ଟେଟ୍ରା ହେଡ୍ରନ୍ ଓମେନ୍ସ ହାୟର ସେକେଣ୍ଡାରି ସ୍କୁଲ) ଉଲ୍ଲେଖନୀୟ ସଫଳତା ସହ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ନୂଆ ମାଇଲଖୁଣ୍ଟ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଶିକ୍ଷା ଅନୁଷ୍ଠାନର ସମୁଦାୟ ୧୧୨୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୨୦ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩ଜଣ ୯୫%ରୁ ଊର୍ଦ୍ଧ୍ୱ ଓ ୧୮୫ଜଣ ୯୦% ଊର୍ଦ୍ଧ୍ୱ ନମ୍ବର ରଖି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଛାତ୍ର ଅବିନାଶ ପଣ୍ଡା ମୋଟ ୫୮୧ ନମ୍ବର ରଖି ଟେଟ୍ରା ହେଡ୍ରନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଟପର ହୋଇଥିବା ବେଳେ ଅନନ୍ୟା ଅନୁପ୍ରିଆ ସାହୁ ୫୭୪ ନମ୍ବର ରଖି ଟେଟ୍ରା ହେଡ୍ରନ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଟପର ହୋଇଛନ୍ତି। ତେବେ ଅନୁନ ଜୟ ସେଠୀ ୫୭୮ ନମ୍ବର, ହରପ୍ରସାଦ ସାହୁ ୫୭୫ ନମ୍ବର, ଅନନ୍ୟା ପ୍ରିୟଦର୍ଶିନୀ ୫୭୪ ନମ୍ବର, ପ୍ରିୟଦର୍ଶିନୀ ସାହୁ ୫୭୪ନମ୍ବର, ଋତୁପର୍ଣ୍ଣ ସାହୁ ୫୭୪ ନମ୍ବର, ଅଧିଶେଷ ଦାସ ୫୭୩, ସ୍ୱର୍ଣ୍ଣପ୍ରଭା ପଣ୍ଡା ୫୭୩, ସୌମ୍ୟକ ନାୟକ ୫୭୨, ସ୍ୱୟଂ କୁମାର ରାଉତ ୫୭୨, ପ୍ରିୟଙ୍କା ରାଉତ ୫୭୧ ଓ ସମ୍ପନ ମହାପାତ୍ର ୫୭୦ ନମ୍ବର ରଖି ଚର୍ଚ୍ଚାରେ ରହିଛନ୍ତି। ସେହିପରି ଅନୁଷ୍ଠାନର ୨୨୯ଜଣ ଛାତ୍ରୀଛାତ୍ର ୯୦%, ୫୮ଜଣ ୮୮%, ୪୬ଜଣ ୮୫%, ୭୧୨ଜଣ ୮୦%, ୦୭ଜଣ ୭୫%, ୧୦୨ଜଣ ୭୦% ଓ ୧୧୨୦ଜଣ ୬୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ମୂଲ୍ୟାୟନକୁ ନେଇ ଛାତ୍ରଛାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ପୁନଃ ମୂଲ୍ୟାୟନ ପରେ ୯୦%ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅଧ୍ୟକ୍ଷ ବେହେରା ଆଶାବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ପ୍ରବୋଧ ମହାପାତ୍ର, ବିରଞ୍ଚିନାରାୟଣ ମହାନ୍ତି, ମହିଳା କଲେଜ ଅଧ୍ୟକ୍ଷ କେଶବ ନାଥ, ଟେଟ୍ରା ହେଡ୍ରନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପାଧ୍ୟକ୍ଷ ସ୍ମୃତ ମହାପାତ୍ର, ଅଧ୍ୟାପକ ଡାକ୍ତର ସୁକାନ ନାୟକ, ବରିଷ୍ଠ ଅଧ୍ୟାପକ ପି.କେ. ବଳ ଓ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

## ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୨୧।୫ (ରବିନାରାୟଣ ଜେନା)

ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଓଡ଼ିଶାର ସମସ୍ତ ଜିଲ୍ଲା ସଦର ମହକୁମାରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ରକ୍ତଦାନ ଶିବିରକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ଶିବିରରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ରମେଶ ଜେନା, ସୁରେଶ କୁମାର ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମେଧାବୀ ଛାତ୍ରୀଛାତ୍ରଙ୍କ ମୁହଁରୁ...

### ଡାକ୍ତର ହୋଇ ସେବା କରିବି



ଯୁକ୍ତ୨ ବିଜ୍ଞାନ ବିଭାଗରେ ବାଲେଶ୍ୱର ଫକୀରମୋହନ ଜୁନିଅର କଲେଜ ମହାବିଦ୍ୟାଳୟର ଛାତ୍ର ଧୀରଜ ସ୍ୱାଇଁ ୫୮୧ (୯୬.୮୩%) ନମ୍ବର ରଖି ଜିଲ୍ଲା ଟପର ହୋଇଛନ୍ତି। ଏଥିସହ ସେ ଉତ୍ତର ଓଡ଼ିଶା ଜୋନରେ ଟପର ହେବା ସହ ରାଜ୍ୟରେ ୫ମ ସ୍ଥାନରେ ରହି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ମା' କମଳିନୀ ସ୍ୱାଇଁ ଗୃହିଣୀ ହୋଇଥିବା ବେଳେ ବାପା ସୂର୍ଯ୍ୟନାରାୟଣ ସ୍ୱାଇଁ ଏକ ଘରୋଇ କମ୍ପାନୀରେ ଇଲେକ୍ଟ୍ରିସିଆନ୍ ଭାବେ କାର୍ଯ୍ୟ କରନ୍ତି ବସ୍ତା ବ୍ଲକ ବାର୍ଡ଼ଶମୁଖା ଗ୍ରାମରେ ତାଙ୍କ ଘର। ସେ ସ୍କୁଲ, ଟ୍ୟୁସନ୍ ବ୍ୟତୀତ ଦୈନିକ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି। ଜଣେ ଡାକ୍ତର ହୋଇ ସେବାରେ ସମର୍ପିତ ହେବା ତାଙ୍କର ଲକ୍ଷ୍ୟ। ଏହି ସଫଳତା ପାଇଁ ମା', ବାପା, ଅଧ୍ୟାପିକା, ଅଧ୍ୟାପକଙ୍କୁ ଧୀରଜ ଶ୍ରେୟ ପ୍ରଦାନ କରିଛନ୍ତି।

- ଧୀରଜ ସ୍ୱାଇଁ, ବାଲେଶ୍ୱର ଫକୀରମୋହନ ଜୁନିଅର ମହାବିଦ୍ୟାଳୟ

### ଆଇଏଏସ୍ ଅଫିସର ହେବି



ଯୁକ୍ତ୨ କଳା ବିଭାଗରେ ବାଲେଶ୍ୱର ଫକୀରମୋହନ ଜୁନିଅର ମହାବିଦ୍ୟାଳୟର ଛାତ୍ରୀ ଦିବ୍ୟା ଦେବଲିନା ମଲ୍ଲିକ ୫୬୨ (୯୩.୬୭%) ନମ୍ବର ରଖି ଜିଲ୍ଲା ଟପର ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଗୋରେଇ ଗ୍ରାମର ବାପା ଦିଲୀପ କୁମାର ମଲ୍ଲିକ ଓ ମା' ନମିତାଙ୍କର ସେ କନ୍ୟା ଅଟନ୍ତି। ବାପା ଜଣେ ଏକ୍ସ-ଆର୍ମି ଅଫିସର। ସେ ସ୍କୁଲ, ଟ୍ୟୁସନ ବ୍ୟତୀତ ଦୈନିକ ୮ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିଲେ। ଆଇଏଏସ୍ ଅଫିସର ହେବା ତାଙ୍କର ଲକ୍ଷ୍ୟ। ଏହି ସଫଳତା ପାଇଁ ମା', ବାପା, ଜେଜେମା', ଜେଜେବାପା, ଅଧ୍ୟାପିକା, ଅଧ୍ୟାପକଙ୍କୁ ସେ ଶ୍ରେୟ ଦେଉଛନ୍ତି।

- ଦିବ୍ୟା ଦେବଲିନା ମଲ୍ଲିକ, ବାଲେଶ୍ୱର ଫକୀରମୋହନ ଜୁନିଅର ମହାବିଦ୍ୟାଳୟ

### ସିଭିଲ ସର୍ଭିସ ପାଇଁ ଚେଷ୍ଟା କରିବି



ଦିନକୁ ୮ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମ ଅନୁଯାୟୀ ଫଳ ପାଇଛି। ବିଜ୍ଞାନ ବିଭାଗରେ ୯୪.୧୬ ପ୍ରତିଶତ ନମ୍ବର ରଖିଛି ଏବଂ ବହୁତ ଖୁସି ଅଛି ମନରେ ସାମାନ୍ୟ ଡର ଥିଲା, ହେଲେ ଶିକ୍ଷକ ଓ ପିତାମାତାଙ୍କ ପ୍ରେରଣା ପାଇଁ ମୁଁ ଏହି ସଫଳତା ପାଇଛି ଆଗାମୀ ଦିନରେ ଯୁକ୍ତ୩ରେ ନାମ ଲେଖାଇବି ଏବଂ ସିଭିଲ ସର୍ଭିସ ପାଇଁ ଚେଷ୍ଟା କରିବି।

- ପାୟଲ ମିଶ୍ର, ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଟକ

### ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



ଦ୍ୱାଦଶ ପରୀକ୍ଷାର ବିଜ୍ଞାନ ବିଭାଗରେ ୯୪.୧୬ ନମ୍ବର ରଖିଛି। ଦିନକୁ ୧୨ ଘଣ୍ଟା ପାଠ ପଢ଼ୁଥିଲି ଆଗକୁ ସମସ୍ତ ଏଣ୍ଟ୍ରାନ୍ସ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛି ଏବଂ ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

- ଦେବାପର୍ଣ୍ଣା ଦାସ, ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କଟକ

### ସାଇଣ୍ଟିଷ୍ଟ ହେବାକୁ ଲକ୍ଷ୍ୟ ରଖିଛି



ଦ୍ୱାଦଶ ପରୀକ୍ଷାଫଳ ପାଇଁ ମନରେ ଡର ରହିଥିଲା। ତେଣୁ ଦିନରେ ଅଠରୁ ଦଶ ଘଣ୍ଟା ପାଠ ପଢ଼ୁଥିଲି। ବିଜ୍ଞାନ ବିଭାଗରେ ୮୬ ପ୍ରତିଶତ ମାର୍କ ରଖିପାରିଛି ଅଧିକ ମାର୍କର ଆଶା ରଖିଥିଲି ହେଲେ ଯାହା ମାର୍କ ଆସିଛି ସେଥିରେ ଖୁସି ଅଛି କଲେଜ ପକ୍ଷରୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଥିଲେ। ମୋର ଏହି ସଫଳତା ଲାଗି ଶିକ୍ଷକ ଓ ପରିବାରର ସଦସ୍ୟଙ୍କୁ ଧନ୍ୟବାଦ ଦେବି। ଆଗାମୀ ଦିନରେ ଆଇଜର, ନାଇଜର ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି ଏବଂ ଭବିଷ୍ୟତରେ ସେପସ ସାଇଣ୍ଟିଷ୍ଟ ହେବାକୁ ଲକ୍ଷ୍ୟ ରଖିଛି।

- ତନିଷ୍କା ରାଉତ, ରେଭେନ୍‌ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,କଟକ,

### ଡାକ୍ତର ହୋଇ ଅସହାୟଙ୍କ ସେବା କରିବା ଲକ୍ଷ୍ୟ



ବିଜ୍ଞାନ ପରୀକ୍ଷାରେ ମୁଁ ୯୩ ପ୍ରତିଶତ ରଖିଛି। ବାପା ପ୍ରଦୀପ କୁମାର ଖୁଲାର ଜଣେ ଗାଡ଼ି ଚାଳକ ଓ ମା' ସଂଯୁକ୍ତା ଖୁଲାର ଗୃହିଣୀ। ଆମ ଘର ମୟୂରଭଞ୍ଜ ଜିଲ୍ଲା ଗାଙ୍ଗିଆ ଗ୍ରାମରେ। ଡାକ୍ତର ହୋଇଅସହାୟ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛି। ଏହି ସଫଳତା ପାଇଁ ଶିକ୍ଷକଙ୍କ ପ୍ରେରଣା, ମା' ବାପାଙ୍କ ଆଶୀର୍ବାଦ ଓ ସାଙ୍ଗମାନଙ୍କ ସହଯୋଗକୁ ଶ୍ରେୟ ଦେଉଛି। ଅଭାବ ଅସୁବିଧା ସତ୍ତ୍ୱେ ପାଠ ପଢ଼ିବାର ଆଗ୍ରହ ଓ ଉଦ୍ୟମ ଯୋଗୁ ମୋତେ ଏହି ସଫଳତା ମିଳିଛି।

- ସୋନାଲିକା ଖୁଲାର, କେଏସ୍‌ଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଝର

### ମା' ବାପାଙ୍କ ସ୍ୱପ୍ନ ପୂରଣ କରିବି



ବାଣିଜ୍ୟରେ ୫୫୪ ନମ୍ବର ରଖିଥିବା ବେଳେ ମୋ ଟାର୍ଗେଟ୍‌ଠାରୁ ଅଧିକ ରହିଛି ମା' ବାପାଙ୍କ ଆଶା ଭରସା ଜିତିଥିବାରୁ ମୁଁ ଓ ମୋ ପରିବାର ବହୁତ ଖୁସି ମୋ ବଡ଼ଭାଇଙ୍କ ପ୍ରେରଣା ଓ ଟ୍ୟୁଶନ ସାର୍‌ଙ୍କ ପରାମର୍ଶ ଯୋଗୁ ଏହି ସଫଳତା ଦେଇଛି। ବାପା ନିକୁଞ୍ଜ ବିହାରୀ ନାୟକ ବେଙ୍ଗାଲୁରୁରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବାବେଳେ ମା' ସୁଚିତ୍ରା ଜଣେ ଗୃହିଣୀ। ମୋତେ ପାଠ ପଢ଼ାଇ ବଡ଼ମଣିଷ କରିବା ପାଇଁ ସେମାନେ ବହୁତ ସ୍ୱପ୍ନ ଦେଖିଛନ୍ତି। ସେମାନଙ୍କ ସ୍ୱପ୍ନ ନିଶ୍ଚୟ ପୂରଣ କରିବି।

- ସ୍ୱର୍ଣ୍ଣପ୍ରଭା ନାୟକ, ଭଦ୍ରକ କଲେଜ

### ଆଶାଠାରୁ ଅଧିକ ନମ୍ବର ରହିଛି



ପରୀକ୍ଷାଫଳ ଜାଣିବା ପରେ ମୁଁ ଓ ମୋ ପରିବାର ବହୁତ ଖୁସି ଅଛୁ। କଳାରେ ୫୪୫ ନମ୍ବର ମିଳିଛି। ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରିଥିଲି। ଆଶାଠାରୁ ଅଧିକ ନମ୍ବର ରହିଛି। ବାପା ଜଗନ୍ନାଥ ପଣ୍ଡା ଜଣେ ପୂଜକ ଭାବେ ସ୍ଥାନୀୟ ଅଞ୍ଚଳରେ ପୂଜାପାଠ କରନ୍ତି। ମା' ଗୀତାଞ୍ଜଳି ଜଣେ ଗୃହିଣୀ। ମୋତେ ପାଠ ପଢ଼ାଇବା ପାଇଁ ବହୁ କଷ୍ଟରେ ରୋଜଗାର କରି ଟଙ୍କା ଦିଅନ୍ତି। ମୋ ଉପରେ ସେମାନଙ୍କ ଆଶା, ଭରସା ଥିଲା। ତାଙ୍କ ଆଶା ମୁଁ ପୂରଣ କରିପାରିଛି ଭବିଷ୍ୟତରେ ଜଣେ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛି।

- ସ୍ନେହଲତା ପଣ୍ଡା, ଭଦ୍ରକ କଲେଜ

### କଷ୍ଟ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ



ବାଣିଜ୍ୟ ବିଭାଗରେ ୬୦୦ ନମ୍ବରରୁ ୫୭୯ (୯୬.୫ ପ୍ରତିଶତ) ରଖିଛନ୍ତି ସ୍ୱର୍ଣ୍ଣରେଖା ମଲ୍ଲା। ଖଣ୍ଡପଡ଼ା ବ୍ଲକ୍ ସିଦ୍ଧାମୂଳା ଗାଁର ସୁଦର୍ଶନ ଓ ଲକ୍ଷ୍ମୀ ମଲ୍ଲାଙ୍କ ସାନ ଝିଅ ରାଜ୍ୟ ଟପର ହେବେ ବୋଲି ଆଶା ରଖି ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରି ସଫଳତାପାଇଛନ୍ତି। ସେ କଷ୍ଟ ଆକାଉଣ୍ଟାଣ୍ଟ ହେବା ପାଇଁ ଲକ୍ଷ୍ୟ ରହିଛି ବୋଲି ସ୍ୱର୍ଣ୍ଣରେଖା କହିଛନ୍ତି।

- ସ୍ୱର୍ଣ୍ଣରେଖା ମଲ୍ଲା, ନୟାଗଡ଼ ଯୁନିଟେକ ଆବାସିକ କଲେଜ

### ଆଶାନୁରୂପ ଫଳ ମିଳିଛି




ଦିନ ଅପେକ୍ଷା ମୁଁ ରାତିରେ ଅଧିକ ସମୟ ପାଠ ପଢ଼ିଥାଏ। ୫୫୦ ଉପରେ ନମ୍ବର ରହିବ ବୋଲି ଆଶା କରୁଥିଲି ବିଜ୍ଞାନରେ ୫୬୨ ନମ୍ବର ରହିଥିବା ବେଳେ ଆଶାନୁରୂପ ଫଳ ମିଳିଛି। ବାପା ଲକ୍ଷ୍ମୀଧର ନାୟକ ଜଣେ ଯାତ୍ରା ଉପସ୍ଥାପକ ଭାବେ କାର୍ଯ୍ୟ କରୁଥିବା ବେଳେ ମା' ସତ୍ୟଭାମା ନାୟକ ଗୃହିଣୀ। ମା' ବାପା ମୋତେ ନେଇ ବହୁତ ସ୍ୱପ୍ନ ଦେଖିଥିବା ବେଳେ ବହୁ କଷ୍ଟରେ ପାଠ ପଢ଼ାଉଛନ୍ତି ଆଜି ରେଜଲ୍ଟ ବାହାରିବା ପରେ ମୋ ମୋବାଇଲରେ ସାଇଟ୍ ଖୋଲି ନ ଥିଲା। ବଡ଼ଭାଇ ପ୍ରଥମେ ରେଜଲ୍ଟ ଦେଖି ବାପାଙ୍କୁ ଜଣାଇବା ପରେ ମୋତେ ଜଣାଇଥିଲେ।

- ରତିକାନ୍ତ ନାୟକ, ଭଦ୍ରକ କଲେଜ







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିକଳ୍ପ ଶିକ୍ଷାନୀତିର ଖସଡ଼ା ପୁସ୍ତକ ଉନ୍ମୋଚନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ୱେତପଦ୍ମ ସଙ୍ଗୀତାଳୟ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ଗ୍ରୀଷ୍ମ ପ୍ରବାହ ଉପଲକ୍ଷେ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଏକାମ୍ର ଚନ୍ଦନ ଉତ୍ସବ, ସ୍ଥାନ: ଗୁଆଝର, ସମୟ: ସନ୍ଧ୍ୟା ୭ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ 'ଭାନୁମତୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ

- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସମାଜ ପକ୍ଷରୁ ୮୨ତମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଭଞ୍ଜମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ମା' ଶୀତଳା ଦେବୀଙ୍କ ବାର୍ଷିକ କ୍ରୀଡ଼ା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାରାପାଳ, ରୂପସା, ସମୟ: ଦିବସବ୍ୟାପୀ।
- ମହାପ୍ରଭୁଙ୍କ ବତିଶ ବେଶ ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ, ସ୍ଥାନ: ନିଶିନପୁର, ଭୋଗରାଇ, ସମୟ: ଦିବସବ୍ୟାପୀ।
- ରଥଯାତ୍ରା ପାଳନ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ନୀଳଗିରି, ସମୟ: ସକାଳ ୯ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ତୃତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଉକଣ୍ଢେଇ ବାହାଘର ଉତ୍ସବର ଉଦ୍‌ଘାଟନୀ ପର୍ବ, ମଙ୍ଗଳପାକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଛତାବର, ଭଣ୍ଡାରିପୋଖରୀ, ସମୟ: ସକାଳ ୮ଟା।
- ଦକ୍ଷିଣେଶ୍ୱରୀ କାଳୀମନ୍ଦିର ସ୍ୱନକ୍ଷତ୍ର ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଦକ୍ଷିଣେଶ୍ୱରୀ କାଳୀମନ୍ଦିର, ଚାନ୍ଦବାଲି ଏନ୍‌ଏସି, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଉଦଳା ଜଗନ୍ନାଥ ମନ୍ଦିର ପରିସର,ସମୟ: ଅପରାହ୍ନ ୫ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ:ନହରପଦା,ୱାର୍ଡନଂ.୧୧ ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ସତ୍‌ସଙ୍ଗ ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ମଧୁବନ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ : ଆଠମଲ୍ଲିକ ବସ୍‌ଷ୍ଟାଣ୍ଡସ୍ଥିତ ହନୁମାନ ମନ୍ଦିର, ସମୟ : ସକାଳ ୭ଟା ୩୦।

## କେନ୍ଦ୍ରାପଡ଼ା

ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମହାସଂଘ ପକ୍ଷରୁ ପଦ୍ମଶ୍ରୀ ବାବା ବଳିଆଙ୍କ ଦିବ୍ୟ ଭାଗବତ କଥା ଆଲୋଚନା, ସ୍ଥାନ: ଅନନ୍ତ ବଳିଆ ଭବନ, କେନ୍ଦ୍ରାପଡ଼ା ଲ କଲେଜ ନିକଟ, ଉଦୟନଗର, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।

ସ୍ୱପ୍ନେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ନରସିଂହପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।

## ଯାଜପୁର

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଳିଙ୍ଗନଗର ଟାଟା ଷ୍ଟିଲର ସମ୍ପ୍ରସାରଣ ପ୍ରକଳ୍ପ ଉଦଘାଟନ: ସ୍ଥାନ : ଦାନଗଦି ତେଲିବାହାଲି ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦.୪୫।

କଳିଙ୍ଗନଗର ଜଟିଆ ଷ୍ଟିଲ ଉଦଘାଟନ କାର୍ଯ୍ୟକ୍ରମ, ସ୍ଥାନ : କଳିଙ୍ଗନଗର ଜଟିଆ ଷ୍ଟିଲ କାରଖାନା ପରିସର, ସମୟ : ମଧ୍ୟାହ୍ନ ୧୨ଟା।

ଇଣ୍ଡା ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ। ସ୍ଥାନ : ପ୍ରସ୍ତାବିତ କାରଖାନା ପରିସର,ସମୟ : ଅପରାହ୍ନ ୧୨ଟା ୨୦ ମିନିଟ।

## ରାୟଗଡ଼ା

- ମୁନିଗୁଡା ଭାଜପା ତରଫରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା, ସ୍ଥାନ: ମୁନିଖୋଲ ପେଟ୍ରୋଲ ପମ୍ପ ପରିସର, ସମୟ: ସକାଳ ୮ଟା ୩୦ ।
- ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟ ବିବାହ ରୋକିବାକୁ ନେଇ ଶିଶୁ ପାଇଁ ଦିନିଟିଏ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜବର ଦଖଲ ଉଚ୍ଛେଦ ଅଭିଯାନ, ସ୍ଥାନ: ନନ୍ଦପୁର, ସମୟ: ସକାଳ ୮ଟା।

## ମାଲକାନଗିରି

- ଜିଲାସ୍ତରୀୟ ମତ୍ସ୍ୟଚାଷୀଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ସିନ୍ଧ୍ରିମାଳ ପଞ୍ଚାୟତ, ସମୟ:ପୂର୍ବାହ୍ନ ୧୦ ଟା।
- ଦ୍ୱିତୀୟ ପର୍ଯ୍ୟାୟ ଗ୍ରୀଷ୍ମକାଳୀନ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଭବନ, ମାଲକାନଗିରି। ସମୟ: ଅପରାହ୍ନ ୩ ଟା ।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷୀୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- କଲମ ପରିବାର ପକ୍ଷରୁ ଚିଠି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ : ଜିଲାପାଳ ଅଫିସ ସମ୍ମୁଖ, ସମୟ : ସକାଳ ୯ଟା ୩୦।

## ବଲାଙ୍ଗୀର

- ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କ ବଲାଙ୍ଗୀର ଜିଲାସ୍ତରୀୟ ସମୀକ୍ଷା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଗ୍ରୀଷ୍ମ ଶିବିର,ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ୍ ପ୍ରଶିକ୍ଷଣ ଶିବିର,ସ୍ଥାନ: ଏଇଏମ୍ ଇଂଲିଶ ମିଡିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।

## କଳାହାଣ୍ଡି

- ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବିତରଣ, ସ୍ଥାନ: ଭବାନୀପାଟଣା ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଦେବଗଡ଼ ମାରଓ୍ୱାଡ଼ି ଯୁବାମଞ୍ଚ ପକ୍ଷରୁ ନିଶୁଳ୍କ କୃତ୍ରିମ ଅଙ୍ଗଦାନ ଶିବିର, ସ୍ଥାନ: ମାରଓ୍ୱାଡ଼ି ଧର୍ମଶାଳା, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- କେନ୍ଦୁପାଲିରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: କେନ୍ଦୁପାଲି ସ୍କୁଲ ସମ୍ମୁଖ, ବୀରମହାରାଜପୁର, ସମୟ: ଅପରାହ୍ନ ୫ଟା।
- ତରଭା ବଡବନ୍ଧ ଧବଳେଶ୍ୱର ମନ୍ଦିର ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ପ୍ରାତଃ ୪ଟା ୩୫।

# ଦୂରହେଲା ମାତୃତ୍ୱ ଛୁଟିକୁ ନେଇ ରହିଥିବା ଦ୍ୱନ୍ଦ୍ୱ

**ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)**

ଜଣେ ମହିଳା ସରକାରୀ କର୍ମଚାରୀ ୨ଟିରୁ କମ୍ ଜୀବିତ ପିଲାଙ୍କ ପାଇଁ ମାତୃତ୍ୱ ସମୟରେ ୧୮୦ ଦିନ ପର୍ଯ୍ୟନ୍ତ ଛୁଟି ପାଇବାର ନିୟମ ରହିଛି। କିନ୍ତୁ ମାତୃତ୍ୱ ଛୁଟି କେଉଁ ଅବଧି ଭିତରେ ନିଆଯାଇପାରିବ ସେ ବିଷୟରେ କିଛିଟା ଦ୍ୱନ୍ଦ୍ୱ ରହିଥିଲା, ଯାହା ଏବେ ଦୂର ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ସେହିପରି ମହିଳା ସରକାରୀ କର୍ମଚାରୀ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥାଇ ପରବର୍ତ୍ତୀ ସମୟରେ ସେବାରେ ଯୋଗଦେବା ପରେ ମାତୃତ୍ୱ ଛୁଟି ଉପଲବ୍ଧ କରିବା ଉପରେ ମଧ୍ୟ ଦ୍ୱନ୍ଦ୍ୱ ରହିଥିଲା। ସେ ସମସ୍ୟା ମଧ୍ୟ ଦୂରହୋଇଛି। ଏହା ସହ ଗର୍ଭପାତ, ଜନ୍ମିତ ଶିଶୁର ମୃତ୍ୟୁ ଓ ମୃତ ଶିଶୁ ଜନ୍ମ କ୍ଷେତ୍ରରେ ମଧ୍ୟ ଛୁଟି ନେବାର ନିର୍ଦ୍ଦିଷ୍ଟ ନିୟମ କରାଯାଇଛି। ସମ୍ଭାବ୍ୟ ପ୍ରସବ ତାରିଖର ୩ ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ୬ ମାସ ମଧ୍ୟରେ ଜଣେ ମହିଳା ସରକାରୀ କର୍ମଚାରୀ ୧୮୦ ଦିନର ମାତୃତ୍ୱ ଛୁଟି ନେଇପାରିବେ। କିନ୍ତୁ ଜଣେ ମହିଳା ସରକାରୀ କର୍ମଚାରୀ ଯିଏ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥିଲେ ସେ ସରକାରୀ ସେବାରେ ଯୋଗଦେବା ପରେ ତାଙ୍କ ଶିଶୁକୁ ୬ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ। ଏହି କ୍ଷେତ୍ରରେ ମାତୃତ୍ୱ ଛୁଟି ୧୮୦ ଦିନରୁ କମ୍ ହେବ। ଜଣେ ମହିଳା ସରକାରୀ କର୍ମଚାରୀ ମାତୃତ୍ୱ ଛୁଟିରେ ଥିବା ସମୟରେ ଯଦି ଗର୍ଭପାତ କିମ୍ବା ଜନ୍ମିତ ଶିଶୁର ମୃତ୍ୟୁ ବା ମୃତ ଶିଶୁ ଜନ୍ମ ହୁଏ, ତେବେ ତାଙ୍କର ମାତୃତ୍ୱ ଛୁଟିର ଅବଧି ସେହି ତାରିଖରୁ ୪୨ ଦିନ ପର୍ଯ୍ୟନ୍ତ ରହିବ। ଯଦି ଶିଶୁର ମୃତ୍ୟୁ ଜନ୍ମର ୨୯ ଦିନରୁ ୧୨୦ ଦିନ ମଧ୍ୟରେ ହୁଏ, ତେବେ ସମ୍ପୃକ୍ତ ମହିଳା ସରକାରୀ କର୍ମଚାରୀଙ୍କ ଛୁଟି ସେହି ଦୁର୍ଘଟଣା ଦିନଠାରୁ ୧୪ ଦିନ ପର୍ଯ୍ୟନ୍ତ ରହିବ। ଯଦି ତାଙ୍କର ମାତୃତ୍ୱ ଛୁଟିର ଅବଧି ଶେଷ ହୋଇଯାଇଥିବ, ତେବେ ସେ ୧୪ ଦିନର ସ୍ୱତନ୍ତ୍ର ଛୁଟି ପାଇବେ। ଯଦି ତାଙ୍କର ଛୁଟିର ଅବଧି ଦୁର୍ଘଟଣା ଦିନଠାରୁ ୧୪ ଦିନ ଭିତରେ ଶେଷ ହୋଇଯାଉଥିବ, ତେବେ ସେ ୧୪ ଦିନରୁ ଯେତିକି ଦିନ ବଳକା ରହିଯାଉଥିବ ସେତିକି ଦିନର ସ୍ୱତନ୍ତ୍ର ଛୁଟି ପାଇବେ। ଦୁଇଟିରୁ କମ୍ ଜୀବିତ ପିଲା ଥିବା ମହିଳାଙ୍କୁ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଏହି ମାତୃତ୍ୱ ଛୁଟି ପ୍ରଦାନ କରାଯିବ। ଶିଶୁ ପ୍ରସବ ଯେକୌଣସି ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ହେବା ଆବଶ୍ୟକ। ଯଦି ମାତୃତ୍ୱ ଛୁଟି ସମୟରେ ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଏ, ତେବେ ତାଙ୍କର ସେହି ଉଚ୍ଚ ପଦରେ ଯୋଗଦାନ ରିପୋର୍ଟ ଯେଉଁଦିନ ଉପଯୁକ୍ତ କର୍ତ୍ତୃପକ୍ଷ ପାଇବେ, ସେହିଦିନ ସେ ସେହି ଉଚ୍ଚ ପଦବୀରେ ଯୋଗଦେଲେ ବୋଲି ଧରାଯିବ। ସେ ତାଙ୍କ ମାତୃତ୍ୱ ଛୁଟିର ଅବଶିଷ୍ଟ ଅବଧି ନିରବଚ୍ଛିନ୍ନ ଭାବେ ନେଇପାରିବେ। ଜଣେ ମହିଳା ସରକାରୀ କର୍ମଚାରୀ ତାଙ୍କର ମାତୃତ୍ୱ ଛୁଟି ଏକକାଳୀନ ନିରବଚ୍ଛିନ୍ନ ଭାବେ ବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୁଆ ଶୁଖିଲେ ଥୋଇବୁ କାହିଁ;**
**ରୁଆ ଶୁଖିଲେ ପାଇବୁ ନାହିଁ।**


ବୁଣା ହୋଇଥିବା ଧାନଗଛର ମୂଳ ଶୁଖିଲା ରହିଲେ ଭଲ ଫଳେ ବା ଅମଳ ଭଲ ହୁଏ। ମାତ୍ର ରୁଆ ହୋଇଥିବା ଧାନଗଛର ମୂଳରେ ପାଣି ନ ରହିଲେ ଧାନଗଛ ମରିଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବୋହୂ ସୁନ୍ଦର ବୋଲି ପୂରିଛି ମହୀ,**
**କେହି ନ ଜାଣେ ତାର ଭିତର ଗଈ।**

ଆକୃତି ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର। ପ୍ରକୃତରେ କିଏ ଭଲ, କିଏ ଭେଲ ତାହା ସହଜରେ ଜାଣି ହୋଇ ନ ଥାଏ। ସୁନ୍ଦର ଚେହେରା ଭିତରେ ଯେ ବିକୃତ ମାନସିକତା ଲୁଚି ନ ରହିଛି, ତାହା ଠଉରେଇବା ସାଧ୍ୟ ବାହାରେ। ଉପରକୁ ସୁନ୍ଦର ତଥା ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତିର ଅସଲ ସ୍ୱରୂପ ବା ସ୍ୱଭାବ ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବାସଭାରାଜୁଙ୍କ ମୃତ୍ୟୁରେ ମାଓବାଦୀ ମୁରବିବିହୀନ

**ନାରାୟଣପୁର(ପି.ଟି.)୨୧।୫**

ଛତିଶଗଡ଼ ପୋଲିସର ଏନ୍‌କାଉଣ୍ଟରରେ ବୁଧବାର ନିହତ ହୋଇଥିବା ସିପିଆଇ-ମାଓଇଷ୍ଟ ଜେନେରାଲ ସେକ୍ରେଟାରି ତଥା ବରିଷ୍ଠ ନେତା ବାସଭାରାଜୁଙ୍କ ମୁଣ୍ଡ ଉପରେ ଦେଢ଼କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ତାଙ୍କ ମୃତ୍ୟୁପରେ ମାଓବାଦୀ ସଙ୍ଗଠନ ମୁରବୀବିହୀନ ହୋଇଯାଇଥିବା କୁହାଯାଉଛି। ତେଣୁ ବାସଭାରାଜୁଙ୍କୁ ନେଇ ଏବେ ଚର୍ଚ୍ଚା ଲାଗିରହିଛି। ଛତିଶଗଡ଼ ପୋଲିସ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ପୋଲିସ ସହ ସମନ୍ୱୟ ରଖି ବାସଭାରାଜୁଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲା। ୧୫ ଦିନର ବିସ୍ତୃତ ଯୋଜନା ପରେ ଏହି ଅପରେଶନ୍ ଆରମ୍ଭ କରାଯାଇଥିଲା। ରାୟପୁରରୁ ୩୦୦ କି.ମି. ଓ ନାରାୟଣପୁର ଜିଲା ମୁଖ୍ୟାଳୟରୁ ୬୦ କି.ମି. ଦୂର ଅବୁଜମାଢ଼ ଜଙ୍ଗଲରେ ବାସଭାରାଜୁ ରହିଥିବା ସୂଚନା ମିଳିଥିଲା। ବାସଭାରାଜୁ ମାଓଇଷ୍ଟ ସେଣ୍ଟ୍ରାଲ କମିଟି ଏବଂ ପଲିଟ୍‌ବ୍ୟୁରୋ ସଦସ୍ୟ ଥିଲେ। ପିପୁଲ୍ସ ଲିବରେଶନ୍ ଅଫ୍ ଗେରିଲା ଆର୍ମି (ପିଏଲ୍‌ଜିଏ) କ୍ୟାଡର ଓ ମାଡ଼ ଡିଭିଜନ୍ ସଦସ୍ୟ ସବୁବେଳେ ତାଙ୍କୁ ସୁରକ୍ଷା ଦେଇଆସୁଥିଲେ। ଗୋଇନ୍ଦା ସୂଚନା ହସ୍ତଗତ ହେବା ପରେ ତାଙ୍କୁ ଧରିବା ପାଇଁ ବସ୍ତର ଡିଭିଜନ୍ ଅଧୀନ ନାରାୟଣପୁର, ଦାନ୍ତେୱାଡ଼ା, ବିଜାପୁର ଓ କୋଣ୍ଡାଗାଁ ଜିଲାର ଡିଆର୍‌ଜି ଟିମ୍‌ଗୁଡ଼ିକୁ ତତ୍ପର କରାଯାଇଥିଲା। ଓର୍ଚ୍ଛାଠାରୁ ୧୫-୨୦ କି.ମି. ଦୂର ଘଞ୍ଚ ଜଙ୍ଗଲ ଭିତରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିବା ପରେ ବନ୍ଧୁକରୁ ଗୁଳି ଫୁଟିବା ଶବ୍ଦ ଆଉ ଶୁଣିବାକୁ ମିଳି ନ ଥିଲା। ଅବୁଝମାଡ଼ରେ ଏହା ଥିଲା ଅଦ୍ୟାବଧି ସବୁଠୁ ବଡ଼ ଏନ୍‌କାଉଣ୍ଟର। ବାସଭାରାଜୁ, ଗଗନା, ପ୍ରକାଶ, ନରସିଂହ ଓ ଦାରୁପୁ ନରସିଂ ରେଡ୍ଡୀ ଭଳି ଅନେକ ନାମରେ ପରିଚିତ ଥିଲେ ବରିଷ୍ଠ ମାଓବାଦୀ ନେତା କେଶବର ରାଓ। ୧୯୫୫ରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଜାନନାପେଟ ଗ୍ରାମରେ ଜନ୍ମିତ ବାସଭାରାଜୁ ଜଣେ ଇଂଜିନିୟରିଂ ସ୍ନାତକ ଥିଲେ। ସେ ବାରାଙ୍ଗଲ ଆଞ୍ଚଳିକ ଇଂଜିନିୟରିଂ କଲେଜ (ବର୍ତ୍ତମାନ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ଏନ୍‌ଆଇଟି)ରୁ ବି.ଟେକ୍ ଡିଗ୍ରୀ ହାସଲ କରିଥିଲେ। କଲେଜ ସମୟରେ ସେ ଜଣେ କ୍ରିକେଟର ଥିଲେ ଏବଂ ବାମପନ୍ଥୀ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ। ୧୯୭୦ ଦଶକରେ ନକ୍ସଲ ଆନ୍ଦୋଳନରେ ଯୋଗଦେଇ ପରେ ସିପିଆଇ (ମାଓବାଦୀ) ର ଶୀର୍ଷ ନେତୃତ୍ୱରେ ସାମିଲ ହୋଇଥିଲେ। ୧୯୮୦ ମସିହାରେ ଶ୍ରୀକାକୁଲମରେ ବାସଭାରାଜୁ ଗିରଫ ହୋଇଥିଲେ। ପରେ ୧୯୮୭ରେ ସେ ବସ୍ତର ଜଙ୍ଗଲରେ ଗେରିଲା ଯୁଦ୍ଧ ଏବଂ ବିସ୍ଫୋରକ ବ୍ୟବହାର ବିଷୟରେ ତାଲିମ ପାଇଥିଲେ। ୨୦୦୪ ମସିହାରେ ବାସଭାରାଜୁଙ୍କୁ ସିପିଆଇ (ମାଓବାଦୀ)ର କେନ୍ଦ୍ରୀୟ ସାମରିକ କମିଶନର ମୁଖ୍ୟ କରାଯାଇଥିଲା। ଏହି ଭୂମିକାରେ ସେ ସଙ୍ଗଠନର ସଶସ୍ତ୍ର ଶାଖା, ପିପୁଲ୍ସ ଲିବରେଶନ ଗେରିଲା ଆର୍ମିର ନେତୃତ୍ୱ ନେଇଥିଲେ। ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପ ଏବଂ ରଣନୀତି ପାଇଁ ତାଙ୍କୁ ଦାୟୀ କରାଯାଇଥାଏ। ୨୦୧୮ ନଭେମ୍ବର ମୁପ୍ପାଲ ଲକ୍ଷ୍ମଣ ରାଓ ଓରଫ ଗଣପତିଙ୍କ ଇସ୍ତଫା ପରେ ସେ ସଙ୍ଗଠନର ସର୍ବୋଚ୍ଚ ପଦବୀ ଅଳଙ୍କୃତ କରି ସିପିଆଇ (ମାଓବାଦୀ) ସାଧାରଣ ସମ୍ପାଦକ ହୋଇଥିଲେ।

### ମାଓବାଦ ବିରୋଧୀ ଲଢ଼େଇରେ ବଡ଼ ସଫଳତା: ଶାହା

ସିପିଆଇ-ମାଓଇଷ୍ଟ ଜେନେରାଲ ସେକ୍ରେଟାରୀ ତଥା ବରିଷ୍ଠ ନେତା ବାସଭାରାଜୁଙ୍କ ମୃତ୍ୟୁ ପରେ ନକ୍ସଲ ଆନ୍ଦୋଳନର ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ସୁରକ୍ଷା ବଳକୁ ୩ ଦଶନ୍ଧି ଧରି ମାଓବାଦ ବିରୋଧୀ ଲଢ଼େଇରେ ଏତେ ବଡ଼ ସଫଳତା ମିଳିଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦମୁକ୍ତ କରିବା ନେଇ ମୋଦି ସରକାରଙ୍କ ଲକ୍ଷ୍ୟ ହାସଲ ହେବାକୁ ଯାଉଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ନିଜ ପୋଷ୍ଟରେ ଲେଖିବା ସହ ଅପରେଶନ୍‌ରେ ସାମିଲ ଯବାନମାନଙ୍କୁ ପ୍ରଶଂସା କରିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ କହିଛନ୍ତି, ଏହି ଅପରେଶନ୍ ମୁଖ୍ୟତଃ ଡିଆର୍‌ଜି ପକ୍ଷରୁ କରାଯାଇଥିଲା। ମାଓବାଦୀମାନଙ୍କୁ ଆତ୍ମସମର୍ପଣ କରିବାକୁ ଅପିଲ କରାଯାଇଛି। ସେମାନେ ସମାଜର ମୁଖ୍ୟସ୍ରୋତକୁ ଫେରିଆସିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** ଆଜି ଗ୍ରହସ୍ଥିତିର ଅନୁକୂଳତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଭିଳଷିତ କାର୍ଯ୍ୟକୁ ନିର୍ବିଘ୍ନରେ ସମାପନ କରିବେ। ବାହାର ଜାଗାରେ ସତର୍କତାର ସହ କାମ ନ କଲେ କ୍ଷତିରେ ପଡ଼ିବେ। ଆନୁଷ୍ଠାନିକ କାମରେ ଦୂରଯାତ୍ରା କରିବାକୁ ପଡ଼ିପାରେ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିପାରନ୍ତି।

**ବୃଷ:** ପାପଗ୍ରହଙ୍କ କବଳରେ ଚନ୍ଦ୍ର ରହିଥିବାରୁ ବିଭିନ୍ନ ବିଷୟରେ ଟେନ୍‌ସନ ଲାଗିରହିବ। ସାମାଜିକ ସ୍ତରରେ ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଭୁଲ୍ ବୁଝାମଣା ଓ ସନ୍ଦେହଜନିତ ଘରୋଇ କଳହକୁ ନେଇ ଅଶାନ୍ତିର ଆଶଙ୍କା ରହିଛି।

**ମିଥୁନ:** ଉଚ୍ଚ ରାଶିରେ ଶୁକ୍ର ରହିଥିବାରୁ ବିଳାସବ୍ୟସନ, ବନ୍ଧୁଙ୍କ ଅଭ୍ୟର୍ଥନା, ବସ୍ତ୍ରାଳଙ୍କାର ପାଇପାରନ୍ତି। ବିବାଦୀୟ ପରିସ୍ଥିତିରେ, କର୍ମକ୍ଷେତ୍ରରେ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହେବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ସାମୂହିକ କାର୍ଯ୍ୟରେ ନିଜକୁ ସାମିଲ କରି ପରିବାର ପାଇଁ ସମୟ ଦେଇ ପାରିବେ ନାହିଁ।

**କର୍କଟ:** କେନ୍ଦ୍ରକୋଣାଧିପ ମଙ୍ଗଳଙ୍କ ପ୍ରଭାବରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇ ଦେଇପାରନ୍ତି। ପରିବାରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ବାଣିଜ୍ୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ:** ରାଶିପ୍ରତି ଚନ୍ଦ୍ରଙ୍କ ଦୃଷ୍ଟିଜନିତ ବ୍ୟୟବୃଦ୍ଧି ସାଙ୍ଗକୁ ଆକସ୍ମିକ ଯାତ୍ରା ଯୋଗୁ ଅସ୍ଥିରତା ସୃଷ୍ଟି ହେବ। ଅନ୍ୟମାନଙ୍କ ସକାଶେ ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବା ହେତୁ ସ୍ଥଗିତ କାର୍ଯ୍ୟକୁ ସମ୍ପନ୍ନ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା:** ଶନିଙ୍କ କୁପ୍ରଭାବରୁ ନିଜ ଲୋକଙ୍କୁ ସନ୍ଦେହ କରି ଅପ୍ରିୟତା ଅର୍ଜନ କରିବେ। ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ସମ୍ପର୍କକୁ ବିଗାଡିଦେଇପାରେ। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ପୂରଣ ହୋଇଯିବ। ଗାଡ଼ି ମରାମତି, ଘରକୁ ସଜାଡିବା ଏବଂ ଅଟକିଥିବା କାମକୁ ତ୍ୱରାନ୍ୱିତ କରିବାରେ ମନ ଦେଇପାରନ୍ତି ।

**ତୁଳା:** ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରେ ଭ୍ରାତୃସମ୍ପର୍କରେ ଉନ୍ନତି ଏବଂ ରୋଗ, ଋଣ, ଶତ୍ରୁପୀଡ଼ା କମି ଯିବ। ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ସମସ୍ୟା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି। ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବା ସାଙ୍ଗକୁ ବ୍ୟବସାୟିକ ସ୍ଥିତି ଉନ୍ନତ ରହିବ।

**ବିଛା:** ଦେବଗୁରୁ ଅଷ୍ଟମସ୍ଥ ହେତୁ ଆର୍ଥିକ ଉନ୍ନତି ହେବ କିନ୍ତୁ ସୁସମ୍ପର୍କରେ ବାଧା ଉପୁଜିପାରେ। ଅନ୍ୟମାନଙ୍କୁ ମନେଇବାକୁ ଯାଇ ବାଚାଳତାପୂର୍ବକ ଅନଧିକାର ଚର୍ଚ୍ଚା କରିବା ଠିକ୍ ହେବ ନାହିଁ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ। ପାରିବାରିକ ଏବଂ କର୍ମକ୍ଷେତ୍ରରେ ନିରୁତ୍ସାହତା ପରିଲକ୍ଷିତ ହୋଇପାରେ।

**ଧନୁ:** ଅଷ୍ଟମସ୍ଥ ମଙ୍ଗଳଙ୍କ କୁପ୍ରଭାବରେ ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କିମ୍ବା ସମସ୍ୟାଜନିତ ଚିନ୍ତିତ ରହିବେ। ସାମାଜିକ ସ୍ତରରେ ନିଜ ଲୋକଙ୍କ ଗହଣରେ ଦକ୍ଷତାର ସହ କାମ କରି ପ୍ରଶଂସିତ ହେବେ। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ଗବେଷଣା, ଲେଖାପଢ଼ାରେ ସୁଫଳ ପାଇବେ। ସାଂଗଠନିକ କ୍ଷେତ୍ରରେ ଜନ କଲ୍ୟାଣ କାମ ହାତକୁ ନେବେ।

**ମକର:** ଧନସ୍ଥାନସ୍ଥ ଚନ୍ଦ୍ରଜନିତ ପୂର୍ବର ସ୍ଥିତି ବଦଳି ଯାଇଥିବାରୁ ମନ ହାଲୁକା ରହିବ। ଯାହା କରିବାକୁ ମନସ୍ଥ କରିଛନ୍ତି ବିନା ପ୍ରତିବନ୍ଧକରେ ତାହା ସମ୍ପନ୍ନ କରିବାରେ ସମର୍ଥ ହୋଇପାରିବେ। ବନ୍ଧୁଙ୍କ ମାଧ୍ୟମରେ କୌଣସି ଶୁଭଖବର ପାଇ ମନ ବହୁତ ଖୁସି ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି।

**କୁମ୍ଭ:** ନିଜ ରାଶିରେ ଚନ୍ଦ୍ରଙ୍କ ସ୍ଥିତି ଯୋଗୁ ରୋଗପୀଡ଼ା, ଋଣ ପରିଶୋଧ ଏବଂ ଶତ୍ରୁତାକୁ କେନ୍ଦ୍ରକରି ମନ ଅଶାନ୍ତି ରହିବ। ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସହାୟତାରେ ବକେୟା ଆଦାୟରେ ସକ୍ଷମ ହେବେ। ଜମିଜମା, ମକଦ୍ଦମା, ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ମୀନ:** ଗୁରୁଙ୍କ ସ୍ଥିତିରୁ ପାରିବାରିକ ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ଅସୁବିଧା ରହିବ ନାହିଁ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ମାଲିମକଦ୍ଦମା, ସାଂଗଠନିକ କ୍ଷେତ୍ରରୁ ସୁଫଳ ପ୍ରାପ୍ତି ହେବ। ପ୍ରଯୁକ୍ତି ବିଦ୍ୟା, ପ୍ରଶାସନ, ଲୋକ ସମ୍ପର୍କ, ଆଲୋଚନା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଅଗ୍ରଗତି ଘଟିବ।

ଆଜି ମେ ୨୨ ତାରିଖ, ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ, ରାଜା ରାମମୋହନ ରାୟଙ୍କ ଜୟନ୍ତୀ, ଜ୍ୟେଷ୍ଠ କୃଷ୍ଣ ଦଶମୀ ଗୁରୁବାର। ରାଶିନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ଦିବା ଘ.୧୨.୦୭ ଗତେ ମୀନଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ବିଦ୍ୟାରମ୍ଭ ଓ ଜଳାଶୟ ପ୍ରତିଷ୍ଠା ପାଇଁ ଶୁଭଦିନ। ସକାଳ ଘ. ୦୫.୧୨ ଗତେ ଘ.୦୬.୦୪ ମଧ୍ୟେ, ଘ.୦୯.୩୩ ଗତେ ଘ.୧୧.୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୨୧ ଗତେ ଘ.୦୨.୫୮ ମଧ୍ୟେ ରାହୁ କାଳ ।

DSPL-73

ODISHA
NEW OPPORTUNITIES





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କଥା ଦେଇ କଥା ରଖିଲେ ମୋହନ ସରକାର
# ସୃଷ୍ଟି ହେବ ନୂଆ ରୋଜଗାର

# କଳିଙ୍ଗ ନଗର, ଯାଜପୁର ଜିଲ୍ଲାରେ ଶିଳ୍ପ ପ୍ରକଳ୍ପ ଗୁଡ଼ିକର
## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ପ୍ରଦୀପ ବଳ ସାମନ୍ତ**
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

**ଡ଼ଃ. ରବୀନ୍ଦ୍ର ନାରାୟଣ ବେହେରା**
ସାଂସଦ, ଯାଜପୁର

**ଉଦ୍‌ଘାଟନ**

ଟାଟା ଷ୍ଟିଲ୍ ଲିମିଟେଡ୍ | ଜେଏସ୍ଏଲ୍ ଗ୍ରୁପ୍ | ଜଟିଆ ଷ୍ଟିଲ୍ ଲିମିଟେଡ୍ | ଆବିସ୍ ଏକ୍ସପୋର୍ଟସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍

**ଭିତ୍ତିପ୍ରସ୍ତର ସ୍ଥାପନ**

ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ | ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟସ୍ ଲିମିଟେଡ୍ | ଟାଟା ଷ୍ଟିଲ୍ ଲିମିଟେଡ୍-ଗ୍ରୋଥ୍ ସପ୍
ଆନନ୍ଦ ଏକ୍ସପୋର୍ଟସ୍ | ଲିଣ୍ଡେ ଇଣ୍ଡିଆ ଲିମିଟେଡ୍ | ସିରିଅସ୍ ସ୍ପେସାଲିଟି କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ | ଭିସିଆଇ କେମିକାଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍
ସାନ୍ଧୁ ଟ୍ୟୁବ୍ସ ପ୍ରାଇଭେଟ୍ ଲିମିଟେଡ୍ | ସାଇଜର୍ ଏଣ୍ଟରପ୍ରାଇଜ୍ ପ୍ରାଇଭେଟ୍ ଲିମିଟେଡ୍ | ଟିୱାଇକେ ସେରାମିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
ଆଲମାମେଟ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ | ରୁଙ୍ଗଟା ଏଜେନ୍ସିସ୍ ପ୍ରାଇଭେଟ୍ ଲିମିଟେଡ୍ | ନିଓ ଇଣ୍ଡଷ୍ଟ୍ରିଜ୍ ମେଟାଲ୍ ପ୍ରୋସେସିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍
କୋରଓ୍ୱାର ସରଫେସ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ | ପ୍ଲାଷ୍ଟୋକେମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
ଏମ୍ପାୟାର ଅଟୋ ପ୍ରାଇଭେଟ୍ ଲିମିଟେଡ୍ | ଲାଲ୍‌ଚାନ୍ଦ୍ ଆଣ୍ଡ ସନ୍‌ସ୍ | ଏସ୍‌କେଆର୍‌କେ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍
ଗ୍ଲୋକ୍ ଫ୍ଲୁଇଡ୍ କନେକ୍ଟରସ୍ ପ୍ରାଇଭେଟ୍ ଲିମିଟେଡ୍ | ଲେକଲର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍

**୩୫,୦୦୦ ରୁ ଅଧିକ ନିଯୁକ୍ତି ର ସୁଯୋଗ | ୧,୧୫,୦୦୦ କୋଟି ଟଙ୍କା ର ପୁଞ୍ଜି ନିବେଶ**

**୨୨ ମେ ୨୦୨୫ । ଦିବା ୧୦ଘଟିକା । କଳିଙ୍ଗ ନଗର, ଯାଜପୁର, ଓଡ଼ିଶା**

**ଶିଳ୍ପ ବିଭାଗ, ଓଡ଼ିଶା ସରକାର**

OIPR-14005/13/0057/2526

"ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ବୈଦିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। -ଶ୍ରୀଅରବିନ୍ଦ

-ଶରଣ ଶେଷ



# ସମୃଦ୍ଧିର ଦର୍ଶନ



ଦେବଦତ୍ତ ପଟ୍ଟନାୟକ

ଭାରତରେ ଏବେ ସାମାଜିକ କାର୍ଯ୍ୟକଳାପ ଓ ଜାତିବିରୋଧୀ ଅଭିଯାନଗୁଡ଼ିକ ସହ ବୌଦ୍ଧଧର୍ମକୁ ଦୃଢ଼ ଭାବେ ଯୋଡ଼ାଯାଉଛି। କିନ୍ତୁ ଦେଖିବାକୁ ଗଲେ ସମ୍ରାଟ ଅଶୋକଙ୍କ ଶାସନକାଳ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ପାଳ ଶାସନ ଅର୍ଥାତ୍ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ତିଷ୍ଠି ରହିଥିବା ବୌଦ୍ଧଧର୍ମର ବ୍ୟବସାୟିକ କ୍ଷେତ୍ର ସହ ଗଭୀର ସମ୍ପର୍କ ରହିଥିଲା। କେବଳ ଏତିକି ନୁହେଁ, ଏକ ବାଣିଜ୍ୟିକ ଗୋଷ୍ଠୀର ନେତା ଭାବେ ବୁଦ୍ଧଙ୍କ କାବ୍ୟାତ୍ମକ ଢଙ୍ଗରେ ବର୍ଣ୍ଣନା କରାଯାଇଥିଲା। ଆମକୁ କୁହାଯାଇଛି ଯେ, ବୁଦ୍ଧ ଜ୍ଞାନପ୍ରାପ୍ତି ହେବା ସମୟରେ ତାଙ୍କୁ ଦୁଇଜଣ ବଣିକ ଖାଦ୍ୟ ଦେଇଥିଲେ। ଏଥିରେ ବୁଦ୍ଧ ସନ୍ତୁଷ୍ଟ ହୋଇ ସେମାନଙ୍କୁ ସୁନ୍ଦରଭାବେ ସାଇଦାହୋଇ ରଖାଯାଇଥିବା ଏକ ଜିଲା ଓ ଲମ୍ବା ପୋଷାକ ଦେଇଥିଲେ ଏବଂ ଉପରେ ସେ ଏକ ଗିନାକୁ ଓଲଟାଇ ରଖିଥିଲେ, ଯାହା ସ୍ତୁପ ନିର୍ମାଣକୁ ଉଦାହିତ କରିଥିଲା। ଏଭଳି ସ୍ତୁପ ଆମେ ଏବେ ଚାରିଆଡ଼େ ଦେଖିବାକୁ ପାଉଛୁ। ଆଉ ଜଣେ ବଣିକ ପ୍ରସିଦ୍ଧ ଜିତବନ ବିହାର ବା ମଠ ଦାନ କରିଥିଲେ। ପରେ ଏହାକୁ ବୁଦ୍ଧଙ୍କୁ ଉପହାର ଭାବେ ପ୍ରଦାନ କରାଯାଇଥିଲା ଏବଂ ଏହି ଦାନଶୀଳତା ପାଇଁ ସେହି ବ୍ୟବସାୟୀ ବେଶ୍ ଜଣାଶୁଣା। ଏହାସହ ଜଣେ ମହିଳା ମଧ୍ୟ ବୁଦ୍ଧଙ୍କୁ ଆଉ ଏକ ମଠ ଉପହାରସ୍ୱରୂପ ଦେଇଥିଲେ ଏବଂ ସେହି ମହିଳା ହେଉଛନ୍ତି ଏକ ବ୍ୟବସାୟ ପରିବାରର ସଦସ୍ୟା। ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ଏବଂ ଏପରିକି ତାଙ୍କ ଶ୍ୱଶୁରଙ୍କୁ ମଧ୍ୟ ଜୈନଧର୍ମରୁ ବୌଦ୍ଧଧର୍ମକୁ ଆଣିପାରିଥିଲେ। ଦ୍ୱିତୀୟରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ରଚିତ ତାମିଲ କାବ୍ୟରେ ବୌଦ୍ଧ ସଂସ୍ଥାଗୁଡ଼ିକୁ ଦାନ କରିଥିବା ଧନୀ ବୌଦ୍ଧ ବଣିକ ଓ ପାରିଶଦଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି।

ଆମେ ବୌଦ୍ଧଧର୍ମ କଥା କହିଲାବେଳେ ବହୁ ସମୟରେ ଅନ୍ୟ ସାଂସାରିକ ବିଷୟ ଚିନ୍ତାକରୁ। ତେବେ ଭାରତରେ ପୁରାତନ ସ୍ଥାପତ୍ୟ ଓ ପ୍ରସ୍ତର ପ୍ରତିମା ନିର୍ମାଣ ପାଇଁ ବୌଦ୍ଧଧର୍ମାବଲମ୍ବୀ ବଣିକମାନେ ଅର୍ଥ ଯୋଗାଇଥିଲେ। ଏହିସବୁ କାରିଗରି ବାଣିଜ୍ୟ ମାର୍ଗଗୁଡ଼ିକରେ ହିଁ ଦେଖିବାକୁ ମିଳେ। ଉଦାହରଣସ୍ୱରୂପ, ଗୋଦାବରୀ ଓ କୃଷ୍ଣା ନଦୀ ଅବବାହିକାର ସମୃଦ୍ଧ କୃଷିକ୍ଷେତ୍ର ସହ କୋଙ୍କଣ ଉପକୂଳରେ ଥିବା ବନ୍ଦରଗୁଡ଼ିକୁ ସଂଯୋଗ କରୁଥିବା ରାଜପଥ କଡ଼ରେ ମହାରାଷ୍ଟ୍ରର ୫୦୦ରୁ ଊର୍ଦ୍ଧ୍ୱ ଗୁମ୍ଫା ଦେଖିବାକୁ ମିଳେ। ଏହି ଗୁମ୍ଫାଗୁଡ଼ିକୁ ପଥର କାଟି କରାଯାଇଥିଲା। ଏହାସହ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ଏବଂ ମଥୁରାରୁ ଉତ୍ତର ପାକିସ୍ତାନର ସ୍ୱାତ ଉପତ୍ୟକାକୁ ସଂଯୋଗ କରୁଥିବା ଉତ୍ତରାଞ୍ଚଳ ବାଣିଜ୍ୟପଥରେ ମଧ୍ୟ ଅନ୍ୟ ସବୁ ବୌଦ୍ଧମଠ ଦେଖିବାକୁ ମିଳେ। ଏହିସବୁ ସ୍ଥାନରେ ବୌଦ୍ଧ କଳା ଏବଂ ସ୍ଥାପତ୍ୟ ଆମେ ଦେଖିବାକୁ ପାଇଥାଉ ଏବଂ ସେଗୁଡ଼ିକ ପ୍ରମୁଖ



ବାଣିଜ୍ୟପଥ ଥିଲା। ଏହା ମାଧ୍ୟମରେ ଭାରତରୁ ସୌଖୀନ ଜିନିଷଗୁଡ଼ିକ ପୃଥିବୀର ବିଭିନ୍ନ ସ୍ଥାନକୁ ଯାଉଥିଲା ଏବଂ ବିନିମୟରେ ସୁନା ଅଣାଯାଉଥିଲା। ପ୍ରକୃତରେ ତିବ୍ବତ ସୁନା ଓ ଦାକ୍ଷିଣାତ୍ୟ ଲୁଣ ଅଣାଯାଉଥିଲା। ନେପାଳରୁ ତିବ୍ବତକୁ ସଂଯୋଗ କରୁଥିବା ରାଜପଥ ଦେଇ ସୁନା ଅଣାଯାଉଥିଲା ଏବଂ ଏହା ହେଉଛି ସେହିସବୁ ପଥ, ଯାହା ବାଟଦେଇ ବୌଦ୍ଧଧର୍ମ ତିବ୍ବତରେ ପହଞ୍ଚିଥିଲା। ବ୍ୟବସାୟୀମାନେ ବୌଦ୍ଧଧର୍ମ ପ୍ରଚାରରେ ଏକ ପ୍ରମୁଖ ଭୂମିକା ନେଇଥିଲେ। ବୁଦ୍ଧ ଦକ୍ଷିଣପୂର୍ବ ଏସିଆର ଦେଶଗୁଡ଼ିକୁ ଯାତ୍ରା କରିଥିଲେ। ସେହିସବୁ ଦେଶଗୁଡ଼ିକୁ ନଦୀପଥ ଦେଇ ବୌଦ୍ଧଧର୍ମ ପ୍ରସାର ହୋଇଥିବା ଦେଖାଯାଏ। ସେଠାକୁ ମଧ୍ୟ ସମୁଦ୍ରପଥ ଦେଇ ମୌସୁମୀ ପବନ ସହାୟତାରେ ବଣିକମାନେ ବାରମ୍ବାର ଯାଉଥିଲେ। ସାମଗ୍ରୀ ସଂଗ୍ରହ ଓ ବିନିମୟ ପାଇଁ ବୌଦ୍ଧକ୍ଷେତ୍ରଗୁଡ଼ିକ ପ୍ରସିଦ୍ଧ ଥିଲା। ଦକ୍ଷିଣପୂର୍ବ ଏସିଆରୁ ସୁଗନ୍ଧିତ ଗଛ ଓ ମସଲା, ସୁନା ଓ ରୁପା ଆସୁଥିଲା ଏବଂ ଏହା ବଦଳରେ ଦକ୍ଷିଣ ଏସିଆରୁ ବୟନ ସାମଗ୍ରୀ ଓ ଘୋଡ଼ା ଦକ୍ଷିଣ ପୂର୍ବ ଏସିଆକୁ ଯାଉଥିଲା।

ବୋଧିସତ୍ତ୍ୱ କିମ୍ବା ମୋକ୍ଷପ୍ରାପ୍ତି ମାର୍ଗରେ ଥିବା ବ୍ୟବସାୟୀଙ୍କ ସମ୍ପର୍କରେ ଜାତକ କାହାଣୀ (ବୁଦ୍ଧଙ୍କ ସମ୍ପର୍କିତ କଥା) ଗୁଡ଼ିକରେ ପ୍ରାୟ ୧୦ ପ୍ରତିଶତ ବର୍ଣ୍ଣନା ରହିଛି। ସେମାନେ ନିଷ୍ପକ୍ଷତା, ବିପଦକୁ ସମ୍ମୁଖୀନ ହେବାର କ୍ଷମତା, ଦୃଢ଼ତା ଏବଂ ଦ୍ରୁତ ନିଷ୍ପତ୍ତି ନେବାର ଚିନ୍ତାକୁ ଉଦାହିତ କରିବାକୁ ଚାହାନ୍ତି, ଯାହାସବୁ ଜଣେ ସଫଳ ବଣିକର ଗୁଣ ସହ ସମାନ। ସମୁଦ୍ରପଥରେ ଯାତ୍ରା କରୁଥିବା ଦକ୍ଷିଣପୂର୍ବ ଏସିଆର ବଣିକମାନେ ବୋଧିସତ୍ତ୍ୱ ଅବଲୋକିତେଶ୍ୱରଙ୍କ ପୂଜାର ପ୍ରଚାର ପ୍ରସାର କରିଥିଲେ। ବଣିକମାନେ ସମୁଦ୍ରପଥରେ କିମ୍ବା ବହୁ ସମୟରେ ସ୍ଥଳପଥରେ ଯାତ୍ରା କରିବା ସମୟରେ ସମ୍ମୁଖୀନ ହେଉଥିବା ବିପଦ ଯଥା ବାତ୍ୟା, ହିଂସ୍ରପ୍ରାଣୀଙ୍କ ଆକ୍ରମଣ, ଭୂତ, ଜାହାଜ ଦୁର୍ଘଟଣା ଓ ଚୋରି ଭୟ ଆଦିରୁ ଅବଲୋକିତେଶ୍ୱର ରକ୍ଷା କରିବେ ବୋଲି ସେମାନେ ମନେକରୁଥିଲେ। କେନ୍ଦ୍ର ଏସିଆର ବାଣିଜ୍ୟ ପଥଗୁଡ଼ିକ ପାର୍ଶ୍ୱରେ ଠିଆ ହୋଇଥିବା ଏବଂ ବସିଥିବା ବିରାଟକାୟ ବୁଦ୍ଧଙ୍କ ମୂର୍ତ୍ତି ଖୋଦେଇ କରାଯାଇଥିଲା। ଏହା ସ୍ଥାନୀୟ ରାଜାମାନଙ୍କ ଦ୍ୱାରା ବଣିକମାନଙ୍କ ଲାଭ ପାଇଁ କରାଯାଇଥିଲା। ବିଶେଷକରି ସୁରକ୍ଷା ଭାବନା ଉଦ୍ରେକ କରିବା ସହ ବାଣିଜ୍ୟପଥର ଦିଗ ନିର୍ଣ୍ଣୟରେ ଏସବୁ ସ୍ଥାନ ସାହାଯ୍ୟ କରୁଥିଲା। ମୋଟ୍ ଉପରେ ଏସବୁ ଥିଲା ବାଣିଜ୍ୟିକ ଆଶାର ପ୍ରେରକ ତଥା ପ୍ରତୀକ।

ବୌଦ୍ଧମଠଗୁଡ଼ିକ ବ୍ୟବସାୟୀଙ୍କୁ ଆଶ୍ରୟ ଦେବାରେ ପ୍ରମୁଖ ଭୂମିକା ନେଉଥିଲା। ସେଠାରେ ସେମାନଙ୍କୁ ଚିକିତ୍ସା ସୁବିଧା ମଧ୍ୟ ଯୋଗାଇ ଦିଆଯାଉଥିଲା। ସେଠାରେ ଭାଷାର ଅନୁବାଦ, ଯୋଗାଯୋଗ ତଥା ଆର୍ଥିକ କାରବାର ଆୟ ବ୍ୟୟ ହିସାବ ଏବଂ ଋଣ ଯୋଗାଇଦେବାର ବ୍ୟବସ୍ଥା ରହିଥିଲା। କହିବାକୁ ଗଲେ ମଠଗୁଡ଼ିକ ବିତ୍ତୀୟ ଅନୁଷ୍ଠାନ ପାଲଟିଯାଇଥିଲା। ବୌଦ୍ଧ ସନ୍ନ୍ୟାସୀମାନଙ୍କ ଧନ ଏବଂ ଆକାଉଣ୍ଟ ପରିଚାଳନା ସମ୍ପର୍କିତ କାହାଣୀସବୁ ବୌଦ୍ଧ ପୁସ୍ତକଗୁଡ଼ିକରେ ବି ଭରି ରହିଛି। ବିଶେଷକରି ସନ୍ନ୍ୟାସୀମାନଙ୍କ ମୃତ୍ୟୁ ପରେ ଏସବୁ ଉଲ୍ଲେଖ କରାଯାଇଥିଲା। ବୌଦ୍ଧଧର୍ମ ଥିଲା ସମୃଦ୍ଧିର ଦର୍ଶନ ବା ସିଦ୍ଧାନ୍ତ। କେନ୍ଦ୍ର ଏସିଆରୁ ଦକ୍ଷିଣ ଏସିଆ ବାଟ ଦେଇ ଦକ୍ଷିଣ-ପୂର୍ବ ଏସିଆ ପର୍ଯ୍ୟନ୍ତ ବାଣିଜ୍ୟପଥଗୁଡ଼ିକର ବିକାଶ ଓ ବିସ୍ତାର ସହ ବୌଦ୍ଧଧର୍ମର ଗଭୀର ସମ୍ପର୍କ ରହିଥିଲା। ବୌଦ୍ଧଧର୍ମକୁ ଏଭଳି ଦୃଷ୍ଟିକୋଣ ସାମ୍ନାକୁ ଆସିବା ଦରକାର। କେବଳ ଜଣେ ସନ୍ନ୍ୟାସୀ ଭାବେ ବୁଦ୍ଧ ସବୁକିଛି ତ୍ୟାଗ କରିଦେଇଥିଲେ ବୋଲି ଉନବିଂଶ ଶତାବ୍ଦୀରେ ଯେଉଁ ଅବଧାରଣା ରହିଛି, ତାହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ବାସ୍ତବରେ ବୌଦ୍ଧ ନୀତିବାଣୀ କର୍ମ ସମ୍ପର୍କରେ କହେ, ଯାହାର ପ୍ରାରବ୍ଧ ଅର୍ଥାତ୍ ଭଲ ଓ ମନ୍ଦ କର୍ମ ଏବଂ ତାହାର ଫଳ ସହ ସମ୍ପର୍କ ରହିଛି। ଆମକୁ କୁହାଯାଇଛି ଯେ, ଜଣେ କେବଳ ଅତୀତର ଭଲ କର୍ମ ବା ସଫଳତାର ଲାଭ ଏବେ ଉପଭୋଗ କରିବା ଉଚିତ ନୁହେଁ, ବରଂ ଭବିଷ୍ୟତରେ ଏଭଳି ଭଲ ଫଳ ପାଇବା ସେଥିପାଇଁ ଏବେ ଭଲ କର୍ମ(ନିବେଶ) କରିବା ଦରକାର। ଏହି ଭଲ କର୍ମ ବା ନିବେଶ ଉଦାରତା, ମନ୍ଦିର ଓ ମଠ ଗଢ଼ିବା ତଥା ବିଭିନ୍ନ ସଂସ୍ଥାକୁ ଦାନଦେବା ସହ ଜଡ଼ିତ। ବୌଦ୍ଧ ନୀତିବାଣୀ ଅନୁଯାୟୀ, ମୋକ୍ଷପଥର ଅନୁଗାମୀ ହେବା କିମ୍ବା ଏକ ମହତ୍ତ୍ୱପୂର୍ଣ୍ଣ ଜୀବନ ଜିଇବା ସକାଶେ ଦାନର ଗୁରୁତ୍ୱ ରହିଛି। ଏ ଦୃଷ୍ଟିରୁ ବ୍ୟବସାୟୀମାନେ ଦାନକରି ଧନୀ ହୋଇଛନ୍ତି। ଏହାସହ ବ୍ୟବସାୟୀ ଓ ମଠଗୁଡ଼ିକୁ ସାହାଯ୍ୟକରି ରାଜାମାନେ କ୍ଷମତାଶାଳୀ ହେବାସହ ରାଜକାର୍ଯ୍ୟରେ ସଫଳ ହୋଇଛନ୍ତି। ବୌଦ୍ଧଧର୍ମର ପ୍ରଭାବ ଧୀରେ ଧୀରେ କ୍ଷୀଣ ହୋଇ ହିନ୍ଦୁଧର୍ମର ଉତ୍ଥାନ ହେବାରୁ ଏହିସବୁ ବିଚାରଗୁଡ଼ିକ ମନ୍ଦିର ସଂସ୍କୃତିର ଅଂଶ ପାଲଟିଗଲା। ଦେବୀ ବସୁନ୍ଧରା କିମ୍ବା ଧନ ଦେବୀ ପ୍ରଥମେ ବୌଦ୍ଧଧର୍ମର କଳାରେ ପ୍ରକାଶ ପାଇଥିଲା ଏବଂ ପରେ ହିନ୍ଦୁ ପରମ୍ପରାରେ ଦେବୀ ଲକ୍ଷ୍ମୀ ହୋଇଗଲା। ସେ ଶ୍ରୀଦେବୀ ଓ ଭୂଦେବୀ ରୂପେ ବିଷ୍ଣୁଙ୍କ ସହ ବସିଛନ୍ତି। ଶ୍ରୀଦେବୀ ଅର୍ଥ ଆଗମନକୁ ସୂଚିତ କରୁଥିବାବେଳେ ଭୂଦେବୀ ଧନସମ୍ପତ୍ତି ବୃଦ୍ଧିର ପ୍ରତିନିଧିତ୍ୱ କରିଥାନ୍ତି।

-devduttofficial@gmail.com

## ଶ୍ରବଣ କୁମାର କାହାଣୀ କେତେ ଜରୁରୀ



ଚିନ୍ମୟୀ ପଣ୍ଡା

ଆଜିକାଲି ପିଲାମାନଙ୍କ ବୌଦ୍ଧିକ ଓ ମାନସିକ ଏବଂ ଶାରୀରିକ ବିକାଶ ସହ ସାଂସ୍କୃତିକ ଓ ବ୍ୟବହାରିକ ସ୍ତରରେ ମଧ୍ୟ ବିକାଶ ହେବା ଆବଶ୍ୟକତା ପରିଲକ୍ଷିତ ହୁଏ। ଆମ ପୁରାଣମାନଙ୍କରେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ମୋ ମତରେ ସେହି ସମାଜର ଏକ ବୈଶିଷ୍ଟ୍ୟ ରହିଥିଲା। ଶ୍ରବଣ କୁମାର ନିଜର ଅନ୍ଧ ମାତାପିତାଙ୍କୁ କାନ୍ଧରେ କାଉଡ଼ିରେ ବୋହି ତୀର୍ଥଯାତ୍ରା କରାଇଥିଲେ, ଯାହା ତାଙ୍କର ଗଭୀର ଭକ୍ତି ଓ ତ୍ୟାଗର ପରିଚୟ ଦିଏ। ଏହା ତାଙ୍କର ନିଜ ସୁଖ ଓ ଆରାମକୁ ବିସର୍ଜନ ଦେଇ ପିତାମାତାଙ୍କ ଇଚ୍ଛା ପୂରଣ କରିବାର ଅନନ୍ୟ ଦୃଷ୍ଟାନ୍ତ। ତାଙ୍କର ଏହି କାର୍ଯ୍ୟ ପିତୃଭକ୍ତି ଓ ମାତୃଭକ୍ତିର ଏକ ଆଦର୍ଶ ସ୍ଥାପନ କରେ, ଯାହା ଆମ ସମାଜର ଦୁଇ ପିଢ଼ି ସହ ସାମଞ୍ଜସ୍ୟ ରଖିବାରେ ସାହାଯ୍ୟ କରେ। ଶ୍ରବଣଙ୍କ ଭକ୍ତି କେବଳ ଭାବନାରେ ସୀମିତ ନ ଥିଲା; ଏହା କର୍ମରେ ପ୍ରକାଶ ପାଇଥିଲା। ସେ ନିଜ ମାତାପିତାଙ୍କ ସେବାକୁ ନିଜର ପ୍ରଥମ କର୍ତ୍ତବ୍ୟ ଭାବେ ଗ୍ରହଣ କରିଥିଲେ। ତାଙ୍କର ଏହି ନିଷ୍ଠା ଦର୍ଶାଇଥାଏ ଯେ ଭକ୍ତି କେବଳ ଶବ୍ଦରେ ନୁହେଁ, କାର୍ଯ୍ୟରେ ମଧ୍ୟ ପ୍ରମାଣିତ ହେବା ଉଚିତ। କଅଁଳ ବୟସର ଶିଶୁ ମନରେ ଯଦି ଏହି ଉଦ୍ଦେଶ୍ୟ ଓ ସମର୍ପଣ ଭାବ ଆମେ ଉଜାଗର କରିପାରିବା ତା' ହେଲେ ସାରା ଜୀବନ ସେ ଏହା ପାଳନ କରିବେ। କେବଳ ମାତାପିତା ନୁହେଁ, ବରଂ ସେହି ବୟସର ଲୋକଙ୍କ ପ୍ରତି ସମ୍ମାନ ଓ ଦାୟିତ୍ୱବାନ୍ ହେବା ଶିଖିବେ। ମାତାପିତାଙ୍କୁ କାନ୍ଧରେ ବୋହି ଦୁରଦୁରାନ୍ତର ଯାତ୍ରା କରିବା ଅତ୍ୟନ୍ତ ଶାରୀରିକ ଓ ମାନସିକ ଶ୍ରମଦାୟକ ଥିଲା। ଶ୍ରବଣଙ୍କର ଏହି ସହନଶୀଳତା ଓ ଧୈର୍ଯ୍ୟ ତାଙ୍କ ଭକ୍ତିର ଗଭୀରତାକୁ ପ୍ରତିଫଳିତ କରେ। ତେଣୁ ଜୀବନର ପ୍ରାଥମିକ ସ୍ତରରୁ ଏହି ଶିକ୍ଷା ଅତ୍ୟନ୍ତ ଉପଯୋଗୀ।

ଶ୍ରବଣଙ୍କ ଭକ୍ତି କେବଳ ଭୌତିକ ସେବାରେ ସୀମିତ ନ ଥିଲା; ଏହା ଆଧ୍ୟାତ୍ମିକ ମୂଲ୍ୟବୋଧ ସହ ଜଡ଼ିତ ଥିଲା। ତାଙ୍କ ମାତାପିତାଙ୍କୁ ତୀର୍ଥଯାତ୍ରା କରାଇବା ଏକ ପବିତ୍ର କାର୍ଯ୍ୟ ଥିଲା, ଯାହା ଧର୍ମ ଓ ଆଧ୍ୟାତ୍ମିକତା ପ୍ରତି ତାଙ୍କର ଶ୍ରଦ୍ଧାକୁ ଦର୍ଶାଇଥାଏ। ଏହା ଶିଶୁ ଅବସ୍ଥାରୁ ଶିଖାଇଥାଏ ଆମେ କ'ଣ କରିବା ଓ ନ କରିବା କଥା। ଆଧ୍ୟାତ୍ମିକ ଆଦର୍ଶରେ ଅନୁପ୍ରାଣିତ ଶିଶୁ, ଯୁବ ଅବସ୍ଥାରେ ସାମାଜିକ ଗଠନମୂଳକ କାର୍ଯ୍ୟରେ ମନୋନିବେଶ କରନ୍ତି। ଯୁବଗୋଷ୍ଠୀଙ୍କ ଉଚ୍ଛୃଙ୍ଖଳ ହେବା, ନିଶାଦ୍ରବ୍ୟ ସେବନ କରିବା ସମାଜ ପାଇଁ ହାନିକାରକ। ଶ୍ରବଣଙ୍କ ଭକ୍ତି ସମାଜ ପାଇଁ ଏକ ଆଦର୍ଶ ସ୍ଥାପନ କରେ। ତାଙ୍କ କାହାଣୀ ଯୁବପିଢ଼ିଙ୍କୁ ପରିବାର ଓ ସମାଜ ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରାଇଥାଏ। ଏହା ସମାଜରେ ସହାନୁଭୂତି, ସେବା ଓ ସମ୍ମାନର ମନୋଭାବକୁ ପ୍ରୋତ୍ସାହିତ କରିଥାଏ, ଯାହା ସାମାଜିକ ସଂହତି ପାଇଁ ଆବଶ୍ୟକ।

ଶ୍ରବଣ ନିଜର ସୁଖ, ଆରାମ ଓ ବ୍ୟକ୍ତିଗତ ଇଚ୍ଛାକୁ ତ୍ୟାଗକରି ମାତାପିତାଙ୍କ ସେବାକୁ ଅଗ୍ରାଧିକାର ଦେଇଥିଲେ। ଏହି ତ୍ୟାଗ ତାଙ୍କ ଭକ୍ତିର ମୂଳ ଆଧାର ଥିଲା। ଏହି ତ୍ୟାଗ ପରିବାର ଓ ସମାଜ ପାଇଁ ଏକ ଅମୂଲ୍ୟ ନିଧି ସଦୃଶ, ସେଥିରେ ସନ୍ଦେହ ନାହିଁ। ସ୍ୱାର୍ଥପର ସମାଜରେ ଏହା ନିଃସ୍ୱାର୍ଥପର ହେବା ପାଇଁ ଏକ ଆହ୍ୱାନ ଦେଇଥାଏ। ଏହା ଆମକୁ ଶିଖାଇଥାଏ ଯେ ପ୍ରକୃତ ଭକ୍ତି ନିଜର ସ୍ୱାର୍ଥକୁ ପରିତ୍ୟାଗ କରି ଅନ୍ୟଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବାରେ ନିହିତ।

ଶ୍ରବଣ କୁମାରଙ୍କ ଭକ୍ତି କେବଳ ମାତାପିତାଙ୍କ ପ୍ରତି ସେବାରେ ସୀମିତ ନ ଥିଲା; ଏହା ନିଷ୍ଠା, ତ୍ୟାଗ, ଧୈର୍ଯ୍ୟ, ଆଧ୍ୟାତ୍ମିକତା ଓ ସାମାଜିକ ଦାୟିତ୍ୱର ଏକ ସମନ୍ୱିତ ରୂପ। ଏହା ଆଜିର ସମୟରେ ମଧ୍ୟ ପରିବାର ଓ ସମାଜ ପ୍ରତି କର୍ତ୍ତବ୍ୟବୋଧ ଜାଗ୍ରତ କରିବାରେ ପ୍ରେରଣା ଯୋଗାଇଥାଏ। ଶ୍ରବଣଙ୍କ ଭକ୍ତିର ବିସ୍ତାର ଏକ ନୈତିକ ଓ ଆଧ୍ୟାତ୍ମିକ ଆଦର୍ଶ ସ୍ଥାପନ କରେ, ଯାହାର ସବୁ ଯୁଗରେ ପ୍ରାସଙ୍ଗିକ ରହିଛି। ତେଣୁ ପିଲାଙ୍କୁ ଆମେ ଶ୍ରବଣ କୁମାର କାହାଣୀ ଶୁଣାଇବା ଦରକାର।

ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର
ମୋ: ୯୮୬୧୯୯୧୯୭୬

## ଏଇ ଭାରତରେ

ସକାଳ ହେଲେ ରାସ୍ତାକଡ଼ ଚା' ଦୋକାନ ଖୋଲିଯାଏ ଓ ଲୋକଙ୍କ ଭିଡ଼ ଜମେ। ଲୋକଙ୍କୁ ଚା' ଦେବା ପାଇଁ ଦୋକାନୀ ବ୍ୟସ୍ତ ହୋଇଯାନ୍ତି ଓ ତାଙ୍କ କର୍ମଚାରୀମାନେ ମଧ୍ୟ କାମରେ ଲାଗିପଡ଼ନ୍ତି। କିନ୍ତୁ ପଶ୍ଚିମବଙ୍ଗ ସାମପୁରରେ ଏଭଳି ଏକ ଚା' ଦୋକାନ ଅଛି, ଯାହା ଅନ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହି ଦୋକାନରେ ମାଲିକ ଅଶୋକ ଚକ୍ରବର୍ତ୍ତୀ ନାମକୁମାତ୍ର। ଏଠାରେ କୌଣସି କର୍ମଚାରୀ ନାହାନ୍ତି କି କାହାକୁ ବେତନ ଦିଆଯାଏ ନାହିଁ। ସ୍ଥାନୀୟ ଲୋକେ ଏହି ଦୋକାନ ଚଳାନ୍ତି। ୧୦୦ ବର୍ଷର ପୁରୁଣା ଏହି ଚା' ଦୋକାନ କେବଳ ବିଶ୍ୱାସରେ ହିଁ ଚାଲିଛି। ସକାଳେ ଅଶୋକ ଦୋକାନ ଖୋଲିବା ପରେ ସନ୍ଧ୍ୟା ୭ଟା ଯାଏ ଖୋଲାରୁହେ। ସ୍ଥାନୀୟ ଲୋକେ ପ୍ରାୟତଃ ଅଧିକାଂଶ ଅବସରପ୍ରାପ୍ତ ବ୍ୟକ୍ତି ଉକ୍ତ ଦୋକାନକୁ ଆସି ନିଜେ ଚା'କରି ପିଅନ୍ତି ଏବଂ ସେଠାକୁ ଆସୁଥିବା ଅନ୍ୟମାନଙ୍କୁ ଚା' ଦିଅନ୍ତି ଓ ଟଙ୍କା ରଖନ୍ତି। ଏପରିକି ବାସନ ମଧ୍ୟ ସଫା କରିଥାନ୍ତି। ବନ୍ଦ ହେବାପାଏ ଧାରରେ ଚାଲେ ଦୋକାନ। ଶହେବର୍ଷ ମଧ୍ୟରେ ବାକି ରହିବା କିମ୍ବା ବାକି ଦେବା ଦେଖିବାକୁ ମିଳିନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୨ ମେ ୧୯୭୬

- ସ୍ୱଳ୍ପ ଆୟକାରୀ ଓ ମଧ୍ୟମ ଆୟକାରୀ ଲୋକଙ୍କୁ ବାସଗୃହ ନିର୍ମାଣର ସୁବିଧା ପାଇଁ ରାଜ୍ୟ ସରକାର ୧୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- କେନ୍ଦ୍ର ଆଇନ ମନ୍ତ୍ରୀ ଏଚ୍. ଆର ଗୋଖଲେ ଲୋକସଭାରେ ତିନି ପ୍ରକାର ଉଦ୍ଦେଶ୍ୟ ସମ୍ବଳିତ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଛନ୍ତି।
- ଉତ୍ତରଭିଏତନାମର ଉତ୍ତର ପଶ୍ଚିମ ଅଞ୍ଚଳରେ ଘଟିଥିବା ପ୍ରବଳ ଭୂମିକମ୍ପରେ ୧୦ ହଜାରରୁ ଅଧିକ ଲୋକ ଗୃହଶୂନ୍ୟ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | 6 | | | |
| | | | 8 | | | 4 | | |
| 6 | 9 | 3 | | | | | | |
| | | 5 | | | | | | |
| | 8 | | 2 | | | | 3 | |
| 4 | | | 3 | | | | 1 | |
| | 7 | | 5 | | | 3 | 4 | 9 |
| | | | | 3 | 9 | 1 | | |
| | 5 | | 1 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 7 | 3 | 4 | 6 | 2 | 5 | 1 |
| 6 | 5 | 1 | 9 | 2 | 7 | 8 | 3 | 4 |
| 2 | 3 | 4 | 5 | 1 | 8 | 6 | 9 | 7 |
| 5 | 4 | 6 | 8 | 3 | 1 | 9 | 7 | 2 |
| 1 | 9 | 3 | 2 | 7 | 4 | 5 | 6 | 8 |
| 8 | 7 | 2 | 6 | 9 | 5 | 4 | 1 | 3 |
| 3 | 6 | 8 | 7 | 5 | 2 | 1 | 4 | 9 |
| 7 | 1 | 5 | 4 | 8 | 9 | 3 | 2 | 6 |
| 4 | 2 | 9 | 1 | 6 | 3 | 7 | 8 | 5 |

ଗତକାଲିର ଉତ୍ତର


# ଏସୀୟ ଏକତାର ବେଳ ଆସିଛି



ହରେକୃଷ୍ଣ ପଣ୍ଡା

ପହଲଗାମ୍ ଆତଙ୍କବାଦ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ପ୍ରାଣହାନି ପରେ ଭାରତ ଆରମ୍ଭ କରିଥିବା ଅପରେଶନ ସିନ୍ଦୂର ଏସୀୟ ରାଜନୀତିକୁ ସ୍ପଷ୍ଟ କରିଦେଇଛି। ଭାରତ ତା'ର ସାମରିକ ଶକ୍ତି ପ୍ରଦର୍ଶନ କରି ପ୍ରାଚ୍ୟ, ପାଶ୍ଚାତ୍ୟ, ତଥା ଏସୀୟ ରାଷ୍ଟ୍ରଗୁଡ଼ିକୁ ବିସ୍ମିତ କରିଦେଇଛି। ଭାରତର ବାୟୁସେନାଙ୍କ ପରାକ୍ରମକୁ ଆମେରିକା, ଚାଇନା ସ୍ୱୀକାର କରିଛନ୍ତି। ତେବେ ଶତ୍ରୁରାଷ୍ଟ୍ର ପାକିସ୍ତାନକୁ ଚାଇନା ସିଧାସଳଖ ସମର୍ଥନ ଓ ସାମରିକ ସହଯୋଗ କରି ନିଜର ଅସଲ ଚେହେରା ଦେଖାଇଛି। କଥାରେ ଅଛି '' ସର୍ପ କୁଳେ କଲୁ ଜାତ, ସ୍ୱଭାବ ଛାଡ଼ିବ କେମନ୍ତ''? ତେଣୁ ବିଚାର କରାଯାଇପାରେ, ଆମେରିକା ହେଉ କିମ୍ବା ଚାଇନା ବା ପାକିସ୍ତାନ ହେଉ ତାଙ୍କୁ ବିଶ୍ୱାସ କରାଯିବା ଭୁଲ୍। ଭାରତୀୟ ଅର୍ଥନୀତିକୁ ଦୁର୍ବଳ କରିବା ଲାଗି ଚାଇନାର ଷଡ଼ଯନ୍ତ୍ର ସବୁଦିନେ ଲାଗି ରହିଛି। ଭାରତ ସହିତ ଚାଇନାର ବନ୍ଧୁତ୍ୱର ହାତ ବଢ଼ାଇବା କେବଳ ମାତ୍ର ଛଳନା। ସେହିପରି ପାକିସ୍ତାନକୁ ସମର୍ଥନ ଦେଇ ଆମେରିକା ଚାହିଁଛି ଭାରତକୁ ତା'ର ଗୋଡ଼ାଣିଆ କରିବାକୁ।

ତେବେ ଯଦି ବିଚାର କରିବା ଭାରତରେ ପାକ୍ ଆତଙ୍କୀ ଆକ୍ରମଣ, ପ୍ରାଚ୍ୟର ଯୁଦ୍ଧ ବିଭୀଷିକା ତଥା ଯାବତୀୟ ବିଶ୍ୱ ଅଶାନ୍ତି ମୂଳରେ ଆମେରିକା, ଚାଇନାର ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତା ଓ ରୁଷିଆର ସାମରିକ ଅସ୍ତ୍ରଶସ୍ତ୍ରର ଅପ୍ରସାରଣ ପାଇଁ ଏମାନଙ୍କର ପ୍ରଚେଷ୍ଟା ଦାୟୀ। ଏ ତିନି ରାଷ୍ଟ୍ର ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ। ଆମେରିକା ଓ ରୁଷିଆ ବିଶ୍ୱ ଅଭିମୁଖୀ ହୋଇଥିବାବେଳେ ଚାଇନା ଏସୀୟ ଅଭିମୁଖୀ। ଏହି ଦୁଇଟି ବଳୟରେ ଭାରତର ଅବସ୍ଥିତି ଥିବାରୁ ଭାରତ ସମ୍ପ୍ରତି ସବୁରି କେନ୍ଦ୍ରବିନ୍ଦୁ ପାଲଟିଛି। ଏହାର ମଧ୍ୟ କାରଣମାନ ଅଛି। ସବୁରି ମୂଳରେ ବାଣିଜ୍ୟ ଓ ସାମରିକ ଅସ୍ତ୍ରଶସ୍ତ୍ର କାରବାର। ଆମେ ଯାହା ଭାବୁଛେ ଧର୍ମକୁ ନେଇ ଯୁଦ୍ଧ ହେଉଛି ତାହା ଠିକ୍ ନୁହେଁ। ଭାରତ ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର ନିଜ ଦେଶରେ ନିର୍ମାଣ କରିବାର କୌଶଳ ଅବଲମ୍ବନ କଲାଣି ଓ ଆର୍ଥିକ ପରନିର୍ଭରଶୀଳତା କ୍ଷେତ୍ରରେ ସ୍ୱାବଲମ୍ବୀ ହେଲାଣି ସେହେତୁ ଆମେରିକା ଭାରତ ପାଇଁ ଏକ ନୂତନ ନୀତି ପ୍ରଣୟନ କରିବାକୁ ଲାଗିଛି। କେବେବେଳେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସାକରି ଆପଣେଇ ନେଉଛି ତ କେବେବେଳେ ନାଲିଆଖି ଦେଖାଇ ଶତ୍ରୁରାଷ୍ଟ୍ରକୁ ସମର୍ଥନ କରି ଚାଇନାକୁ ଓ ପାକିସ୍ତାନକୁ ଆପଣେଇ ନେଉଛି। ତା'ର ପୁରୁଣାକାଳିଆ ଚତୁରତାକୁ ଭାରତ ହୃଦୟଙ୍ଗମ କରିସାରିଛି। କଥାରେ ଅଛି ''ଲୁଚିଛି ନା ଗୋଡ଼ ଦିଶା ଦିଶୁଛି। ଆମେରିକା ଯେଉଁ ଚାଲ୍ କରୁଛି ତାହା ଭାରତକୁ ଅଛପା ରହୁନାହିଁ। ଚାଇନା ମଧ୍ୟ ତଦ୍ରୂପ ନୀତି ଆପଣେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଶୁଳ୍କ ଯୁଦ୍ଧ ମଧ୍ୟରେ ଚାଇନା ବିବ୍ରତ ହୋଇ ଭାରତକୁ ଏକ ପ୍ରମୁଖ ଅଂଶୀଦାର ଭାବରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛି। ଏସୀୟ ମହାଶକ୍ତି ହାତ ମିଳାଇବାକୁ ସେ ଦେଇଥିବା ଡାକରା କେବଳ ଛଳନା ବୋଲି କୁହାଯାଇପାରେ। ଚାଇନାର ବୈଦେଶିକ ମନ୍ତ୍ରୀ ଭାରତକୁ ପ୍ରଲୁବ୍ଧ କରିବାକୁ ଯାଇ କହିଛନ୍ତି ଯେ ପୂର୍ବ ଲଦାଖରେ ଦୀର୍ଘ ୪ ବର୍ଷ ଧରି ଚାଲିଥିବା ସାମରିକ ବିବାଦର ସମାଧାନ ଦିଗରେ ସଫଳତା ହାସଲ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ମଧ୍ୟରେ ହୋଇଥିବା ବୈଠକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଚାଇନାର ଏଭଳି ମନ୍ତବ୍ୟ ଏହି ସମୟରେ ଆସିଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ସମସ୍ତ ଚାଇନା ଆମଦାନୀ ଉପରେ ଶୁଳ୍କ ବୃଦ୍ଧି



କରିଛି। ଅବଶ୍ୟ ଚାଇନା ଏବେ ଯାହା କହୁଛି ତାହା ଭାରତ ୪ ବର୍ଷ ପୂର୍ବରୁ କହିସାରିଛି। ଆମେରିକା ସହ ବାଣିଜ୍ୟ ଯୁଦ୍ଧ କରିବାର ସାମର୍ଥ୍ୟ ଜୁଟାଇବା ଲକ୍ଷ୍ୟରେ ଚାଇନା ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂଆ ମୋଡ଼ ଦେବାକୁ ଯାଇ ଦୁଇ ଦେଶ ମଧ୍ୟରେ ଥିବା ବିବାଦକୁ କୂଟନୀତି ମାଧ୍ୟମରେ ସମାଧାନ କରାଇବାର ସ୍ୱପ୍ନ ଦେଖାଇଛି। ଗ୍ଲୋବାଲ୍ ସାଉଥ୍‌ର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଭାରତ ପକ୍ଷରୁ ବହୁ ଉଦ୍ୟମ ହୋଇଛି କିନ୍ତୁ ଏସବୁକୁ ଉପସ୍ଥାପନ କରିବାରେ ଚାଇନା ପଛାଇ ନାହିଁ। ଚାଇନା ଯାହା କହୁଛି ତାହା ହିଁ ବିକଳ୍ପ ପନ୍ଥା। ଏଥିରେ କେହି ଭ୍ରମିତ ହେବେ ନାହିଁ। କିନ୍ତୁ ଚାଇନା କେବେହେଲେ ଏହି ବିକଳ୍ପ ରାସ୍ତାକୁ ଗ୍ରହଣ କରିବ ନାହିଁ। ସମୟ ଓ ବିବର୍ତ୍ତନଧାରା ସବୁକୁ ପରିବର୍ତ୍ତନ କରିଛି ସତ, ଏଥିରେ ଚାଇନା ହେଉ କିମ୍ବା ଆମେରିକା କେହି ବାଦ୍ ପଡ଼ିବେ ନାହିଁ। କିନ୍ତୁ ଏକମାତ୍ର ଦେଶ ଭାରତ ତା'ର ବୈଦେଶିକ ନୀତିରେ ଏଯାବତ ଅନମନୀୟ ହୋଇରହିଛି। କେତେକ ନୂତନ ପନ୍ଥା ଆପଣେଇବାକୁ ଭାରତ ବାଧ୍ୟ ହୋଇଛି।

ଏବେ ଭାରତ ନିଜ ଦେଶର ବଜାରକୁ ଏପରି ଉନ୍ମୁକ୍ତ ରଖିଛି ଯେ ଯେଉଁ ଦେଶ ଭାରତକୁ ଅଣଦେଖା କରିବ ସେହି ରାଷ୍ଟ୍ର ବାଣିଜ୍ୟ କ୍ଷେତ୍ରରେ ପଛେଇଯିବ। ଭାରତ ପାଇଁ ଯିଏ ଅନ୍ୟାୟନୀତି ଆପଣେଇବେ ସେହି ନୀତି ସେହି ରାଷ୍ଟ୍ର ପାଇଁ କାଳ ହେବ। ଅନ୍ତର୍ଜାତୀୟ ବଜାର ଓ ବାଣିଜ୍ୟ ନିମନ୍ତେ ଭାରତ ପାଇଁ ଅନେକ ନୂଆ ରାସ୍ତା ଖୋଲିଗଲାଣି। ଚାଇନା ବିଦେଶୀ ନିବେଶକଙ୍କ ଭରସା ହରାଇ ଚାଲିଥିବା ବେଳେ ଭାରତକୁ ବିଦେଶୀ ନିବେଶକ ଆଗେଇ ଆସିଲେଣି। ଭାରତ ଓ ପାକିସ୍ତାନ ମଧ୍ୟରେ ଯେଉଁ ଆକ୍ରମଣାତ୍ମକ ଖେଳ ଆମେରିକା କିମ୍ବା ଚାଇନା ଲଗାଇ ଦେଇଛନ୍ତି ତାହାର ପରିଣାମ କ'ଣ ତାହା ସେମାନେ ଚିନ୍ତା କରି ନ ଥିଲେ। ସେମାନେ କେବଳ ନିଜ ପ୍ରଭାବ ଭାରତ ଭାବି ଏ ଷଡ଼ଯନ୍ତ୍ର କରିଥିଲେ। ପରିଣାମତଃ ବିଦେଶୀ ନିବେଶକମାନେ ଭାରତର ଷ୍ଟକ୍ ବଜାର ପ୍ରତି ନିଜର ଭରସା ଆହୁରି ବୃଦ୍ଧି କଲେ। ସେମାନେ ଗୋଟିଏ ମାସରେ ୧୪.୧୬୭ କୋଟି ଟଙ୍କାର ଭାରତୀୟ ଶେୟାର କିଣିଛନ୍ତି। ଭାରତରେ ଅସ୍ଥିରତା ସୃଷ୍ଟି କରି ଅର୍ଥନୀତିର ଗତିକୁ ଦୁର୍ବଳ କରିବା ଲାଗି ପାକିସ୍ତାନ ଯୁଦ୍ଧକୁ ସହଯୋଗର ହାତ ବଢ଼ାଇଥିଲା। ଏଥିରେ ଚାଇନା ସଫଳ ହୋଇପାରିଲା ନାହିଁ। ଆମେରିକା ଏହି କ୍ଷେତ୍ରରେ ମଧ୍ୟ ସମାନ ଢାଞ୍ଚା ତିଆରି କରିଥିଲା। କିନ୍ତୁ ଅତି ସହଜରେ ରୁଷିଆ ତା'ର ଯୋଜନା ଫଶର ହାସଲ କଲା। ରୁଷିଆର ଯୁଦ୍ଧ ସାମଗ୍ରୀକୁ ନେଇ ଭାରତର ପରାକ୍ରମ ଦୁଇ ଦେଶକୁ ଡରେ ପକାଇ ଦେଲା। ଏବେ ଭାରତ ବିପକ୍ଷରେ ପାକିସ୍ତାନକୁ ସହଯୋଗ କରିଥିବା ତୁର୍କୀ, ଇରାନ ଭଳି ଦେଶ ଉପରେ ଭାରତ ପ୍ରତିଶୋଧ ନେବା ଲକ୍ଷ୍ୟରେ ବାଛନ୍ଦ ବହିଷ୍କାର ଆରମ୍ଭ କରି ଦେଲାଣି। କେତେକ ରାଷ୍ଟ୍ର ଏବେ ସମଗ୍ର ବିଶ୍ୱ ରାଜନୀତିରେ ଆତଙ୍କବାଦକୁ ସ୍ଥାନ ଦେବା ପାଇଁ ଯେପରି ଉଦ୍ୟମ କରିଥିଲା ତାହା ମାନବ ସମାଜ ପାଇଁ ହାନିକାରକ ସାବ୍ୟସ୍ତ। ଏସିଆର ଦେଶଗୁଡ଼ିକ ଚିନ୍ତା କରିବା ଆବଶ୍ୟକ ଯେ ଆମେରିକା ଓ ଚାଇନା ମଧ୍ୟରେ ବୃଦ୍ଧି ପାଉଥିବା ବାଣିଜ୍ୟ ଏବଂ ପ୍ରଯୁକ୍ତିଗତ ପ୍ରତିଦ୍ୱନ୍ଦ୍ୱିତା ଏସୀୟ ରାଷ୍ଟ୍ରଗୁଡ଼ିକୁ ପ୍ରଭାବିତ କରିଚାଲିଛି। ବିଶ୍ୱ ବାଣିଜ୍ୟ ଓ ନିବେଶ କ୍ଷେତ୍ରରେ ଭୟଙ୍କର ବାଧା ସୃଷ୍ଟି ହେଉଛି। ଏହି ସମୟରେ ଏସୀୟ ରାଷ୍ଟ୍ରଗୁଡ଼ିକ ଭବିଷ୍ୟତକୁ ଦୃଷ୍ଟିରେ ରଖି ବୃହତ୍ ଶକ୍ତିଶାଳୀ ରାଷ୍ଟ୍ରଙ୍କ ଅପ୍ରତ୍ୟାଶିତ ଓ ଅନାବଶ୍ୟକ ବିଚାରକୁ ଏଡ଼ାଇ ଚାଲନ୍ତୁ। ବାଣିଜ୍ୟ ବାଦ୍ ଯାହା ୨୦୦୮ରେ ଯେଉଁ ସଙ୍କଟ ସୃଷ୍ଟି କରିଥିଲା, ତା'ପରେ ଆରମ୍ଭ ହୋଇଥିବା ସହଯୋଗ ଭିତ୍ତିକ ଆଧାରକୁ ଏସିଆ ତା'ର ବିକାଶ ପାଇଁ ବ୍ୟବହାର କରିବା ସମୟ ଉପନୀତ।

ସୟଦପୁର, ଯାଜପୁର,
ମୋ: ୯୪୩୭୩୧୫୬୨୩

## ଚିରନ୍ତନୀ

ଲୋଡୁନାହିଁ ଲଭିବାକୁ ତବ ଅନୁଗ୍ରହେ
ଧନ ମାନ ଯଶ ଖ୍ୟାତି ଅଭୟ ହୃଦୟେ,
ମୃତ୍ୟୁ ପରେ ମୁକ୍ତି ନାହିଁ ମାଗେଁ
ବଇକୁଣ୍ଠ ନାହିଁ ଭଲ ଲାଗେ,
ଏ ମରତ୍ୟ ଭୁବନ ମୋ ସ୍ନେହ-ସଦନ,
ଏ ଧରଣୀ ସୁଖମଣି।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲୁହାତାର ଜାଲିକୁ ଖୋଲି ପୁନଃ ବ୍ୟବହାର କରାଯାଉ

ମହାଶୟ,

ଭୁବନେଶ୍ୱରରେ ପ୍ରତିବର୍ଷ ଚାରାରୋପଣ କରାଯାଉଛି। କିନ୍ତୁ ବଡ଼ ପରିମାଣର ବିଷୟ ଏହି ଯେ, ଗଛ ବଡ଼ ହୋଇଗଲା ପରେ ଲୁହାଫ୍ରେମ୍ ଓ ପ୍ଲାଷ୍ଟିକ୍ ଜାଲି ଖୋଲାଯାଉନାହିଁ। ପ୍ରାୟ ପାଞ୍ଚବର୍ଷ ପରେ ସେହି ଜାଲିକୁ ଖୋଲି ପୁନଃ ବିନିଯୋଗ କଲେ ୧୦୦% ଗଛ ଅକ୍ଷୟରରେ ହୋଇପାରନ୍ତା। ବନ ବିଭାଗ ଏବଂ ବିଏମ୍‌ସି ଉଭୟ ଗଛ ପ୍ରତି ଉଦାସୀନ ରହୁଛନ୍ତି। ମଣିଷ ଭଳି ଗଛର ମଧ୍ୟ ଜୀବନ ଅଛି। ଏ ନେଇ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ ଫଳ ଶୂନ୍ୟ। ଗଛରୁ ଲୁହା ଜାଲି ମୁକ୍ତ କରାଗଲେ ସମସ୍ତଙ୍କର ମଙ୍ଗଳ ହେବ ଏବଂ ଅସଂଖ୍ୟ ଗଛ ସୁସ୍ଥ ହୋଇପାରିବ।

-ଅନିଲ କୁମାର ମହାନ୍ତି, ତେଲୁଙ୍ଗାପଡ଼ା, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ରାଜ୍ୟସ୍ତରୀୟ ବାସ୍କେଟବଲ ସବ ଜୁନିୟର ଚମ୍ପିୟନଶିପ୍ ଚୟନ ଶିବିର

ବ୍ରହ୍ମପୁର,୨୧ା୫(ସୁବାସ ଚନ୍ଦ୍ର ପାଢ଼ୀ) ଭୁବନେଶ୍ୱର ୟୁନିଟ -୧ ସ୍ଥିତ ଖେଳପଡ଼ିଆରେ ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ ସବଜୁନିଅର ଚମ୍ପିୟନସିପ । ଏଥିରେ ଉଭୟ ବାଳିକା ଓ ବାଳକ ବର୍ଗର ପ୍ରତିଯୋଗୀ ଭାଗ ନେବେ। ଏ ନେଇ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଙ୍ଘ ଗଞ୍ଜାମ ଜିଲ୍ଲାର ଦଳ ଚୟନ ପାଇଁ ସୂଚନା ଦେଇଛନ୍ତି। ଚଳିତ ମାସ ୨୫ ଓ ୨୬ ତାରିଖ ସନ୍ଧ୍ୟା ୪ଟାରେ ବ୍ରହ୍ମପୁର ଏସ.ପି କାର୍ଯ୍ୟାଳୟ ପରିସରରେ ଥିବା କୋର୍ଟ୍ ଏରେନାରେ ଉଭୟ ବାଳିକା ଓ ବାଳକ ବର୍ଗର ଖେଳାଳି ଚୟନ କରାଯିବ। ଇଚ୍ଛୁକ ଖେଳାଳିମାନେ ନିଜ ପ୍ରକୃତ ଜନ୍ମପ୍ରମାଣ ପତ୍ର ସାଥିରେ ଆଣିବା ପାଇଁ ପଡ଼ିବ। ଖେଳାଳି ମାନେ ୧-୧-୨୦୧୨ ବା ପରେ ଜନ୍ମ ହୋଇଥିବା ଆବଶ୍ୟକ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ବିଷ ପ୍ରକ୍ରିୟାରେ ଯୁବକଙ୍କ ମୃତ୍ୟୁ

ଦିଗପହଣ୍ଡି,୨୧ା୫(ଅଶେଷ ନାଥ ମିଶ୍ର) ସାନଖେମୁଣ୍ଡି ବ୍ଲକ୍ ଛଣଗୋରୀ ଗ୍ରାମର ରବିନ୍ଦ୍ର ରାଉଳ(୨୨) ଙ୍କ ବିଷ ପ୍ରକ୍ରିୟାରେ ମୃତ୍ୟୁ ଘଟିଛି। ବୁଧବାର ସକାଳେ ଏନେଇ ଶେରଗଡ଼ ଥାନା କଡ଼ାଙ୍କାଶ ଗ୍ରାମର ରବିନ୍ଦ୍ରଙ୍କ ଭିଣୋଇ ବାବୁ ନାୟକ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ପୋଲିସ ଅପମୃତ୍ୟୁ ମାମଲା ନଂ.୨୧/୨୫ ରୁଜୁ କରିଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମଙ୍ଗଳବାର ରାତି ପ୍ରାୟ ୮ଟାରେ ରବିନ୍ଦ୍ର ଖାଇପିଇ ଶୋଇଥିଲେ। ବାନ୍ତି ହେବାରୁ ତାଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା।

## ସଂଘବଦ୍ଧ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

ଗୋପାଳପୁର,୨୧ା୫(ନବୀନ ରାଜ ଆଚାରୀ) ଗୋଳନ୍ଥରା ଥାନା ଅଞ୍ଚଳ ବାଘଲଟି ଗ୍ରାମରେ ଗତ ମାର୍ଚ୍ଚରେ ସଂଘବଦ୍ଧ ଆକ୍ରମଣ ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ବାଘଲଟି ଗାଁର ଶମ୍ଭୁ ଗୌଡ। ଏହାକୁ ମିଶାଇ ଗିରଫ ସଂଖ୍ୟା ୮ରେ ପହଞ୍ଚିଛି। ଘଟଣା ପରଠାରୁ ସମସ୍ତ ଅଭିଯୁକ୍ତ ଫେରାର ହୋଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ବୁଧବାର ସକାଳେ ଖବର ପାଇ ରଣ୍ଡା ଛକରୁ ଶମ୍ଭୁଙ୍କୁ କାବୁ କରିଥିଲା। ତାଙ୍କର ଏକ ବାଇକ୍ ଜବତ ହୋଇଥିବା ତଦନ୍ତ ଅଧିକାରୀ ଏସ୍ଆଇ ସିଲୁ ଧଳ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ମନ୍ଦିର ପରିଚାଳନାକୁ ନେଇ ବାଘଲଟି ଗାଁର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଥିଲା। ମାର୍ଚ୍ଚ ୨୭ରେ କିଛି ଯୁବକ ଗାଁ ନିକଟରେ ଥିବା ଏକ କୁକୁଡ଼ା ଫାର୍ମରେ ଶୋଇଥିବା ବେଳେ ପୂର୍ବ ପ୍ରସ୍ତୁତି ହୋଇ ଗୋଟିଏ ଗୋଷ୍ଠୀର ୧୦/୧୫ ଜଣ ଯୁବକ ଠେଙ୍ଗା ଓ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ଅତର୍କିତ ଭାବେ ଶୋଇଥିବା ୪ ଯୁବକଙ୍କୁ ଅତର୍କିତ ଆକ୍ରମଣ କରିଥିଲେ।

# ଠିକାଦାରଙ୍କ ବିଲ୍ ପ୍ରଦାନ ପାଇଁ ମେୟରଙ୍କ ନିର୍ଦ୍ଦେଶ

ବ୍ରହ୍ମପୁର,୨୧ା୫(ସ୍ମୃତି ରଞ୍ଜନ ମହାଳିକ) ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ରେ ଠିକାଦାରଙ୍କ ବିଲ୍ ପ୍ରଦାନ ଓ ପାସ କରିବାକୁ ନେଇ ଠିକାଦାରମାନେ ଦୀର୍ଘ ଦିନ ଧରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ସହରର ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ଉପୁଜୁଛି। ନିଗମର ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ କାରଣରୁ ଏଭଳି ସମସ୍ୟା ହେଉଥିବା ଠିକାଦାରମାନେ ବିଇଏମସି ମେୟର ଓ କମିଶନରଙ୍କୁ ବହୁବାର ଦୃଷ୍ଟି ଆକର୍ଷଣ କରୁଛନ୍ତି। କିନ୍ତୁ କୌଣସି ଫଳପ୍ରଦ ହେଉ ନ ଥିବା ଠିକାଦାରମାନେ ଅଭିଯୋଗ କରିଆସୁଛନ୍ତି। ଯାହାକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ଠିକାଦାର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ମିଥିଲେଶ ରଥଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଯନ୍ତ୍ରୀ ପିସି ଖାଉଥିବା ଅଭିଯୋଗ କରି ଯନ୍ତ୍ରୀଙ୍କ ଟେବୁଲ ଉପରେ ଟଙ୍କା ରଖି କାମର ବିଲ ପ୍ରଦାନ ପାଇଁ ଠିକାଦାରମାନେ କହିଥିଲେ। ଯାହାକୁ ନେଇ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହୋଇଥିଲା। ଫଳରେ ବୁଧବାର ବିଇଏମସି ମେୟର ସଂଘମିତ୍ରା ଦଳେଇ ଜରୁରୀକାଳୀନ ବୈଠକ ଡାକିଥିଲେ। ଯେଉଁଥିରେ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ତୁଙ୍ଗ, ସହକାରୀ ନିର୍ବାହୀ ଯନ୍ତ୍ରୀ ମିଥିଲେଶ ରଥ ଓ ୨୦ ଠିକାଦାରଙ୍କ ସମେତ ଅନ୍ୟ ଯନ୍ତ୍ରୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ମେୟର ଓ ଅନ୍ୟମାନେ।

### ଛୁଟିରେ ଗଲେ ସହକାରୀ ନିର୍ବାହୀ ଯନ୍ତ୍ରୀ, ସିଟି ଇଞ୍ଜିନିୟରଙ୍କୁ ଦାୟିତ୍ୱ ବିଲ ପ୍ରଦାନରେ ବିଳମ୍ବ ହେଲେ ଆନ୍ଦୋଳନ ଚେତାବନୀ

ସହକାରୀ ଯନ୍ତ୍ରୀ ଗତ ୨ ବର୍ଷ ଧରି ୫ ସ୍କୁଲ, ୫ କଲେଜ ଓ ପୋଖରୀ କାର୍ଯ୍ୟରେ ହୋଇଥିବା କାମର ବିଲ ପ୍ରଦାନରେ ବିଳମ୍ବ କରୁଥିବା ନେଇ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବାରମ୍ବାର ଯନ୍ତ୍ରୀଙ୍କୁ ଅବଗତ କରାଇଲେ ଯନ୍ତ୍ରୀ ପିସି ମାଗୁଥିବା ଠିକାଦାରମାନେ ଅଭିଯୋଗ କରିଥିଲେ। ଦୀର୍ଘ ଦିନ ଧରି ଯନ୍ତ୍ରୀ ବିଲ ନ ଦେବା କାରଣରୁ କାର୍ଯ୍ୟରେ ବାଧା ଉପୁଜୁଥିବା କହିଥିଲେ। ଅନ୍ୟପଟେ କମିଶନର ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଠିକାଦାରମାନେ ଅଭିଯୋଗ କରିଥିଲେ। ଏ ନେଇ ମେୟର ବିଲ ପ୍ରଦାନର ସମସ୍ୟା ତୁରନ୍ତ ସମାଧାନ ହେବ ବୋଲି କହିଥିଲେ। ଏଥିସହ ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ରଙ୍କୁ ସମସ୍ୟାର ସମାଧାନ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅପରାହ୍ନ ୩ଟା ସୁଦ୍ଧା ବକେୟା ବିଲ ଗୁଡ଼ିକ ଦେବା ପାଇଁ ମେୟର ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସିଟି ଇଞ୍ଜିନିୟରଙ୍କ ପ୍ରକୋଷ୍ଠରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମଧ୍ୟରେ ଦୀର୍ଘ ଘଣ୍ଟା ଧରି ଆଲୋଚନା ହୋଇଥିଲା। କିନ୍ତୁ ଅପରାହ୍ନ ସୁଦ୍ଧା କୌଣସି ସମାଧାନ ହୋଇପାରି ନ ଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ୨ ଦିନ ଛୁଟିରୁ ଆସିବା ପରେ ବକେୟା ବିଲ ପ୍ରଦାନ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଟି ଇଞ୍ଜିନିୟର ପ୍ରତିଶ୍ରୁତି ଦେଇଥିବା ଠିକାଦାରମାନେ କହିଛନ୍ତି। ଯନ୍ତ୍ରୀ ଛୁଟିରୁ ଆସିବା ପରେ ଯଦି କୌଣସି କାମର ବିଲ ପ୍ରଦାନରେ ବିଳମ୍ବ ହୁଏ ତେବେ ଠିକାଦାରମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ବିଇଏମସି ପକ୍ଷରୁ ୫୦୦ ନୂତନ ଟେଣ୍ଡର ବାହାରିଥିବା ବେଳେ ଆଜି ଯାଏଁ କେବଳ ୫୦% କାମର ୱାର୍କ ଅର୍ଡର ଦିଆଯାଇଥିବା ଅଭିଯୋଗ ହୋଇଛି। ଅନ୍ୟ କାମର ଏଯାବତ ୱାର୍କ ଅର୍ଡର ଦିଆଯାଇ ନ ଥିବା ଠିକାଦାରମାନେ କହିଛନ୍ତି। ଏଭଳି ଭାବେ ବିଇଏମସିର ଯନ୍ତ୍ରୀଙ୍କ ମନମୁଖୀ ଓ ଅବହେଳା କାରଣରୁ କୌଣସି କାର୍ଯ୍ୟ ଠିକ ସମୟରେ ଆରମ୍ଭ ହେଉନି କି ଠିକ ସମୟରେ ସରୁନି ବୋଲି ଠିକାଦାରମାନେ ଅଭିଯୋଗ କରିଛନ୍ତି।

## ଚଞ୍ଚକତା କରି ୩୦ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୧ା୫(ସୁବାସ ଚନ୍ଦ୍ର ପାଢ଼ୀ) ଜମି ବିକ୍ରି କରିବା ଆଳରେ ଚଞ୍ଚକତା କରି ମହେନ୍ଦ୍ର ପଣ୍ଡା ନାମକ ଜଣେ ଲୋକଙ୍କ ଠାରୁ ୩୦ ଲକ୍ଷ ଟଙ୍କା ଠକେଇ ହୋଇଥିଲା। ବଡ଼ ବଜାର ଥାନା ପୋଲିସ ଉକ୍ତ ଠକେଇ ମାଷ୍ଟରମାଇଣ୍ଡ ତଥା ଜମି ମାଲିକଙ୍କୁ ଗିରଫ କରିଛି। ସେ ହେଲେ ଜଗଦଳପୁର ଗ୍ରାମର କେ ତ୍ରିନାଥ ପାତ୍ର ଓରଫ ବାବୁଲା (୪୬) । ନୂଆ ବସଷ୍ଟାଣ୍ଡ ନିକଟ ସୂର୍ଯ୍ୟନଗରର ବାସିନ୍ଦା ମହେନ୍ଦ୍ର ଏକ ଜମି କ୍ରୟ ପାଇଁ ଜଗଦଲପୁର ବଡସାହିର ତ୍ରିନାଥଙ୍କ ସହ ସାକ୍ଷାତ କରିଥିଲେ। ତ୍ରିନାଥଙ୍କ ନାମରେ ଥିବା ଏକ ଜମି କିଣାବିକା ପାଇଁ ୨୦୨୨ ନଭେମ୍ବର ୨୫ ତାରିଖରେ ଉଭୟଙ୍କ ମଧ୍ୟରେ ଚୁକ୍ତିନାମା ହୋଇଥିଲା। ୪ ମଧ୍ୟସ୍ଥିତଙ୍କ ଉପସ୍ଥିତିରେ ଏହି କାରବାର ହୋଇଥିଲା । ତ୍ରିନାଥଙ୍କ ନାମରେ ଥିବା ଜମିଟି ବିକ୍ରି ପାଇଁ ମହେନ୍ଦ୍ରଙ୍କ ଠାରୁ ସେ ଅଗ୍ରୀମ ବାବଦକୁ ତିନୋଟି ପର୍ଯ୍ୟାୟରେ ମୋଟ ୩୦ ଲକ୍ଷ ଟଙ୍କା ନେଇଥିଲେ। ଏପରିକି ଅଗ୍ରୀମ ଟଙ୍କା ଦେବା ପରେ ସେହି ଜମି ଉପରେ ମହେନ୍ଦ୍ର ନିର୍ମାଣ କାର୍ଯ୍ୟ କରିବା ଲକ୍ଷ୍ୟରେ ମାଟି ପକାଇଥିଲେ । ସେଥିପାଇଁ ୫ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଗତ କିଛି ମାସ ପୂର୍ବେ ସେହି ଜମିଟିକୁ ଅନ୍ୟ ଜଣେ ଲୋକଙ୍କୁ ବିକ୍ରି କରିବାକୁ ଜମି ମାଲିକ ଯୋଜନା କରୁଥିବା ମହେନ୍ଦ୍ର ଶୁଣିବାକୁ ପାଇଥିଲେ । ୨୦୨୩ ଡିସେମ୍ବର ମାସରେ ଫାଷ୍ଟଗେଟ ଛକ ଠାରେ ତ୍ରିନାଥଙ୍କ ସହ ମହେନ୍ଦ୍ରଙ୍କ ଦେଖା ହେବାରୁ ସେ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ତ୍ରିନାଥ ତାଙ୍କୁ ଧମକ ଦେବା ସହ ଟଙ୍କା ଫେରସ୍ତ କରିବେ ନାହିଁ ବୋଲି କହିଥିଲେ । ଏପଟେ ଜମିଟି ମହେନ୍ଦ୍ରଙ୍କ ନାଁରେ ପଞ୍ଜିକରଣ ହୋଇନଥିବା ବେଳେ ସେ ୩୦ ଲକ୍ଷ ଟଙ୍କା ଅଗ୍ରୀମ ବାବଦକୁ ଦେଇସାରିଛନ୍ତି । ଉକ୍ତ ୩୦ ଲକ୍ଷ ଟଙ୍କା ତ୍ରିନାଥଙ୍କୁ ଦେବା ବେଳେ ସେତେବେଳେ ଏକାଧିକ ମଧ୍ୟସ୍ଥି ରହିଥିଲେ। ବର୍ତ୍ତମାନ ଉକ୍ତ ମଧ୍ୟସ୍ଥିମାନେ ମଧ ତାଙ୍କୁ ଧରାଛୁଆଁ ଦେଉନାହାନ୍ତି । ଫଳରେ ଏହି ଠକେଇ ପଛରେ ମଧ୍ୟସ୍ଥିଙ୍କ ମଧ୍ୟ ହାତ ଥାଇପାରେ ବୋଲି ମହେନ୍ଦ୍ର ନିଜ ଅଭିଯୋଗରେ ଉଲ୍ଲେଖ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ ଧରିଥିଲା ବୋଲି କହିଛି।

## ଗଞ୍ଜେଇ ବେପାରକୁ ନେଇ ଆକ୍ରମଣ, ୨ କୋର୍ଟଚାଲାଣ

ବେଲଗୁଣ୍ଠା,୨୧ା୫ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜେଇ ବେପାର ସମ୍ପର୍କରେ ପୋଲିସ୍‌କୁ ସୂଚନା ଦେଉଥିବା ସନ୍ଦେହରେ ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଅଭିଯୁକ୍ତ ୨ ଯୁବକଙ୍କୁ ବୁଧବାର ଗାଙ୍ଗପୁର ପୋଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ଆକ୍ରମଣର ଶିକାର ହୋଇ ଥାନାରେ ଅଭିଯୋଗ କରିଥିବା ଯୁବକ ଜଣଙ୍କ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ କ୍ଷତ୍ରିୟବରପୁରର ହାଇସ୍କୁଲ୍ ଛକରେ ରହୁଥିବା ଶିବ ଶଙ୍କର ସେଠୀ। ଶିବଶଙ୍କରଙ୍କ ଅଭିଯୋଗ ପ୍ରକାରେ ମଙ୍ଗଳବାର ରାତିରେ ସେ ଘର ସମ୍ମୁଖରେ ବସିଥିବା ସମୟରେ କ୍ଷତ୍ରିୟବରପୁରର ସନ୍ତୋଷ ସାହୁ ଏବଂ ଲୁଣିପଡ଼ା ଗ୍ରାମର ସତ୍ୟଜିତ୍ ପାଣିଗ୍ରାହୀ ମାରଣାସ୍ତ୍ର ଧରି ଶିବ ଶଙ୍କର ନିକଟରେ ପହଞ୍ଚି ତାଙ୍କୁ ଗାଳି ଗୁଲଜ କରିବା ସହିତ ସେମାନଙ୍କ ଗଞ୍ଜେଇ ବେପାର ସମ୍ପର୍କରେ ପୋଲିସ୍‌କୁ ସୂଚନା ଦେଉଥିବା କହି ତାଙ୍କୁ ତଣ୍ଟି ଚିପି ମାରିଦେବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ଶିବ ଶଙ୍କରଙ୍କ ସ୍ତ୍ରୀ ଆସି ତାକୁ ରକ୍ଷା କରିବାକୁ ଚେଷ୍ଟା କରିବାରୁ ଅଭିଯୁକ୍ତ ମାନେ ତାଙ୍କୁ ମଧ ଗାଳି କରିଥିଲେ। ଏହି ସମୟରେ ସନ୍ତୋଷଙ୍କ ସ୍ତ୍ରୀ ୧୧୨ କୁ ଯୋଗାଯୋଗ କରିବାରୁ ଘଟଣା ସ୍ଥଳରେ ପାଟ୍ରୋଲିଂ ଗାଡ଼ି ପହଞ୍ଚି ଯିବା ଯୋଗୁଁ ଉଭୟ ସନ୍ତୋଷ ଏବଂ ସତ୍ୟଜିତ୍ ଘଟଣା ସ୍ଥଳରୁ ପଳାଇଯାଇଥିଲେ। ଶିବଶଙ୍କରଙ୍କ ଏତାଲା ପ୍ରକାରେ ଗାଙ୍ଗପୁର ଥାନାରେ ୩୩୯/୨୫ ରେ ଏକ ମାମଲା ରୁଜୁ ହେବା ସହିତ ଘଟଣାର ତଦନ୍ତକାରୀ ଅଧିକାରୀ ଏସ୍ଆଇ ଆର୍ତ୍ତତ୍ରାଣ ଦାନୀ ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ଅଭିଯୁକ୍ତ ସନ୍ତୋଷ ଏବଂ ସତ୍ୟଜିତକୁ ପୋଲିସ୍ ଗିରଫ କରିଥିଲା। ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଗାଙ୍ଗପୁର ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି।

## ଗ୍ରହଣଖଣ୍ଡିଆ ଚିକିତ୍ସା ପାଇଁ ଭୁବନେଶ୍ୱର ଗଲେ ଜିଲ୍ଲାର ୯ ଶିଶୁ

ବ୍ରହ୍ମପୁର,୨୧ା୫(ସୁବାସ ଚନ୍ଦ୍ର ପାଢ଼ୀ) ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ସିଟି ହସ୍ପିଟାଲ ନିକଟସ୍ଥ ଡିଇଆଇସି ସେଣ୍ଟରରେ ଗ୍ରହଣ ଖଣ୍ଡିଆ ଜନିତ କ୍ୟାମ୍ପ ହୋଇଥିଲା। ଏହି ଶିବିରରେ ବିଭିନ୍ନ ବ୍ଲକରୁ ୧୬ ଶିଶୁଙ୍କୁ ଚିହ୍ନଟ କରାଯାଇଥିଲା। ତନ୍ମଧ୍ୟରୁ ବୁଧବାର ୯ଜଣଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘୋରୋଇ ଡାକ୍ତରଖାନାକୁ ଅସ୍ତ୍ରୋପଚାର ନିମନ୍ତେ ପଠା ଯାଇଛି। କାର୍ଯ୍ୟକ୍ରମରେ ସିଡିଏମଓ ଭବାନୀ ଶଙ୍କର ମିଶ୍ର, ଶକ୍ତିଦିଗାଲ, ଲୋପାମୁଦ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରିଜ୍ ତଳୁ ବୋମା, ଖଣ୍ଡା ଜବତ ଘଟଣାରେ ୫ ଗିରଫ


ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତମାନେ।

ବ୍ରହ୍ମପୁର,୨୧ା୫(ସୁବାସ ଚନ୍ଦ୍ର ପାଢ଼ୀ) ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳ ଜେଲରୋଡ କଡରୁ ଗତ ୧୭ ତାରିଖ ରାତ୍ର ବୋମା ଓ ଖଣ୍ଡା ଜବତ କରିଥିଲା ପୋଲିସ । ପୋଲିସ ୫ ଅଭିଯୁକ୍ତଙ୍କୁ ବାନ୍ଧିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ବଡ଼ ସାହିର ନୀଳମାଧବ ସାହୁ ଓରଫ ଭବାନୀ(୨୪), ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମର କାଳିଆ ଦାସ ଓରଫ ଗୌରା (୨୦), ଫୁଲଟା ହରିଜନ ସାହିର ଦିନବନ୍ଧୁ ଦାସ ଓରଫ ଛୋଟା(୨୦), ବଡବଜାର ଥାନା ଅନ୍ତର୍ଗତ ପ୍ରେମ ନଗର ପ୍ରଥମ ଲାଇନର ମଣି ରାଓ(୨୩) ଓ ବେଲଗାଁର ବନ୍ଧ ସାହିର ପ୍ରଭାତ ଦାସ(୨୩)। ୪ ଜୀବନ୍ତ ବୋମା, ୮ ଖଣ୍ଡା ଓ ଗୋଟିଏ ଲୁହା ରୋଡ଼ ଜବତ ହୋଇଛି। ପୂର୍ବରୁ ଗୋଟିଏ ଗୋଷ୍ଠିର ରାମକୃଷ ନାହାକ ଲାଞ୍ଜିଆ ଗ୍ରାମର ଶିବାଶିସ ଚୌଧୁରୀ ହତ୍ୟା ମାମଲାରେ ଗିରଫ ହୋଇଥିଲେ। ୨୦୨୪ ସେପ୍ଟମ୍ବର ୧୭ ତାରିଖରେ ସଦର ଥାନା ପୋଲିସ ନଂ.୨୯୬/୨୪ ରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ଜେଲ୍ ଯାଇଥିଲେ। ସେ ନିକଟରେ ଜାମିନରେ ମୁକୁଳିବେ ବୋଲି ଅପରାଧୀ ଗୋଷ୍ଟି ଜାଣିବାକୁ ପାଇଥିଲେ। ଏଣୁ ତାଙ୍କୁ ହତ୍ୟା କରିବା ପାଇଁ ନୀଳମାଧବ ତାଙ୍କ ସହଯୋଗୀଙ୍କ ସହ ମିଶି ଏହି ସାଙ୍ଘାତିକ ଷଡଯନ୍ତ୍ର କରିଥିଲେ ବୋଲି ଅଭିଯୁକ୍ତମାନେ ଜେରା ବେଳେ ପୋଲିସ ନିକଟରେ ସୱୀକାର କରିଛନ୍ତି। ଏନେଇ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛନ୍ତି । ମାମଲା ନଂ. ୨୫୩/୨୫ ରେ ଉକ୍ତ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ଯେଉଁମାନଙ୍କର ସମ୍ପୃକ୍ତି ଥିବା ଜଣାପଡିବ ସେମାନଙ୍କୁ ମଧ ଗିରଫ କରାଯିବ ବୋଲି ସେ କହିଛନ୍ତି। ଗତ ୧୭ ତାରିଖରେ ଲାଞ୍ଜିପଲ୍ଲୀ ଫାଣ୍ଡି ଟିମ ବ୍ରହ୍ମପୁର ସର୍କଲ ଜେଲ ନିକଟ ଓଭର ବ୍ରିଜ ତଳେ ବୋମା ରଖାଯାଇଥିବା ଜାଣିବାକୁ ପାଇଥିଲେ। ହାବିଲଦାର ସାଇ ଜୀବନ ପାତ୍ର ଏବଂ ବୈଦ୍ୟନାଥପୁର ଥାନା ପୋଲିସ ଟିମ ସେଠାରେ ପହଞ୍ଚି ଯାଞ୍ଚ ବେଳେ ସେଠାରୁ ୪ ଜୀବନ୍ତ ବୋମା ଓ ଏକ ବ୍ୟାଗ ଭିତରେ ଆଉ ୫ ଖଣ୍ଡା ଥିବା ଦେଖିବାକୁ ପାଇଥିଲେ। ପରେ ବୋମା ଗୁଡିକୁ ନିଷ୍କ୍ରିୟ କରାଯାଇଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରି ପୋଲିସ ଉକ୍ତ ଅପରାଧୀମାନଙ୍କୁ ଧରିଥିଲା ବୋଲି କହିଛି।

# ୧ ଲକ୍ଷ ଟଙ୍କା ଜବତ, ଜେଲ ଗଲେ ୨ ଲୁଟେରା

ଦିଗପହଣ୍ଡି,୨୧ା୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ଏନ୍ଏସି ଚେକ୍ ଗେଟ ନିକଟରେ ପୋଲିସ ପରିଚୟ ଦେଇ ୨ ଯୁବକଙ୍କ ଠାରୁ ୧ ଲକ୍ଷ ଟଙ୍କା ଲୁଟି ନେଇଥିବା ୨ ଲୁଟେରାଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ତରାଶ ଗ୍ରାମର ମହେଶ୍ୱର ଦଳାଇ ଓରଫ ଜଗନ ଏବଂ ଗଣେଷ ବେହେରା ଓରଫ ଗଣେଷ। ଥାନା ମାମଲା ନଂ.୧୮୨/୨୫ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ସକାଳେ ଗଜପତି ଜିଲା ଆର.ଉଦୟଗିରି ଥାନା ପି.ସଇଲାଙ୍ଗ ଗ୍ରାମର କପଡ଼ା ବ୍ୟବସାୟୀ ଅଇମୋଷ ପାଣି ତାଙ୍କ ଶଳା ଦିଲରାଜ ଛିଞ୍ଚାଣିଙ୍କ ସହ ବାଇକ (ଓଡ଼ି ୨୦ ବି -୨୦୪୯) ଯୋଗେ ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କୁ ୧ ଲକ୍ଷ ଟଙ୍କା ଦେବାକୁ ଯାଉଥିବା ବେଳେ ଦିଗପହଣ୍ଡି ଏନ୍ଏସି ଚେକ୍ ଗେଟ ହନୁମାନ ଛକ ନିକଟରେ ଅଭିଯୁକ୍ତ ଦ୍ୱୟ ବାଇକକୁ ଅଟକାଇଥିଲେ। ଉଭୟେ ସେମାନଙ୍କୁ ପୋଲିସ କର୍ମଚାରୀ ବୋଲି ପରିଚୟ ଦେଇ ଦ୍ରୁତଗତିରେ ବାଇକ ଚଳାଉଥିବାରୁ ୩୨ ଶହ ଟଙ୍କା ଚାଲାଣ କାଟିବାକୁ ବାଧ କରିଥିଲେ। ସେମାନେ ମନା କରିବାରୁ ୧ ହଜାର ଟଙ୍କା ଦେବାକୁ କହିଥିଲେ। ପରେ ତାଙ୍କୁ ମାଡ଼ ମାରି ଟଙ୍କା ଭର୍ତ୍ତି ବ୍ୟାଗକୁ ଛଡାଇ ନେଇଥିଲେ। ଥାନାକୁ ଚାଲ ବୋଲି କହି ଉଭୟଙ୍କୁ ଥାନା ଅଭିମୁଖେ ନେଲାବେଳେ ପୋଲିସକୁ ଦେଖି ଜଣେ ଅଭିଯୁକ୍ତଙ୍କ ବାଇକଟି ରାସ୍ତାକଡ଼କୁ ଖସି ପଡ଼ିଥିଲା। ବ୍ୟବସାୟୀ ଅଇମୋସ ଥାନା ମଧକୁ ଦୌଡ଼ି ଯାଇ ପୋଲିସକୁ ସବୁ କହିଥିଲେ। ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ କାବୁକରି ଥାନାକୁ ଆଣିଥିଲେ। ଏନେଇ ଏତଲା ହେବାପରେ ଆଇଆଇସି ପ୍ରଶାନ୍ତ ପାତ୍ର ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ତଦନ୍ତ ପାଇଁ ଏସ୍ଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତକାରୀ ଅଧିକାରୀ ସେମାନଙ୍କ ନିକଟରୁ ଲୁଟ୍‌ରେ ବ୍ୟବହୃତ ବାଇକ, ୧ ଲକ୍ଷ ଟଙ୍କା ଥିବା ବ୍ୟାଗ, ୨ଟି ମୋବାଇଲ ଫୋନ, ମହେଶ୍ୱରଙ୍କ ଆଧାର କାର୍ଡ, ମନିପର୍ଶରେ ଥିବା ୫୧୦ ଟଙ୍କା, ଏଟିଏମ କାର୍ଡ ଜବତ କରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

### ପୋଲିସ କହି ଲୁଟ୍ ଉଦ୍ୟମ



ଗିରଫ ଦୁଇ ଅଭିଯୁକ୍ତ ।

## ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ

ଉମରକୋଟ,୨୧ା୫ (ସନ୍ତୋଷ ଶତପଥୀ) ଉମରକୋଟ କଂଗ୍ରେସ ପକ୍ଷରୁ ବୁଧବାର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୪ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା କଂଗ୍ରେସର କୃଷକ ସଂଗଠନ ସଭାପତି ସନରାଜ ଗଣ୍ଡ ଉପସ୍ଥିତ ଥିଲେ।

# ପିପଳପଙ୍କା ଡ୍ୟାମ ବାତିଲ ଦାବିରେ ପଦଯାତ୍ରା ଆରମ୍ଭ



ଋଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ପଦଯାତ୍ରା କରୁଛନ୍ତି।

ବ୍ରହ୍ମପୁର,୨୧ା୫(ସୁବାସ ଚନ୍ଦ୍ର ପାଢ଼ୀ) ଘରୋଇ କମ୍ପାନୀଙ୍କୁ ପାଣି ଯୋଗାଇବାକୁ ରାଜ୍ୟ ସରକାର ଋଷିକୁଲ୍ୟା ନଦୀର ଉପରମୁଣ୍ଡରେ ସୋରଡା ବ୍ଲକର ପିପଳପଙ୍କା ଠାରେ ଯେଉଁ ବୃହତ ଜଳଭଣ୍ଡାର କରିବାକୁ ଯାଉଛନ୍ତି, ତା'ରି ଫଳରେ ଋଷିକୁଲ୍ୟା ନଦୀ ମରିଯିବା ସହ ଗଞ୍ଜାମ ଜିଲାର କୃଷି, ଜଳସେଚନ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେବ। ତେଣୁ ନଦୀର ସୁରକ୍ଷା ଦାବିରେ ବୁଧବାର ଋଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବ୍ରହ୍ମପୁର ଠାରେ ଦୁଇ ଦିନିଆ ପଦଯାତ୍ରା ଆରମ୍ଭ ହୋଇଛି। ଏଥିରେ ବୁଦ୍ଧିଜୀବିଙ୍କ ସମେତ ଜିଲ୍ଲାର ବହୁ ଚାଷୀନେତା, ସାମାଜିକ କର୍ମୀ ଯୋଗଦେଇଥିଲେ। ସେମାନେ କହିଥିଲେ ଯେ, ଏହି ଡ୍ୟାମ ଜରିଆରେ ପାଣି ଦିଆଗଲେ ପିପଳପଙ୍କା ଠାରୁ ଗଞ୍ଜାମ ମୁହାଣ ପର୍ଯ୍ୟନ୍ତ ସମଗ୍ର ଋଷିକୁଲ୍ୟା ନଦୀ ପାଇଁ ସଂକଟ ଦେଖାଯିବ । ବର୍ତ୍ତମାନ ବ୍ରହ୍ମପୁର ସହର ସମେତ ଜିଲାର ଲକ୍ଷାଧିକ ଏକର ଜମିକୁ ପାଣି ଯୋଗାଉଥିବା ଋଷିକୁଲ୍ୟାର ଜାନିବିଲି ବ୍ୟାରେଜରେ ପାଣି କମିଗଲେ ସେଠାରୁ ବାହାରିଥିବା ଋଷିକୁଲ୍ୟା କେନାଲ ବ୍ୟବସ୍ଥା ଓ ବ୍ରହ୍ମପୁର ସହରର ଜଳଯୋଗାଣ କ୍ଷତିଗ୍ରସ୍ତ ହେବ। ବର୍ତ୍ତମାନ ଜାନିବିଲି ବ୍ୟାରେଜରେ ଆବଶ୍ୟକ ପାଣି ନଥିବାରୁ ଜନସ୍ୱାସ୍ଥ୍ୟ ବିଭାଗ ବ୍ରହ୍ମପୁର ସହରକୁ ଦୈନିକ ୨ ଘଣ୍ଟା ପାଣି ଯୋଗାଉଛି। ପିପଳପଙ୍କା ଡ୍ୟାମ ନିର୍ମାଣ ହେଲେ ସହରରେ ପାନୀୟ ଜଳର ସଙ୍କଟ ଉତ୍କଟ ହେବ। ତେଣୁ ଏହି ଡ୍ୟାମକୁ ବିରୋଧ କରି ଏଭଳି ପଦଯାତ୍ରା କରାଯାଇଛି। ପ୍ରଥମ ଦିନରେ ସହର ଉପକଣ୍ଠରେ ଖୋଡାସିଙ୍ଗି ଠାରୁ ପଦଯାତ୍ରା ବାହାରି ଇଂଜିନିୟର ସ୍କୁଲ ଛକ, କମାପଲ୍ଲୀ, ବିଜିପୁର ଛକ ଦେଇ ଗୋଷାଣୀ ନୂଆଗାଁରେ ପହଞ୍ଚିଥିଲା । ରାସ୍ତାରେ ପଥପ୍ରାନ୍ତ ସଭା ହୋଇଥିଲା । କମିଟିର ଆବାହକ ସୁଧୀର ରାଉତଙ୍କ ସମେତ ସଂଯୋଜକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ଋଷିକୁଲ୍ୟା ରୟତ ସଂଘର ସମ୍ପାଦକ ସୀମାଞ୍ଚଳ ନାହାକ, ଶ୍ୟାମସୁନ୍ଦର ଖାଡଙ୍ଗା, ସାମାଜିକ କର୍ମୀ ଆଦିତ୍ୟ ରଥ, ସୁବାଷ ରାଉତ, କେ ନାନ୍ଦେଶୁ ସେନାପତି, କିଶୋର ଚନ୍ଦ୍ର ପାତ୍ର, ଅଶୋକ ଦଳାଇ, କବିରାଜ ସାହୁ, ବିଜୟ କୁମାର ବେହେରା, କିଶୋର ସାଇଁ, ଲୋକନାଥ ପରିଡା, ମତ୍ସ୍ୟଜୀବୀ ନେତା ମାଗତା ବେହେରା, ଜାମୁଲା ସୁରେଶ, ଲକ୍ଷ୍ମୀ ନୃସିଂହ ରଥ, ଆଇଏଫଟିୟୁ ସଭାପତି ପ୍ରତାପ ପ୍ରଧାନ, ଆଦିବାସୀ ନେତା ଲିଙ୍ଗା ଗମାଙ୍ଗ, ଚାଷୀ ନେତା ବୃନ୍ଦାବନ ଖଟେଇ, ଯୁବନେତା କେ ସଞ୍ଜିବ ରେଡ୍ଡୀ ଓ ବିଘ୍ନେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ ।

# ଏମ୍‌କେସିଜିରେ ଆରମ୍ଭ ହେବ ଓପନ ହାର୍ଟ ସର୍ଜରି

ବ୍ରହ୍ମପୁର, ୨୧ା୫( ସୁବାସ ଚନ୍ଦ୍ର ପାଢ଼ୀ) ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା କ୍ଷେତ୍ରରେ ଦକ୍ଷିଣ ଓଡ଼ିଶାର ଲାଇଫଲାଇନ। ସମ୍ପ୍ରତି ଦିନକୁ ଦିନ ହୃଦରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଆନୁଷଙ୍ଗିକ ସମସ୍ୟା ସହ ଦକ୍ଷ ଟେକ୍ନିସିଆନ ଅଭାବରୁ ବହୁ ବର୍ଷ ହେବ ବନ୍ଦ ରହିଥିଲା ଏହି ଜଟିଳ ଓପନ ହାର୍ଟ ସର୍ଜରୀ ଅସ୍ତ୍ରୋପଚାର । ଫଳରେ ଏଠାକୁ ଆସୁଥିବା ରୋଗୀ ମାନେ ସୁବିଧା ନପାଇ ଘରୋଇ ହସ୍ପିଟାଲ ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ଲାଗିରହିଥିବା ସମସ୍ୟା ସମ୍ପର୍କରେ ଡିଏମଇଟିଙ୍କୁ ଜଣାଇବା ଫଳରେ ଆବଶ୍ୟକ ପଡୁଥିବା ପରଫ୍ୟୁଜନିଷ୍ଟଙ୍କୁ କଟକ ସ୍ଥିତ ବଡ଼ମେଡ଼ିକାଲରୁ ଏମକେସିଜି ହସ୍ପିଟାଲକୁ ଅଣାଯାଇଛି । ଯାହାଦ୍ୱାରା ଆଗାମୀ ଦିନରେ ଦକ୍ଷିଣ ଓଡ଼ିଶା ସମେତ ନିକଟବର୍ତ୍ତୀ ଅଞ୍ଚଳର ହୃତପିଣ୍ଡ ଜନିତ ସମସ୍ୟାରେ ପୀଡ଼ିତ ଥିବା ରୋଗୀ ଉନ୍ନତ ମାନର ସେବା ପାଇପାରିବେ ବୋଲି ଅଧିକ୍ଷକ ପ୍ରଫେସର ଡ଼ା.ସୁଚିତ୍ରା ଦାସ କହିଛନ୍ତି। ଏମକେସିଜିରେ ଥିବା ପ୍ରଧାନ ମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ପିଏମଏସଏସ ୱାଇ) କୋଠାର ପଞ୍ଚମ ମହଲରେ ରହିଛି ସିଟିଭିଏସ ବିଭାଗ। ଉକ୍ତ ଯୋଜନାରେ ନିର୍ମିତ ଏହି କୋଠାର ବିଭିନ୍ନ ବିଭାଗରେ ଅତ୍ୟାଧୁନିକ ଅସ୍ତ୍ରୋପଚାର କକ୍ଷ ସହ ସମସ୍ତ ପ୍ରକାର ଯନ୍ତ୍ରପାତି ଓ ସରଞ୍ଜାମ ରହିଛି। କିନ୍ତୁ ଦକ୍ଷ ଟେକ୍ନିସିଆନ ଅଭାବ କାରଣରୁ ରୋଗୀ ହୃତପିଣ୍ଡ ଜନିତ ରୋଗର ଚିକିତ୍ସା ସକାଶେ ବେସରକାରୀ ଡାକ୍ତରଖାନା ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ଏହି ବିଭାଗରେ ସରକାରଙ୍କ ପ୍ରଦତ୍ତ ହାର୍ଟ ଲଙ୍ଗ ମେସିନ, ରକ୍ତଚାପ ଜନିତ ମେସିନ ରହିଛି, ନିକଟରେ କର୍ତ୍ତୃପକ୍ଷଙ୍କ ପ୍ରୟାସ କ୍ରମେ ଆଇଆରଇଏଲ ପକ୍ଷରୁ ଇକୋ, ଅସ୍ତ୍ରପ୍ରଚାର ନିମନ୍ତେ ସରଞ୍ଜାମ, ଏବିଜି ମେସିନ, ଇସିଜି ମେସିନ ପ୍ରଦାନ କରାଯାଇଛି। ବର୍ତମାନ ପରଫ୍ୟୁଜନିଷ୍ଟଙ୍କ ଆସିବା ପରେ ହୃତପିଣ୍ଡରେ ଥିବା ଛିଦ୍ର, ଭାଲବ ସର୍ଜରୀ, କରୋନିଆରୀ ଅର୍ଟିକ ବାଇପାସ ପରି ଜଟିଳ ହୃଦରୋଗ ସମସ୍ୟା ଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବାସ୍ଥ ପରୀକ୍ଷା କରି ଅସ୍ତ୍ରୋପଚାର କରାଯିବ ବୋଲି ସିଟିଭିଏସ ବିଭାଗୀୟ ମୁଖ୍ୟ ସାରଦା ପ୍ରସନ୍ନ ସାହୁ କହିଛନ୍ତି। ବିଭାଗ ତରଫରୁ ୩ରୁ ଚାରିଜଣ ରୋଗୀଙ୍କୁ ଚିହ୍ନଟ କରା ଯାଇଛି। ଅସ୍ତ୍ରୋପଚାରରେ ଆବଶ୍ୟକ ହେଉଥିବା କିଛି ଆନୁଷଙ୍ଗିକ ସାମଗ୍ରୀ ବରାଦ ଦିଆ ଯାଇଛି। ସେଗୁଡିକ ଆସିଗଲା ପରେ ସାତ ଦିନ ମଧ୍ୟରେ ଓପନ ହାର୍ଟ ସର୍ଜରୀ କାର୍ଯ୍ୟକ୍ଷମ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।


ଅସ୍ତ୍ରୋପଚାର ମେସିନ

## ଆତିଥ୍ୟ ବିଦ୍ୟାଳୟ ଗଠନ ଲାଗି ବୈଠକ

ଆସିକା,୨୧।୫(ସୁରେନ୍ଦ୍ର ନାଥ ସାହୁ): ଆସିକାସ୍ଥିତ ଶତାୟୁ ହରିହର ହାଇସ୍କୁଲ ଠାରେ ଏହି ଶିକ୍ଷାନୁଷ୍ଠାନକୁ ଆତିଥ୍ୟ ବିଦ୍ୟାଳୟ କରିବା ଲାଗି ଏକ ବୈଠକ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ସଭାପତି ସୁଶାନ୍ତ ସିଅ, ଆଲୁମିନି ସଭାପତି ପ୍ରଦୀପ ରାଉତ, ଶିକ୍ଷକ ପ୍ରତିନିଧି ସୁସାନ୍ତ ପଣ୍ଡା, ମମତା ଭ ପ୍ରମୁଖଙ୍କୁ ନେଇ ଅନୁଷ୍ଠିତ ଆଲୋଚନା ବୈଠକରେ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯିବା ସହ ଏକ ଭିଜନ ପ୍ଲାନ ପ୍ରସ୍ତୁତି ଲାଗି ଆଲୋଚନା ହୋଇଥିଲା । ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ କରିବା, ସୁନ୍ଦର ଐତିହ୍ୟ ଶ୍ରେଣୀ ଗୃହ ନିର୍ମାଣ, ଶିକ୍ଷକମାନଙ୍କ ବ୍ୟକ୍ତିତ୍ୱର ବିକାଶ, ବିଦ୍ୟାଳୟରେ କ୍ରୀଡାର ଭିତ୍ତିଭୂମି, ଅଭିଭାବକ, ଶିକ୍ଷକ ଓ ଆଲୁମିନିଙ୍କ ବିଦ୍ୟାଳୟ ପ୍ରତି ସହଯୋଗ ଏବଂ ସଂପୃକ୍ତିକରଣ ଉପରେ ବୈଠକରେ ଆଲୋଚନା ହୋଇଥିବା ଜଣାପଡିଛି ।

## ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

ଦିଗପହଣ୍ଡି,୨୧।୫(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ନଗର କଂଗ୍ରେସ କମିଟି କାର୍ଯ୍ୟାଳୟରେ ବୁଧବାର ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ନଗର କଂଗ୍ରେସ କମିଟି ସଭାପତି ତଥା ଏନଏସି କାଉନସିଲର ଦୀପକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜୀବଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ରସାନନ୍ଦ ରାଉତ, କାଉନସିଲର ସୁନୀଲ କୁମାର ପଣ୍ଡା, କେ. କୁନା, ଏମ. ବାଇନାଥ, ବାଲ୍ମୀକି ବେହେରା, ରଞ୍ଜିତ କୁମାର ବେହେରା, ଗୌରଚନ୍ଦ୍ର ପୂଜାରୀ ପ୍ରମୁଖଙ୍କ ସହ ବହୁ ଦଳୀୟ ନେତୃବୃନ୍ଦ, କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ହୃଷୀକେଶଙ୍କୁ ଲାଇଫ୍ ଟାଇମ ଆଚିଭମେଣ୍ଟ ଆୱାର୍ଡ

ଦିଗପହଣ୍ଡି,୨୧।୫(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ସହର ବଡବନ୍ଧ ସାହିରେ ରହୁଥିବା ଜଣାଶୁଣା ରୋଷେୟା ହୃଷିକେଶ ପଣ୍ଡା (ପିଲୁ)ଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ ଓ ପରିଚାଳନା ପାଇଁ ଲାଇଫ୍ ଟାଇମ ଆଚିଭମେଣ୍ଟ ଆୱାର୍ଡ ମିଳିଛି। ଭାରତ ସରକାରଙ୍କ ଦ୍ୱାରା ପଞ୍ଜିକୃତ ୱାର୍ଲ୍ଡ ଚାରିଟି ୱାଲଫେୟାର୍ ଫାଉଣ୍ଡେସନ ନୂଆଦିଲ୍ଲୀ ପକ୍ଷରୁ ଏହି ସମ୍ମାନଜନକ ଆୱାର୍ଡ ଦିଆଯାଇଛି। ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ଉତ୍ସବରେ ହୃଷିକେଶଙ୍କୁ ଫାଉଣ୍ଡେସନର ପରିଚାଳନା କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସିଲଡ୍ ଓ ମାନପତ୍ର ପ୍ରଦାନ କରିବା ସହ ଉଭୟ ପାରମ୍ପରିକ ଓ ଆଧୁନିକ ଗୁଣାତ୍ମକ ଖାଦ୍ୟ ପ୍ରସ୍ତୁତ କରିବା ଦିଗରେ ହୃଷିକେଶଙ୍କ ଠାରେ ରହିଥିବା ଦକ୍ଷତା ଏବଂ ଜ୍ଞାନ କୌଶଳର ପ୍ରଶଂସା ମଧ୍ୟ କରିଥିଲେ। ଏହି ଆୱାର୍ଡ ମିଳିବା ପରେ ବିଭିନ୍ନ ମହଲରୁ ହୃଷିକେଶଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଥିବା ପରିଲକ୍ଷିତ ହୋଇଛି।

# କୋଟିନଡ଼ାରୁ ଧରାପଡ଼ିଲେ ୨ ଅଭିଯୁକ୍ତ



ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଉଛନ୍ତି।

- ଜୁଏଲର୍ସ ମାଲିକଙ୍କୁ ଗୁଳି କରି ଲୁଟ୍ ଘଟଣା
- ୭କେଜି ରୁପା ଅଳଙ୍କାର ଜବତ, ୩ ଫେରାର

ଖୋର୍ଦ୍ଧା/ବାଲୁଗାଁ,୨୧।୫(ପ୍ରଭାତ ପାଣିଗ୍ରାହୀ/ସଂଗ୍ରାମ ପାଇକରାୟ):

ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳର ଓଁ କାର ଜୁଏଲର୍ସ ମାଲିକ ପ୍ରହ୍ଲାଦ ନାୟକଙ୍କୁ ଗୁଳି କରି ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ରୁପା ଅଳଙ୍କାର ଲୁଟ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗଞ୍ଜାମ ଜିଲା ଆସ୍କା କୋଟିନଡ଼ା ଥାନା ଅନ୍ତର୍ଗତ ସାପୁର ଢୁଙ୍କାଣି ଗ୍ରାମର ଏ.ରବି (୩୫) ଏବଂ ମହେଶ ପ୍ରଧାନ (୨୨)। ସ୍ପେଶାଲ ସ୍କ୍ୱାଡ୍ ଏବଂ ଗଞ୍ଜାମ ପୋଲିସ ସହାୟତାରେ ଅଭିଯୁକ୍ତ ଦ୍ୱୟଙ୍କୁ କୋଟିନଡ଼ା ଅଞ୍ଚଳରୁ ଗିରଫ କରାଯାଇଛି। ଏମାନେ ଏରୋଗଲା ଗ୍ୟାଙ୍ଗ୍‌ର ହୋଇଥିବା ବେଳେ ଜାତୀୟ ରାଜପଥରେ ବାଇକ୍ ଚାଳକ ଓ ବ୍ୟବସାୟୀଙ୍କୁ ଟାର୍ଗେଟ କରି ନିଛାଟିଆ ସ୍ଥାନ ଦେଖି ଲୁଟ୍ କରିଥାନ୍ତି। ଗିରଫ ଅଭିଯୁକ୍ତଦ୍ୱୟଙ୍କଠାରୁ ୭କେଜି ରୁପା ଅଳଙ୍କାର ଓ ୨ଟି ବାଇକ୍ ଜବତ କରାଯାଇଛି। ଅନ୍ୟ ୩ ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବୁଧବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବାଲୁଗାଁ ଥାନା ଅଧୀନ ଉମାକାନ୍ତପୁର ଗ୍ରାମର ପ୍ରହ୍ଲାଦ ନାୟକଙ୍କର ବାଲୁଗାଁ ବଜାରରେ ଓଁ କାର ଜୁଏଲର୍ସ ନାମକ ଗହଣା ଦୋକାନ ରହିଛି। ସେ ଦୈନନ୍ଦିନ ସ୍ଥାନୀୟ ଅଞ୍ଚଳ ସମେତ ଖଲ୍ଲିକୋଟ ଅଞ୍ଚଳରେ ଗାଁ ଗାଁ ବୁଲି ରୁପା ଓ ସୁନା ଅଳଙ୍କାର ବିକ୍ରି କରନ୍ତି। ସବୁଦିନ ପରି ସେ ଗତ ୯ ତାରିଖ ସକାଳ ୯ଟାରେ ୧୫ କେଜି ରୁପା ଓ ୨୦ ଗ୍ରାମ୍ ସୁନା ଅଳଙ୍କାର ଥିବା ବ୍ୟାଗକୁ ବାଇକ୍ ଡିକିରେ ରଖି ବ୍ୟବସାୟ ନିମନ୍ତେ ଘରୁ ବାହାରିଥିଲେ। ନିମିକ୍ଷେତା ଗ୍ରାମ ଛକ ନିକଟରେ ୨ଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ପ୍ରହ୍ଲାଦଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଡିକିରୁ ଅଳଙ୍କାର ବ୍ୟାଗକୁ ନେବା ପାଇଁ ଉଦ୍ୟମ କରିଥିଲେ। ସେ ପ୍ରତିରୋଧ କରିବାରୁ ଦୁର୍ବୃତ୍ତ ମାନଙ୍କ ସହ ତାଙ୍କର ଧସ୍ତାଧସ୍ତି ହୋଇଥିଲା। ଜଣେ ଦୁର୍ବୃତ୍ତ ପ୍ରହ୍ଲାଦଙ୍କ ଉପରକୁ ୨ରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳି ତାଙ୍କ ଡାହାଣପଟ ଛାତି ଏବଂ କାନ୍ଧରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ପରେ ଦୁର୍ବୃତ୍ତମାନେ ତାଙ୍କ ଗାଡ଼ି ଡିକିରୁ ଅଳଙ୍କାର ବ୍ୟାଗ୍ ନେଇ ବାଲୁଗାଁ-ବାଇପାସ୍‌ର ୧୬ନଂ ଜାତୀୟ ରାଜପଥ ଦେଇ ଗଞ୍ଜାମ ଅଭିମୁଖେ ପଳାଇଥିଲେ। ସ୍ଥାନୀୟ ଲୋକେ ପ୍ରହ୍ଲାଦଙ୍କୁ ଉଦ୍ଧାର କରି ବାଲୁଗାଁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ପ୍ରହ୍ଲାଦଙ୍କ ସ୍ତ୍ରୀ ସୁନିତାଙ୍କ ଅଭିଯୋଗ କ୍ରମେ ବାଲୁଗାଁ ଥାନାରେ ଏକ ମାମଲା (ନଂ.୧୩୫/୨୫) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ପୋଲିସ ଘଟଣାସ୍ଥଳରୁ ଗୋଟିଏ ଗୁଳି ଓ ଖୋକା ଜବତ କରିଥିଲା। ଏହି ଘଟଣାର ତଦନ୍ତ ପାଇଁ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଥାନାଧିକାରୀ ଜୟପ୍ରକାଶ ପରିଡ଼ା, ଏସ୍‌ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ, ଶ୍ରୀନିବାସ ସାମନ୍ତ ଓ ଅନ୍ୟମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଘଟଣାସ୍ଥଳର ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଥିଲା। ଘଟଣା ପରେ ଅଭିଯୁକ୍ତମାନେ ନିକଟସ୍ଥ ଜଙ୍ଗଲରେ ଲୁଚିଥିବା ପୋଲିସକୁ ସୂଚନା ମିଳିଥିଲା। ଉକ୍ତ ଟିମ୍ ମୋବାଇଲ ଫୋନ୍ ଟ୍ରାକ୍ କରି ଦୁଇଜଣଙ୍କୁ କୋଟିନଡ଼ାରୁ ଠାବ କରିଥିଲା।

# ସିୟୁଟିଏମ୍‌ରେ ଆଇଡିଆ ରାଇଜ ବୁଟକ୍ୟାମ୍ପ

ପାରଳାଖେମୁଣ୍ଡି,୨୧।୫ (ଗିରିଧାରୀ ପରିଚ୍ଛା):

ସ୍ଥାନୀୟ ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେମେଣ୍ଟ କ୍ୟାମ୍ପସ ଠାରେ ଆଇଡିଆ ରାଇଜ ବୁଟକ୍ୟାମ୍ପ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଷ୍ଟାର୍ଟଅପ ଓଡ଼ିଶା ଦ୍ୱାରା ପ୍ରାୟୋଜିତ ବୁଟକ୍ୟାମ୍ପରେ ୨୦୦ରୁ ଅଧିକ ଚାଷୀ, ସରକାରୀ ଅଧିକାରୀ ଏବଂ ଷ୍ଟାର୍ଟଅପମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସେଞ୍ଚୁରିଆନ ଏଗ୍ରି ବିଜନେସ ଇନକ୍ୟୁବେଟରର ସିଇଓ ପ୍ରଫେସର ଜେ.ଅନିଲ କୁମାର ବିଶ୍ୱବିଦ୍ୟାଳୟର ଉଦ୍ୟୋଗୀ ଇକୋ ସିଷ୍ଟମ, ଅତ୍ୟାଧୁନିକ ଭିତ୍ତିଭୂମି, ପ୍ରଦତ୍ତ ସେବା ଏବଂ ଏପର୍ଯ୍ୟନ୍ତ ଇନକ୍ୟୁବେଟେଡ ହୋଇଥିବା ଷ୍ଟାର୍ଟଅପସର ସଂଖ୍ୟା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଅନିଲ ୬୩ଟି ଷ୍ଟାର୍ଟ ଇନକ୍ୟୁବେଟେଡ ହୋଇଥିବା ବିବିଧ କ୍ଷେତ୍ର ଏବଂ ଧାରଣା ଠାରୁ ବାଣିଜ୍ୟ କରଣ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରଦାନ କରା ଯାଇଥିବା ପ୍ରଥମରୁ ଶେଷ ପର୍ଯ୍ୟନ୍ତ ସହାୟତା ବିଷୟରେ ବିସ୍ତୃତ ଭାବରେ



ବର୍ଣ୍ଣନା କରିଥିଲେ। ଷ୍ଟାର୍ଟଅପ ଓଡ଼ିଶାର ସିଇଓ କମଲଜିତ ଦାସ ଓଡ଼ିଶାରେ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଇନକ୍ୟୁବେଟରର ଏବଂ ଷ୍ଟାର୍ଟଅପ୍‌କୁ ପ୍ରଦାନ କରାଯାଇଥିବା ସେବାଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ। ୨ ହଜାର ପ୍ଲସ୍ ଇନକ୍ୟୁବେଟେଡ ଷ୍ଟାର୍ଟଅପ, ବହୁକ୍ଷେତ୍ର ସହାୟତା ପ୍ରଦାନ, ୪୦ ଇନକ୍ୟୁବେସନ ସେଣ୍ଟରକୁ ସ୍ୱୀକୃତି, ରାଜ୍ୟରେ ଷ୍ଟାର୍ଟଅପ ପାଇଁ ୨୫୦ ନିୟୁତ ଟଙ୍କାରୁ ଅଧିକ ପାଣ୍ଠିର ବ୍ୟବସ୍ଥା ପାଇଁ ମଧ୍ୟ ଗର୍ବିତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ ଓଡ଼ିଶା ପ୍ରତିନିଧ ଶିବଙ୍କିତ ଦାସ, ଦେବଦତ୍ତ ଧୀର, ଗୋର୍ଲା ଝାନ୍ସି ଏବଂ ସଲୋନି ସେମାନଙ୍କର ସିଇଓଙ୍କ ସହିତ ଯୋଗଦେଇଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ଡ.ଅନିତା ପାତ୍ର, ନିର୍ଦ୍ଦେଶକ ପ୍ରଶାସନ ଡ.ଦୁର୍ଗା ପାଢ଼ୀ, ଅଧ୍ୟକ୍ଷ ପ୍ରଶାସନ ଡା.ଏସ.ପି. ନନ୍ଦ, ସିନିୟର ଜେନେରାଲ ମ୍ୟାନେଜର ଗ୍ରାମତରଙ୍ଗ ସଂଜୀବ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ନୂତନ ରାଜସ୍ୱ ଗ୍ରାମ ଦାବି

ଆସିକା,୨୧।୫(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକର କଲେଜ ଛକ ଅଞ୍ଚଳକୁ ନୂତନ ରାଜସ୍ୱ ଗ୍ରାମ ଘୋଷଣା କରିବା ଲାଗି ସଂପୃକ୍ତ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ମା' ଶୀତଳାଇ ଠାକୁରାଣୀ ସଦଭାବନା ମଞ୍ଚ ଓ କଲେଜ ଛକ ବାସିନ୍ଦାଙ୍କ ପକ୍ଷରୁ ବୁଧବାର ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟକୁ ସ୍ମାରକପତ୍ର ପଠାଯାଇଛି । ଏଥିରେ ୪ହଜାର ଜନସଂଖ୍ୟା ବିଶିଷ୍ଟ କଲେଜ ଛକ ଅଞ୍ଚଳ ବର୍ତ୍ତମାନ ବରଗାଁ ପଞ୍ଚାୟତ, ହରିଡାପଦର ପଞ୍ଚାୟତ ଓ ଖାରିଆ ପଞ୍ଚାୟତର ବିଭିନ୍ନ ରାଜସ୍ୱ ଗ୍ରାମ ଅଧିନରେ ରହିଥିବାରୁ ଜନସାଧାରଣ ସରକାରୀ ଯୋଜନାର ସୁଫଳ ପାଇବା ପାଇଁ ବଞ୍ଚିତ ହେଉଛନ୍ତି । ପାନୀୟ ଜଳ ଯୋଗାଣ, ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପାଇଁ ଆବଶ୍ୟକୀୟ ପ୍ରମାଣ ପତ୍ର ଓ ଦୂରତା ଦୃଷ୍ଟିରୁ ବିଭିନ୍ନ ସ୍ଥାନକୁ ଯାଇ ଜନସାଧାରଣ କାର୍ଯ୍ୟ ହାସଲରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଯାଇଛି। ତେଣୁ ସଂପୃକ୍ତ ଅଞ୍ଚଳର ଜନସାଧାରଣଙ୍କ ସାମଗ୍ରିକ ସ୍ୱାର୍ଥ ରକ୍ଷା ଲାଗି କଲେଜ ଛକ ଅଞ୍ଚଳକୁ ନୂତନ ରାଜସ୍ୱ ଗ୍ରାମ ଗଠନ ଲାଗି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେଲେ ମନ୍ତ୍ରୀ



ଶୋଭାଯାତ୍ରାରେ ଦଳୀୟ ନେତୃବୃନ୍ଦଙ୍କ ସହ ମନ୍ତ୍ରୀ ଓ ବିଧାୟକ

ଦିଗପହଣ୍ଡି,୨୧।୫(ଅଶେଷ ନାଥ ମିଶ୍ର) ଭାଜପା ପକ୍ଷରୁ ଦିଗପହଣ୍ଡି ସହରରେ ବୁଧବାର ନିର୍ବାଚନମଣ୍ଡଳୀସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଦିଗପହଣ୍ଡି ବିଧାୟକ ଡା.ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଦିଗପହଣ୍ଡି ସ୍ଥିତ ବଡଖେମୁଣ୍ଡି ହାଇସ୍କୁଲ ଖେଳ ପଡିଆ ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବଜାର ଛକ, ପୋଲିସ ଥାନା, ବସଷ୍ଟାଣ୍ଡ ଏବଂ ପୁଞ୍ଜିକଂୟା ଛକ, ମେଡିକାଲ ରୋଡ଼ ଦେଇ ହାଇସ୍କୁଲ ଖେଳ ପଡ଼ିଆ ଠାରେ କାର୍ଯ୍ୟକ୍ରମ ଉଦ୍‌ଯାପନ ହୋଇଥିଲା। ଏହି ଶୋଭାଯାତ୍ରାରେ ସେବା ସମବାୟ ସମିତି ସମୂହର ପୂର୍ବତନ ଜିଲା ସଭାପତି ସନାତନ ସଂଗ୍ରାମ ସିଂ, କୁକୁଡାଖଣ୍ଡି ବ୍ଲକ୍ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ଦଳୀୟ ନେତୃବୃନ୍ଦ ମହନ୍ତ ଚିନ୍ମୟା ନନ୍ଦ ଦାସ, ପରେଶ ଚନ୍ଦ୍ର ରଥ, ମନୋଜ ପଣ୍ଡା, ସନ୍ତୋଷ ସାହୁ, ବାପି ପ୍ରଧାନ, କିଶୋର ସାହୁ, ଭବାନୀ ଶଙ୍କର ପଣ୍ଡା, ଟୁନା ଚୌଧୁରୀ, ପ୍ରଶାନ୍ତ ପୂଜାରୀ, ନରସିଂହ ପାତ୍ର, ପୂର୍ବତନ ସରପଞ୍ଚ ବନମାଳୀ ଜେନା, ପ୍ରତାପ ସାହୁ, ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଲିଙ୍ଗରାଜ ଦୋରା, ବିଜୟ ପ୍ରଧାନ, ଗିତାଞ୍ଜଳୀ ଜାନୀ, ସୀତାରାମ ସେଠୀ, ସରପଞ୍ଚ ପ୍ରତିନିଧି ଏମ୍. ସନ୍ତୋଷଙ୍କ ସମେତ ଦିଗପହଣ୍ଡି ଓ କୁକୁଡାଖଣ୍ଡି ବ୍ଲକର ବହୁ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶିକ୍ଷୟିତ୍ରୀଙ୍କ ଘରେ କଳାକନା ବୁଲାଇଲେ

ଖଜୁରିପଡ଼ା,୨୧।୫ (ବିଦୁର ବେହେରା)

ଖଜୁରିପଡ଼ା ପଞ୍ଚାୟତ ପାଖ ଏକ ଶିକ୍ଷୟିତ୍ରୀଙ୍କ ଘରୁ ଚୋର କଳାକନା ବୁଲାଇଥିବା ଅଭିଯୋଗ ହୋଇଛି। ଖଜୁରିପଡ଼ା ୟୁପି ଗାଲସ ସ୍କୁଲରେ ଶିକ୍ଷତ୍ରୀ ଭାବେ କାର୍ଯ୍ୟରତ କୁମକୁମ ଆଚାର୍ଯ୍ୟ ବୁଧବାର ଖଜୁରିପଡ଼ା ଥାନରେ ଅଭିଯୋଗ କରି ଛନ୍ତି। ସୂଚନା ମୁତାବକ କୁମକୁମ ଆଚାର୍ଯ୍ୟଙ୍କ ସ୍ୱାମୀଙ୍କ କିଛି ଦିନ ତଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କର ଏକ ମାତ୍ର ପୁଅ ଭୁନେଶ୍ୱରରେ ରୁହନ୍ତି। ୨ ଦିନ ତଳେ ନିଜ ସମ୍ପର୍କୀୟ ଘରକୁ କୌଣସି କାମରେ ଆସି ରହି ଯାଇଥିଲେ। ଏହାର ସୁଯୋଗ ନେଇ ରାତିରେ ଚୋର ତାଙ୍କ ଘରେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ରୁପା ଗହଣା ଟଙ୍କା ନେଇଯାଇଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଫୁଲବାଣୀରୁ ଡଗ ସ୍କ୍ୱାଡ, ବୌଦ୍ଧରୁ ସାଇଣ୍ଟ ଫିକ ଦଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅତିଶୀଘ୍ର ଚୋରଙ୍କୁ ଗିରଫ କରାଯିବ ବୋଲ ଖଜୁରିପଡ଼ା ଥାନା ଅଧିକାରୀ ଚାପଧାରି ପ୍ରଧାନ କରିଛନ୍ତି।

## କମଳା ସାହିତ୍ୟ ପ୍ରକାଶନୀ ପକ୍ଷରୁ ଦହିପଣା ବଣ୍ଟନ

ଫୁଲବାଣୀ, ୨୧।୫ (ରାକେଶ କୁମାର ରାଉତ)

ଫୁଲବାଣୀ ସହରରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀଙ୍କ ତୃଷା ନିବାରଣ ନିମନ୍ତେ କମଳା ସାହିତ୍ୟ ପ୍ରକାଶନୀ ପକ୍ଷରୁ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ କୁଶଳ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉକ୍ତ ଦହିପଣା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ, ଫୁଲବାଣୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ଇଂ ପ୍ରକାଶ ରଞ୍ଜନ ସୋରେନ, ଜିଲା ଲେଖକ ସାମୁଖ୍ୟର ସଭାପତି ରବୀନ୍ଦ୍ରନାଥ ମିଶ୍ର, ସମ୍ପାଦକ ପ୍ରସନ୍ନ ପଣ୍ଡା, କବି ନବ କିଶୋର ରଥଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ। କମଳା ସାହିତ୍ୟର ପ୍ରତିଷ୍ଠାତା ଡକ୍ଟର ନୃସିଂହା ନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## ଜୁଆ ଆଡ୍ଡାରୁ ୬ ଗିରଫ

ହିଞ୍ଜିଳିକାଟୁ, ୨୧।୫ (ଦ୍ୱିତୀକୃଷ୍ଣ ପଣ୍ଡା) ହିଞ୍ଜିଳି ଥାନା ତଥା ଆଡପଡ଼ା ଫାଣ୍ଡି ବଉଳଘାଇ ଗ୍ରାମ ନିକଟ ଏକ ଜୁଆଆଡ୍ଡା ଉପରେ ହିଞ୍ଜିଳି ପୋଲିସ ଚଢ଼ାଉ କରିଛି। ଚଢ଼ାଉରେ ୬ ଜଣ ଜୁଆଡ଼ି ଗରିଫ ହୋଇଛନ୍ତି। ସେମାନେ ହେଲେ ହିଞ୍ଜିଳି ଥାନା ବଉଳଘାଇ ଗ୍ରାମର ପିଣ୍ଟୁ ଭୁୟାଁ (୨୬), ଚିନ୍ମୟ ସ୍ୱାଇଁ (୨୨), କଂସ ସ୍ୱାଇଁ (୩୦), ଜିତୁ ସ୍ୱାଇଁ (୨୪), ପାଟପୁର ଥାନା ରଘୁନାଥପୁର ଗ୍ରାମର ମିଟୁ ପାଢୀ (୩୩) ଓ ନରସିଂହପୁର ଗ୍ରାମର ଆଲୋକ ପ୍ରଧାନ (୨୩)। ଘଟଣା ସ୍ଥଳରୁ ପୋଲିସ ୨୫ ହଜାର ୨୫ ଟଙ୍କା ସମେତ ୩ଟି ମୋବାଇଲ ଫୋନକୁ ଜବତ କରାଯାଇଛି।

# ଶୁଦ୍ଧଶବରଙ୍କୁ ମିଳିବ ଜାତି ପ୍ରମାଣପତ୍ର



ମୋହନା,୨୧।୫ (ମନ୍ମଥ ମିଶ୍ର)

ମୋହନା ବ୍ଲକର ଶୁଦ୍ଧ ଶବରଙ୍କୁ ଦୀର୍ଘ ବର୍ଷ ଧରି ଜାତି ପ୍ରମାଣ ପତ୍ର ଦିଆ ଯାଉନଥିଲା। ଯାହା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଶୁଦ୍ଧ ଶବରମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଦୌଡୁ ଥିଲେ। ବିଗତ ଦିନରେ ଶୁଦ୍ଧ ଶବର ସମାଜ ପକ୍ଷରୁ ମୋହନା ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ତଥାପି ସୁଫଳ ମିଳି ନ ଥିଲା। ଗତ ୧୯ତାରିଖରେ ରାଜ୍ୟ ଭାଜପା ସଂଗଠନ ସମ୍ପାଦକ ମାନସ ମହାନ୍ତି ଗଜପତି ଗସ୍ତ ସମୟରେ ମୋହନା, ଚନ୍ଦ୍ରଗିରି, ମଣ୍ଡଳର ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ମାନେ ଶୁଦ୍ଧ ଶବରଙ୍କୁ ଜାତି ପ୍ରମାଣ ପତ୍ର ମିଳି ନ ଥିବା ଅଭିଯୋଗ କରିଥିଲେ। ପରେ ଏହି ଅଭିଯୋଗ ଖବର ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଗଜପତି ଉପ ଜିଲାପାଳ ଅନୁପ ପଣ୍ଡା, ତହସିଲଦାର ଚକ୍ରଧର ପାଢ଼ୀ ଚନ୍ଦ୍ରଗିରି ସଉରା ଉନ୍ନୟନ କାର୍ଯ୍ୟାଳୟରେ ପହଞ୍ଚି ଶୁଦ୍ଧଶବର ମାନଙ୍କୁ ଡକାଇ ଆଗାମୀ ଦିନରେ ମୋହନା ବ୍ଲକରେ ଜାତି ପ୍ରମାଣପତ୍ର ଆବେଦନ କରନ୍ତୁ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଶୁଦ୍ଧ ଶବର ସାମାଜ ମୁଖ୍ୟମନ୍ତ୍ରୀ ଏବଂ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ସଂଖ୍ୟାନୁପାତରେ ସଂରକ୍ଷଣ ଦାବିରେ ବିଜେଡିର ଆନ୍ଦୋଳନ




ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ରାଜ୍ୟରେ ଏସ୍‌ଇବିସି ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଏବଂ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ୩୮.୭୫ ପ୍ରତିଶତ ସଂରକ୍ଷଣ ଦାବି ନେଇ ବିଜେଡି ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣା ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଜେଡିର ହଜାର ହଜାର କର୍ମୀ, ଦଳର ବରିଷ୍ଠ ନେତାମାନେ ଉପସ୍ଥିତ ରହି ସରକାର ବିରୋଧରେ ଗର୍ଜିଛନ୍ତି। ବିଜେଡି ବିଧାୟକ ତଥା ଦଳର ଓବିସି ସେଲ୍ ଆବାହକ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅରୁଣ କହିଛନ୍ତି, ବିଜେଡି ପକ୍ଷରୁ ରାଜଭବନ ଆଗରେ ସ୍ୱତଃପ୍ରବୃତ୍ତ ଭାବେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଛୁଟିଆସି ଏସ୍‌ସି, ଏସ୍‌ଟି ଏବଂ ଓବିସି ଛାତ୍ରୀଛାତ୍ରମାନଙ୍କୁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଟେକ୍ନିକାଲ ବିଷୟରେ ସଂରକ୍ଷଣ ଦେବା ଲାଗି ଦାବି କରିଛନ୍ତି। ଭାଜପା ସରକାର କେବଳ ସାଧାରଣ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଘୋଷଣା କରିଛନ୍ତି। ଯୁକ୍ତ ୩ରେ ପ୍ରାୟ ୭୦ ହଜାର ସିଟ୍ ରାଜ୍ୟରେ ଖାଲି ପଡୁଛି। ସେଠାରେ ସଂରକ୍ଷଣ ଦେବେ କହୁଛନ୍ତି। କିନ୍ତୁ ନିଯୁକ୍ତିଭିତ୍ତିକ ସଂରକ୍ଷଣ ମେଡିକାଲ, ଇଞ୍ଜିନିୟରିଂ ଏବଂ ବୈଷୟିକ କ୍ଷେତ୍ରରେ ଦେବା ଦରକାର। ସରକାର ଏହାକୁ ନେଇ ଦୂରେଇ ରହୁଛନ୍ତି। ତେଣୁ ବିଜେଡିର ବିଧାୟକ, ଏମ୍‌ପି ଏବଂ ଅନ୍ୟ ବରିଷ୍ଠ ନେତାମାନେ ଏନେଇ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟପାଳ ଏନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଯଦି ରାଜ୍ୟ ସରକାର ଏହି ଦାବି ପୂରଣ ନ କରନ୍ତି ଏବେ ଯେଉଁ ଝଲକ ଦେଖିଛନ୍ତି ଆଗକୁ ଦେଖିବେ ଏହା କେତେ ଭୟଙ୍କର ହୋଇପାରେ। ସାରା ଓଡିଶାର ଜିଲା ମୁଖ୍ୟାଳୟ, ସବ୍‌ଡିଭିଜନ, ବ୍ଲକ, ପଞ୍ଚାୟତସ୍ତରରେ ବିଜେଡି ଏହି ଆନ୍ଦୋଳନକୁ ଜୋର୍‌ଦାର କରିବ। ଓବିସିଙ୍କୁ ୫୪ ପ୍ରତିଶତ, ୩୯ ପ୍ରତିଶତ ଏସ୍‌ସି, ଏସ୍‌ଟିଙ୍କ ନାଯ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିଜେଡି ଏହି ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ନିଷ୍ପତ୍ତି ନେଇଥିବା ଅରୁଣ କହିଛନ୍ତି। ଅନ୍ୟପଟେ ରାଜ୍ୟପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ନିକଟରେ ଓବିସି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ କେବଳ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରଦାନ କରାଯାଇଥିବା ୧୧.୨୫ ପ୍ରତିଶତ ସଂରକ୍ଷଣ ଏକ ପ୍ରବଞ୍ଚନା। ବିଶେଷକରି ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ ପ୍ରଦାନ କରାଯାଇ ନ ଥିବାରୁ ବିଜେଡି ଏହାକୁ ନାପସନ୍ଦ କରିଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧିକାଂଶ ଆସନ ଖାଲି ପଡୁଛି ସେଗୁଡିକୁ ସଂରକ୍ଷଣ ଆକାରରେ ପ୍ରଦାନ କରିବା ନେଇ ଘୋଷଣା କରାଯିବା ଏକ ପ୍ରତାରଣା ଛଡ଼ା କିଛି ନୁହେଁ। କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନଗୁଡିକରେ ଏବଂ ଅନେକ ରାଜ୍ୟରେ ଓବିସି ଛାତ୍ରୀଛାତ୍ରମାନଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ରାଜ୍ୟର ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷାରେ ୩୮.୭୫ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯାଉଥିବା ବେଳେ ଇଞ୍ଜିନିୟରିଂ, ମେଡିକାଲ ଏବଂ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ୨୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ତେଣୁ ଏସ୍‌ସି, ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ମଧ୍ୟ ୩୮.୭୫ ପ୍ରତିଶତ ସଂରକ୍ଷଣ ଦେବା ନେଇ ବିଜେଡି ପକ୍ଷରୁ ଦାବି କରାଯାଇଛି। ନବୀନ ସରକାର ସମୟରେ ଏସ୍‌ସି, ଏସ୍‌ଟି ଏବଂ ଓବିସିମାନଙ୍କ ଲାଗି ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥିବା ସମ୍ପର୍କରେ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

# ଗଞ୍ଜାମ ଜିଲାରେ ଯୁକ୍ତ ୨ ପାସ୍ ହାର ୮୪.୫୭ ପ୍ରତିଶତ

## ଗଜପତିରେ ୭୩.୮୯, କନ୍ଧମାଳରେ ୭୯.୪୮ ପ୍ରତିଶତ ପାସ୍

ବ୍ରହ୍ମପୁର,୨୧।୫(ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁଷ୍ଠିତ ଯୁକ୍ତ ୨ ପରୀକ୍ଷାର ବୁଧବାର ପରୀକ୍ଷା ଫଳ ପ୍ରକାଶ ପାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ଗଞ୍ଜାମରେ ପାସ୍‌ହାର ୮୪.୫୭ ପ୍ରତିଶତ ଥିବାବେଳେ ଗଜପତିରେ ୭୩.୮୯ ପ୍ରତିଶତ ଓ କନ୍ଧମାଳରେ ୭୯.୪୮ ପ୍ରତିଶତ ରହିଛି। ଗଞ୍ଜାମ ଜିଲାରେ କଳାରେ ୧୯୦୨୫ ପିଲା ଫର୍ମ ପୂରଣ କରିଥିବାବେଳେ ୧୮୭୭୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୫୪୩୦ ଛାତ୍ରୀଛାତ୍ର ପାସ କରିଥିବାବେଳେ ପାସ ହାର ୮୨.୧୮ ପ୍ରତିଶତ ରହିଛି। ୩୩୪୫ ଛାତ୍ରୀଛାତ୍ର ଫେଲ କରିଛନ୍ତି। ସେହିପରି ବିଜ୍ଞାନରେ ୧୧୭୮୮ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ୧୧୬୮୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦୩୬୭ ଛାତ୍ରୀଛାତ୍ର ପାସ କରିଛନ୍ତି। ୮୮.୭୦ ପ୍ରତିଶତ ପାସ୍ ହାର ରହିଛି। ୧୩୨୦ ଛାତ୍ରୀଛାତ୍ର ଫେଲ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୨୨୨୧ ଛାତ୍ରୀଛାତ୍ରୀ ଫର୍ମ ପୂରଣ କରିଥିବାବେଳେ ୨୧୯୦ ପିଲା ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୮୯୩ ଛାତ୍ରୀଛାତ୍ର ପାସ କରିଛନ୍ତି। ପାସ ହାର ୮୬.୪୩ ପ୍ରତିଶତ ରହିଛି। ୨୯୭ ପିଲା ଫେଲ କରିଛନ୍ତି। ସେହିପରି ଧନ୍ଦାମୂଳକ ଶିକ୍ଷାରେ ୨୬୮ ପିଲା ଫର୍ମ ପୂରଣ କରିଥିବାବେଳେ ୨୬୦ ପିଲା ପରୀକ୍ଷା ଦେଇଛନ୍ତି। ୧୪୫ ପିଲା ପାସ କରିଛନ୍ତି। ପାସହାର ୫୫.୭୬ ପ୍ରତିଶତ ରହିଛି। ୧୧୫ ପିଲା ଫେଲ କରିଥିବା ଜଣାପଡିଛି। ସେହିପରି ଗଜପତି ଜିଲାରେ କଳାରେ ୩୭୬୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୭୨୦ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୭୯୫ ଛାତ୍ରୀଛାତ୍ର ପାସ କରିଥିବାବେଳେ ପାସ ହାର ୭୫.୧୩ ରହିଛି। ୯୨୫ ପିଲା ଫେଲ କରିଛନ୍ତି। ବିଜ୍ଞାନରେ ୧୪୦୯ ପିଲାଙ୍କ ମଧ୍ୟରୁ ୧୩୮୭ ପିଲା ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦୨୯ ପିଲା ପାସ କରିଛନ୍ତି। ପାସ ହାର ହିଛି ୭୪.୧୮ ପ୍ରତିଶତ ରହିଛି। ୩୫୮ ପିଲା ଫେଲ କରିଛନ୍ତି। ବାଣିଜ୍ୟରେ ୭୨ ପିଲାଙ୍କ ମଧ୍ୟରୁ ୭୦ ପିଲା ପରୀକ୍ଷା ଦେଇଥିବାବେଳେ ୫୯ ପାସ କରିଛନ୍ତି। ପାସ ହାର ରହିଛି ୮୪.୨୮ ପ୍ରତିଶତ। ୧୧ ପିଲା ଫେଲ କରିଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୧୩୧ ପିଲାଙ୍କ ମଧ୍ୟରୁ ୧୩୦ ପିଲା ପରୀକ୍ଷା ଦେଇଥିବାବେଳେ ୮୫ ପିଲା ପାସ କରିଛନ୍ତି। ପାସ ହାର ୬୫.୩୮ ପ୍ରତିଶତ ରହିଛି। ୪୫ ପିଲା ଫେଲ କରିଛନ୍ତି। ସେହିପରି କନ୍ଧମାଳ ଜିଲାରେ କଳାରେ ୩୫୮୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୫୪୧ ପିଲା ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୨୮୯୫ ପିଲା ପାସ କରିଛନ୍ତି। ପାସ ହାର ୮୧.୭୫ ପ୍ରତିଶତ ରହିଛି। ୬୪୬ ପିଲା ଫେଲ କରିଛନ୍ତି। ସେହିପରି ବିଜ୍ଞାନରେ ୧୪୧ ପିଲାଙ୍କ ମଧ୍ୟରୁ ୧୩୫ ପିଲା ପରୀକ୍ଷା ଦେଇଥିବାବେଳେ ୯୭ ଛାତ୍ରୀଛତ୍ର ପାସ କରିଛନ୍ତି। ପାସ ହାର ରହିଛି ୭୧.୮୫ ପ୍ରତିଶତ। ବାଣିଜ୍ୟରେ ୧୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫ ପରୀକ୍ଷା ଦେଇଥିବାବେଳେ ୧୩ ପାସ କରିଛନ୍ତି। ପାସହାର ରହିଛି ୮୬.୬୬ ପ୍ରତିଶତ। କେବଳ ୨ଜଣ ପିଲା ଫେଲ କରିଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ପବିତ୍ର ମୋହନ ବାରିକ ପ୍ରକାଶ କରିଛନ୍ତି।

## ସୁହାନି ସାହୁ ଇନ୍ଦିରା ପ୍ରିୟଦର୍ଶିନୀ କଲେଜ ଟପ୍ପର

ଜି.ଉଦୟଗିରି,୨୧।୫ (ଶିଶିର କୁମାର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)


ସୁହାନି ସାହୁ ।

କନ୍ଧମାଳ ଜିଲା ଜି.ଉଦୟଗିରି ସ୍ଥିତ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ରେଗୁଲାର ଓ ଏକ୍ସ ରେଗୁଲାର ସମୁଦାୟ ୧୯୯ ଜଣ ଛାତ୍ରୀ ଯୁକ୍ତ ୨ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୪ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବେଳେ ୪୭୯ ମାର୍କ ରଖି ସୁହାନି ସାହୁ କଲେଜରେ ଟପ୍ପର ହୋଇଛନ୍ତି। ୪୦ ଛାତ୍ରୀ ସେକେଣ୍ଡ ଡିଭିଜନ ଓ ୧୦୪ ଜଣ ପରୀକ୍ଷାର୍ଥୀ ଥାର୍ଡ ଡିଭିଜନରେ କୃତକାର୍ଯ୍ୟ ହୋଇଛନ୍ତି । ୧୪ ଜଣ ଫେଲ ହୋଇଥିବା ବେଳେ ୬ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିବା ନେଇ ଅଧ୍ୟକ୍ଷ ଶିବରାମ ସାହୁଙ୍କ ଠାରୁ ସୂଚନା ମିଳିଛି। ଚଳିତ ପରୀକ୍ଷା ଫଳାଫଳ ନେଇ ଅନୁଷ୍ଠାନ କର୍ତ୍ତୃପକ୍ଷ ସନ୍ତୋଷ ଜନକ କହିବା ସହ ଫଳାଫଳ ଆହୁରି ଭଲ ହୋଇପାରିଥାନ୍ତା ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ବାଲାଜୀ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା
## ବିଜ୍ଞାନରେ ଅର୍ଚ୍ଚିତା, କଳାରେ ରୁଦ୍ରପ୍ରତାପ ଟପ୍ପର

ଟିକିଟି,୨୧।୫ (ପ୍ରକାଶ ଚନ୍ଦ୍ର ସାହୁ)


ଅର୍ଚ୍ଚିତା ଡାକୁଆ


ରୁଦ୍ରପ୍ରତାପ ସାହୁ

ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ଶ୍ରୀବାଲାଜୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଯୁକ୍ତ ୨ ବିଜ୍ଞାନରେ ପାସ୍ ହାର ୯୭ ପ୍ରତିଶତ ଓ କଳାରେ ପାସ ହାର ୬୧ ପ୍ରତିଶତ ରହିଛି। ବିଜ୍ଞାନରେ ଛାତ୍ରୀ ଅର୍ଚ୍ଚିତା ଡାକୁଆ ୫୪୭ ନମ୍ବର ରଖି ଟପ୍ପର ହୋଇଥିବା ବେଳେ କଳାରେ ରୁଦ୍ରପ୍ରତାପ ସାହୁ ୫୦୪ ନମ୍ବର ରଖି ଟପ୍ପର ହୋଇଛନ୍ତି। ଅର୍ଚ୍ଚିତା ନୂଆପଡା ଗ୍ରାମସ୍ଥିତ ସରସ୍ୱତୀ ଶିକ୍ଷା ଅନୁଷ୍ଠାନରେ କୋଚିଂ ନେଉଥିଲେ। ସରସ୍ୱତୀ ଶିକ୍ଷା ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ସାହୁ ଅର୍ଚ୍ଚିତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା ପାଇଁ ତାଙ୍କ ବାପା ମା ଶିକ୍ଷୟତ୍ରୀ ଶିକ୍ଷକ ମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସୂଚନାଯୋଗ୍ୟ ବିଜ୍ଞାନରେ ସମୁଦାୟ ୫୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୧୭ ଜଣ ପ୍ରଥମ ଶ୍ରେଣୀ,୧୩ ଜଣ ଦ୍ୱିତୀୟ ଶ୍ରେଣୀ,୧୮ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ୫ ଜଣ ଛାତ୍ରୀଛାତ୍ର ଅକୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଯୁକ୍ତ ୨କଳାରେ ସମୁଦାୟ ୨୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୧୭ ଜଣ ପ୍ରଥମ ଶ୍ରେଣୀ, ୧୭ ଜଣ ଦ୍ୱିତୀୟ,୧୦୦ ତୃତୀୟ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଥିବା ବେଳେ ୮୪ ଅକୃତକାର୍ଯ୍ୟ ହୋଇଛନ୍ତି।

## ବିଜ୍ଞାନରେ ଦୀପକ ସାହୁ ବୁଗୁଡ଼ା ବ୍ଲକ ଟପ୍ପର

ବୁଗୁଡ଼ା,୨୧।୫(କାଳିଚରଣଦାଶ)

ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳପ୍ରକାଶ ପାଇବା ପରେ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଦୀପକ ସାହୁ ସର୍ବାଧିକ ୫୦୯ (୮୪.୮୩% ) ନମ୍ବର ରଖି ବୁଗୁଡ଼ା ବ୍ଲକ ଟପ୍ପର ରୂପେ ବିବେଚିତ ହୋଇଥିବା ଜଣାଯାଇଛି। ବୁଗୁଡା ବ୍ଲକ ଅନ୍ତର୍ଗତ ୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୩୧୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬୧ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ପିପୁଲ୍ଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୯ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୩୪ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୯ ଜଣ ଓ ତୃତୀୟ ଶ୍ରେଣୀରେ ୭୬ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ବାଲିପଦର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୩ ଜଣ ଓ ତୃତୀୟ ଶ୍ରେଣୀରେ ୨୧ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ଅନ୍ୟପକ୍ଷରେ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୧ ଜଣଙ୍କ ମଧ୍ୟରୁ ୪୦ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୦ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୩ ଜଣ ଓ ତୃତୀୟ ଶ୍ରେଣୀରେ ୧୭ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ଫଳରେ ଚଳିତ ବର୍ଷ ବୁଗୁଡ଼ା ବ୍ଲକରେ ଯୁକ୍ତ ୨ ବିଜ୍ଞାନର ପାସ ହାର ୮୩.୯୨ ପ୍ରତିଶତ ରହିଛି ।

## ଶେରଗଡ଼ ଉଦୟ ପ୍ରତାପ ବିଜ୍ଞାନ ମାଧ୍ୟମିକ ବିଦ୍ୟାଳୟ ଫଳାଫଳ

ଶେରଗଡ଼,୨୧।୫(ସୂର୍ଯ୍ୟ ନାରାୟଣ ଦାଶ):


ଚିନୁ ପ୍ରଧାନ


ରୋଜାଲିନ ସାହୁ


ଶ୍ରୀକାନ୍ତ ତରାଇ

ଶେରଗଡ଼ ଉଦୟ ପ୍ରତାପ ବିଜ୍ଞାନ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ଫଳାଫଳ ପ୍ରକାଶ ପାଇଛି। ବିଜ୍ଞାନରେ ୮୦ ଜଣ ପରୀକ୍ଷା ଦେଇଥିବା ବେଳେ ୬୪ ପାସ କରିଛନ୍ତି। ଚିନୁ ପ୍ରଧାନ ୪୮୩ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। ବାଣିଜ୍ୟରେ ୫୧ ଜଣ ପରୀକ୍ଷା ଦେଇଥିବା ବେଳେ ୨୯ ଜଣ ପାସ କରିଛନ୍ତି। ୪୨୧ ମାର୍କ ରଖି ରୋଜାଲିନ ସାହୁ ଟପ୍ପର ହୋଇଛନ୍ତି। ସେହିପରି କଳାରେ ମୋଟ ୩୮୬ ପରୀକ୍ଷା ଦେଇଥିବା ବେଳେ ୩୧୭ ଜଣ ପାସ କରିଛନ୍ତି। ସେଥିମଧ୍ୟରୁ ୫୧୧ ମାର୍କ ରଖି ଶ୍ରୀକାନ୍ତ ତରାଇ କଲେଜ ଟପ୍ପର ହୋଇଛନ୍ତି। ପିଉଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୨୨୦ ପରୀକ୍ଷା ଦେଇଥିବା ବେଳେ ୧୫୪ ଜଣ ପାସ କରିଛନ୍ତି।

## ଅଧାରୁ ଅଟକିଲା ଶଙ୍କରଙ୍କ ଚାରିଧାମ ଯାତ୍ରା
### ୫୯ ଦିନରେ ଗାଁ କୁ ଫେରିଲେ

ଦାରିଙ୍ଗବାଡ଼ି,୨୧।୫ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଶଙ୍କରଙ୍କ ଚାରିଧାମ ଯାତ୍ରା ଅଧାରୁ ଅଟକିଛି। ୫୯ ଦିନର ଯାତ୍ରା ବୁଧବାର ହରିୟାନାର ସଫଲାଠାରୁ ବନ୍ଦ ରଖିଛନ୍ତି। ପୁଣି କରୋନା ଫେରୁଥିବାରୁ ତାଙ୍କୁ ପୋଲିସ ବୁଝାଇ ଗାଁ ଫେରିଯିବାକୁ ପରାମର୍ଶ ଦେଇଥିଲେ। ପରେ ସେ ଟ୍ରେନରେ ଦିଲ୍ଲୀ ଫେରି ସେଠାରୁ ସେ ନିଜ ଗାଁକୁ ଫେରୁଛନ୍ତି। ଏହି ଯାତ୍ରା ଅଧାରୁ ଅଟକି ଥିବାରୁ ସେ ଭାଙ୍ଗି ପଡ଼ିଛନ୍ତି। ପୁଣି ଏହି ଯାତ୍ରା ଆଗକୁ ନିଶ୍ଚିତ କରିବେ ବୋଲି କହିଛନ୍ତି। ଶଙ୍କର ମାର୍ଚ୍ଚ ୨୪ରେ ଦାରିଙ୍ଗବାଡ଼ିରୁ ଏହିଯାତ୍ରା ଆରମ୍ଭ କରିଥିଲେ। ସେ ସାଇକେଲରେ ଚାରିଧାମ ଯାତ୍ରା କରିବାର ଯୋଜନା ଥିଲା।

## କଳିଙ୍ଗ ମହାବିଦ୍ୟାଳୟର ଭାରତୀ ବ୍ଲକ ଟପ୍ପର

ଜି.ଉଦୟଗିରି,୨୧।୫
(ଚିନ୍ମୟ କୁମାର ସେଠୀ)


ଭାରତୀ ପ୍ରଧାନ।

ଚଳିତବର୍ଷ ଜି.ଉଦୟଗିରି କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ୨ କଳା ବିଭାଗର ମୋଟ ୩୨୦ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୨୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୭ ଜଣ ପ୍ରଥମ ଶ୍ରେଣୀ, ୩୩ ଜଣ ଦ୍ୱିତୀୟ,୧୪୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି। ଛାତ୍ରୀ ଭାରତୀ ପ୍ରଧାନ ୫୧୪ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ବିଜ୍ଞାନ ବିଭାଗର ସମୁଦାୟ ୭୯ ଛାତ୍ରୀ ଛାତ୍ରଙ୍କ ମଧ୍ୟରୁ, ୮ ଜଣ ପ୍ରଥମ, ୧୭ ଜଣ ଦ୍ୱିତୀୟ, ୩୭ ଜଣ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସମୁଦାୟ ୬୭ ଜଣ ପାସ ହୋଇଥବା ଅନୁଷ୍ଠାନ ତରଫରୁ ସୂଚନା ମିଳିଛି।

## ଆସିକାରେ ଛାତ୍ରୀଛାତ୍ରଙ୍କ ପାସହାର ବଢ଼ିଛି

ଆସିକା,୨୧।୫(ସୁରେନ୍ଦ୍ର ନାଥ ସାହୁ)

ଯୁକ୍ତ ୨ ପରୀକ୍ଷା ଫଳରେ ଆସିକାସ୍ଥିତ ଆସିକା ବିଜ୍ଞାନ ମହାବିଦ୍ୟାଳୟ, ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଓ ସରସ୍ୱତୀ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ରଙ୍କ ପାସହାର ପୂର୍ବ ଅପେକ୍ଷା ଅଧିକ ରହିଛି । ଚଳିତବର୍ଷ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ୨ କଳାରେ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷା ଦେଇଥିବା ମୋଟ ୨୪୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୧୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୫, ଦ୍ୱିତୀୟ ଶ୍ରେଣୀରେ ୪୧ ଓ ତୃତୀୟ ଶ୍ରେଣୀରେ ୧୨୬ଜଣ ରହିଥିଲା ବେଳେ ୩୭ ଜଣ ଫେଲ ହୋଇଛନ୍ତି । ସୁମନ ରାଉତ ୮୭ ପ୍ରତିଶତ ମାର୍କ ରଖି ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି । ସେହିଭଳି ବିଜ୍ଞାନରେ ସମୁଦାୟ ୧୧୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୫ଜଣ ପାସ କରିଛନ୍ତି । ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୯, ଦ୍ୱିତୀୟ ଶ୍ରେଣୀରେ ୩୨ ଓ ତୃତୀୟ ଶ୍ରେଣୀରେ ୩୪ଜଣ ରହିଥିଲା ବେଳେ ୩୧ଜଣ ଫେଲ ହୋଇଛନ୍ତି । ଶୁଭମ ନାହାକ ୭୮ ପ୍ରତିଶତ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି । ଯୁକ୍ତ ୨ ବାଣିଜ୍ୟରେ ସମୁଦାୟ ୪୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୧ଜଣ ପାସ ହୋଇଛନ୍ତି । ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୩, ଦ୍ୱିତୀୟ ଶ୍ରେଣୀରେ ୧୦ ଓ ତୃତୀୟ ଶ୍ରେଣୀରେ ୧୮ ରହିଥିଲା ବେଳେ ୫ଜଣ ଫେଲ ହୋଇଛନ୍ତି। ଓମ ପ୍ରସାଦ ଚୌଧୁରୀ ୮୧ ପ୍ରତିଶତ ମାର୍କ ରଖି ଶ୍ରେଣୀ ଟପ୍ପର ହୋଇଛନ୍ତି । ଧନ୍ଦାମୂଳକ ଶିକ୍ଷାରେ ସମୁଦାୟ ୧୭ଜଣ ପରୀକ୍ଷା ଦେଇଥିବା ବେଳେ ୧୩ ଜଣ ପାସ ହୋଇଛନ୍ତି । ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭, ଦ୍ୱିତୀୟ ଶ୍ରେଣୀରେ ୪ ଓ ତୃତୀୟ ଶ୍ରେଣୀରେ ୨ଜଣ ଅଛନ୍ତି । ୪ଜଣ ଫେଲ ହୋଇଛନ୍ତି । ସ୍ମୃତିରାଣୀ ଲେଙ୍କା ୬୯ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଥିବା କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି। ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ୨ କଳାରେ ରେଗୁଲାର ଓ ଏକ୍ସ ରେଗୁଲାର ମିଶି ୨୪୯ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୩୫ ଜଣ ପାସ କରିଛନ୍ତି। ପାସ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୪, ଦ୍ୱିତୀୟ ଶ୍ରେଣୀ ୫୪ ଓ ତୃତୀୟ ଶ୍ରେଣୀରେ ୮୭ଜଣ ପାସ କରିଛନ୍ତି। ୧୪ଜଣ ଫେଲ ହୋଇଛନ୍ତି । ୫୩୪ ମାର୍କ ରଖି ଶ୍ୱେତା ସାହୁ ଶ୍ରେଣୀ ଟପ୍ପର ହୋଇଛନ୍ତି। ବିଜ୍ଞାନରେ ସମୁଦାୟ ୧୪୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୦ଜଣ ପାସ କରିଛନ୍ତି । ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀ ୫୩, ଦ୍ୱିତୀୟ ଶ୍ରେଣୀ ୨୫, ତୃତୀୟ ଶ୍ରେଣୀରେ ୧୬ ଏବଂ ୧୭ଜଣ କମ୍ପାଟମେଣ୍ଟରେ ପାସ କରିଥିଲା ବେଳେ ୧୬ଜଣ ଫେଲ ହୋଇଛନ୍ତି । ୫୩୧ ମାର୍କ ରଖି ବୈଶାଳି ବେହେରା ଶ୍ରେଣୀ ଟପ୍ପର ହୋଇଥିବା କଲେଜ ଅଧ୍ୟକ୍ଷ ସରୋଜ କୁମାର ଜେନା ସୂଚନା ଦେଇଛନ୍ତି । ସେହିଭଳି ସରସ୍ୱତୀ ବିଦ୍ୟାମନ୍ଦିରରେ ଯୁକ୍ତ୨ ବିଜ୍ଞାନରେ ସମୁଦାୟ ୯୧ଜଣ ପରୀକ୍ଷାର୍ଥିଙ୍କ ମଧ୍ୟରୁ ୮୮ଜଣ କୃତକାର୍ଯ୍ୟ ହୋଇଛନ୍ତି । ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୦, ଦ୍ୱିତୀୟ ଶ୍ରେଣୀରେ ୨୭ ଓ ତୃତୀୟ ଶ୍ରେଣୀରେ ୧୧ଜଣ କୃତକାର୍ଯ୍ୟ ହୋଇଥିଲା ବେଳେ ୩ଜଣ ଫେଲ ହୋଇଛନ୍ତି । ନୃସିଂହ ଚରଣ ସାହୁ ୮୩.୫ ପ୍ରତିଶତ ମାର୍କ ରଖି ଶ୍ରେଣୀ ଟପର ହୋଇଥିବା ପ୍ରଧାନାଚାର୍ଯ୍ୟ ସୁନିଲ ଗୌଡ ସୂଚନା ଦେଇଛନ୍ତି ।

**Tender Notice**

**BAIF Institute for Sustainable Livelihoods and Development**

Invites sealed quotations from reputed vendors for "Roof water harvesting" work in Kujang block, Jagatsinghpur district, Odisha. Refer **www.baif.org.in** & **www.baifodisha.org** for details.

**Plot no.: 1565/2682, At Bhatra PO. Dhanupali, Sambalpur Odisha-768005 Telephone: +91-7894418530**

**UTKAL UNIVERSITY**
**VANI VIHAR**
**BHUBANESWAR-751004**

**No.DRS/RUSA-1041-2016 (PDF)/696/2025 Date: 21.05.2025**

The University announces 8 Nos. of RUSA Post-Doctoral Fellowship @ Rs.80,000/- per month depending on academic qualifications, research competencies and publications in high impact factor journals for maximum period of three years. Interested candidates may apply in the prescribed format to the Coordinator RUSA 2.0, Utkal University, Vani Vihar, Bhubaneswar-751004, India latest by **9th June 2025** with a soft copy to **rusa.utkal@gmail.com**. The details of it is available at **www.utkaluniversity.ac.in**. For any queries, candidate may contact at **rusa.utkal@gmail.com**.

University reserves the right to cancel the advertisement without assigning any reason.

**Sd/- REGISTRAR**

## ଗଞ୍ଜେଇ ସହ ଗାଡ଼ି ଜବତ, ୪ ଗିରଫ

ଖଜୁରୀପଡ଼ା/ଭଞ୍ଜନଗର,୨୧।୫
( ବିଦୁର ବେହେରା/ବାବୁଲା ପ୍ରଧାନ/)

କନ୍ଧମାଳ ଭାୟା ଭଞ୍ଜନଗର ଦେଇ ବିଭିନ୍ନ ଜିଲା ଓ ରାଜ୍ୟ ବାହାରକୁ ଅଧିକାଂଶ ସମୟରେ ଗଞ୍ଜେଇ ଚାଲାଣ ହେଉଛି। ବୁଧବାର କନ୍ଧମାଳ ଜିଲା ଖଜୁରିପଡ଼ା ପୋଲିସ ଓ ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ ପୃଥକ ଭାବେ ୩ଟି ଗାଡ଼ି ଓ ୧୩୦ କେଜି ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଖଜୁରିପଡ଼ା ଥାନା ଅଞ୍ଚଳରେ ବୁଧବାର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବରପାଇ ଥାନା ଅଧିକାରୀ ଚାପଧାରୀ ପ୍ରଧାନଙ୍କ ସହିତ ଏକ ପୋଲିସ ଟିମ ନୂଆଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଗି ରହିଥିଲେ। ସେହିବାଟ ଦେଇଆସୁଥିବା ଏକ କାର୍ (ନଂ ଓଡ଼ି୦୫ଏସି ୩୩୧୩) ଏବଂ ବାଇକ (ନଂ ଓଡ଼ି ୨୫କ୍ୟୁ ୩୨୨୩)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ମିଳିଥିବା ୭୦ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ ମିଳିଥିଲା। ପୋଲିସ ଗାଡି ସହ ଉକ୍ତ ଗଞ୍ଜେଇ ଜବତ କରିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଓଡ଼ଗାଁ ଥାନା ଅଞ୍ଚଳର ରାହୁଲ ରାଉତ ଓ ବିଭୂତି ସାହୁ । ସେହିପରି କନ୍ଧମାଳରୁ ପୁରୀ ଅଭିମୁଖେ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଭଞ୍ଜନଗର ଅବକାରୀ ବିଭାଗ ଉକ୍ତ ଗାଡିରୁ ୬୦ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚଳାଣ ଅଭିଯୋଗରେ ପୁରୀ ଜିଲାର ୨ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ ଡମ୍ବରୁଧର ହରିଜନ, ଉପନିରୀକ୍ଷକ ଅଲିଭା ମାଝୀ, ଏଏସଆଇ ବି ପରିଚ୍ଛା,ସନାତନ ନାହାକ,ଅବକାରୀ କର୍ମଚାରୀ ଜଗନ୍ନାଥ ମହାପାତ୍ର, ଶୁବଳ ପ୍ରଧାନ,କଷ୍ଟଚନ୍ଦ୍ର ସେଠୀ,ଦିପ୍ତି ରଞ୍ଜନ ସାହୁ ପ୍ରମୁଖ ଚଢ଼ାଉର ନେତୃତ୍ୱ ନେଇଥିଲେ ।

## ତାମିଲନାଡୁରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଦିଗପହଣ୍ଡି,୨୧।୫(ଅଶେଷ ନାଥ ମିଶ୍ର)


ଅରକ୍ଷିତ ଦୋରା।

ତାମିଲନାଡୁ ରାଜ୍ୟର ଶିବଗଙ୍ଗା ଜିଲା ମାଲକୋଟାଇ ଗ୍ରାମରେ ଥିବା ଏକ ଘରୋଇ ମେଟାଲ କମ୍ପାନୀରେ କାମ କରୁଥିବା ବେଳେ ବଡ଼ ପଥର ଖସିଯିବାରୁ ଚାପି ହୋଇ ଜଣେ ଓଡିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ବ୍ଲକ କୁଶପଡା ଗ୍ରାମ ଚମ୍ପାସାହିର ବି . ପଞ୍ଚା ଦୋରାଙ୍କ ପୁଅ ବି . ଅରକ୍ଷିତ ଦୋରା(୨୮)। ଅରକ୍ଷିତ ଦୀର୍ଘ ବର୍ଷ ଧରି ଉକ୍ତ କମ୍ପାନୀରେ ଜେସିବି ଚାଳକ ରୂପେ କାର୍ଯ୍ୟ କରି ଆସୁଥିଲେ। ଗତ ପ୍ରାୟ ୨ବର୍ଷ ପୂର୍ବେ ସେ ବିବାହ କରିଥିଲେ। ତାଙ୍କର ଏକ ୬ ମାସର ଶିଶୁ ଅଛି। ପରିବାର ପୋଷଣ ନିମନ୍ତେ ସେ ସେଠାରେ କାମ କରୁଥିଲେ। ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ କମ୍ପାନୀର କ୍ରଶର ନିକଟରେ କାମ କରୁଥିବା ବେଳେ ହଠାତ ଏକ ବଡ଼ ପଥର ଖସି ପଡ଼ିଥିବାରୁ ସେହି ପଥର ତଳେ ୬ ଶ୍ରମିକ ଚାପି ହୋଇ ରହିଯାଇଥିଲେ। ଅନ୍ୟ କର୍ମଚାରୀ ଓ ଶ୍ରମିକମାନେ ଦୀର୍ଘ ସମୟ ପରିଶ୍ରମ କରିବା ପରେ ୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେଥିମଧ୍ୟରେ ଅରକ୍ଷିତ ଥିଲେ। ଅନ୍ୟ ୪ ଶ୍ରମିକ ସେଠାକାର ବୋଲି ଜଣାପଡିଛି। ବୁଧବାର ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। କମ୍ପାନୀ ପକ୍ଷରୁ ଏନେଇ ଅରକ୍ଷିତଙ୍କ ପରିବାରକୁ ସୂଚନା ଦିଆଯିବା ପରେ ପରିବାର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡିଛନ୍ତି। ମଙ୍ଗଳବାର ପରିବାର ଲୋକେ ସେଠାରେ ପହଞ୍ଚି ଥିବା ଖବର ମିଳିଛି। ଅରକ୍ଷିତଙ୍କ ମୃତଦେହ ଗାଁକୁ ଆଣିବା ଏବଂ ତାଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**कार्यालय अधीक्षण अभियंता, लोक निर्माण विभाग, बिलासपुर मंडल, बिलासपुर**

**ई-प्रोक्यारमेंट निविदा सूचना**

**Portal: http://eproc.cgstate.gov.in**

छत्तीसगढ़ शासन, लोक निर्माण विभाग, बिलासपुर मण्डल, बिलासपुर में निम्नलिखित कार्य नवीन ई-पंजीयन में पंजीकृत ठेकेदार हेतु सरल क्र. 1 हेतु 02.06.2025 तक एवं सरल क्र. 2 से 10 हेतु दिनांक 09.06.2025 तक निविदा आमंत्रित की जाती है:-

| क्र. | नि.आ.सू. क्र./दिनांक | कार्य का नाम | लागत (लाख में) |
|---|---|---|---|
| 1 | 26 | जिला मुंगेली विकासखण्ड पथरिया के कंचनपुर में हाईस्कूल भवन निर्माण कार्य। द्वितीय आमंत्रण। मुंगेली संभाग, मुंगेली। मद संख्या -67-4202-3490 माध्यमिक शाला भवन | 66.77 |
| 2 | 27 | जिला जांजगीर चांपा के पकरिया से रिवापार तक मार्ग लंबाई 1.019 कि.मी. निर्माण कार्य। प्रथम आमंत्रण। चांपा संभाग, चांपा। मद संख्या -64-5054-9002 सड़क निर्माण (अनु.बाह्.क्षेत्र) | 112.08 |
| 3 | 28 | उपसंभाग कोनी, बिलासपुर के विभिन्न मार्गों में डब्ल्यू.एम.एम. एवं बी.टी. पेच रिपेयर कार्य। प्रथम आमंत्रण। संभाग क्र 1 बिलासपुर। मद संख्या -24-3054 वार्षिक संधारण | 65.00 |
| 4 | 29 | उपसंभाग क्र 2. बिलासपुर के अंतर्गत विभिन्न मार्गों में डब्ल्यू.एम.एम. एवं बी.टी पेच रिपेयर कार्य। प्रथम आमंत्रण। संभाग क्र 1. बिलासपुर। मद संख्या -24-3054 वार्षिक संधारण | 65.00 |
| 5 | 30 | उपसंभाग क्र 1. बिलासपुर के अंतर्गत विभिन्न मार्गों में बी.टी. पेच रिपेयर कार्य। प्रथम आमंत्रण। संभाग क्र 1. बिलासपुर। मद संख्या -24-3054 बार्षिक संधारण | 69.94 |
| 6 | 31 | सारगपुर से सावंतपुर तक पहुंच मार्ग लंबाई 1.77 कि.मी का निर्माण कार्य। प्रथम आंमत्रण। मुंगेली संभाग, मुंगेली। मद संख्या -24-5054-1222 ग्रामीण सड़क | 189.34 |
| 7 | 32 | कुम्रोली भटली मार्ग पर पुल का निर्माण एप्रोच सहित लंबाई 0.20 कि.मी.। प्रथम आमंत्रण। मुंगेली संभाग, मुंगेली। मद संख्या -24-5054-1222 ग्रामीण सड़क | 87.64 |
| 8 | 33 | मुंगेली सभाग अंतर्गत विभिन्न मार्गों में रोड मार्किंग, साईन बोर्ड एवं रोड सेफ्टी का कार्य। प्रथम आंमत्रण। मुंगेली संभाग, मुंगेली। मद संख्या -24-3054-0134 वार्षिक संधारण। | 60.00 |
| 9 | 34 | लोरमी उपशंभाग अंतर्गत खुडिया सेक्शन के कोटा लोरमी पण्डरिया मार्ग के कि.मी. 46/2 से 68/10=21.00 कि.मि. अन्य मार्गों में डब्ल्यु.एम.एम. एवं बी.टी. पेच रिपेयर कार्य। प्रथम आमंत्रण। मुंगेली संभाग, मुंगेली। मद संख्या -24-3054 वार्षिक संधारण | 50.00 |
| 10 | 35 | लोरमी उपशंभाग अंतर्गत लोरमी सेक्शन के वोडतरा पथर्रा राम्हेपुर मार्ग के कि.मी. 1/2 से 13/10 = 13.00 कि.मी. अन्य मार्गों में डब्ल्य.एम.एम. एवं बी.टी पेच रिपेयर कार्य। प्रथम आमंत्रण। मुंगेली संभाग, मुंगेली। मद संख्या -24-3054 वार्षिक संधारण | 50.00 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखें जा सके है।

स्वा./- अधीक्षण अभियंता
G-252601009/4 लो.नि.वि. बिलासपुर मण्डल, बिलासपुर

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ପିସିଏମ୍ଏମ୍/ଜିଇଏନ୍ଏଲ୍/ଟିପି/୨୦୨୫/୧୭, ତାରିଖ: ୨୧।୦୫।୨୦୨୫, "ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂଆ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.in ରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ କରିଦିଆଯିବ । କ୍ର.ସଂ., ଟେଣ୍ଡର ନଂ. ଧାର୍ଯ୍ୟ ତାରିଖ, ସଂକ୍ଷିପ୍ତ ବର୍ଣ୍ଣନା, ପରିମାଣ ଓ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ: **୧. ୮୦୨୫୧୮୬୧, ୧୩।୦୬।୨୦୨୫,** ଇଲେକ୍ଟ୍ରିକ୍ ଲୋକୋ ପାଇଁ ମୁଖ୍ୟ ଟ୍ରାନ୍ସଫର୍ମର ନିମନ୍ତେ ଇନ୍‌ହିବିଟେଡ୍ ମିନେରାଲ୍ ଇନ୍‌ସୁଲେଟିଂ ଅଏଲ୍ । ୫୩୬୧୮୦ ଲିଟର, ₹୧୦,୦୪,୭୪୦/- । **୨. ୨୫୨୫୧୨୬୩, ୦୨।୦୬।୨୦୨୫,** ଇନ୍‌ଷ୍ଟାନିଅସ୍ ହାଇ ଭୋଲଟେଜ୍ ସର୍କିଟ୍ । ୧୭୨ ଗୋଟି, ₹୨,୭୩,୨୭୦/- । **୩. ୨୫୨୫୧୨୭୬, ୦୬।୦୬।୨୦୨୫,** ରେଜିଷ୍ଟର ଗ୍ରୀଡ୍ ଏଲିମେଣ୍ଟ ଆସେମ୍ବ୍ଲି । ୭୮୦ ଗୋଟି, ₹୪,୦୪,୯୮୦/- । **୪. ୨୫୨୫୧୧୭୯, ୦୭।୦୬।୨୦୨୫,** ଏକ୍ସିଲ ବକ୍ସ ଆସେମ୍ବ୍ଲି କମ୍ପ୍ଲିଟ୍ ବେରିଂ ସହିତ । ୫୧୭ ସେଟ୍, ₹୭,୪୮,୫୪୦/- । **୫. ୨୯୨୫୫୦୨୯, ୧୬।୦୬।୨୦୨୫,** ଅଏଲ୍ କୁଲର୍ ରେଡିଏଟର । ୧୦ ଗୋଟି, ₹୧,୧୧,୩୯୦/- । **୬. ୨୫୨୫୧୨୧୩, ୧୮।୦୬।୨୦୨୫,** ଇଣ୍ଡିପେଣ୍ଡେଣ୍ଟ ବ୍ରେକ୍ ଭାଲ୍‌ଭ ଏସ୍‌ଏ୯ । ୨୦୬ ଗୋଟି, ₹୧,୩୧,୨୬୦/- । **୭. ୨୫୨୫୧୨୦୬, ୦୭।୦୭।୨୦୨୫,** ବ୍ରେକ୍ ଶୁ' ମିଡିୟମ୍ ଫସ୍‌ଫରସ୍ । ୬୨୧୩୦ ଗୋଟି, ₹୧୨,୬୭,୪୫୦/- । **୮. ୨୫୨୫୧୩୧୮, ୧୦।୦୭।୨୦୨୫,** ସସ୍‌ପେନ୍ସନ୍ ଟ୍ୟୁବ୍ ଆସେମ୍ବ୍ଲିର ଓଭରହଲିଂ ପାଇଁ ସ୍ପେୟାର୍‌ଗୁଡ଼ିକର ସେଟ୍ । ୪୪୧ ସେଟ୍, ₹୬,୭୮,୦୩୦/- । **୯. ୨୯୨୫୦୦୨୮ଏ, ୦୮।୦୮।୨୦୨୫,** ୩ ଫେଜ୍ ଟିଏମ୍ ଟାଇପ୍ ୬ଏଫ୍‌ଆର୍‌ଏ ୬୦୬୮ ପାଇଁ ରୋଲର୍ ବେରିଂ ସେଟ୍ । ୮୧୭ ସେଟ୍, ₹୧୪,୦୮,୪୯୦/- । **୧୦. ୨୫୨୫୧୨୭୦, ୧୧।୦୮।୨୦୨୫,** ଭାକ୍ୟୁମ୍ ସର୍କିଟ୍ ବ୍ରେକର (ସିଙ୍ଗଲ୍ ବଟଲ୍) । ୭୧ ଗୋଟି, ₹୫,୧୨,୪୦୦/- । **୧୧. ୫୬୨୫୧୬୮୯, ୧୮।୦୬।୨୦୨୫,** ଗ୍ରୀନ୍ ଆସପେକ୍ଟ ମେନ୍ ଏଲ୍‌ଇଡି ସିଗ୍ନାଲ ଲାଇଟିଂ ୟୁନିଟ୍ । ୮୨୧ ଗୋଟି, ₹୧,୬୫,୯୬୦/- । **୧୨. ଆଇଏଫ୍‌୨୫୫୨୬୯, ୧୯।୦୬।୨୦୨୫,** ଶାଙ୍କ୍ ୱେର୍ ପ୍ଲେସ୍ ସହ କପଲର୍ ବଡ଼ି । ୬୭୫ ଗୋଟି, ₹୪,୭୩,୧୨୦/-। ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ସେମାନଙ୍କର ବିଡ୍ ଅନଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଏବଂ ତତ୍‌ପଶ୍ଚାତ ପ୍ରକାଶିତ ଯେକୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି ।

(PR-185) ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ଗାର୍ଡେନ ରିଚ୍

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, धनबाद।**

**ई–प्रोक्योरमेंट सूचना**

ई–निविदा प्रसंग संख्या - **RCD/DHANBAD/793/2025-26 (1st Call)**

दिनांक – **20.05.2025**

| | | |
|---|---|---|
| 1. | कार्य का नाम | "पथ प्रमण्डल, धनबाद अन्तर्गत जामताड़ा से निरसा भाया बीरग्राम पथ (कुल लंबाई– 8.70 कि0मी0) का राईडिंग क्वालिटी में सुधार ( Improvement of Riding Quality ) कार्य, वर्ष 2025–26" |
| 2. | प्राक्कलित राशि (रुपये में) | रुपये 6,31,96,633/– रूपये मात्र |
| 3. | कार्य समाप्ति की अवधि | 75 दिन |
| 4. | निविदा प्राप्ति की अंतिम तिथि एवं समय | 28.06.2025 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 27.05.2025 (10:30 बजे पूर्वाह्न) |
| 6. | निविदा आमंत्रित करने वाले पदाधिकारी का पदनाम | कार्यपालक अभियंता, पथ निर्माण विभाग, पथ प्रमण्डल,धनबाद। |
| 7. | प्रोक्युरमेंट अधिकारी का सम्पर्क नम्बर | **06432-275640** |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2446007 |

अतिरिक्त जानकारी के लिए वेबसाईट **http://jharkhandtenders.gov.in** पर देखें।

कार्यपालक अभियंता,
PR 353124 Road(25-26)D पथ निर्माण विभाग, पथ प्रमण्डल, धनबाद।

## ସଂକ୍ଷେପରେ

### ୧୪୮ ଲିଟର ଦେଶୀମଦ ଜବତ, ୪ ଗିରଫ

ପାତ୍ରପୁର, ୨୧।୫(ଉମା ଚରଣ ନେପାକ)

ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଚଢ଼ାଉ ବେଳେ ମଦ ଜବତ ହୋଇଛି। ଜରଡା ଥାନା ଅନ୍ତର୍ଗତ ଥଳିବାଡ, ଜରଡା ନାଇକ ସାହି, ସାମନ୍ତରାପୁର, କନ୍ଧବିଜିପୁର ଆଦି ଗ୍ରାମରେ ଚଢ଼ାଉ ବେଳେ ୧୪୮ ଲିଟର ଅପମିଶ୍ରିତ ରନ୍ଧା ମଦ ଜବତ କରାଯାଇଛି। ଏହି ଘଟଣାରେ ଜରଡା ନାଇକ ସାହିର ବିଜୟ ନାଇକ, ଦିଲୀପ ନାଇକ, କନ୍ଧବିଜିପୁରର ଦ୍ରୌପଦୀ ଦଳେଇ ଓ ଥଳିବାଡ଼ ଗ୍ରାମର ରଇବାରି ଶବରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମପୁର କାରାଗାରକୁ ପଠା ଯାଇଛି। ଚଢ଼ାଉରେ ଚିକିଟି ଅବକାରୀ ଥାନା ଅଧିକାରୀ ସଞ୍ଜୟ କୁମାର ଭୁକ୍ତା, ଏଏସଆଇ ଆର୍. ଲକ୍ଷ୍ମୀ ରେଡ୍ଡୀ, ବସନ୍ତ କୁମାର ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

### ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି, ୨୧।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ଅଧିନ ଏକ ଗାଁରୁ ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ନାବାଳିକାଙ୍କ ମାମୁଁ ଗତ ୧୫ ତାରିଖରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଭାରପ୍ରାପ୍ତ ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଥାନା ମାମଲା ନଂ.୧୭୬/୨୫ ଅନୁଯାୟୀ ମକଦମା ରୁଜୁ କରି ତଦନ୍ତ ଚଳାଇଥିଲେ। ତଦନ୍ତକାରୀ ଅଧିକାରୀ ଏସ୍ଆଇ ସୋଫିଆ ମିଶ୍ର ଅପହୃତା ନାବାଳିକାଙ୍କୁ ମଙ୍ଗଳବାର ଶେରଗଡ଼ ବସଷ୍ଟାଣ୍ଡରୁ ଉଦ୍ଧାର କରିଥିବା ବେଳେ ପାଟପୁର ଥାନା ସାହାସପୁର ଗ୍ରାମର ଅଭିଯୁକ୍ତ ଚନ୍ଦନ ସ୍ୱାଇଁଙ୍କୁ ଗିରଫ କରିଥିଲେ। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ବୁଧବାର ଅଭିଯୁକ୍ତଙ୍କୁ ବ୍ରହ୍ମପୁର ପୋକ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ସାନଖେମୁଣ୍ଡି ବ୍ଲକ ଅଧିନ ଏକ ଗାଁର ନାବାଳିକା ଜଣକ ଅଭିଯୁକ୍ତଙ୍କୁ ଭଲ ପାଉଥିଲେ। ପ୍ରାୟ ୧୦ ଦିନ ପୂର୍ବେ ନାବାଳିକା ଜଣକ ଦିଗପହଣ୍ଡି ବ୍ଲକ ଅଧିନ ତାଙ୍କ ଜେଜେ ମା'ଙ୍କ ଘର ଗାଁକୁ ବୁଲି ଆସିଥିଲେ। ୧୪ ତାରିଖରେ ଅଭିଯୁକ୍ତ ଚନ୍ଦନ ଉକ୍ତ ଗାଁରେ ପହଞ୍ଚି ନାବାଳିକାଙ୍କୁ ଫୋନ କରି ଡାକିଥିଲେ। ସେ ଆସିବାରୁ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ କନ୍ଧମାଳ ଜିଲା ବାଲିଗୁଡ଼ା ଗ୍ରାମକୁ ନେଇ ଏକ ଭଙ୍ଗା ସ୍କୁଲ ଘରେ ରଖି ମନା କରିବା ସତ୍ତ୍ୱେ ତାଙ୍କ ସହ ବାରମ୍ବାର ଶାରିରୀକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ନେଇ ଶେରଗଡ଼ ଆସୁଥିବା ବେଳେ ତଦନ୍ତକାରୀ ଅଧିକାରୀ ମୋବାଇଲ ଟ୍ରାକିଂ କରି ପ୍ରଥମେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ।

# ପୁନଃ କାର୍ଯ୍ୟକ୍ଷମ ଦାବିରେ ଧାରଣା



ଧାରଣାରତ କର୍ମଚାରୀ।

## ୬ ମାସ ହେଲା ଟିଟାନିୟମ ପ୍ଲାଣ୍ଟ ବନ୍ଦ

ଛତ୍ରପୁର, ୨୧।୫ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁର ନିକଟରେ ଥିବା ସରାଫ ଏଜେନ୍ସି ପ୍ରାଇଭେଟ ଲିମିଟେଡ଼ର ଦେଶର ପ୍ରଥମ ସ୍ଲାଗ ପ୍ଲାଣ୍ଟ ଟିଟାନିୟମ କମ୍ପାନୀ ନଭେମ୍ବର ୫ ତାରିଖରୁ ବନ୍ଦ ରହିଛି। ସେଥିରେ କାମ କରୁଥିବା ୧୯୭ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ ଅସ୍ଥାୟୀ ଭାବେ ଛଟେଇ କରାଯାଇଛି। ଟିଟାନିୟମ ପ୍ଲାଣ୍ଟକୁ ପୁନଃ କାର୍ଯ୍ୟକ୍ଷମ କରିବା, ସମସ୍ତଙ୍କୁ ନିଯୁକ୍ତି, ଅଧା ବଦଳରେ ପୁରା ଦରମା ଦାବି ନେଇ ପ୍ଲାଣ୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଟିଟାନିୟମ ଏମ୍ପ୍ଲଇଜ ଓ ୱାର୍କର୍ସ ୟୁନିଅନ ପକ୍ଷରୁ ବୁଧବାରଠାରୁ ଧାରଣା ଦିଆଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି କୁହାଯାଇଛି।

ଦୀର୍ଘବର୍ଷ ଧରି କମ୍ପାନୀ କ୍ଷତିରେ ଚାଲୁଥିବା ବେଳେ କର୍ତ୍ତୃପକ୍ଷ ନଭେମ୍ବର ୫ରୁ ପ୍ଲାଣ୍ଟକୁ ବନ୍ଦ କରିବା ସହ ସମସ୍ତ କର୍ମଚାରୀଙ୍କୁ ନୋଟିସ ଦେଇ ଅସ୍ଥାୟୀ ଭାବେ ଛଟେଇ କରିଛନ୍ତି। ଅର୍ଡର ମିଳିବା ପରେ ଓ ପରିସ୍ଥିତି ସୁଧୁରିବା ଲାଗି କମ୍ପାନୀ କର୍ତ୍ତୃପକ୍ଷ ଚେଷ୍ଟା କରୁଥିବା ଓ ୨୦୨୫ ମାର୍ଚ୍ଚକୁ ପ୍ଲାଣ୍ଟ ଚାଲିବା ନେଇ ଆଶା କରାଯାଉଥିବା ନୋଟିସରେ ଦର୍ଶାଯାଇଥିଲା। ତେବେ ଏହି ଅବଧି ପରେ ୨ ମାସ ବିତିବାକୁ ବସିଥିଲେ ମଧ୍ୟ ପ୍ଲାଣ୍ଟ ପୁନଃ କାର୍ଯ୍ୟକ୍ଷମ ହୋଇନି। ବାରମ୍ବାର ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି ସୁଫଳ ମିଳିନି ବୋଲି ଆନ୍ଦୋଳନକାରୀ କହିଛନ୍ତି। ଧାରଣାରେ ୟୁନିୟନ ସଭାପତି ଦଣ୍ଡପାଣି ରେଡ଼ି, ସମ୍ପାଦକ ଶଙ୍କର ବେହେରା, କୋଷାଧ୍ୟକ୍ଷ ଏସ.କମରାଜୁ ରେଡ଼ି, ଉପସଭାପତି ଦିଲ୍ଲୀପ ପ୍ରଧାନ, ସହ ସମ୍ପାଦକ ରବୀନ୍ଦ୍ର ସାହୁ, ଦୟାନିଧି ସାହୁ, ଟି ବାବୁ ରାଓ, ଲକ୍ଷ୍ମୀ ବେହେରାଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ। କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ରାଜେଶ ଶର୍ମା ଓ ଅନ୍ୟ ଅଧିକାରୀ ଧାରଣାସ୍ଥଳକୁ ଆସି ଆଲୋଚନା କରଛନ୍ତି । ହେଲେ ଦାବି ପୂରଣ ନେଇ କୌଣସି ବିଧିବଦ୍ଧ ପ୍ରତିଶ୍ରୁତି ଦେଇପାରି ନ ଥିବାରୁ ଧାରଣା ଜାରି ରହିଥିଲା। ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ଚମାଖଣ୍ଡି ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ ପୋଲିସ ଫୋର୍ସ ସହ ସେଠାରେ ପରିସ୍ଥିତି ପ୍ରତି ନଜର ରଖିଥିଲେ। ସୂଚନାଯୋଗ୍ୟ ୨୦୧୬ ରୁ ଆରମ୍ଭ ହୋଇଥିବା ଏହି କମ୍ପାନୀ ସ୍ଥାନୀୟ ଲୋକଙ୍କ ଠାରୁ ୨୫୦ ଏକର ଜମି ଅଧିଗ୍ରହଣ କରିଥିବା ବେଳେ ମାତ୍ର ୨୦ ଏକର ଜମିରେ କମ୍ପାନୀ ପ୍ରତିଷ୍ଠା କରିଥିଲା। କମ୍ପାନୀରେ ୪୦୦ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା। କମ୍ପାନୀ ୨୦୦ ଲୋକଙ୍କୁ ନିଯୁକ୍ତି ଦେଇଥିଲା।

# ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଯବାନଙ୍କ ଶେଷକୃତ୍ୟ

## ଶିକୁଳାରେ ଶୋକାକୁଳ ପରିବେଶ





ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଉଛି।

ପୁରୁଷୋତ୍ତମପୁର, ୨୧।୫(ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଶିକୁଳା ଗ୍ରାମର ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ କୁମାର ବେହେରା (୩୯)। ସନ୍ତୋଷ ଛତିଶଗଡ଼ର ବିଳାଶପୁର ଠାରେ ସିଆର୍‌ପିଏଫ ଜବାନ ଭାବରେ କାର୍ଯ୍ୟ କରୁଥିଲେ। ୫ ଦିନ ତଳେ ସେ ଶୋଇଥିବା ଖଟରୁ ହଠାତ ତଳେ ପଡିଯାଇ ଗୁରୁତର ହୋଇପଡିଥିଲେ। ସେଠାରେ ଥିବା ତାଙ୍କର ସହକର୍ମୀମାନେ ଚିକିତ୍ସା ଲାଗି ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ ମଧ୍ୟ ଚିକିତ୍ସାଧିନ ଅବସ୍ଥାରେ ସୋମବାର ସନ୍ତୋଷଙ୍କର ମୃତ୍ୟୁ ଘଟିଥିଲ। ସିଆରପିଏଫ ପକ୍ଷରୁ ସ୍ୱତନ୍ତ୍ର ଗାଡି ଯୋଗେ ମରଶରୀର ବୁଧବାର ନିଜ ଗ୍ରାମ ଶିକୁଳାକୁ ଅଣାଯାଇଥିଲ। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ସିଆରପିଏଫ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଗାର୍ଡ ଅଫ ଅନର ଦିଆଯାଇ ସତ୍କାର କରାଯାଇଥିଲା। ଏଥିରେ ପୁରୁଷୋତ୍ତମପୁର ଥାନା ପୋଲିସ କର୍ମଚାରୀମାନେ ଯୋଗଦେଇ ସନ୍ତୋଷଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ସନ୍ତୋଷଙ୍କ ବିଧବା ସ୍ତ୍ରୀ ବନିତା ବେହେରା ଓ ୫ ବର୍ଷର ଶିଶୁ ପୁତ୍ରଙ୍କ ସମେତ ବାପା, ମା ଓ ଭାଇ ରହିଛନ୍ତି।

## ଦୁବାଇରେ ଓଡ଼ିଆ ଶ୍ରମିକ ମୃତ

ପାତ୍ରପୁର, ୨୧।୫(ଉମା ଚରଣ ନେପାକ):

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଗୁଣ୍ଡରା ପଞ୍ଚାୟତ ଅନ୍ତର୍ଗତ କଇଠା ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ଦୁବାଇଠାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଭୁବନା ଦାସ (୨୪)। କଇଠା ଗ୍ରାମର ସ୍ୱର୍ଗତ ଯୁଗଳ ଦାସଙ୍କ ୪ ଝିଅ ଥିବାବେଳେ ଭୁବନା ଏକମାତ୍ର ପୁଅ। ଭୁବନା ଏଜେଣ୍ଟ ଜରିଆରେ ଗତବର୍ଷ ଦୁବାଇ ଯାଇ ମେଟାଫୋର୍ମ ନାମକ ଏକ ଫାଇବର କମ୍ପାନୀରେ ୱେଲ୍ଡର୍ ଭାବେ କାମ କରୁଥିଲେ। ଗତ ମଙ୍ଗଳବାର କୌଣସି କାରଣରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଏବଂ ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ସେଠାକାର କମ୍ପାନୀ ଭାରତୀୟ ଦୂତାବାସ ଜରିଆରେ ପରିବାର ବର୍ଗଙ୍କୁ ଖବର ଦେଇଥିଲେ।



ଭୁବନା ଦାସ।

କମ୍ପାନୀ ଦ୍ୱାରା ମୃତଦେହକୁ କଇଠା ଆଣିବା ପାଇଁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି। ରୋଜଗାର କରି ପରିବାର ଚଳାଇବାକୁ ଦୁବାଇ ଯାଇଥିବା ଭୁବନାଙ୍କ ଅକାଳ ବିୟୋଗ ଖବର ଶୁଣି ବିଧବା ମା' ଯଶୋଦା ଏବଂ ୪ ଭଉଣୀ ଭାଙ୍ଗି ପଡିଛନ୍ତି।

# ମୌଳିକ ସୁବିଧା ଦାବିରେ ବସ୍ତିବାସିନ୍ଦାଙ୍କ ଅନଶନ

## ଦାବି ପୂରଣ ନ ହେବା ଯାଏ ଜାରି ରହିବ

ପାରଳାଖେମୁଣ୍ଡି, ୨୧।୫(ଗିରିଧାରୀ ପରିଚ୍ଛା):

ଦେଶ ସ୍ୱାଧୀନ ହେବାର ଦୀର୍ଘ ବର୍ଷ ପରେ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିର କେତେକ ସ୍ଥାନରେ ଲୋକେ ରାସ୍ତା, ପାନୀୟ ଜଳ, ବିଦ୍ୟୁତ ଆଦି ମୌଳିକ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି। ସହରର ୧୪ ନଂ. ୱାର୍ଡ ସଞ୍ଜୟ ଗାନ୍ଧୀ କଲୋନୀ ଅନ୍ତର୍ଗତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟସ୍ଥ ବସ୍ତିରେ ରହୁଥିବା ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ପରିବାର ମୌଳିକ ସୁବିଧା ସବୁ ପାଇବାରୁ ବଞ୍ଚିତ ରହିଛନ୍ତି। ଏ ନେଇ ବସ୍ତିବାସିନ୍ଦା ଗତ ମଙ୍ଗଳବାର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ବହୁବାର ଜିଲାପାଳଙ୍କ ଠାରୁ ଆରମ୍ଭ କରି ପଟ୍ଟା ଓ ଅନ୍ୟାନ୍ୟ ସୁବିଧା ଦାବି ନେଇ ତହସିଲ ଅଫିସ ଯିବା ସହ ବିଦ୍ୟୁତ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ବୁଧବାର ବସ୍ତି ସୁରକ୍ଷା ମଞ୍ଚର ଆବାହକ ସୁଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ବସ୍ତି ବାସିନ୍ଦା ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ବସ୍ତିକୁ ଆବାସ ଯୋଜନାରେ ସାମିଲ କରି ଜଳ, ବିଦ୍ୟୁତ, ରାସ୍ତା ନିର୍ମାଣ କରିବା ସହ ବସ୍ତିବାସିନ୍ଦା ମାନଙ୍କୁ ପଟ୍ଟା ପ୍ରଦାନ କରାଯାଉ ବୋଲି ସେମାନଙ୍କ ଦାବି ରହିଛି। କୌଣସି କାରଣରୁ ସମସ୍ୟାର ସମାଧାନ ହୋଇ ନ ପାରିଲେ ବେତାଗୁଡା ନିକଟସ୍ଥ ବିଜୁ ସ୍ମାର୍ଟ କଲୋନୀ ପଛପଟେ ଜାଗା ଦେଇ ଭୂମି ଅଧିକାର ପ୍ରମାଣପତ୍ର ସହ ଆବାସ ଯୋଜନା ଯୋଗାଇ ଦେବାକୁ ଦାବି କରିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଦାବି ପୂରଣ ନହୁଏ ସେ ପର୍ଯ୍ୟନ୍ତ ଆମରଣ ଅନଶନ ଜାରି ରହିବ ବୋଲି ପି ଚନ୍ଦ୍ର ଶେଖର, ପି ରାମୁଲୁ ଆମ୍ମା, ସି ଏଚ ରାମୁଲୁ ପ୍ରମୁଖ ଚେତାବନୀ ଦେଇଛନ୍ତି।




ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିବା ଲୋକେ।

## ପୁଅକୁ ହତ୍ୟା ପରେ ବାପାଙ୍କ ଆତ୍ମସମର୍ପଣ

ବାଲିଗୁଡ଼ା, ୨୧।୫ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ୍ ସାରଙ୍ଗଗଡ଼ ଥାନା ବଣ୍ଡଗୁଡ଼ା ପଞ୍ଚାୟତ ଘସାଗୁଡ଼ା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ନୃଶଂସ ବାପା ପଥରରେ ଛେଚି ୧୪ ବର୍ଷର ପୁଅକୁ ହତ୍ୟା କରିଛନ୍ତି। କେବଳ ସେତିକି ନୁହେଁ, ଅଭିଯୁକ୍ତ ବାପା ଘଟଣାସ୍ଥଳ ଘରପାଖ ତୋଟାରୁ ପୁଅର ମୃତଦେହକୁ ଘରକୁ ଆଣି କାହାକୁ କିଛି ନ କହି ଦିନଟିଏ ରଖିଥିଲେ। ଗ୍ରାମବାସୀ ଏହା ଜାଣିବା ପରେ ବାପା ବଳରାମ ପ୍ରଧାନ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ତାଙ୍କ ମୁହଁରୁ ଲୋମଟାଙ୍କୁରା ଘଟଣା ଶୁଣି ହତବାକ୍ ହୋଇଛନ୍ତି। ଘଟଣାସ୍ଥଳରେ ପହଞ୍ଚି ମୃତ ପୁଅ ଅବିନାଶ ପ୍ରଧାନର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅବିନାଶ ବଳରାମର ପ୍ରଥମ ପତ୍ନୀ ଭାନୁମତି କହଁରଙ୍କ ପୁଅ ବୋଲି ଜଣାପଡ଼ିଛି। ଏ ନେଇ କେଶ୍ ନଂ. ୮୦/୨୫ ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ।

## ବାଇକ୍ ଦୁର୍ଘଟଣାରେ ଜଣେ ଆହତ

ମୋହନା, ୨୧।୫(ମନ୍ମଥ ମିଶ୍ର): ମୋହନା ଥାନା ଅନ୍ତର୍ଗତ ଧନୁପଦା ଗାଁରୁ ମୋହନାକୁ ଆସିବା ସମୟରେ ଲିଲିଗଡ଼ ଗାଁ ପାଖ ବୁଲାଣିରେ ଭାରସାମ୍ୟ ହରାଇ ଏକ୍ ବାଇକ୍ ରାସ୍ତା କଡକୁ ଓଲଟି ପଡ଼ିଥିଲା। ଏଥିରେ ବାଇକ ଚାଳକ ମୋହନା ଥାନା ଅନ୍ତର୍ଗତ ଧନୁପଦା ଗାଁର ଲକ୍ଷ୍ମୀକାନ୍ତ ବେହେରା ଆହତ ହୋଇଛନ୍ତି। ସେ ରାସ୍ତା କଡରେ ପଡ଼ି ରହିଥିବା ବେଳେ ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ଅଟୋ ଯୋଗେ ମୋହନା ମେଡିକାଲକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଲକ୍ଷ୍ମୀକାନ୍ତ ଭଲ ଥିବା ଡାକ୍ତର କହିଛନ୍ତି ।

# ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ

ଛତ୍ରପୁର, ୨୧।୫(ଦିଲୀପ ସାମଲ):

ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ (ରାଜସ୍ୱ ) ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ବେଆଇନ ଭାବେ ଚାଲିଥିବା ଇଟାଭାଟିଗୁଡିକ ଉପରେ ନିୟମିତ ଚଢ଼ାଉ କରିବା, କ୍ରଶରଗୁଡିକ ଗାଇଡ଼ ଲାଇନ ଅନୁସାରେ ଚାଲୁଛି କି ନାହିଁ ଯାଞ୍ଚ କରିବାକୁ ବୈଠକରେ କୁହାଯାଇଛି। ବସୁନ୍ଧରା ଯୋଜନାରେ ଜିଲାରେ ଚିହ୍ନଟ ହୋଇଥିବା ଭୂମିହୀନଙ୍କ ମଧ୍ୟରୁ ୩୧୦୮ ଜଣ ହିତାଧିକାରୀଙ୍କୁ ଭୂମି ପ୍ରଦାନ କରାଯାଇଥିବା ବେଳେ ବଳକା ହିତାଧିକାରୀଙ୍କୁ ତୁରନ୍ତ ଜମି ପଟ୍ଟା ପ୍ରଦାନ କରିବା, ସରକାରୀ ଜମି ଜବରଦଖଲ ହୋଇଥିଲେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାରମାନଙ୍କୁ କୁହାଯାଇଛି। ଏଥିସହିତ ମ୍ୟୁଟେସନ କେସଗୁଡିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଫଇସଲା କରିବାକୁ କୁହାଯାଇଛି। କଲମ ଟୁ ଆର ଆର କରେକ୍ସନ(ଜମି ପଟ୍ଟା ଗୁଡିକ ଅପଡେଟ) ଉପରେ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ମଧ୍ୟ ଜାଗା ପ୍ରଦାନ ଦେବାକୁ କୁହାଯାଇଛି। ଗ୍ରାମକଣ୍ଟକ ପଟ୍ଟାଗୁଡିକ ତୁରନ୍ତ ଫଇସଲା କରିବା, ପଡ଼ା ଗ୍ରାମଗୁଡିକ ରାଜସ୍ୱ ଗ୍ରାମରେ ପରିଣତ କରିବା ନିମନ୍ତେ କାର୍ଯ୍ୟ କରିବା, ଜିଲାରେ ସଡ଼କ ଦୁର୍ଘଟଣା ଓ ଚୋରାମଦ କାରବାରକୁ ରୋକିବା ନିମନ୍ତେ ଯାଞ୍ଚକୁ ଜୋରଦାର କରିବାକୁ କୁହାଯାଇଛି। ବୈଠକରେ ବ୍ରହ୍ମପୁର ଉପଜିଲାପାଳ ଧୀନା ଦସ୍ତାଗିର, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ ଓ ଭଞ୍ଜନଗର ଉପଜିଲ୍ଲାପାଳ ଉମାକାନ୍ତ ବେହେରା ଙ୍କ ସମେତ ସମସ୍ତ ତହସିଲଦାର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ ଅଧିକାରୀମାନେ।

# ମୋବାଇଲ୍ ଚୋରି ଅଭିଯୋଗ ପାଇଁ ହ୍ୱାଟ୍ସଆପ୍ ନଂ. ଜାରି କଲା ଗଞ୍ଜାମ ପୋଲିସ

ଛତ୍ରପୁର, ୨୧।୫ (ସନ୍ତୋଷ ପାଢ଼ୀ):

ମୋବାଇଲ ଫୋନ ଚୋରି ହେଲେ କିମ୍ବା ହଜିଗଲେ ଜନସାଧାରଣଙ୍କୁ ଥାନାକୁ ଆସି ଏତଲା ଦେବାକୁ ପଡୁଛି । ଏ ସମ୍ପର୍କିତ ଅଭିଯୋଗ ବଢୁଥିବା ବେଳେ ଥାନାକୁ ନ ଆସି କିଭଳି ପୋଲିସକୁ ଜଣାଇ ହେବ ସେ ନେଇ ଗଞ୍ଜାମ ପୋଲିସ ପକ୍ଷରୁ ଏକ ହ୍ୱାଟ୍ସଆପ୍ ନମ୍ବର ଜାରି କରାଯାଇଛି । ଏହା କେବଳ ଗଞ୍ଜାମ ପୋଲିସ ଜିଲ୍ଲା ଅଧୀନରେ ଥିବା ଥାନା ଅଞ୍ଚଳରେ ରହୁଥିବା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଇଛି। ଯାହାର ମୋବାଇଲ ଫୋନ ହଜିଛି କିମ୍ବା ଚୋରି ହୋଇଛି ସେମାନେ ଗଞ୍ଜାମ ପୋଲିସ ଜିଲ୍ଲାର ହ୍ୱାଟ୍ସଆପ୍ ନଂ. ୯୧୨୪୬୫୪୦୧୫ରେ ଜଣାଇପାରିବେ ବୋଲି ସୂଚନା ଦିଆଯାଇଛି। ଏଥିସହ ଉକ୍ତ ନଂ.ରେ ଆଧାର କାର୍ଡ, ମୋବାଇଲ କ୍ରୟ ବିଲ୍‌ର ନକଲ, ମୋବାଇଲ କଭର ବକ୍ସ ଫଟୋ, ମୋବାଇଲ ହଜିଥିବା କିମ୍ବା ଚୋରି ହୋଇଥିବା ତାରିଖ ଓ ନିଜ ଅଞ୍ଚଳର ଥାନାର ନାମ ପୋଷ୍ଟ କରିବାକୁ କୁହାଯାଇଛି । ଏଥିସହ cyberhelpdesk.gjm@odishapolice.gov.inରେ ମଧ ଇ-ମେଲ କରି ସୂଚନା ଦେବାସହ ସମସ୍ତ ଡକୁମେଣ୍ଟ ଅପଲୋଡ଼ କରିପାରିବେ ବୋଲି କୁହାଯାଇଛି। ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଏହି ସୂଚନା ଦେଇଛନ୍ତି।




# ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

ଜି.ଉଦୟଗିରି, ୨୧।୫(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରିଠାରେ ଜୁନ ୭ରୁ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହେବା ନେଇ ଯାତ୍ରା କମିଟି ସଭାପତି ଚିତ୍ତରଞ୍ଜନ ସାହୁ ସୂଚନା ଦେଇଛନ୍ତି। ପ୍ରଥମଥର ପାଇଁ ହାତୀବାଲି ସାହି ମା' ବରାଳିନି ମନ୍ଦିର କମିଟିର ପ୍ରୟାସରେ ହେବାକୁଥିବା ଠାକୁରାଣୀ ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ସହ ଯାତ୍ରା ପରିଚାଳନା ପାଇଁ ସହରର ବିଭିନ୍ନ ସାହିର ଲୋକଙ୍କୁ ନେଇ ନୂତନ କମିଟି ମଧ୍ୟ ଗଠନ କରାଯାଇଛି। ବୁଧବାର ବରିଷ୍ଠ ପୁରୋହିତ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ୫ ଜଣ ପୁରୋହିତ ହାତୀବାଲି ସାହି ମା' ବରାଳିନି ମନ୍ଦିର ନିକଟରେ ଯାତ୍ରା ପାଇଁ ଶୁଭଖୁଣ୍ଟିର ପୂଜାର୍ଚ୍ଚନା କରିବା ପରେ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଇଲେକ୍ଟ୍ରି ଅଫିସ ଛକରେ ମା'ଙ୍କ ଅସ୍ଥାୟୀ ମଣ୍ଡପ ଠାରେ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯାତ୍ରା ଆୟୋଜନ କମିଟି ସଭାପତି ଚିତ୍ତରଞ୍ଜନ ସାହୁ ତଥା ସମସ୍ତ ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଯୁବପୀଢ଼ି ଉପସ୍ଥିତ ରହିଥିଲେ।



ଶୁଭଖୁଣ୍ଟି ସ୍ଥାପନ ପାଇଁ ପୂଜାର୍ଚ୍ଚନା ଚାଲିଛି।

# ଭାଇରାଲ ହେଲା ହାତଗୁଞ୍ଜା କାରବାର

## ଉତ୍କୋଚ ନ ଦେଲେ ପ୍ରମାଣପତ୍ର ରଦ୍ଦ

ଦାରିଙ୍ଗବାଡ଼ି, ୨୧।୫ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ଉତ୍କୋଚ ନ ଦେଲେ କୌଣସି କାର୍ଯ୍ୟ ହେଉନାହିଁ। ବିଶେଷ କରି ଏବେ ପିଲାମାନଙ୍କ ଶିକ୍ଷା ପାଇଁ ଆବଶ୍ୟକ ପ୍ରମାଣପତ୍ର ଜରୁରି ହୋଇଛି। ଏଥିପାଇଁ ତହସିଲ କାର୍ଯ୍ୟାଳୟରେ ଅଭିଭାବକଙ୍କ ଭିଡ଼ ଦେଖିବାକୁ ମିଳୁଥିବା ବେଳେ ପ୍ରମାଣ ପତ୍ର ପାଇବାକୁ ହେଲେ ଉତ୍କୋଚ ଦେବାକୁ ପଡୁଛି। ଯିଏ ଏହା ଦେଇପାରିବନି ତାର ପ୍ରମାଣପତ୍ରକୁ ଅବିଳମ୍ବେ ରଦ୍ଦ କରିଦିଆଯାଉଛି। ଉତ୍କୋଚ ସିଧା କୌଣସି ଅଫିସର କି କିରାଣୀ ନେଉନାହାନ୍ତି। ଏହି କାର୍ଯ୍ୟକୁ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା କରାଯାଉଛି। ଏଭଳି ଉତ୍କୋଚ ନେଇ ଜଣେ କିରାଣୀଙ୍କ ଟେବୁଲ ତ୍ରରେ ଗୁଞ୍ଜା ମାରୁଥିବା ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଛି।




ଦାରିଙ୍ଗବାଡ଼ି ତହସିଲ କାର୍ଯ୍ୟାଳୟ

ମିଳିଥିବା ସୂଚନା ଅନୁସାରେ ଦୁର୍ଗମ ଅଞ୍ଚଳ ହାତୀମୁଣ୍ଡା ପଞ୍ଚାୟତରୁ ଆସିଥିବା ଜଣେ ହିତାଧିକାରୀଙ୍କୁ ଜନ୍ମ ପଞ୍ଜିକରଣ ପାଇଁ ୫ ଶହ ଟଙ୍କା ଉତ୍କୋଚ ମଗାଯାଇଥିଲା। ସେଠାରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଏହି ଟଙ୍କା ନେଇ କିରାଣୀଙ୍କ ଟେବୁଲ ତ୍ରରେ ରଖିଥିବା ଭିଡିଓ ଘୁରିବୁଲୁଛି। ଏହାର ତଦନ୍ତ ପାଇଁ ଦାବି ଉଠିଛି। ସୋମବାର କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ ଏବଂ ଏସ୍‌ପି ହରିଶ ବିଶିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବ୍ଲକ୍ ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଦିନ ସମାଜିକ କର୍ମୀ ବିଳାସିନି ନାୟକ ତହସିଲ କାର୍ଯ୍ୟାଳୟରେ ହେଉଥିବା ଅନିୟମିତତା ସମ୍ପର୍କରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଥିଲେ। ଅତିରିକ୍ତ ତହସିଲଦାରଙ୍କ ଦାୟିତ୍ୱ ପ୍ରମାଣ ପତ୍ର ସଠିକ୍ ଭାବେ ହିତାଧିକାରୀଙ୍କୁ ଦେବା କିନ୍ତୁ ସେ ସାଧାରଣଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ କରିଥିଲେ। କୌଣସି ତଦନ୍ତ ନ କରି ପ୍ରମାଣପତ୍ରକୁ ରଦ୍ଦ କରୁଥିବା ଲୋକଙ୍କୁ ତଡ଼ିଦେବା ଏଭଳି ଅଭିଯୋଗ କରାଯାଇଥିଲା। ଭିଡିଓ ଭାଇରଲ ସମ୍ପର୍କରେ ତହସିଲଦାର ଶରତ ଶବରଙ୍କ ସହ ଯୋଗାଯୋଗ କରିବାରୁ ଏବେ ଛୁଟିରେ ଅଛନ୍ତି। କ'ଣ ହୋଇଛି ଆସିଲେ ତଦନ୍ତ କରିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ବେଲୁଚିସ୍ତାନ ସ୍କୁଲବସ୍‌ରେ ବିସ୍ଫୋରଣ: ୫ ମୃତ

**ଭାରତର ସମ୍ପୃକ୍ତି ଅଭିଯୋଗକୁ ନୂଆଦିଲ୍ଲୀର ଖଣ୍ଡନ**

ଇସ୍‌ଲାମାବାଦ/ନୂଆଦିଲ୍ଲୀ,୨୧।୫

ପାକିସ୍ତାନର ବେଲୁଚିସ୍ତାନରେ ଏକ ସ୍କୁଲ୍‌ବସ୍‌ରେ ବୁଧବାର ଆତ୍ମଘାତୀ ବିସ୍ଫୋରଣ ଘଟି ୩ ପିଲାଙ୍କ ସମେତ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୮ ଜଣ ଆହତ ହୋଇଛନ୍ତି। ଖୁଜଦାର ଜିଲାରେ ବସ୍‌ଟି ସ୍କୁଲ୍ ପିଲାଙ୍କୁ ନେଇ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲା। ଗାଡ଼ିରେ ଲଗାଯାଇଥିବା ଶକ୍ତିଶାଳୀ ବିସ୍ଫୋରକ ଉପକରଣରୁ ଏହି ବିସ୍ଫୋରଣ ହୋଇଥିବା ପାକିସ୍ତାନ ଗୃହ ମନ୍ତ୍ରଣାଳୟ କହିଛି। ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଆକ୍ରମଣକୁ ନିନ୍ଦା କରିବା ସହ ନିରୀହ ପିଲା ଓ ସେମାନଙ୍କ ଶିକ୍ଷକଙ୍କ ମୃତ୍ୟୁ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଆକ୍ରମଣରେ ଭାରତର ସମ୍ପୃକ୍ତି ଥିବା ପାକିସ୍ତାନ ଅଭିଯୋଗ କରିଥିବାବେଳେ ନୂଆଦିଲ୍ଲୀ ଏହାକୁ ଦୃଢ଼ ଭାବେ ଖଣ୍ଡନ କରିଛି। ପାକିସ୍ତାନର ଏଭଳି ଅଭିଯୋଗକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ନିନ୍ଦା କରିଛନ୍ତି। ଇସ୍‌ଲାମାବାଦ ନିଜସ୍ୱ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଏଭଳି କୌଶଳ ଆପଣାଉଥିବା ସେ କହିଛନ୍ତି।

### ଗୋଲ୍ଡେନ୍ ଡୋମ୍ ମିଶାଇଲ ଡିଫେନ୍ସ ସିଷ୍ଟମ୍ ଘୋଷଣାକଲେ ଟ୍ରମ୍ପ୍

ୱାଶିଂଟନ,୨୧।୫

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆମେରିକାକୁ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ବହୁସ୍ତରୀୟ ଗୋଲ୍ଡେନ୍ ଡୋମ୍ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ ଡିଜାଇନ୍ ସମ୍ପର୍କରେ ଘୋଷଣା କରିଛନ୍ତି। ଏଥିପାଇଁ ୧୭୫ ବିଲିୟନ ଡଲାର ବ୍ୟୟ ହେବ। ହାଇପରସୋନିକ୍ ମିଶାଇଲ୍, ଡ୍ରୋନ୍ ଏବଂ ଆକାଶମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ଏହି ଡିଫେନ୍ସ ସିଷ୍ଟମ୍‌ର ଲକ୍ଷ୍ୟ। ପ୍ରତିରକ୍ଷା କମ୍ପାନୀ ଲକ୍‌ହିଡ୍ ମାର୍ଟିନ ଏହି ପ୍ରସ୍ତାବ ଦେଇଥିଲା। ଶତ୍ରୁପକ୍ଷର କ୍ଷେପଣାସ୍ତ୍ର ଲଞ୍ଚ ହେବାଠାରୁ ପ୍ରତ୍ୟେକ ସ୍ତରରେ ଏହାକୁ ଟ୍ରାକ୍ ଓ ପ୍ରତିହତ ପାଇଁ ଡିଫେନ୍ସ ସିଷ୍ଟମ୍‌ରେ ସ୍ଥଳ ଓ ମହାକାଶ ଆଧାରିତ ପ୍ରଯୁକ୍ତିର ସମନ୍ୱୟ କରାଯିବ।



ଏକ ମିଡିଆ ଟୁର୍ ବେଳେ ଯବାନମାନେ ଜମ୍ମୁ ଉପକଣ୍ଠ ଅନ୍ତର୍ଜାତୀୟ ସୀମା ନିକଟରେ ପ୍ରସ୍ତୁତି ପ୍ରଦର୍ଶନ କରୁଛନ୍ତି।

## ସରକାରୀ ଜମିରେ କାହା ଅଧିକାର ନାହିଁ

**ୱାକ୍‌ଫ ମାମଲାରେ ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର**

ନୂଆଦିଲ୍ଲୀ,୨୧।୫(ପି.ଟି.)

ସରକାରୀ ଜମି ଉପରେ କେହି ଅଧିକାର ଦାବି କରିପାରିବେ ନାହିଁ। ୱାକ୍‌ଫ ବାଏ ୟୁଜର ସିଦ୍ଧାନ୍ତ ବ୍ୟବହାର ଦ୍ୱାରା ୱାକ୍‌ଫ ଘୋଷିତ ଜମି ଉପରେ ପୁନର୍ବାର ଦାବି କରିବା କ୍ଷମତା ସରକାରଙ୍କ ପାଖରେ ରହିଥିବା ବୁଧବାର କେନ୍ଦ୍ର ପକ୍ଷରୁ ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରାଯାଇଛି। ୱାକ୍‌ଫ ଏକ ଇସ୍‌ଲାମୀୟ ଧାରଣା, କିନ୍ତୁ ଏହା ଇସ୍‌ଲାମର ଅତ୍ୟାବଶ୍ୟକ ଅଂଶ ନୁହେଁ। ଏହା କେବଳ ଏକ ଚ୍ୟାରିଟି। ପ୍ରତ୍ୟେକ ଧର୍ମରେ ଚ୍ୟାରିଟିକୁ ସ୍ୱୀକୃତି ଦିଆଯାଇଥିବାରୁ ଏହାକୁ କୌଣସି ଧର୍ମର ଅତ୍ୟାବଶ୍ୟକ ସିଦ୍ଧାନ୍ତ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସର୍ବୋଚ୍ଚ ଅଦାଲତଙ୍କୁ କହିଛନ୍ତି।

ୱାକ୍‌ଫ ବାଏ ୟୁଜର ଏକ ଧାରଣା, ଯେଉଁଠି ଧର୍ମୀୟ କିମ୍ବା ଦାତବ୍ୟ ଉଦ୍ଦେଶ୍ୟରେ ଦୀର୍ଘଦିନ ଧରି ବ୍ୟବହୃତ ସମ୍ପତ୍ତିକୁ ୱାକ୍‌ଫ ଭାବେ ସ୍ୱୀକୃତି ଦିଆଯାଇଥାଏ। ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପରୋକ୍ତ ଯୁକ୍ତି ଉପସ୍ଥାପନ କରାଯାଇଛି। ସମ୍ପତ୍ତି ସରକାରଙ୍କର ଥାଇ ଏହା ୱାକ୍‌ଫ ଘୋଷିତ ହୋଇଥିଲେ ମଧ୍ୟ ସରକାର ଏହାକୁ ସଂରକ୍ଷଣ କରିପାରିବେ ବୋଲି ସୁପ୍ରିମକୋର୍ଟ ଏକ ରାୟରେ କହିଥିବା ସଲିସିଟର ଜେନେରାଲ ଜଣାଇଛନ୍ତି। ପ୍ରଭାବିତ ହୋଇଥିବା କୌଣସି ପକ୍ଷ ଅଦାଲତଙ୍କ ଦ୍ୱାରସ୍ଥ ହୋଇନାହାନ୍ତି। ମିଳିତ ସଂସଦୀୟ କମିଟିର ରିପୋର୍ଟ ଉପସ୍ଥାପନ କରିବା ସହ ମେହେଟ୍ଟା କହିଛନ୍ତି, ଆଇନ ଅଣାଯିବା ପୂର୍ବରୁ ଅନେକ ରାଜ୍ୟ ସରକାର ଓ ରାଜ୍ୟ ୱାକ୍‌ଫ ବୋର୍ଡ ସହ ପରାମର୍ଶ କରାଯାଇଥିଲା।

# ଆଫଗାନିସ୍ତାନକୁ ଲମ୍ବିବ ସିପିଇସି



ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି, ତାଙ୍କ ପାକିସ୍ତାନୀ ପ୍ରତିପକ୍ଷ ଇଶାକ୍ ଡାର ଏବଂ ଆଫଗାନିସ୍ତାନର କାର୍ଯ୍ୟକାରୀ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକ।


ବେଜିଂ/ଇସ୍‌ଲାମାବାଦ,୨୧।୫

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଡ୍ରିମ୍ ପ୍ରୋଜେକ୍ଟ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ଆଫଗାନିସ୍ତାନକୁ ଲମ୍ବିବ। ଚାଇନା, ପାକିସ୍ତାନ ଓ ଆଫଗାନିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକରେ ଏନେଇ ସହମତି ପ୍ରକାଶ ପାଇଥିବା ବୁଧବାର ସୂଚନା ମିଳିଛି।

ଇସ୍‌ଲାମାବାଦ ସୂତ୍ରରୁ ଜଣାପଡ଼ିଛି ଯେ, ବେଜିଂରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି, ତାଙ୍କ ପାକିସ୍ତାନୀ ପ୍ରତିପକ୍ଷ ଇଶାକ୍ ଡାର ଏବଂ ଆଫଗାନିସ୍ତାନର କାର୍ଯ୍ୟକାରୀ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି ଯୋଗଦେଇଥିଲେ। ସିପିଇସି ପାକ୍-ଅଧିକୃତ କଶ୍ମୀର (ପିଓକେ) ଦେଇ ଗତିଶୀଳ ହେଉଥିବାରୁ ଭାରତ ଏହି ବୃହତ୍ ପ୍ରକଳ୍ପକୁ ମୂଳରୁ ବିରୋଧ କରିଆସୁଛି। ସିପିଇସି ଅନ୍ତର୍ଭୁକ୍ତ ଥିବା ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ ପ୍ରୋଜେକ୍ଟକୁ ମଧ୍ୟ ନୂଆଦିଲ୍ଲୀ ବିରୋଧ କରୁଛି। ନିକଟରେ ତାଲିବାନ୍ ସରକାର ଭାରତକୁ ପ୍ରଶଂସା କରିଥିବାବେଳେ ଚାଇନା ଏପରି ବୈଠକର ଆୟୋଜନ କରିଛି। ଆଫଗାନିସ୍ତାନ ମାଟିରୁ ପାକିସ୍ତାନ ବିରୋଧରେ ଲଢୁଥିବା ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଉପରେ କାବୁଲ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଦର୍ଶାଇ ଇସ୍‌ଲାମାବାଦ ସମାଲୋଚନା କରିଆସୁଥିବାବେଳେ ସଦ୍ୟ ଘଟଣାକ୍ରମ ଭାରତ ପାଇଁ ଚିନ୍ତାଜନକ ହୋଇପାରେ। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ ଏକ ମିଡିଆ ବ୍ରିଫିଙ୍ଗ୍ ବେଳେ ଏହି ବୈଠକକୁ ଅଣାନୁଷ୍ଠାନିକ ବୋଲି ଦର୍ଶାଇଛନ୍ତି। ତେବେ ପାକିସ୍ତାନ ଓ ଆଫଗାନିସ୍ତାନର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ସୁରକ୍ଷା ପ୍ରଦାନ କରିବାକୁ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।

## ପାକ୍‌ରେ ନଦୀବନ୍ଧ ନିର୍ମାଣ ଜୋର୍‌ଦାର କରିଛି ଚାଇନା

**ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହେଲା**





ନୂଆଦିଲ୍ଲୀ,୨୧।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁନଦୀ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ସ୍ଥଗିତ ରଖିଥିବାରୁ ପାକିସ୍ତାନ ବିଚଳିତ ହୋଇଯାଇଛି। ଏହାର ଜଳ ସୁରକ୍ଷା ବଢ଼ାଇବା ପାଇଁ ସ୍ୱାତ୍ ନଦୀରେ ମହମନ୍ଦ ଡ୍ୟାମ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ପାକିସ୍ତାନ ଚାଇନାକୁ ଅନୁରୋଧ କରିବାକୁ ବାଧ୍ୟ ହୋଇଛି। ଭାରତ ଜଳଯୋଗାଣ ବନ୍ଦ କରିଦେବାର ଧମକ ଦେବା ପରେ ପାକିସ୍ତାନରେ ମହତ୍ତ୍ୱାକାଂକ୍ଷୀ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଜୋର୍‌ଦାର କରାଯାଇଥିବା ଚାଇନା ସରକାରୀ ଖବର ସରବରାହ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଛି। ଭାରତ ସିନ୍ଧୁନଦୀ ଜଳ ଚୁକ୍ତି ସ୍ଥଗିତ ରଖିବାର କିଛି ମାସ ପୂର୍ବରୁ ୨୦୨୪ ସେପ୍ଟେମ୍ବରରେ ମହମନ୍ଦ ଡ୍ୟାମ୍ ପ୍ରୋଜେକ୍ଟ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଦେଖିବାକୁ ମିଳିଛି। ୟୁରୋପୀୟ ସ୍ପେସ୍ ଏଜେନ୍ସିର ହସ୍ତଗତ ହୋଇଥିବା ସାଟେଲାଇଟ୍ ଚିତ୍ରରେ ଗତ ସେପ୍ଟେମ୍ବରରେ ମହମନ୍ଦ ଡ୍ୟାମ୍‌ର ମୁଖ୍ୟ ବନ୍ଧ କାର୍ଯ୍ୟ ଦେଖିବାକୁ ମିଳିଛି। ଗତ ୧୭ ତାରିଖର ସାଟେଲାଇଟ୍ ଚିତ୍ରରେ ପଥର ବନ୍ଧ ନିକଟରେ ବିପୁଳ ପରିମାଣର ସିମେଣ୍ଟ ଓ ଅନ୍ୟ ସାମଗ୍ରୀରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖାଯାଇଥିବାରୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରିମ ପର୍ଯ୍ୟାୟରେ ପହଞ୍ଚିଥିବାର ସୂଚନା ମିଳୁଛି।

## ବୈଶ୍ୱିକ ସଂଘର୍ଷ: ୫୦ ଦେଶର ୪୨୩ କୋଟି ପ୍ରଭାବିତ

ନୂଆଦିଲ୍ଲୀ,୨୧।୫




ରୁଷିଆ-ୟୁକ୍ରେନ୍ ଯୁଦ୍ଧଠାରୁ ନେଇ ଇସ୍ରାଏଲ୍‌ର ଗାଜା ଆକ୍ରମଣ, ହେଜ୍‌ବୋଲ୍ଲାର ଟାର୍ଗେଟରୁ ଜଳଭାଗରେ ଜାହାଜଗୁଡ଼ିକୁ ହୁତିଙ୍କ ଘନ ଘନ ରକେଟ ମାଡ଼। ବିଶ୍ୱର ବିଭିନ୍ନ ଭାଗରେ ଏପରି ସାମରିକ ସଂଘର୍ଷ ଲାଗିରହିଛି। ନିକଟରେ ଭାରତ-ପାକିସ୍ତାନ ସାମ୍ନାସାମ୍ନି ହେବାରୁ ବୈଶ୍ୱିକ ଯୁଦ୍ଧର ପରିସୀମା ବଢ଼ିଯାଇଥିଲା। ଏଭଳି ସ୍ଥିତିରେ ବିଶ୍ୱର ପ୍ରାୟ ଅଧା ଜନସଂଖ୍ୟା ସଂଘର୍ଷ ଦ୍ୱାରା ପ୍ରଭାବିତ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଆର୍ମ୍ଡ କନ୍‌ଫ୍ଲିକ୍ଟ ଲୋକେଶନ୍ ଆଣ୍ଡ ଇଭେଣ୍ଟ ଡେଟା (ଏସିଏଲ୍ଇଡି) ରିପୋର୍ଟ ଅନୁସାରେ ୫୦ ଦେଶରେ ଯୁଦ୍ଧ ଓ ସଂଘର୍ଷ ଯୋଗୁ ବର୍ଷକ ଭିତରେ ୪୨୩ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଅନ୍ୟୂନ ୧୦ ଦେଶରେ ଅତ୍ୟଧିକ ସଂଘର୍ଷ ସ୍ଥିତି ରହିଥିବାବେଳେ ୨୦ରେ ଉଚ୍ଚ ସଂଘର୍ଷ ଓ ଅସୁବିଧା ଲାଗି ରହିଛି। ୨୦୨୪ରେ ଗାଜା ସବୁଠୁ ବିପଜ୍ଜନକ ଥିବାବେଳେ ମ୍ୟାନ୍‌ମାରରେ ପ୍ରତି ସପ୍ତାହରେ ୧୭୦ ସଶସ୍ତ୍ର ସଂଘର୍ଷ ଚାଲିଥିଲା। ୟୁକ୍ରେନ୍ ଯୁଦ୍ଧକୁ ସବୁଠୁ ଘାତକ ସଂଘର୍ଷ ରୂପେ ଦର୍ଶାଯାଇଛି। ୨୦୨୫ ମେ' ୭ରୁ ୧୦ ପର୍ଯ୍ୟନ୍ତ ଭାରତ ପାକିସ୍ତାନର ଅନେକ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଦେଇଛି। ଶୀତଳଯୁଦ୍ଧ ପରେ ବିଶ୍ୱରେ ହିଂସା ସର୍ବାଧିକ ସ୍ତରରେ ରହିଥିବା ଜଣେ ବିଶ୍ଳେଷକ କହିଛନ୍ତି।

## ଭାରତର ୭୬% ଲୋକଙ୍କୁ ଅତ୍ୟଧିକ ବିପଦ

**ପ୍ରଚଣ୍ଡ ତାତି**

ନୂଆଦିଲ୍ଲୀ, ୨୧।୫




ଭାରତର ୫୭% ଜିଲାକୁ ପ୍ରଚଣ୍ଡ ଗରମ ଏବଂ ତାତିର ଅଧିକରୁ ଅତି ଅଧିକ ବିପଦ ରହିଛି। ଏହି ଜିଲାଗୁଡ଼ିକରେ ଦେଶର ପ୍ରାୟ ୭୬% ଜନସଂଖ୍ୟା ରହୁଛନ୍ତି। ରାତି ତାପମାତ୍ରା ବୃଦ୍ଧି ଏବଂ ବର୍ଦ୍ଧିତ ଆଦ୍ରତା ଯୋଗୁ ତାତିର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଅଧିକ ବିପଦପୂର୍ଣ୍ଣ କରୁଥିବା ନେଇ ନୂଆଦିଲ୍ଲୀସ୍ଥିତ ରିସର୍ଚ୍ଚ ଥିଙ୍କ୍‌ଟାଙ୍କ କାଉନ୍‌ସିଲ ଆଣ୍ଡ ଏନର୍ଜି, ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ ୱାଟର୍ (ସିଇଇଡବ୍ଲ୍ୟୁ) ପକ୍ଷରୁ କରାଯାଇଥିବା ଅଧ୍ୟୟନରେ କୁହାଯାଇଛି। 'ହାଓ ଏକ୍ସଟ୍ରିମ୍ ହିଟ୍ ଇଜ୍ ଇମ୍ପାକ୍ଟିଙ୍ଗ୍ ଇଣ୍ଡିଆ: ଆସେସିଙ୍ଗ ଡିଷ୍ଟ୍ରିକ୍ଟ-ଲେଭଲ ହିଟ୍ ରିସ୍କ' ଶୀର୍ଷକ ଏହି ଅଧ୍ୟୟନକୁ ବୁଧବାର ଜାରି କରାଯାଇଛି। ଉକ୍ତ ଅଧ୍ୟୟନରେ ଭାରତର ୭୩୪ ଜିଲାର ଜଳବାୟୁ, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଆଦି ୩୫ଟି ବିଭିନ୍ନ କ୍ଷେତ୍ରକୁ ବିଶ୍ଳେଷଣ କରାଯାଇ ପ୍ରତ୍ୟେକ ଜିଲା ପାଇଁ ଏକ ହିଟ୍-ରିସ୍କ ସ୍କୋର୍ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁଯାୟୀ, ପ୍ରଚଣ୍ଡ ଗରମ ପାଇଁ ଦେଶର ୪୧୭ଟି ଜିଲାର ହିଟ୍-ରିସ୍କ ସ୍କୋର୍ ଅଧିକ ଏବଂ ଅତି ଅଧିକ ବିପଦ ବର୍ଗରେ ଆସୁଥିବା ବେଳେ ୨୦୧ଟି ଜିଲା ମଧ୍ୟମ ବିପଦ ବର୍ଗରେ ଆସୁଛି। ସେହିପରି ଦେଶର ୧୧୬ଟି ଜିଲା ତୁଳନାତ୍ମକ ଭାବେ ପ୍ରଚଣ୍ଡ ତାତିରେ କମ୍ ପ୍ରଭାବିତ ହେବ ବୋଲି ଏହି ରିପୋର୍ଟ କହିଛି।


**ଫୁରସତ୍**

# ୩୬ ଡିଜିଟ୍‌ର ବ୍ୟାଙ୍କ ବାଲାନ୍ସ

ହାଥରସ୍



ଅଜିତ




ଗତ ମାସରେ ଉତ୍ତରପ୍ରଦେଶର ହାଥ୍‌ରସ୍ ଜିଲାର ଏକ ଦୂରବର୍ତ୍ତୀ ଗ୍ରାମରେ ରହୁଥିବା ଅଜିତ ନାମକ ଜଣେ ବ୍ୟକ୍ତି ନିଜ ବ୍ୟାଙ୍କ ବାଲାନ୍ସ ଚେକ୍ କରି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେ ତାଙ୍କ ବ୍ୟାଙ୍କ ବାଲାନ୍ସରେ ୩୬ ଡିଜିଟ୍‌ର ସଂଖ୍ୟା ଦେଖିବାକୁ ପାଇଥିଲେ। ଅଜିତ କହିଛନ୍ତି, ଗତ ମାସ ୨୫ ତାରିଖରେ ସେ ତାଙ୍କ ଘରର କିଛି କାର୍ଯ୍ୟ ପାଇଁ ୧,୮୦୦ ଟଙ୍କା ଏବଂ ୧,୪୦୦ ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟରୁ ଖର୍ଚ୍ଚ କରିଥିଲେ। ଏହାପରେ ସେ ତାଙ୍କ ବ୍ୟାଙ୍କ ବ୍ୟାଲାନ୍ସ ଚେକ୍ କରିଥିଲେ। ବ୍ୟାଙ୍କ ବାଲାନ୍ସରେ ଭାରତୀୟ ଟଙ୍କାର ଚିହ୍ନ ସହ ଏକ ୩୬ ଡିଜିଟ୍‌ର ସଂଖ୍ୟା ସେ ଦେଖିବାକୁ ପାଇଥିଲେ। ଏହା ତାଙ୍କ ହୋସ୍ ଉଡ଼ାଇ ଦେଇଥିବା ଅଜିତ କହିଛନ୍ତି। ଘଟଣା ସମ୍ପର୍କରେ ସେ ପ୍ରଥମେ ତାଙ୍କ ପରିବାରକୁ ଜଣାଇଥିଲେ। ଅଜିତଙ୍କ ବ୍ୟାଙ୍କ ବାଲାନ୍ସ ଏତେ ସଂଖ୍ୟାରେ ବୃଦ୍ଧି ପାଇଥିବା ଜାଣି ପ୍ରଥମେ ତାଙ୍କ ସ୍ତ୍ରୀ ଏବଂ ପୂରା ପରିବାର ଖୁସି ହୋଇଯାଇଥିଲେ। ତେବେ ସାଇବର ଠକମାନେ ଅଜିତଙ୍କ ଆକାଉଣ୍ଟକୁ ଟାର୍ଗେଟ କରିଥାଇପାରନ୍ତି ବୋଲି ସନ୍ଦେହ କରି ସେମାନେ ପରେ ଚିନ୍ତାରେ ପଡ଼ିଥିଲେ। ଘଟଣାକୁ ନେଇ ଅଜିତ ବ୍ୟାଙ୍କ୍ ସହ ଯୋଗାଯୋଗ କରିଥିଲେ। ବୈଷୟିକ ତ୍ରୁଟି ଯୋଗୁ ଏପରି ହୋଇଥିବା ନେଇ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ବ୍ୟାଙ୍କ ଅଜିତଙ୍କ ଏହି ସମସ୍ୟାକୁ ତୁରନ୍ତ ସମାଧାନ କରିବାରେ ବିଫଳ ହୋଇଥିଲା। ତେଣୁ ଅଜିତ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ପରାମର୍ଶରେ ସେ ଉତ୍ତରପ୍ରଦେଶ ସାଇବର କ୍ରାଇମ ଡିଭିଜନକୁ ଘଟଣା ସମ୍ପର୍କରେ ଏକ ପତ୍ର ଲେଖିଥିଲେ। ୟୁପି ସାଇବର କ୍ରାଇମ ଡିଭିଜନ ସମ୍ପ୍ରତି ଏହି ଘଟଣାର ତଦନ୍ତ କରୁଥିବା ସହ ଅଜିତଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସାମୟିକ ଭାବେ ଫ୍ରିଜ୍ କରିଥିବା ନେଇ ରିପୋର୍ଟରେ କୁହାଯାଇଛି। ପ୍ରକାଶ ଯେ, ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କଙ୍କର ସମୁଦାୟ ସମ୍ପତ୍ତି ୧୪ ଡିଜିଟ୍‌ର ହୋଇଥିବାବେଳେ ୩୬ ଡିଜିଟ୍ ବ୍ୟାଙ୍କ ବାଲାନ୍ସ ସହ ଅଜିତ କିଛି ସମୟ ପାଇଁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇଯାଇଥିଲେ ବୋଲି କହି ସୋସିଆଲ ମିଡିଆରେ କେତେଜଣ ୟୁଜର୍ସ ବିଭିନ୍ନ ମଜାଳିଆ ପୋଷ୍ଟ କରୁଛନ୍ତି।

# ବିବାଦରେ 'ହେରାଫେରି ୩'

ମୁମ୍ବାଇ



୨୦୦୦ରେ ରିଲିଜ୍ ହୋଇଥିବା ପ୍ରସିଦ୍ଧ କମେଡି ଫିଲ୍ମ 'ହେରାଫେରି'ର ତୃତୀୟ ସିକ୍ୱେଲ 'ହେରାଫେରି ୩'ରେ ଭେଟେରାନ୍ ଅଭିନେତା ପରେଶ ରାୱଲ ସାମିଲ ହେବେ ନାହିଁ। ଏନେଇ ସେ ଗତ ୧୮ ତାରିଖରେ ଏକ୍ସ'ରେ ଏକ ପୋଷ୍ଟ କରି ସୂଚନା ଦେଇଥିଲେ। ବିଭିନ୍ନ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, 'ହେରାଫେରି ୩'ର ନିର୍ମାତା ତଥା ଅଭିନେତା ଅକ୍ଷୟ କୁମାର ମଙ୍ଗଳବାର ପରେଶଙ୍କୁ ଏକ ଲିଗାଲ ନୋଟିସ୍ ପଠାଇଛନ୍ତି। ପରେଶ ହଠାତ୍ ଫିଲ୍ମରେ ସାମିଲ ହେବେ ନାହିଁ ବୋଲି ଘୋଷଣା କରି ଫିଲ୍ମ ନିର୍ମାତାଙ୍କ ସହ କରିଥିବା କଣ୍ଟ୍ରାକ୍ଟକୁ ଉଲ୍ଲଂଘନ କରିଛନ୍ତି ଏବଂ ଫିଲ୍ମକୁ କ୍ଷତି ପହଞ୍ଚାଇଛନ୍ତି। ପରେଶଙ୍କ ଉକ୍ତ ଆଚରଣ ଅଣପେସାଦାର ହୋଇଥିବା ଦର୍ଶାଇ ଅକ୍ଷୟ ତାଙ୍କୁ ୨୫ କୋଟି ଟଙ୍କାର କ୍ଷତିପୂରଣ ନୋଟିସ୍ ପଠାଇଛନ୍ତି। ବୁଧବାର ଏନେଇ 'ହେରାଫେରି' ସିରିଜ୍‌ର ଅନ୍ୟତମ ଷ୍ଟାର୍ ଅଭିନେତା ସୁନୀଲ ଶେଟ୍ଟିଙ୍କର ପ୍ରତିକ୍ରିୟା ସାମ୍ନାକୁ ଆସିଛି। 'ହେରାଫେରି ୩'ରେ ସାମିଲ ନ ହେବା ନେଇ ପରେଶଙ୍କ ନିଷ୍ପତ୍ତି ତାଙ୍କୁ ବ୍ୟକ୍ତିଗତ ଭାବେ ଝଟକା ଦେଇଛି ବୋଲି ସୁନୀଲ କହିଛନ୍ତି। ସେ କହିଛନ୍ତି, ପରେଶଙ୍କ ବିନା 'ହେରାଫେରି ୩'ର କଳ୍ପନା ଅସମ୍ଭବ। ତାଙ୍କ କିମ୍ବା ଅକ୍ଷୟଙ୍କ ବିନା ଏହି ଫିଲ୍ମର ନିର୍ମାଣ ସମ୍ଭବ, କିନ୍ତୁ ପରେଶଙ୍କ ବିନା ଏହା ହୋଇପାରିବ ନାହିଁ। ପରେଶଙ୍କ ବିନା 'ହେରାଫେରି ୩'କୁ ଦର୍ଶକ ପସନ୍ଦ କରିବେ ନାହିଁ।

# ମହିଳା ଏସ୍‌ଆଇଙ୍କ ମୁଣ୍ଡ ଫଟାଇ ଯୁବକ ଗିରଫ



ଗିରଫ ହୋଇଥିବା ଅଭିଯୁକ୍ତ ବାଟୁ ଗର୍ଡ଼ିଆ ।

**ଛେଣ୍ଡିପଦା, ୨୧।୫ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦାଠାରେ ଆୟୋଜିତ ଚନ୍ଦନ ଯାତ୍ରାରେ ସୁରକ୍ଷା ଦାୟିତ୍ୱରେ ଥିବା ଛେଣ୍ଡିପଦା ଥାନାର ମହିଳା ଏସ୍‌ଆଇ ଶୁଭଲକ୍ଷ୍ମୀ ସିଂଙ୍କୁ ମଙ୍ଗଳବାର ରାତିରେ ଜଣେ ଯୁବକ ଆକ୍ରମଣ କରିଛନ୍ତି। ଯୁବକଙ୍କ ମାଡ଼ରେ ମହିଳା ଏସ୍‌ଆଇଙ୍କ ମୁଣ୍ଡ ଫାଟିଯାଇଛି। ପରେ ତାଙ୍କ ଏତଲା ଆଧାରରେ ପୋଲିସ ଅଭିଯୁକ୍ତ ଯୁବକ ଦେବଗଡ଼ ଜିଲା କୁଣ୍ଡେଇଗୋଳା ଥାନା ଖଇରିପାଲି ଗାଁର ବାଟୁ ଗର୍ଡ଼ିଆଙ୍କୁ ବୁଧବାର ଗିରଫ କରିଛି।

ପୋଲିସ କହିଛି, ଛେଣ୍ଡିପଦାଠାରେ ଚନ୍ଦନ ଯାତ୍ରା ଚାଲୁଥିବା ବେଳେ ଖଇରପାଲି ଗାଁର ବାଟୁ ମନ୍ଦିର ବେଢ଼ାରେ ମଦ୍ୟପାନ କରି ଉତ୍ପାତ କରୁଥିଲେ। ପରେ ବାଟୁ ଜଣେ ମହିଳାଙ୍କ ପିଛା କରୁଥିବା ଦେଖି ସେଠାରେ ଡ୍ୟୁଟିରେ ଥିବା ଛେଣ୍ଡିପଦା ଥାନା

**ମହିଳାଙ୍କ ପିଛା କରୁଥିବା ବେଳେ ରୋକିବାରୁ ଆକ୍ରମଣ**

ଏସ୍‌ଆଇ ଶୁଭଲକ୍ଷ୍ମୀ ତାଙ୍କୁ ବାରଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ବାଟୁ ଶୁଭଲକ୍ଷ୍ମୀଙ୍କୁ ଦୁର୍ବ୍ୟବହାର କରିବା ସହିତ ପିନ୍ଧିଥିବା ବଳାରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଶୁଭଲକ୍ଷ୍ମୀଙ୍କ ମୁଣ୍ଡ ଫାଟି ଯାଇଥିଲା। ସାଥୀ ପୋଲିସ କର୍ମୀମାନେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଥିସହ ମାଡ଼ ମାରିଥିବା ବାଟୁଙ୍କୁ କାବୁ କରି ଥାନାକୁ ନେଇ ଅଟକ ରଖିଥିଲେ। ଚିକିତ୍ସା ପରେ ମହିଳା ଏସ୍‌ଆଇ ମଧ୍ୟାହ୍ନରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୪୦/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ମଦଦୋକାନ କର୍ମଚାରୀଙ୍କଠାରୁ ୨ଲକ୍ଷ ୫ ହଜାର ଲୁଟ୍

**ଚମ୍ପୁଆ, ୨୧।୫ (ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ କରଞ୍ଜିଆଠାରେ ଥିବା ବିଦେଶୀ ମଦଦୋକାନର ୨ କର୍ମଚାରୀଙ୍କଠାରୁ ମଙ୍ଗଳବାର ରାତି ୧୦ଟାରେ ଦୁର୍ବୃତ୍ତ ବୋମା ଫୁଟାଇ ୨ ଲକ୍ଷ ୫୦ ହଜାର ଲୁଟି ନେଇଛନ୍ତି। ଏ ନେଇ ମାଲିକ ବିଦ୍ୟୁଭୂଷଣ ପତି ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, କରଞ୍ଜିଆଠାରେ ଥିବା ମଦଦୋକାନର କର୍ମଚାରୀ ଦିନେଶ ପ୍ରସାଦ ଓ ଅଶ୍ୱିନୀ କର ରାତି ୧୦ ଘଟିକା ସମୟରେ ଦୋକାନ ବନ୍ଦ କରିଥିଲେ। ବିକ୍ରି ଅର୍ଥ ୨ ଲକ୍ଷ ୫ ହଜାର ଟଙ୍କା ମାଲିକଙ୍କୁ ଜିମାଦେବାକୁ ତାଙ୍କ ଘରକୁ ଯାଉଥିଲେ। ଘରଠାରୁ ଅଳ୍ପ ଦୂରରେ ଥିବା ସରେଇ ଆମ୍ବବଗିଚା ନିକଟରେ ପଛରୁ ଆସୁଥିବା ଦୁର୍ବୃତ୍ତମାନେ ଗାଡି ଅଟକାଇଥିଲେ। ଏଥିସହ ସାଥିରେ ଆଣିଥିବା ୨ ଗୋଟି ବୋମା ଫିଙ୍ଗି କର୍ମଚାରୀଙ୍କୁ ଭୟଭୀତ କରିଥିଲେ। ପରେ ତାଙ୍କ ପାଖରେ ଥିବା ଟଙ୍କା ନେଇ ପଳାଇଥିଲେ। ଦୋକାନୀଙ୍କ ଅଭିଯୋଗ ଆଧାରରେ ଚମ୍ପୁଆ ଥାନାରେ ଏକ ମାମଲା (ନଂ. ୧୨୭/୨୫) ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**କେନ୍ଦୁଝର, ୨୧।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ସଦର ଥାନା ପଳାସପଙ୍ଗା ଫାଣ୍ଡି ପୋଲିସ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବାମେବାରୀ ଥାନା ଅନ୍ତର୍ଗତ କୁଟୁଗାଁ ଗ୍ରାମର ଦୁଷ୍ମନ୍ତ ବେହେରା(୨୧)। ସେ ସ୍ଥାନୀୟ ସତିକୁଦର ଗ୍ରାମର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗ ପରେ ପଳାସପଙ୍ଗା ଫାଣ୍ଡି ଏସ୍‌ଆଇ ସୂର୍ଯ୍ୟନାରାୟଣ ରାଉତରାୟ ଏକ ମାମଲା(ନଂ.୧୪୮/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଦୁଷ୍ମନ୍ତଙ୍କୁ ଗିରଫକରି ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣକରି ତଦନ୍ତ ଜାରି ରଖିଛି।

## ଛାତ୍ରୀଙ୍କୁ ଗଣବଳାତ୍କାର ପରେ ହତ୍ୟା ଅଭିଯୋଗ

**ଭୋଗରାଇ, ୨୧।୫ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ସନ୍ଧ୍ୟାରେ ଭୋଗରାଇ ଥାନାରେ ମୃତା ଛାତ୍ରୀଙ୍କ ଭାଇ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଭୋଗରାଇ ପୋଲିସ ପହଞ୍ଚି ନାବାଳିକାଙ୍କ ମୃତଦେହ ଘର ଭିତରୁ ଜବତ କରି ଏକ ମାମଲା(ନଂ. ୧୭୪/୨୫) ରୁଜୁ କରିଛି। ଏଥିରେ ସମ୍ପୃକ୍ତ ଥିବା ସନ୍ଦେହରେ ବସନ୍ତ ମାଝି ନାମକ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

ମୃତା ଛାତ୍ରୀଙ୍କ ଭାଇଙ୍କ ଏତଲା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ଘରେ କେହି ନ ଥିବାର ସୁଯୋଗ ନେଇ ଭୋଗରାଇ ବ୍ଲକ ଲକ୍ଷ୍ମୀପାଟଣା ଗ୍ରାମର ଯୁବକ ବସନ୍ତ ଓ ତାଙ୍କର କିଛି ସହଯୋଗୀ ବଳାତ୍କାର କରିବା ସହିତ ଜୀବନରୁ ମାରି ଦେଇ ଆତ୍ମହତ୍ୟାର ରୂପ ଦେବା ପାଇଁ ଘର ଭିତରେ ବେକରେ ରଶି ଦେଇ ଝୁଲାଇ ଦେଇଛନ୍ତି। ଭୋଗରାଇ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁଙ୍କ ନେତୃତ୍ୱରେ ଭୋଗରାଇ ପୋଲିସ ଛାତ୍ରୀଙ୍କ ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ସହକାରୀ ନିର୍ବାହୀ ଯନ୍ତ୍ରୀ ଚାକିରିରୁ ବହିଷ୍କୃତ

**ଲାଞ୍ଚ ନେବା ମାମଲାରେ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଥିଲେ**

**କଟକ, ୨୧।୫ (କାର୍ତ୍ତିକ ସାହୁ)**

ଭଦ୍ରକ ଜିଲା ବାସୁଦେବପୁର ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ପଟ୍ଟାମୁଣ୍ଡାଇ ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ର ପୂର୍ବତନ ସହକାରୀ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ମାହୁନ୍ତ ସରକାରୀ ଚାକିରିରୁ ବୁଧବାର ବହିଷ୍କୃତ ହୋଇଛନ୍ତି। ୨୦୨୪ ସେପ୍ଟେମ୍ବର ୨୪ରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ତାଙ୍କୁ ଲାଞ୍ଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନାରେ ଦଣ୍ଡିତ କରିଥିଲେ। ସେ ଏବେ ଜେଲରେ ସଜା କାଟୁଛନ୍ତି।

ଓଡ଼ିଶା ଭିଜିଲାନ୍ସର ସୂଚନା ଅନୁଯାୟୀ, ଶ୍ରୀକାନ୍ତ ପଟ୍ଟାମୁଣ୍ଡାଇ ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ର ସହକାରୀ ଯନ୍ତ୍ରୀ ଥିବା ବେଳେ ୨୦୧୧ ମେ ୩୦ରେ ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଥିଲେ। ଜଣେ ଠିକାଦାରଠାରୁ ନିର୍ମାଣ କାର୍ଯ୍ୟର ମାପ କରିବା ନିମନ୍ତେ ସେ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରି ନେଇଥିଲେ। ସେ ଅଦାଲତରେ ଦଣ୍ଡିତ ହେବା ପରେ ତାଙ୍କୁ ଚାକିରିରୁ ବହିଷ୍କାର ନିମନ୍ତେ ଭିଜିଲାନ୍ସ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଥିଲା। ସରକାରୀ ଭାବେ ତାହା ଅନୁମୋଦନ ହୋଇଥିବା ସୂଚନା ଦିଆଯାଇଛି।


ଓଡ଼ିଶା ସରକାର

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

ଅଧିସୂଚନା

File No. COL/JAJ/VIIL-38/2023 15905 /(LA/(Civil) dated 21.12.2024

**No.XXIV-:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ୟୁନିଟ୍ ନଂ.-୬, ଗୋବିନ୍ଦଜୀଉ ନଗର, ଥାନା-ଯାଜପୁର ନଂ.୨୧୧, ତହସିଲ-ଯାଜପୁର, ଜିଲ୍ଲା-ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୮୧୪ ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ) ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା ୩୧୨୪୭/୧୧.୦୯.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ୍ ନଂ-୬ ଗୋବିନ୍ଦଜୀଉ ନଗର | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ ୨.୨୦୧ | ଏ.୧.୮୧୪ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ(ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

**ଭୂମି ଅନୁସୂଚୀ**

**ପ୍ରକଳ୍ପ- ରେଡକ୍ରସ ଛକଠାରୁ ଟିଭିଏସ୍ ଶୋରୁମ୍ ଭାୟା ମହାବୀର ଛକ ୦/୦୦୦ କି.ମି. ରୁ ୧/୩୫୦ କି.ମି. ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ (ଦୁଇ ମଧ୍ୟବର୍ତ୍ତୀ ପଥ ବିଶିଷ୍ଟ)**

**ମୌଜା-ୟୁନିଟ୍-୬ ଗୋବିନ୍ଦଜୀଉ ନଗର, ଥାନା ନଂ.୨୧୧-ଥାନା/ତହସିଲ/ଜିଲ୍ଲା-ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୫୪/୨୧୭ | ୨୬ | ୦.୦୮ | ୦.୦୧୫ | ଘରବାରି-୧ | ପ୍ରମୋଦ କୁମାର ଦାସ, ପି:ନରସିଂହ ଚରଣ ଦାସ, ଜା:କରଣ, ବା:ପଣସା |
| ୨ | ୩୫୪/୧ | ୨୬/ ୧୩୪୬ | ୦.୦୬୩ | ୦.୦୧ | ଘରବାରି | କୃଷ୍ଣଚନ୍ଦ୍ର ମହାନ୍ତି, ପି:ଦୀନବନ୍ଧୁ ମହାନ୍ତି, ଜା:କରଣ, ବା:ମାଳଦା,ଥା: ଭଣ୍ଡାରୀପୋଖରୀ,ହା.ସା.ନିଜଗାଁ |
| ୩ | ୧୧୬ | ୨୭ | ୦.୧ | ୦.୦୧୮ | ଘରବାରି-୨ | ନବ କୁମାର ମହାନ୍ତି, ପି:ରାମଚନ୍ଦ୍ର ମହାନ୍ତି, ଜା:କରଣ, ବା:ନବାଙ୍ଗ, ଥାନା:ବାଲିକୁଦା |
| ୪ | ୩୫୪/୩୫୮ | ୩୩ | ୦.୧୫ | ୦.୦୦୮ | ଘରବାରି-୧ | ନାରାୟଣ ଚନ୍ଦ୍ର ଧଳ, ପି:ରଘୁନାଥ ଧଳ, ଜା:ଖଣ୍ଡାୟତ, ବା:ବାଣପୁର, ଥା:ବିଂଝାରପୁର |
| ୫ | ୨୫ | ୧୧୯ | ୦.୧୨ | ୦.୧୨ | ଶାରଦ-୨ | ଶ୍ରୀ ହରପାର୍ବତୀ ଠାକୁରାଣୀ ବିଜେ ନିଜଗାଁ ମାରଫତ କହ୍ନେଇ ଚରଣ ପୃଷ୍ଟି, ପି:ମଧୁସୂଦନ ପୃଷ୍ଟି, ଜା:ତନ୍ତି, ବା:ନିଜଗାଁ |
| ୬ | ୩୫୪/୫୪୦ | ୧୫୦ | ୦.୯୩୩ | ୦.୯୩୩ | ଜଳାଶୟ-୨ | କୈଳାସ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ଦାସ, କଲ୍ୟାଣି ଦାସ, ପି:କାଲାଚାନ୍ଦ ଦାସ, ଅନିମା ଦାସ, ସ୍ୱା:କାଲାଚାନ୍ଦ ଦାସ, ବା:ନିଜଗାଁ, ଗଣେଶ ଚନ୍ଦ୍ର ନାୟକ, ପି: ଦୁର୍ଯ୍ୟୋଧନ ନାୟକ କିସ୍ମତ ଟ.୦. ଏଗାରଅଣା ନଅପାହି, ଜା:ଖଣ୍ଡାୟତ, ବା:କୁମ୍ଭାରିଆ, ଥା:ଭଣ୍ଡାରୀପୋଖରୀ, ଜି:ଭଦ୍ରକ, ହା.ବା. ନିଜଗାଁ, ଇନୁସ ଅଲ୍ଲି ଖାଁ, ପି:ସମସର ଅଲ୍ଲି ଖାଁ କିସ୍ମତ ଟ.୦. ଚାରିଅଣା ତିନିପାହି, ଜା:ମୁସଲମାନ, ବା:ନହରାପୁର |
| ୭ | ୩୨ | ୧୫୧ | ୦.୦୩ | ୦.୦୩ | ଜଳାଶୟ-୨ | କୈଳାସ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ଦାସ, କଲ୍ୟାଣି ଦାସ, ପି:କାଲାଚାନ୍ଦ ଦାସ, ଅନିମା ଦାସ, ସ୍ୱା:କାଲାଚାନ୍ଦ ଦାସ କିସ୍ମତ ଟ.୦. ଚଉଦଅଣା ଛ ପାହି, ଜା:ଖଣ୍ଡାୟତ, ବା:ନିଜଗାଁ, ଇନୁସ ଅଲ୍ଲି ଖାଁ, ପି:ସମସର ଅଲ୍ଲି ଖାଁ କିସ୍ମତ ଟ.୦. ଏକ ଅଣା ଛ ପାହି, ଜା:ମୁସଲମାନ, ବା:ନହରାପୁର |
| ୮ | ୩୫୪/୪୩୦ | ୧୫୨ | ୦.୦୩ | ୦.୦୩ | ଜଳାଶୟ-୨ | ସୁକାନ୍ତି ପୃଷ୍ଟି, ସ୍ୱା: ଅଜୟ କୁମାର ସାହୁ, ଜା:ବୈଶ୍ୟ ବଣିଆ, ବା: ଯଯାତିନଗର, ୟୁନିଟ ନଂ.-୫ |
| ୯ | ୫୫ | ୧୫୩ | ୦.୦୩ | ୦.୦୩ | ଜଳାଶୟ-୨ | ନିଳମଣୀ ବେଦୀ, କୁଳମଣି ବେଦୀ, ସୂର୍ଯ୍ୟମଣି ବେଦୀ, ପି: ଗଣେଷ ବେଦୀ, ଜା: ବ୍ରାହ୍ମଣ, ବା: ୟୁନିଟ୍ ନଂ.- 7, ଶିତଳେଶ୍ୱର |
| ୧୦ | ୩୫୪/ ୨୮୮ | ୧୫୪ | ୦.୦୬ | ୦.୦୬ | ଶାରଦ-୨ | ଶରତ ଚନ୍ଦ୍ର ରାଉତ, ପି: ନିତ୍ୟାନନ୍ଦ ରାଉତ, ଜା: ଖଣ୍ଡାୟତ, ବା: ବାସୁପୁର |
| ୧୧ | ୩୫୪/ ୨୧ | ୧୫୫ | ୦.୦୫୫ | ୦.୦୫୫ | ଜଳାଶୟ-୨ | କୁଳପ୍ରଭା ସାହୁ, ସ୍ୱା: କାଳନ୍ଦୀ ଚରଣ ସାହୁ, ଜା: ତେଲି, ବା: ଛତିସ ରତନପାଳ |
| ୧୨ | ୩୫୪/ ୬୧୮ | ୧୫୬/ ୧୭୫୪ | ୦.୦୨ | ୦.୦୨ | ଶାରଦ-୨ | ସୁକାନ୍ତି ସାମଲ, ସ୍ୱା: ଶ୍ରୀକାନ୍ତ ସାମଲ, ବା: ଡିହବଳରାମପୁର, ଥା. ପାଟକୁରା, ଜି. କେନ୍ଦ୍ରାପଡ଼ା, |
| ୧୩ | ୩୫୪/ ୬୧୮ | ୧୫୭ | ୦.୦୬ | ୦.୦୬ | ଜଳାଶୟ-୨ | ଅଦ୍ୱୈତ ପ୍ରସାଦ ସାମଲ, ପି: କରୁଣାସିନ୍ଧୁ ସାମଲ, ବା: ଗଣେଶ୍ୱରପୁର, ଥା: ଆଳି, ଅଦ୍ୱୈତ ପ୍ରସାଦ ନାୟକ, ପି: ଜଗନ୍ନାଥ ନାୟକ, ବା: ନପଙ୍ଗ, ଥା. ଭଣ୍ଡାରି ପୋଖରୀ, ଅଞ୍ଜନ କୁମାର ରାୟ, ପି: ଉପେନ୍ଦ୍ର ସାମନ୍ତରା ସିଂହ ମହାପାତ୍ର, ଜ୍ୟୋତି ରାୟ, ପି: ହରିଶ ଚନ୍ଦ୍ର ରାୟ, ଜା: ଖଣ୍ଡାୟତ, ବା: ମୋହନନଗର, ଥା. ଆଳି, ଜି. କେନ୍ଦ୍ରାପଡ଼ା, ରତ୍ନ ମଞ୍ଜରୀ ରାଉତ, ସ୍ୱା: ମଧୁସୂଦନ ମାହୁନ୍ତ, ଜା: ମହଲାୟକ, ବା: ତାରାମଦନ |
| ୧୪ | ୩୫୪/୮୯ | ୧୫୬/ ୧୪୨୨ | ୦.୦୪ | ୦.୦୪ | ଘରବାରି-୨ | ତାରାକାନ୍ତ ଦାସ, ପି: ହରେକୃଷ୍ଣ ଦାସ, ଜା: କରଣ, ବା: ବରୁଆଡି |
| ୧୫ | ୩୫୪/ ୬୧୯ | ୧୫୭/ ୧୭୫୫ | ୦.୧ | ୦.୧ | ଜଳାଶୟ-୨ | ଅଞ୍ଜନ କୁମାର ରାୟ, ପି: ଉପେନ୍ଦ୍ର ସାମନ୍ତ ସିଂହ ମହାପାତ୍ର, ଜା: ଖଣ୍ଡାୟତ, ବା: ମହାପୁର |
| ୧୬ | ୩୫୪/ ୬୨୦ | ୧୫୭/ ୧୭୫୬ | ୦.୦୮ | ୦.୦୮ | ଜଳାଶୟ-୨ | ରତ୍ନମଞ୍ଜରୀ ରାଉତ, ସ୍ୱା: ମଧୁସୂଦନ ମାହୁନ୍ତ, ଜା: ମହାଲାୟକ, ବା: ତାରାମଦନ |
| ୧୭ | ୩୫୪/ ୬୨୧ | ୧୫୭/ ୧୭୫୭ | ୦.୧ | ୦.୧ | ଜଳାଶୟ-୨ | ଜ୍ୟୋତି ରାୟ, ପି: ହରିଶ ଚନ୍ଦ୍ର ରାୟ, ଜା: ଖଣ୍ଡାୟତ, ବା: ମୋହନପୁର, ଥା. ଆଳି |
| ୧୮ | ୩୫୪/ ୬୨୨ | ୧୫୭/ ୧୭୫୮ | ୦.୧ | ୦.୧ | ଜଳାଶୟ-୨ | ଅଦ୍ୱୈତ ପ୍ରସାଦ ନାୟକ, ପି: ଜଗନ୍ନାଥ ନାୟକ, ଜା: ଖଣ୍ଡାୟତ, ବା: ନପଙ୍ଗ, ଥା. ଭଣ୍ଡାରିପୋଖରୀ |
| ୧୯ | ୭୮ | ୭ | ୦.୦୫ | ୦.୦୦୫ | ଘରବାରି-୨ | ଜନାର୍ଦ୍ଦନ ମିଶ୍ର, ପି: ଶଙ୍କର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ ସାମିଲ ଭୀମକରପୁର |
| | | ମୋଟ | | ୧.୮୧୪ | | |

OIPR-24163/14/0074/2526

ସ୍ୱା./-ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର



ଓଡ଼ିଶା ସରକାର

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

ଘୋଷଣା

File No.COL/JAJ/XII/1/22/30 / LA (Rly) dated 25.2.25

**No.XXIV-03**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଗୋବରଘାଟି, ଥାନା-ସୁକିନ୍ଦା, ନଂ.-୧୪୧,** ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୬/ ତା.୧୮.୧୦.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଗୋବରଘାଟି,** ଥାନା-ସୁକିନ୍ଦା, ନଂ.୧୪୧, ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ଘୋଷଣା ମଧ୍ୟ ଜିଲ୍ଲା ୱେବସାଇଟ https://jajpur.odisha.gov.in/ ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ-ସୁକିନ୍ଦା — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋବରଘାଟି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୧୨୩.୬୦୦ ଡି. | ଏକର ୧୧.୪୦୦ ଡି | ଏଥିସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ତହସିଲ-ସୁକିନ୍ଦା — ଜିଲ୍ଲା-ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୧.୦୩.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

**ଜମି ଅନୁସୂଚୀ**
**ବ୍ୟକ୍ତିଗତ ଜମି**
**ମୌଜା-ଗୋବରଘାଟି,ତହସିଲ:ସୁକିନ୍ଦା, ଥାନା:ସୁକିନ୍ଦା, ଥାନା ନମ୍ବର-୧୪୧, ଜିଲ୍ଲା:ଯାଜପୁର**

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | ୫୭ | ୧୦୯ | ଡାଳି ଜଙ୍ଗଲ | ଚୈତନ୍ୟ ଦକ୍ଷିଣ ରାଏ, ଓ ବନମାଳି ସୁନ୍ଦରରାଏ ଓ ସୁରେନ୍ଦ୍ର ଦେଓ, ପି:ଭରତ ଦେଓ, ଜା: କ୍ଷେତ୍ରିୟ, ବା:ବାରାଗଡିଆ | ୧୨୩.୬୦୦ | ୧୧.୪୦୦ |
| | | | | TOTAL | 123.600 | 11.400 |

ସ୍ୱା./-ଜିଲ୍ଲାପାଳ, ଯାଜପୁର

ସ୍ୱା./-ଭୂ-ଅର୍ଜନ ଅଧିକାରୀ
ଅନୁଗୋଳ-ଡୁବୁରୀ-ସୁକିନ୍ଦା ରୋଡ
ନୂତନ ଓସାରିଆ ରେଳପଥ, ଯାଜପୁର

OIPR-24163/14/0073/2526



ଓଡ଼ିଶା ସରକାର

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

ଘୋଷଣା

File No.COL/JAJ/XII/1/22/24 / LA (Rly) dated 25.2.25

**No.XXIV-01**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଡୁବୁରି, ଥାନା-ସୁକିନ୍ଦା, ନଂ.-୮୬,** ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଡୁବୁରି ଷ୍ଟେସନଠାରୁ ଟାଟା ଷ୍ଟିଲ ମଧ୍ୟରେ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୮/ ତା.୧୮.୧୦.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଡୁବୁରି,** ଥାନା-ସୁକିନ୍ଦା, ନଂ.୮୬, ତହସିଲ-ସୁକିନ୍ଦା, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ଘୋଷଣା ମଧ୍ୟ ଜିଲ୍ଲା ୱେବସାଇଟ https://jajpur.odisha.gov.in/ ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ତହସିଲ-ସୁକିନ୍ଦା — ଜିଲ୍ଲା-ଯାଜପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଡୁବୁରି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୯୬.୦୦୦ ଡି. | ଏକର ୪.୦୩୦ ଡି | ଏଥିସହିତ ସଂଲଗ୍ନ କରାଗଲା |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ତହସିଲ-ସୁକିନ୍ଦା — ଜିଲ୍ଲା-ଯାଜପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୧.୦୩.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

**ଜମି ଅନୁସୂଚୀ**
**ଜଙ୍ଗଲ ଜମି**
**ମୌଜା-ଡୁବୁରୀ, ତହସିଲ:ସୁକିନ୍ଦା, ଥାନା:ସୁକିନ୍ଦା, ଥାନା ନମ୍ବର-୮୬, ଜିଲ୍ଲା:ଯାଜପୁର**

| କ୍ର. ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ମୋଟ ରକବା ଏକର | ଅର୍ଜିତ ରକବା ଏକର |
|---|---|---|---|---|---|---|
| ୧ | ୧୦୫ | ୧୧୬ | ଜଙ୍ଗଲ | ଦେଓ ନବାହର ଶ୍ରୀକୃଷ୍ଣ ମହାପାତ୍ର, ପି:ବୃନ୍ଦାବନ ଚନ୍ଦ୍ର ମହାପାତ୍ର, ଜା:କରଣ, ବା:ଚାଟରା, ଥାନା:ଜଗତସିଂହପୁର | ୯୬.୦୦୦ | ୪.୦୩୦ |
| | | | | TOTAL | 96.000 | 4.030 |

ସ୍ୱା./-
ଜିଲ୍ଲାପାଳ, ଯାଜପୁର

ସ୍ୱା./-ଭୂ-ଅର୍ଜନ ଅଧିକାରୀ
ଅନୁଗୁଳ-ଡୁବୁରି-ସୁକିନ୍ଦା ରୋଡ
ନୂତନ ଓସାରିଆ ରେଳପଥ,ଯାଜପୁର

OIPR-24163/14/0072/2526


See Career Appointment on every Wednesday & Saturday

# ଅଜଣା ଗାଡ଼ି ଧକ୍କାରେ ୩ ଯୁବକଙ୍କ ମୃତ୍ୟୁ

## ଠାକୁରାଣୀ ଯାତ୍ରା ଦେଖିବାକୁ ଯିବା ସମୟରେ ଦୁର୍ଘଟଣା

ପଦ୍ମପୁର, ୨୧।୫ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲ୍ଲା ପଦ୍ମପୁର ନିକଟସ୍ଥ ଗୁମୁଡ଼ା ବ୍ରିଜ୍ ଉପରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ଏକ ବାଇକ୍ ଯୋଗେ କାରେଣୀ ଗାଁକୁ ଠାକୁରାଣୀ ଯାତ୍ରା ଦେଖିବାକୁ ଯିବା ସମୟରେ ଏକ ଅଜଣା ଗାଡ଼ି ଧକ୍କାଦେବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁତର ଥିବା ଅନ୍ୟ ଜଣେ ଯୁବକଙ୍କ ଗୁଣୁପୁର ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ମୃତ୍ୟୁ ଘଟିଛି। ମୃତକମାନେ ଗୁଡ଼ାରି ବ୍ଲକ ଅନ୍ତର୍ଗତ କଇପଦର ଗ୍ରାମର ଗୁରୁ ଶବର (୧୯), ସୁବ୍ରତ ଶବର(୧୭)ଓ ଆରକା ବାଲକୃଷ୍ଣ (୧୮)। ସୂଚନା ଅନୁଯାୟୀ, କଇପଦର ଗ୍ରାମର ୩ ଯୁବକ କାରେଣୀ ଗାଁକୁ ଠାକୁରାଣୀ ଯାତ୍ରା ଦେଖିବା ପାଇଁ ଏକ ବାଇକ୍ ଯୋଗେ ବାହାରିଥିଲେ। ପଦ୍ମପୁର ନିକଟସ୍ଥ ଗୁମୁଡ଼ା ବ୍ରିଜ୍ ଉପରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଉଦ୍ଧାରକରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ଗୁରୁ ଶବର ଏବଂ ସୁବ୍ରତଙ୍କୁ ମୃତ ଘୋଷଣା କରିଥିଲେ।ଅତି ଗୁରୁତର ଥିବା ଆରକା ବାଲକୃଷ୍ଣଙ୍କୁ ଗୁଣୁପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଗୁଡ଼ାରି ପୋଲିସ ୩ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଗୁଣୁପୁର ପଠାଇ ଘଟଣାର ତଦନ୍ତ କରୁଛି।

# ୧୪ ଜିଲ୍ଲାର ଦୁର୍ଗମ ଅଞ୍ଚଳ ଗସ୍ତ କରିବାକୁ ସବୁ ସଚିବଙ୍କୁ ନିର୍ଦ୍ଦେଶ

## ପିଏମ୍ ଜନମନ ଯୋଜନାର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୫(ବୁଲିନ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହେଉଥିବା ପିଏମ୍ ଜନମନ ଯୋଜନାର ପ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଉପସ୍ଥିତ ସମସ୍ତ ସଚିବଙ୍କୁ ରାଜ୍ୟର ୧୪ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଉକ୍ତ ଯୋଜନାର ପ୍ରତ୍ୟେକ ଦୁର୍ଗମ ଅଞ୍ଚଳକୁ ପରିଦର୍ଶନରେ ଯାଇ ସେଠାକାର ପରିସ୍ଥିତି ପରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ଓ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀମାନେ ମଧ୍ୟ ଚିହ୍ନଟ ହୋଇଥିବା ପ୍ରତ୍ୟେକ ଗ୍ରାମ ଓ ଜନବସତିକୁ ଯାଇ ସେଠାର ସ୍ଥିତି ଅନୁଧ୍ୟାନକରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପିଏମ୍ ଜନମନ ଯୋଜନାରେ ଓଡ଼ିଶାର ୧୪ଟି ଜିଲ୍ଲାର ୫୫ଟି ବ୍ଲକ୍, ୧୬୭୧ ଗ୍ରାମ/ ଜନବସତି, ୨୮୯ ଗ୍ରାମପଞ୍ଚାୟତ ଏବଂ ୨ଟି ପୌର ପ୍ରଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ ଥିବାବେଳେ ସମୁଦାୟ ୬୮,୭୦୫ ପରିବାରର ୩,୧୪,୫୧୪ ଲୋକ ଏହି ଯୋଜନାର ସୁଫଳ ପାଇବେ। ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୨୬ ଶେଷ ସୁଦ୍ଧା ୪୫,୪୦୮ ଘର, ଗ୍ରାମ୍ୟ ଉନ୍ନୟନ ବିଭାଗ ପାଖରୁ ପ୍ରାୟ ୧୨୦ କି.ମି. ପକ୍କା ସଡ଼କ, ୧୬୪୬ଟି ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଣ, ୩୫୧ ଅଞ୍ଚଳରେ ମୋବାଇଲ ଟାୱାର ସଂଯୋଗୀକରଣ, ୪୦୫ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ନିର୍ମାଣ, ୭୪ ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ୧୪ ଜିଲ୍ଲାର ଯେଉଁ ଜନବସତିର ୫ କି.ମି. ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ, ସେହିପରି ସମସ୍ତ ଅଞ୍ଚଳରେ ମୋବାଇଲ ମେଡ଼ିକାଲ ୟୁନିଟ୍ର ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହିପରି ସମସ୍ତ ୧,୦୫୫ ଜନବସତିକୁ ମୋବାଇଲ ମେଡ଼ିକାଲ ୟୁନିଟ୍ ଯୋଗାଇ ଦିଆଯାଇଛି ଏବଂ ଏ କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ ହୋଇଛି ବୋଲି ବୈଠକରୁ ଜଣାଯାଇଛି।

ବିଶେଷତଃ ପିଭିଟିଜି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ନିମନ୍ତେ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ମୋବାଇଲ ସଂଯୋଗ ଆଦି କାର୍ଯ୍ୟ ଯଥାଶୀଘ୍ର ସମାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ସବୁ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗାଯୋଗ ହୋଇପାରୁ ନ ଥିବା କିମ୍ବା ଦୁର୍ଗମ ଅଞ୍ଚଳଗୁଡ଼ିକୁ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ସଚିବମାନେ ପରିଦର୍ଶନରେ ଯାଇ ସେଠାକାର କାମ କିଭଳି ନିର୍ଦ୍ଧାରିତ ସମୟରେ ସମାପ୍ତ ହେବ ସେ ବିଷୟରେ ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ବିଭିନ୍ନ ବିଭାଗର ଶାସନ ସଚିବମାନେ ଉପସ୍ଥିତ ଥିଲେ।

# କୋଏଲ ନଦୀରେ ବୁଡ଼ି ନିଖୋଜ ଯୁବକଙ୍କ ମୃତଦେହ ଜବତ

ରାଉରକେଲା,୨୧।୫(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ କୋଏଲନଦୀରେ କେର୍କେଟା ଘାଟରେ ବୁଡ଼ି ନିଖୋଜ ହୋଇଥିବା ବିଜୟ ନାଗ(୨୫) ନାମକ ଜଣେ ଯୁବକଙ୍କ ମୃତଦେହ ବୁଧବାର ସକାଳ ୮ଟାରେ ମିଳିଛି। ବନ୍ଧମୁଣ୍ଡା ଥାନା ଜଗସେରା ଘାଟରୁ ପୋଲିସ ଉଦ୍ଧାର କରିଛି। ବିଜୟଙ୍କ ଘର ରାଉରକେଲା ଉଦିତନଗର ଥାନା ଶୀତଳପଡ଼ାରେ। ସେ କରାଟେ ଓ ଆତ୍ମପ୍ରତିରକ୍ଷା ତାଲିମଦାତା ଭାବେ କାର୍ଯ୍ୟ କରୁଥିଲେ। ବନ୍ଧମୁଣ୍ଡା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୦୨୫) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମଙ୍ଗଳବାର ଅପରାହ୍ନ ୫ଟାରେ ବିଜୟ ଓ ତାଙ୍କ ସାଙ୍ଗ କେର୍କେଟା ଘାଟକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ବିଜୟଙ୍କ ସାଙ୍ଗ ଉଦ୍ଧାର ହୋଇଥିଲେ ମଧ୍ୟ ବିଜୟ ନିଖୋଜ ହୋଇଯାଇଥିଲେ। ଘଟଣାସ୍ଥଳରେ ବିଶ୍ରା ଥାନା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚ ଉଦ୍ଧାର କାର୍ଯ୍ୟ କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲେ। ବୁଧବାର ସକାଳେ ଖୋଜାଖୋଜି ସମୟରେ ମୃତଦେହ ମିଳିଥିଲା।

# ମହାରାଷ୍ଟ୍ରରେ ଭୁଶୁଡ଼ିଲା ବିଲ୍ଡିଂ ସ୍ଲାବ୍: ମୃତକଙ୍କ ମଧ୍ୟରେ ପୁରୁଷୋତ୍ତମପୁରର ୩ ମହିଳା

ପୁରୁଷୋତ୍ତମପୁର,୨୧।୫(ସୀମାଞ୍ଚଳ ମିଶ୍ର)

ମହାରାଷ୍ଟ୍ର ରାଜ୍ୟ ଠାଣେର କଲ୍ୟାଣ ଅଞ୍ଚଳରେ ମଙ୍ଗଳବାର ତିନି ମହଲା କୋଠାର ଉପର ମହଲା ସ୍ଲାବ୍ ଭୁଶୁଡ଼ି ପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ସିଏଚ୍ ନୂଆଗାଁ ଗ୍ରାମର ୩ ଜଣ ମହିଳା ଅଛନ୍ତି। ସେମାନେ ହେଲେ ପ୍ରମିଳା ସାହୁ (୫୬) ଓ ତାଙ୍କର ୨ଝିଅ ସୁନିତା ସାହୁ(୪୦) ଏବଂ ସୁଜାତା ପାଢ଼ୀ (୩୫)। ସୁଜାତାଙ୍କ ୪ବର୍ଷର ଶିଶୁପୁତ୍ର ଗୁରୁତର ହୋଇଛନ୍ତି। ସୁଜାତାଙ୍କ ଶାଶୁଘର ହିଞ୍ଜିଳିକାଟୁ ହୋଇଥିବା ବେଳେ ସୁନିତାଙ୍କ ଶାଶୁଘର ହିଞ୍ଜିଳି ଥାନା ଅନ୍ତର୍ଗତ ଚାପୁଲି ଗ୍ରାମରେ। ଉଭୟଙ୍କ ପରିବାର ମୁମ୍ବାଇରେ ରହି କାମ କରୁଥିଲେ। କଲ୍ୟାଣ ଅଞ୍ଚଳରେ ଭଡାଘରେ ରହୁଥିବା ଝିଅମାନଙ୍କୁ ଦେଖିବା ଲାଗି ମା' ପ୍ରମିଳା ସେଠାକୁ ଯାଇଥିଲେ। ଘରେ ବସି କଥାବାର୍ତ୍ତା ହେଉଥିବା ବେଳେ ଅଚାନକ ଘରର ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ଛାତ ତଳେ ଚାପିହୋଇ ମା' ଓ ୨ ଝିଅଙ୍କ ମୃତ୍ୟୁ ଘଟିଛି। ସୁଜାତାଙ୍କ ୪ବର୍ଷର ଶିଶୁପୁତ୍ର କାର୍ତ୍ତିକ ମୃତ୍ୟୁମୁଖରୁ ରକ୍ଷାପାଇ ଗୁରୁତର ହୋଇଥିବାରୁ ସେଠାରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ରାତ୍ରରେ ୩ ମୃତଦେହକୁ ସେଠାରେ ସତ୍କାର କରାଯାଇଛି। ଏହି ଘଟଣାକୁ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି।


ବିଜ୍ଞାପନ ସଂ. ୪୫/୨୦୨୫

ଭାରତ ସରକାର

ସର୍ବସାଧାରଣ ଉଦ୍ୟୋଗ ଚୟନ ବୋର୍ଡ

ଭାରତୀୟ ବିମାନବନ୍ଦର ପ୍ରାଧିକରଣରେ ସଦସ୍ୟ (ଏଚ୍ଆର୍) ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛି

ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲ କରାଯିବାର ଶେଷ ତାରିଖ ହେଉଛି ୦୩/୦୭/୨୦୨୫ରିଖ (୧୫.୦୦ ଘଣ୍ଟିକା ସୁଦ୍ଧା) ।

ନୋଡାଲ ଅଧିକାରୀମାନଙ୍କ ଦ୍ୱାରା ଆବେଦନଗୁଡ଼ିକୁ ପିଇଏସବି ନିକଟକୁ ପଠାଯିବାର ଶେଷ ତାରିଖ ହେଉଛି ୧୮/୦୭/୨୦୨୫ରିଖ (୧୭.୦୦ ଘଣ୍ଟିକା ସୁଦ୍ଧା) ।

ବିବରଣୀ ପାଇଁ ନିମ୍ନ ୱେବ୍ସାଇଟ୍ରେ ଲଗ୍ଇନ୍ କରନ୍ତୁ

https://pesb.gov.in

CBC-03111/12/0003/2526

ODISHA PUBLIC SERVICE COMMISSION
CUTTACK

NOTICE

No. 3408 / P.S.C., Dt. 20.05.2025
(1R-02-2025/26)(DR-V)

No.D-: It is for information of all concerned that, document verification of candidates having PPSAN mentioned below for the Post of Professor in Electrical Engineering, pursuant to Advertisement No.31 of 2023-24 shall be held on 30.05.2025 & 31.05.2025 as per the following programme in the Office of the Commission at 19, Dr. P. K. Parija Road, Cuttack - 753001.

PROGRAMME OF DOCUMENT VERIFICATION

| Date | Time of verification | PPSAN |
|---|---|---|
| 30.05.2025 | 10.30 A.M. | P240312226, P240305825, P240301991, P230234395, P240305939, P240309216, P240303526 & P240302749 = 08 Candidates |
| 31.05.2025 | 10.30 A.M. | P240304621, P240298953, P240308591, P240309991, P240237361 & P230185093 = 06 Candidates |

The candidates are required to submit the following documents (both original & one set of photo-copies) at the time of verification :-

1. The hard copies of online application forms indicating their PPSAN at the top right-hand corner.
2. Four recent passport size photographs (unsigned & unattested) which has been uploaded with online application form.
3. Duly filled in & attested "Attestation Form" and duly filled in "Bio-data Form" (downloaded from the website of the Commission).
4. H.S.C. or equivalent Certificate in support of declaration of age issued by the concerned Board /Council.
5. Bachelor's Degree (BE/B.Tech.) Certificate issued by the recognized University in the relevant branch.
6. M.E./M.Tech. /M.S./Integrated M. Tech Certificate issued by the recognized University in the relevant branch.
7. Ph.D. Degree Certificate.
8. Mark-lists in support of all the aforesaid examinations (i.e. H.S.C. to Ph.D.) issued by the concerned Board /Council/ University / Institution.
9. Research Papers.
10. Research Publications.
11. Experience Certificate indicating minimum 10 years of experience in teaching/research/industry.
12. Experience Certificate in support of having minimum of 03 years of experience at a post equivalent to that of an Associate Professor (Level-13A1, Entry pay-131400).
13. Certificates/documents indicating about successfully guiding doctoral candidates.
14. Caste Certificate wherever applicable.
15. No Objection Certificate from the competent authorities in case of Government Servants.
16. Any proof of identity.
17. Copies of all the documents in support of Research Score as provided in Annexure-A (Table-2) of Advt. No.31 of 2023-24.
18. Any other documents as mentioned in para-09 of Advt. No.31 of 2023-24

The candidates are advised to report in the Office of the Commission half an hour before the commencement of verification on the scheduled date & time as mentioned above.

Note :- It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the document verification does not reserve any right for selection.

OIPR-12002/11/0218/2526 Sd./- Secretary

NOTICE INVITING TENDER
OFFICE OF THE NOTIFIED AREA COUNCIL, RANPUR
NAYAGARH (ODISHA), PIN-752026
e-Mail : eoranpurnac.ranpur@gmail.com
No.C-353

Tender Call Notice No. 1091 Dt. 19.05.2025
E-Procurement Notice No. : RNP NAC - 03 / 2025-26

| | | | |
|---|---|---|---|
| 1 | Name of the Work | : | Individual Civil Construction as per DTCN |
| 2 | No. of Works | : | 04 Nos |
| 3 | Value of Work | : | Rs.69,57,200/- to Rs.1,63,65,700/- |
| 4 | Class of Contractor | : | As per DTCN |
| 5 | Period of Completion | : | As per DTCN |
| 6 | Date of Publication | : | 20.05.2025 |
| 7 | Date and Time of availability of document in the portal | : | From Dt. 21.05.2025 at 11 A.M. to Dt. 05.06.2025 up to 5 P.M. |
| 8 | Last Date, Time for receipt of bids in portal | : | Dt. 05.06.2025 upto 5 P.M. |
| 9 | Date and Time of opening Bid | : | Dt. 06.06.2025 at 10.00 A.M. |
| 10 | Name and address of the officer inviting bid | : | Sd./- Executive Officer, NAC, Ranpur |

Further details can be seen from e-Procurement portal https://tendersodisha.gov.in

Sd./- Executive Officer, NAC, Ranpur

OIPR-13196/11/0014/2526

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR
E-mail : eeroads.khr@rediffmail.com
No. 2315 Date : 19.05.2025
No.B-144

Invitation For Bids
Bid Identification No. SER&BKHR-02/2025-26

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate composite bids (Civil+EI+PH) in Double cover system in ONLINE MODE only. | |
| 2 | Nature of work | Construction of Office-cum-Residence of the Junior Engineer, Komna (R&B) Section, Nuapada in the premises of Nuapada (R&B) Sub-Division in the district of Nuapada for the year 2025-26. |
| 3 | No. of work | 01 Nos. work |
| 4 | Tender Paper cost | As specified in the notice for the respective Work, to be remit online only |
| 5 | Class of Contractor | As specified in the notice for the respective Work |
| 6 | Availability of Bid documents in the website | 10.00 hours of 29.05.2025 to 17.00 hours of 10.06.2025 |
| 7 | Date of opening of Technical Bid | Dt. 11.06.2025 at 11:30 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website : https://www.tendersodisha.gov.in Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer, Khariar (R&B) Division, Khariar

OIPR-34062/11/0021/2526

OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR
E-Mail : eebbsrrwss@gmail.com

Quotation Call Notice No. 04 of 2025-26

No.O-181 : Executive Engineer, RWS&S Division, Bhubaneswar on behalf of the Governor of Odisha invites quotations in sealed covers for the following work as stated below from Authorised Dealer / Distributor / Supplier under following terms and conditions.

| | | |
|---|---|---|
| 1 | Nature of work | Repair of Instruments & Accessories installed in the State Water Testing Laboratory, Bhubaneswar (MILLI-Q, ION-Meter, BOD Shaker Incubater) |
| 2 | No. of Item | 09 (nine) |
| 3 | Time for completion | 15 (fifteen) days |
| 4 | Cost of bidding document | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.23.05.2025 (10.00 A.M.) to Dt.03.06.2025 (1.00 P.M.) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.03.06.2025 up to 4.00 P.M. |
| 7 | Date & time of opening of Quotation | Dt.04.06.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

Sd./- Executive Engineer, RWS&S Division, Bhubaneswar

OIPR-25011/11/0014/2526

No.CAD-462
GOVERNMENT OF ODISHA
OFFICE OF THE CHIEF DEVELOPMENT OFFICER CUM EXECUTIVE OFFICER
ZILLA PARISAD, SAMBALPUR

BID IDENTIFICATION NO. : ZP/SBP/CIVIL/01/2025-26
E-mail : ori-dsambalpur@nic.in
No.1877/Engg/Dated. 17.05.2025

1. The Chief Development Officer-cum-Executive Officer, Zilla Parishad, Sambalpur on behalf of Governor of Odisha, invites Percentage Rate bids in Single cover system in ONLINE MODE from the eligible Class of Contractors. for construction of Buildings, as detailed in the DTCN from the eligible Class of Contractors.
2. No. of works : 01 (ONE)
3. Tender Cost : Rs.10,000/-
4. Class of Contractor : "A" Class & "B" Class
5. Date and time Available in Website & receipt of Bids : 12:00 Hrs of 17.05.2025 to 17:00 Hrs of 31.05.2025
6. Date of Opening of Tender : 03.06.2025 at 11:00 Hrs
7. The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only
8. Any Corrigendum / Addendum will be displayed in the website www.tendersodisha.gov.in only.

Sd./- CDO-Cum-Eo, Zilla Parishad, Sambalpur

OIPR-19241/11/0006/2526

GOVERNMENT OF ODISHA
Sports & Youth Services Department
Request for Proposal (RFP)

No.TT-02: Sports & Youth Services Department, Government of Odisha invites bids from leading agencies to the RFP on "Engagement of Event Management Agency for conducting International Yoga Day at Kalinga Stadium Bhubaneswar". The details of the bid document are available at the website https://tendersodisha.gov.in/.
Interested firms/agencies are advised to study the RFP document carefully before submitting the Bid.

Important Dates and Information

| | |
|---|---|
| Date of Publication of the RFP | -19.05.2025 |
| Submission of pre-bid Queries | -23.05.2025 |
| Pre-Bid Meeting | -27.05.2025 |
| Response to Pre-Bid queries | -29.05.2025 |
| Last date and time of submission of proposal | -05.06.2025 |
| Opening of the Technical Bid | -07.06.2025 |
| Opening of the Financial Bid | -09.06.2025 |

Sd./- Director, Sports

OIPR-29001/11/0080/2526

GOVERNMENT OF ODISHA
Sports & Youth Services Department
Request for Proposal (RFP)

No.TT-03: Sports & Youth Services Department, Government of Odisha invites bids from leading agencies to the RFP on "Supply of T-Shirts for Sports & Youth Services Department, Government of Odisha". The details of the bid document are available at the website https://tendersodisha.gov.in/.
Interested firms/ manufacturers/ agencies are advised to study the RFP document carefully before submitting the Bid.

Important Dates and Information

| | |
|---|---|
| Date of Publication of the RFP | -19.05.2025 |
| Submission of pre-bid Queries | -23.05.2025 |
| Pre-Bid Meeting | -27.05.2025 |
| Response to Pre-Bid queries | -29.05.2025 |
| Last date and time of submission of proposal | -05.06.2025 |
| Opening of the Technical Bid | -07.06.2025 |
| Opening of the Financial Bid | -09.06.2025 |

Sd./- Director, Sports

OIPR-29001/11/0081/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR
AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com
No. Tender Online RCK-09/25, Letter No.1575, Date: 19.05.25

e-Procurement Notice

No.O-179:Name of the Work: Tender for the road projects of Building Work in the Dist. of Kendrapara. 2. Class of Contractor: As specified in the Column-6 of the Annexure. 3. Time of Completion: As specified in the Column-8 of the Annexure. 4. Detail Projects: As per Annexure attached. 5. Other details.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-09/25 | 28.05.2025 at 11.00 A.M. | 11.06.2025 to 5.00 P.M. | 11.06.2025 upto 2.00 P.M. | 12.06.2025 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in

Sd./- Chief Construction Engineer, Rural Works Circle, Kendrapara-Jajpur

OIPR-25129/11/0042/2526

ODISHA TOURISM DEVELOPMENT CORPORATION LIMITED
(A Govt. of Odisha Undertaking)
PANTHANIVAS (OLD BLOCK) : LEWIS ROAD : BHUBANESWAR-14
INVITATIONS FOR BIDS (IFB)

Letter No. Date : 19.05.2025
No.CAD-482

NOTICE INVITATION FOR BIDS (NIFB)
E-Procurement Notice No. BP-I/08/2025-26 dt.19.05.2025

1. Nature of Work : External Power Supply to Sound & Light Multimedia Show at Khandagiri-Udayagiri Caves.
2. Total No. of Works : 01 No.
3. Value of Works : Item Rate
4. Bid Security : As per NIT
5. Class of Contractor : As per NIT
6. Period of Completion : 02 (Two) Months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/08/2025-26 dt.19.05.2025 | From 23.05.2025 | To 02.06.2025 | 11.30 Hours of dt.03.06.2025 in the office of the Superintending Engineer, OTDC Ltd, Bhubaneswar |

Further details can be seen from the Govt. Website www.etenderodisha.gov.in

Sd./- Superintending Engineer O.T.D.C. Ltd., BBSR

OIPR-37002/11/0070/2526

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
Email ID: lsrrcbdbgr@gmail.com
ଲୋୟର ସୁକତେଲ ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିର
ବିଜ୍ଞାପନ- ବିଜ୍ଞାପିତଙ୍କ ପାଇଁ ଷ୍ଟଲ ଆବଣ୍ଟନ

No.A-203: [illegible]

| କ୍ର. ସଂଖ୍ୟା | ଉପସ୍ଥିତି | ଷ୍ଟଲ ପ୍ରକାର | ଉପଲବ୍ଧ ଷ୍ଟଲ ସଂଖ୍ୟା | ସୁରକ୍ଷା ରାଶି (ଟଙ୍କା) | ମାସିକ ଭଡ଼ା |
|---|---|---|---|---|---|
| ୧ | 'ବି' ବ୍ଲକ ପୁନର୍ବସତି ଓ ଥଇଥାନ କଲୋନୀ, ଲର୍ଡ଼ିପାଲି, ଲୋଇସିଂହା | ମାର୍କେଟ କମ୍ପ୍ଲେକ୍ସ, ତଳ ମହଲା | ୩ | ୫୦,୦୦୦/- | ୧୫୦୦/- |
| ୨ | 'ବି' ବ୍ଲକ ପୁନର୍ବସତି ଓ ଥଇଥାନ କଲୋନୀ, ଲର୍ଡ଼ିପାଲି, ଲୋଇସିଂହା | ମାର୍କେଟ କମ୍ପ୍ଲେକ୍ସ, ତଳ ମହଲା | ୮ | ୫୦,୦୦୦/- | ୧୫୦୦/- |
| ୩ | 'ବି' ବ୍ଲକ ପୁନର୍ବସତି ଓ ଥଇଥାନ କଲୋନୀ, ଲର୍ଡ଼ିପାଲି, ଲୋଇସିଂହା | ମାର୍କେଟ କମ୍ପ୍ଲେକ୍ସ, ତଳ ମହଲା | ୮ | ୫୦,୦୦୦/- | ୧୫୦୦/- |
| ୪ | 'ବି' ବ୍ଲକ ପୁନର୍ବସତି ଓ ଥଇଥାନ କଲୋନୀ, ଲର୍ଡ଼ିପାଲି, ଲୋଇସିଂହା | ମାର୍କେଟ କମ୍ପ୍ଲେକ୍ସ, ତଳ ମହଲା | ୬ | ୫୦,୦୦୦/- | ୧୫୦୦/- |

ବୋଲାକ ଆବେଦନ ପାଇଁ ନିୟମ ଏବଂ ସର୍ତ୍ତାବଳୀ : [illegible] ... N.S.C./Post Office Savings Bank Account/ Post Office Time Deposit Account/ Kishan Vikash Patra/ Bank Guarantee/ Fixed Deposit from any Nationalized/ Scheduled Bank in India Pledged in favour of Superintending Engineer, Lower Suktel R.R.C&B Division, Balangir ... [illegible]

OIPR-32182/11/0001/2526 ସ୍ୱା:/- ଅଧୀକ୍ଷଣ ଯନ୍ତ୍ରୀ, ଲୋୟର ସୁକତେଲ ପୁନର୍ବାସ, ଥଇଥାନ, ଶିବିର ଓ କୋଠା ବିଭାଗ, ବଲାଙ୍ଗିର

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ବିସ୍ମୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାଲ୍କୋ ଆର୍ଥିକ ଫଳାଫଳରେ ସର୍ବବୃହତ୍ ରେକର୍ଡ

**ଭୁବନେଶ୍ୱର,୨୧।୫: (ଅଭୟ ଦାଶ)**

- ୨୦୨୪-୨୫ ଆର୍ଥିକ ବର୍ଷରେ ୫,୩୨୫ କୋଟିର ନେଟ୍ ଲାଭ
- ୧୬,୭୮୮ କୋଟିର ବ୍ୟବସାୟ
- ୪ର୍ଥ ତ୍ରୈମାସିକରେ ୨,୦୭୮ କୋଟିର ନେଟ୍ ଲାଭ

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍କୋ)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ଆଦି ବିଷୟରେ ଆଲୋଚନା ହୋଇଥିଲାବେଳେ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ଏବଂ ଚତୁର୍ଥ ତ୍ରୈମାସିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ଏହି ଫଳାଫଳରେ କମ୍ପାନୀ ସର୍ବକାଳୀନ ସର୍ବାଧିକ ନେଟ୍ ଲାଭ ଅର୍ଜନ କରିବାର ରେକର୍ଡ ହାସଲ କରିଛି।

ଉଲ୍ଲେଖଯୋଗ୍ୟ, ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଆର୍ଥିକ ଫଳାଫଳ ଅନୁଯାୟୀ ନାଲ୍କୋ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବକାଳୀନ ସର୍ବାଧିକ ୫,୩୨୫ କୋଟି ଟଙ୍କାର ନେଟ୍ ଲାଭକରି ଏକ ଐତିହାସିକ ଆର୍ଥିକ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ନେଟ୍ ଲାଭ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୫୮%ବୃଦ୍ଧି ପାଇଛି। ଏଥି ସହ ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ସର୍ବକାଳୀନ ସର୍ବାଧିକ ରେକର୍ଡ ସହ ୧୬,୭୮୮ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି। ୨୦୨୫ ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସିକରେ କମ୍ପାନୀର ନେଟ୍ ଲାଭରେ ୧୦୫% ଅଭିବୃଦ୍ଧି ଘଟି ସର୍ବକାଳୀନ ସର୍ବାଧିକ ୨,୦୭୮ କୋଟି ଟଙ୍କା ହୋଇଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସରେ ନେଟ୍ ଲାଭ ୧୦୧୬ କୋଟି ଟଙ୍କା ଥିଲା। ସେହିପରି ଚତୁର୍ଥ ତ୍ରୈମାସିକରେ କମ୍ପାନୀ ୫,୨୬୮ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ ବିଗତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ଏହି ପରିମାଣ ୩,୫୭୯ କୋଟି ଟଙ୍କା ଥିଲା।



ବ୍ରିଜେନ୍ଦ୍ର ପ୍ରତାପ ସିଂହ

ଆଲୁମିନା ଓ ଆଲୁମିନିୟମ ଦରରେ ବୃଦ୍ଧି ତଥା କମ୍ପାନୀର ସୁସଂଗଠିତ କାର୍ଯ୍ୟପ୍ରଣାଳୀ, ଉନ୍ନତ କାର୍ଯ୍ୟଦକ୍ଷତା ଏବଂ ବିଭିନ୍ନ ସଂପ୍ରସାରଣ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ଦ୍ୱାରା ନାଲ୍କୋ ଏହାର ସମସ୍ତ ବ୍ୟବସାୟିକ ୟୁନିଟ୍‌ରେ ତଥା ଲାଭ ଅର୍ଜନ କ୍ଷେତ୍ରରେ ଆଶାତୀତ ଅଭିବୃଦ୍ଧି ହାସଲ କରିଛି ।

ସୂଚନାଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷରେ ନାଲ୍କୋ ସର୍ବକାଳୀନ ସର୍ବାଧିକ ୭୬.୪୮ ଲକ୍ଷ ଟନ ବକ୍ସାଇଟ୍ ଉତ୍ତୋଳନ କରିବା ସହ ଘରୋଇ ବଜାରରେ ସର୍ବକାଳୀନ ସର୍ବାଧିକ ୪.୫୫ ଲକ୍ଷ ଟନ ଧାତୁ ବିକ୍ରୟ କରିଛି।

ଏ ସମ୍ପର୍କରେ ନାଲ୍କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷର ତୃତୀୟ ଏବଂ ଚତୁର୍ଥ ତ୍ରୈମାସିକରେ କମ୍ପାନୀର ଉଲ୍ଲେଖନୀୟ ପ୍ରଦର୍ଶନ କର୍ମଚାରୀଙ୍କ ପ୍ରତିବଦ୍ଧତାର ପ୍ରତିଫଳନ । ନାଲ୍କୋ ଏହାର ଦୃଢ଼ ଆର୍ଥିକ ପ୍ରଦର୍ଶନ ଏବଂ ବ୍ୟବସାୟିକ ଅଭିବୃଦ୍ଧି ବଳରେ ଆଜିର ପ୍ରଭାବଶୀଳ ବଜାର ପରିବେଶରେ ପ୍ରତିଯୋଗିତାମୂଳକ ମୂଲ୍ୟ ବଜାୟ ରଖିବାରେ ସଫଳ ହୋଇପାରିଛି।

ସୁଦକ୍ଷ କର୍ମଚାରୀ ତଥା କାର୍ଯ୍ୟାନ୍ୱୟନ ଶୈଳୀରେ ଉନ୍ନତି ଫଳରେ କମ୍ପାନୀ ଆଗକୁ ବଢି ପାରିଛି,ଆଲୁମିନିୟମର ମୂଲ୍ୟ ତଥା ନିରନ୍ତର ଚାହିଦା ବୃଦ୍ଧି ସହ ନାଲ୍କୋ ଏହାର ଅଭିବୃଦ୍ଧି ବଜାୟ ରଖିବା ନିମନ୍ତେ ପ୍ରସ୍ତୁତ ରହିଛି।

ଆଲୁମିନା ରିଫାଇନେରିର ପଞ୍ଚମ ଷ୍ଟ୍ରିମ ସମ୍ପ୍ରସାରଣ, ପୋଟାଙ୍ଗି ବକ୍ସାଇଟ ଖଣି କାର୍ଯ୍ୟକ୍ଷମ, ସ୍ମେଲ୍ଟର ପ୍ଲାଣ୍ଟ ଏବଂ କ୍ୟାପଟିଭ ପାୱାର ପ୍ଲାଣ୍ଟର ପ୍ରସ୍ତାବିତ ସମ୍ପ୍ରସାରଣ ମାଧ୍ୟମରେ କମ୍ପାନୀର ଦୀର୍ଘକାଳୀନ ଅଭିବୃଦ୍ଧି ନିମନ୍ତେ ପ୍ରତିବଦ୍ଧତାକୁ ସିଂହ ଗୁରୁତ୍ୱାରୋପ କରିଥିଲେ।

# ଗୁଗଲ ସହ ଭାରତୀ ଏୟାରଟେଲ୍‌ର ସହଭାଗିତା

**ଭୁବନେଶ୍ୱର,୨୧।୫**

ବୈଶ୍ୱିକ କମ୍ପାନୀ ତଥା ସର୍ଚ୍ଚ ପ୍ଲାଟ୍‌ଫର୍ମ ଗୁଗଲ ଏବଂ ଭାରତୀ ଏୟାରଟେଲ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା (ବୁଝାମଣା) ସ୍ଥାପନ ହୋଇଛି। ଏହି ସହଭାଗିତା ଏୟାରଟେଲ୍ ଗ୍ରାହକଙ୍କୁ ଏକ ଆକର୍ଷଣୀୟ ଗୁଗଲ୍ ୱାନ୍ କ୍ଲାଉଡ୍ ଷ୍ଟୋରେଜ୍ ସେବା ପ୍ରଦାନ କରିବ। ଏହା ଫଳରେ ଡିଭାଇସ୍ ଷ୍ଟୋରେଜ୍‌ରେ ସୀମିତ ରହିଯିବାର ଯେଉଁ ଆହ୍ୱାନ ରହିଛି, ତା'ର ଏହା ସମାଧାନ କରିବ। ସମସ୍ତ ପୋଷ୍ଟପେଡ୍ ଏବଂ ୱାଇ-ଫାଇ ଗ୍ରାହକଙ୍କୁ ୬ମାସ ପାଇଁ ୧୦୦ ଜିବି ଗୁଗଲ୍ ୱାନ୍ କ୍ଲାଉଡ୍ ଷ୍ଟୋରେଜ୍ ଅତିରିକ୍ତ ଖର୍ଚ୍ଚ ବିନା ମିଳିବ। ଏପରିକି ସେମାନେ ଏହି ଷ୍ଟୋରେଜ୍‌କୁ ଅନ୍ୟ ୫ଜଣଙ୍କ ସହିତ ବାଣ୍ଟିପାରିବେ। ଏହି ସହଭାଗିତା ଫଳରେ ଗ୍ରାହକମାନେ ସାମ୍ନା କରୁଥିବା ବର୍ଦ୍ଧିତ ଡାଟା ଷ୍ଟୋରେଜ୍ ସମସ୍ୟାକୁ ସମାଧାନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍‌ର ମାର୍କେଟିଂ ନିର୍ଦ୍ଦେଶକ ଏବଂ ସିଇଓ (କନେକ୍ଟେଡ୍ ହୋମ୍ସ) ସିଦ୍ଧାର୍ଥ ଶର୍ମା କହିଛନ୍ତି, ସ୍ମାର୍ଟଫୋନ୍ ବ୍ୟକ୍ତିଗତ ଏବଂ ବୃତ୍ତିଗତ ସୂଚନା ପରିଚାଳନା ପାଇଁ ମୁଖ୍ୟ ଡିଭାଇସ୍ ହୋଇଥିବାରୁ ଉପଭୋକ୍ତାମାନଙ୍କ ପାଇଁ ଷ୍ଟୋରେଜ୍ ଏକ ବଡ଼ ଚିନ୍ତାର ବିଷୟ ହୋଇଛି। ଏହି ସହଭାଗିତା ଆମର ପୋଷ୍ଟପେଡ୍ ଏବଂ ୱାଇ-ଫାଇ ଗ୍ରାହକଙ୍କୁ ଅତିରିକ୍ତ ୧୦୦ ଜିବି ଷ୍ଟୋରେଜ୍ ପ୍ରଦାନ କରିବ। ଗୁଗଲ୍‌ର ଭାଇସ୍ ପ୍ରେସିଡେଣ୍ଟ, ପ୍ଲାଟ୍‌ଫର୍ମସ ଏବଂ ଡିଭାଇସେସ୍ ପାର୍ଟନରଶିପ୍, ଏପିଏସି କାରେନ୍ ଟିଓ କହିଛନ୍ତି, ଆମେ ଭାରତର ଲକ୍ଷାଧିକ ଲୋକଙ୍କୁ ଗୁଗଲ୍ ୱାନ୍ ପ୍ରଦାନ କରିବା ପାଇଁ ଏୟାରଟେଲ୍ ସହ ସହଭାଗିତା କରି ଖୁସି ଅଛୁ।

# ସିରିଜ୍ ବି ଜରିଆରେ ପାଣ୍ଠି ସଂଗ୍ରହ

**ଭୁବନେଶ୍ୱର,୨୧।୫**

ଦେଶର ପ୍ରଥମ ହାଇବ୍ରିଡ୍ ହେଲ୍‌ଥ ପ୍ଲାଟ୍‌ଫର୍ମ କ୍ୟୁରୋବେ ନିକଟରେ ୨୧ନିୟୁତ ଡଲାର ପାଣ୍ଠି ସଂଗ୍ରହ କରିଛି। ଏପରିକି ବ୍ରେଟଲସମ୍ୟାନ ଇଣ୍ଡିଆ ଇନ୍‌ଭେଷ୍ଟମେଣ୍ଟ ନେତୃତ୍ୱାଧୀନ ଏହାର ସିରିଜ୍ ବି ପାଣ୍ଠି ରାଉଣ୍ଡରେ କମ୍ପାନୀ ୨୧ ନିୟୁତ ଡଲାର ହାସଲ କରିଛି। ବିଶେଷକରି ଏହା ଗ୍ରାମୀଣ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ପ୍ରଦାନ କରୁଥିବା ସଂସ୍ଥା ଓ କ୍ୟୁରୋବେ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପାଲଟିଛି। ଏ ସମ୍ପର୍କରେ କ୍ୟୁରୋବେର ପ୍ରତିଷ୍ଠାତା ତଥା ସିଇଓ ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି, କ୍ୟୁରୋବେରେ ଆମେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱ ଦେଉଛୁ। ଏହା କେବଳ ଏକ ପାଣ୍ଠି ସଂଗ୍ରହ ନୁହେଁ,ଏହା ଗ୍ରାମୀଣ ସ୍ୱାସ୍ଥ୍ୟସେବା ଲାଗି ଭାରତର ବିଶ୍ୱାସ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ଏକ ଆଦେଶ ଭାବେ କାର୍ଯ୍ୟ କରୁଛି। ବର୍ତ୍ତମାନ ୧୫୦ରୁ ଅଧିକ ଇ କ୍ଲିନିକ ଓ ୧୦୦୦ ରୁ ଅଧିକ ସ୍ୱାସ୍ଥ୍ୟମିତ୍ରଙ୍କ ଏକ ସକ୍ରିୟ ନେଟ୍‌ଓ୍ୱର୍କ ସହ କାର୍ଯ୍ୟ କରୁଛି।


**Happy Birthday**






Bismaya Ranjan Mohanty
Padanipal, Kendrapara
Wishing you a day filled with joy, laughter, and unforgetable moments. May this year bring you all the happiness and success you deserve.
Special wishes from:
Jeje, Maa, Papa, Mama
D-650


# ଶାହରୁଖ କ୍ୟାଣ୍ଡିୟରର ବ୍ରାଣ୍ଡ୍ ଆମ୍ବାସାଡର

**ଭୁବନେଶ୍ୱର,୨୧।୫**

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା କଲ୍ୟାଣ ଜୁଏଲର୍ସର ଲାଇଫ୍‌ଷ୍ଟାଇଲ୍ ଗହଣା ବ୍ରାଣ୍ଡ୍ କ୍ୟାଣ୍ଡିୟରର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କୁ ନିଯୁକ୍ତ କରାଯାଇଛି। ବିଶେଷକରି ବିଶ୍ୱସ୍ତରରେ ପରିଚୟ ଓ ଅସୀମ ଆକର୍ଷଣ ପାଇଁ ପରିଚିତ ଶାହରୁଖ କ୍ୟାଣ୍ଡିୟରର ଲକ୍ଷ୍ୟ ସହ ଉପଯୁକ୍ତ ଭାବେ ଖାପଖାଉଛନ୍ତି। ଏପରିକି ଭାରତର ସବୁ ବୟସ ବର୍ଗର ଦର୍ଶକଙ୍କ ସହ ସେ ଗଭୀର ଭାବେ ଯୋଡ଼ିହୋଇ ରହିଥିବାବେଳେ ତାଙ୍କୁ କ୍ୟାଣ୍ଡିୟରର ମଲ୍ଟିମିଡିଆ ଅଭିଯାନ, ଡିଜିଟାଲ, ଟିଭି, ପ୍ରିଣ୍ଟ(ଛାପା) ଏବଂ ଷ୍ଟୋର ଭିତର ଅନୁଭୂତି ଆଦିରେ ସ୍ଥାନିତ କରାଯିବ। ଏ ସମ୍ପର୍କରେ କ୍ୟାଣ୍ଡିୟରର ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, ଭାରତୀୟ ଗହଣା ଶିଳ୍ପ ବିଭିନ୍ନ ବର୍ଗରେ ପରିବର୍ତ୍ତନ ଦେଇ ଗତି କରୁଥିବା ବେଳେ ଗ୍ରାହକମାନେ ଏଭଳି ଗହଣା ଚାହୁଁଛନ୍ତି, ଯାହା ସେମାନଙ୍କ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରୁଥିବ ଏବଂ ସେମାନଙ୍କ ଜୀବନଶୈଳୀ ଓ ସ୍ୱତନ୍ତ୍ର ଅବସରର ଆବଶ୍ୟକତା ସହ ଖାପଖାଉଥିବ। ସେହି ପରିବର୍ତ୍ତନକୁ ନଜରରେ ରଖି କ୍ୟାଣ୍ଡିୟରକୁ ପ୍ରସ୍ତୁତ କରାଯାଇଛି। ବିଶେଷକରି ଯେଉଁମାନେ ହୃଦୟରେ ଜେଡ୍ ପିଢ଼ିର ଯଥା ନିଜକୁ ପରିପ୍ରକଶ କରୁଥିବା, ବ୍ୟକ୍ତିବିଶେଷ ଏବ ଡିଜିଟାଲରେ ଯୋଡ଼ି ହେଉଥିବା ପିଢ଼ି। ଶାହରୁଖଙ୍କଠାରେ ଆମେ ସେହିସବୁ ଗୁଣ ଯଥା ସାଂସ୍କୃତିକ ସମ୍ପର୍କ, ଅସୀମ ଆକର୍ଷଣ ଓ ଆବେଗିକ ସଂଯୋଗ ପାଇଛୁ, ଯେଉଁଥିପାଇଁ ଆମେ ପରିଚିତ। ସେ ପିଢ଼ି ପିଢ଼ି ଧରି ରହିଥିବା ଅନ୍ତରର ସେତୁ ହୋଇଥିବାବେଳେ ଆଜିର ଦର୍ଶକଙ୍କ ପାଇଁ ଶକ୍ତିଶାଳୀ ଭାବେ ପ୍ରାସଙ୍ଗିକ ରହିଛନ୍ତି। କ୍ୟାଣ୍ଡିୟରର ଗହଣାଗୁଡ଼ିକ କେବଳ ପରିଧାନ ନୁହେଁ- ତାହା ପରିଚୟ ଓ ଉଦ୍ଦେଶ୍ୟର ଅର୍ଥପୂର୍ଣ୍ଣ ଓ ବ୍ୟକ୍ତିଗତ ପରିପ୍ରକାଶକୁ ନେଇ ଆମର ଯେଉଁ ଚିନ୍ତାଧାରା ରହିଛି ତାହାକୁ ସାକାର କରିବାରେ ଶାହରୁଖଙ୍କ ଉପସ୍ଥିତି ସହାୟକ ହେବ। ସେହିଭଳି ଶାହରୁଖ ଖାନ୍ କହିଛନ୍ତି, ଗହଣା ସର୍ବଦା ଭଲ ପାଇବା, ସମୃଦ୍ଧି ଓ ପରିଚୟର ଏକ ଶକ୍ତିଶାଳୀ ପରିପ୍ରକାଶ ହୋଇ ରହିଆସିଛି। କଲ୍ୟାଣ ଜୁଏଲର୍ସର ବ୍ରାଣ୍ଡ୍ କ୍ୟାଣ୍ଡିୟର ସହିତ ସହଯୋଗିତା ସ୍ଥାପନ କରି ମୁଁ ବେଶ୍ ଉତ୍ସାହିତ ଅଛି, ଯାହା ଲୋକମାନେ ଆଜିର ଦିନରେ ଗହଣାକୁ କିଭଳି ପିନ୍ଧୁଛନ୍ତି ଓ ଉପହାର ଦେଉଛନ୍ତି, ତାହାକୁ ଏକ ଆଧୁନିକ ଓ ସତେଜ ଦୃଷ୍ଟିକୋଣ ପ୍ରଦାନ କରିଛନ୍ତି। ଏହା ହେଉଛି ଆକର୍ଷଣୀୟ, ପ୍ରାସଙ୍ଗିକ ଏବଂ ସେମାନଙ୍କ ସହ କଥା ହେଉଛି ଯେଉଁମାନେ ପ୍ରତି ମୁହୂର୍ତ୍ତର ଅର୍ଥକୁ ପାଳନ କରୁଛନ୍ତି।




# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୨୧।୫**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇ ପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୧୦ (୪୧୦.୧୯) ପଏଣ୍ଟ ବୃଦ୍ଧି ଘଟି ୮୧,୫୯୭ (୮୧,୫୯୬.୬୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୨୯(୧୨୯.୫୫) ପଏଣ୍ଟ ବଢି ୨୪,୮୧୩ (୨୪,୮୧୩.୪୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


**ମନେ ପଡ଼ନ୍ତି**

**2nd Death Anniversary**



Late Raja Kishore Patnaik
DOB- 22.11.1928
DOD- 14.05.2023
The part of our lives, when you were with us was like a tiger was there to lead us. The chair may be empty now, your voice is echoing in and around.
In remembrance- Family and relatives.
D-648



# Classified Everyday

**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535




**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open Jyoti SPA positively health benefits (Expert therapist). 8458067955. D-76914

**LOST**

Sworn before the Executive Magistrate, Birmaharajpur, dt- 29.07.2024, by the affidavit I, Birakishor Karmi, S/o- Dasharatha Karmi, P.O.- S. Mahada, Dist.- Subarnapur, declared that the ROR of holding No.- 84 of Mouza Bhudobar of 5th settlement is stand recorded in my father name was lost. Inspitre of my several effort I am unable to trace out. D-651

**AFFIDAVIT**

By virtue an of affidavit sworn before Notary Public, Bhubaneswar, dated 14 May 2025, I, Bireswar Sahoo, Address: Plot No.- 353, Brahmeswar Lane, Rasulgarh, P.O.- GGP, P.S.- Mancheswar, Bhubaneswar- 751025, Dist.- Khordha declare that I have changed my son's name from Bratindra Sahoo to Batindra Sahoo. Henceforth, he shall be known as Batindra Sahoo for all purposes.
Bireswar Sahoo
D-647

By virtue of an affidavit sworn before Executive Magistrate, Begunia, dtd. 15.5.2025, I, Alok Behera (42yrs.) new name, S/o- Pitabasa Behera, At- Radhakantapur, P.O.-Chakapada, PIN- 752062, P.S.- Begunia, Khordha declared that I have changed my name from Aloka Behera to Alok Behera. Henceforth, he shall be known as new name Alok Behera for all purposes. D-654

By virtue of an affidavit sworn before Notary Public, Bhubaneswar, dated- 21.05.2025, I, Deepak Ranjan Mishra,At- Balipatana, Budhangadeuli, P.O./ P.S.- Balipatana, District.- Khurda, PIN- 752102, Odisha declare that I have changed my daughter's name from Akanksha Mishra to Akankshya Mishra. Henceforth, she shall be known as Akankshya Mishra for all purposes.
Deepak Ranjan Mishra
D-652

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Kailash Rout, aged about 42 years, S/o- Late Kapila Rout, At- Nalakani, P.O.- Singhipur, Nalakani, P.S.- Kujang, Dist.- Jagatsinghpur, PIN- 754141, by virtue of affidavit before the Executive Magistrate, Erasama on dt- 27.11.24 declare that I was the natural son of Pradip Behera, S/o- Panchanan Behera, At- Arakhia, P.O.- Balia, P.S.- Kujang, Dist.- Jagatsinghpur and was adopted by Late Kapila Rout, At- Nalakani, P.O.- Singhipur, Nalakani, P.S.-Kujang, Dist.- Jagatsinghpur since my childhood. So in the aforesaid Address I Kailash Rout is one and there is no other person in my identity. My voter ID number is DCX1751742.
Kailsh Rout
D-653


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ସିଭିଲ ଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ବୌଦ୍ଧ
ଆଇ.ଏ. କେସ୍ ନଂ- ୨୭/୨୦୨୨
ରଜନୀ ପ୍ରଧାନ
.... ବାଦୀ
ବନାମ
ରମେଶ ପ୍ରଧାନ ଏବଂ ଅନ୍ୟମାନେ
.... ପ୍ରତିବାଦୀ
ପ୍ରାପ୍ତେଷୁ

କ୍ରମିକ ନଂ ୧. ପ୍ରଫୁଲ୍ଲ କୁମାର ସାହୁ, ବୟସ-୬୩ ବର୍ଷ, ସ୍ୱର୍ଗତ- ବିମ୍ବାଧର ସାହୁ, ବଗିଚା ସାହି (ବୌଦ୍ଧ ଟାଉନ୍), ବୌଦ୍ଧ, ଥାନା/ଜି- ବୌଦ୍ଧ, ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଚାଲିଥିବା ସିଭିଲ କେସ୍ ନଂ- ୨୭/୨୦୨୨ର ପକ୍ଷ ଅଟନ୍ତି। ଉପରୋକ୍ତ ଠିକଣାରେ ଅଦାଲତରୁ ନୋଟିସ୍ ପ୍ରେରଣ କରାଗଲେ ମଧ୍ୟ ତାହା ଗ୍ରହଣ କରୁନାହାନ୍ତି। ଏଣୁ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା. 19 ରିଖ June ମାସ ୨୦୨୫ଘ. 10.30 A.M. ମି. ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ରହି ନିଜର ପକ୍ଷ ରଖିବେ, ନଚେତ୍ ଅଦାଲତ ଆପଣଙ୍କର ଅନୁପସ୍ଥିତିରେ ବିଚାର ପ୍ରକ୍ରିୟା ଆରମ୍ଭ କରିବେ ଓ ପରେ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ସ୍ୱାକ୍ଷର
ସିଭିଲ ଜଜ୍ (ସିନିୟର ଡିଭିଜନ)
ବୌଦ୍ଧ
ଧ-୬୫୫

I.R. No.- 634
Date- 23.04.2025

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀ ପ୍ରଦୀପ କୁମାର ନାୟକ)ଙ୍କ ଅଦାଲତ ନଂ.-୨ ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଆର୍. ପି. କେସ୍ ନଂ.- ୫୪୦/୨୦୧୪ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ନୋଟିସ
(ସି.ପି.ସି. ଅର୍ଡର ୫ ରୁଲ୍ ୨୦ ମୁତାବକ)

ନନ୍ଦ କିଶୋର ନାୟକ, ପି- ୰ଧ୍ରୁବ ନାୟକ, ସା/ପୋ- ଅରଗୁଳ, ଥାନା- ଜଟଣୀ, ଜି- ଖୋର୍ଦ୍ଧା
....ବାଦୀ
ବନାମ
୨- ଚୁନି ନାୟକ, ପି- ୰ବୁଧି ଦିହୁଡ଼ି, ସ୍ୱାମୀ- ବୃନ୍ଦାବନ ନାୟକ, ସା/ପୋ- ଘାଟିକିଆ, ଥା- ଖଣ୍ଡଗିରି, ଭୁବନେଶ୍ୱର, ଜି- ଖୋର୍ଦ୍ଧା
....ପ୍ରତିବାଦୀ

ଏତ ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦୀ ନିମ୍ନୋକ୍ତ ଜମିକୁ ଦଲିଲ ଓ ଦାଖଲ ଦୃଷ୍ଟେ ରେକର୍ଡ କରିବା ପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଛନ୍ତି। ଉକ୍ତ ପ୍ରତିବାଦୀଙ୍କୁ ପୁଞ୍ଜୀକୃତ ଡାକଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ନୋଟିସ ଜାରି ନ ହୋଇ ଫେରିଆସିଛି। ଇତିମଧ୍ୟରେ ଉକ୍ତ କେସର ଶୁଣାଣି ଆସନ୍ତା ତା- ୦୩।୦୬।୨୦୨୫ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଛି। ଜମିର ବିବରଣୀ ନିମ୍ନରେ ବର୍ଣ୍ଣନା କରାଗଲା।

ଜମି ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଘାଟିକିଆ
ସାବିକ- ଖାତା ନଂ.- ୩୯୪, ପ୍ଲଟ୍ ନଂ.- ୧୦୧୨, ଏ୦.୧୧୦ଡି ସ୍ୱଧରୁ ଏ୦.୦୨୫ଡି, ସାବିକ ଖାତା ନଂ. ୧୨୨ ପ୍ଲଟ୍ ନଂ. ୧୦୧୩ ଏ୦.୦୪୭ଡି ସ୍ୱଧରୁ ଏ୦.୦୧୫ଡି., ସ୍ୱତ୍ୱ- ସ୍ଥିତିବାନ୍, ସ୍ଥିତିବାନ୍,
ହାଲ୍- ଖାତା ନଂ.- ୬୬୬, ପ୍ଲଟ୍ ନଂ.- ୪୭୮୩, ରକବା- ଏ୦.୦୩୦ ଡି., ସ୍ୱତ୍ୱ- ସ୍ଥିତିବାନ୍, ସ୍ଥିତିବାନ୍,

ଏଣୁ ଉପରୋକ୍ତ ପ୍ରତିବାଦୀ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣକରି ପକ୍ଷ ରଖିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୬୪୯

# ଫାଷ୍ଟ- ଲଭ୍


'ଫାଷ୍ଟ ଲଭ୍' ଫିଲ୍ମରେ ଦିବ୍ୟା–ଶୈଳେନ୍ଦ୍ର

ପ୍ରେମର ପହିଲି ପୁଲକରେ ଉତ୍ଫୁଲିତ ହୋଇଉଠେ ମନ। ପୁଣି ଯଦି ତାହା ପ୍ରଥମ ଦେଖାରେ ପ୍ରେମ ହୋଇଥାଏ ତେବେ ତାହାର ମଜା ନିଆରା, ନୁହେଁ କି ? ସେଭଳି ଏକ ରୋମାଣ୍ଟିକ ଲଭ୍ ଷ୍ଟୋରିକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଫାଷ୍ଟ ଲଭ୍'। ରେଞ୍ଜି ରୟାଲ ସିନେ ଲାବ୍ ବ୍ୟାନରରେ ଏବଂ ଜୀ ସାର୍ଥକ ସହଯୋଗିତାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶ୍ରୀଧର ମାର୍ଥା ଏବଂ କିଶୋର ମିଶ୍ର। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅଭିଷେକ ମିଶ୍ର। ସଂଳାପ ରଚନା କରିଛନ୍ତି ଡା. ନିର୍ମଳ ନାୟକ। ଏହି ଚିତ୍ର ବିଷୟରେ ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ଶ୍ରୀଧର କହନ୍ତି, ''ମୁଁ ଯେ କୌଣସି ସିନେମା ନିର୍ମାଣ କରିବା ପୂର୍ବରୁ କାହାଣୀକୁ ଭଲ ଭାବରେ ତର୍ଜମା କରିଥାଏ। 'ଫାଷ୍ଟ ଲଭ୍'ର କାହାଣୀରେ ଦର୍ଶକ ଡିଫରେଣ୍ଟ ଚାର୍ମ ପାଇବେ। ଆସନ୍ତା ମାସ ୬ ତାରିଖରେ ଫିଲ୍ମଟି ରିଲିଜ ହେବ।'' ଏହାର ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୋମେଶ ଚକ୍ରବର୍ତ୍ତୀ, ସନ୍ତଜିତ୍ ଚାଟାର୍ଜୀ, ନବ୍‌ସ ଏବଂ ସରୋଜ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ନାୟକ। ଚିତ୍ରଟିର ମୁଖ୍ୟ ଭୂମିକାରେ ଶୈଳେନ୍ଦ୍ର ଏବଂ ଦିବ୍ୟା ବ୍ୟତୀତ ଏହାର କାଷ୍ଟିଂରେ ଚୌଧୁରୀ ଜୟ ପ୍ରକାଶ ଦାସ, ଉଷସୀ ମିଶ୍ର, ଶୁଭ୍ରାଂଶୁ ନାୟକ, ମିଲି ମହାନ୍ତି, ବୁଲୁ ପଣ୍ଡା, ପ୍ରମୁଖ ଅଛନ୍ତି।

ନୂଆ ସିନେମା

# ମେମ୍ ସାହାବ


'ମେମ୍ ସାହାବ' ଫିଲ୍ମର ପୋଷ୍ଟର

ଚଳିତ ବର୍ଷର ନୂଆ ଓଡ଼ିଆ ସିନେମା ତାଲିକାରେ ଆଉ ଏକ ଟାଇଟଲ ସାମିଲ ହୋଇଛି। ଏହି ଚିତ୍ରର ଶୀର୍ଷକ ରହିଛି 'ମେମ୍ ସାହାବ'। ଧୁନ ମ୍ୟୁଜିକାଲ, ସିନେମାସ୍କୋପ ସଲୁସନ୍ସ ଏବଂ ଓମ ଗ୍ରାଫିକ୍ସର ସହଯୋଗରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହାର ପ୍ରଯୋଜନା କରିଛନ୍ତି କେ.ପି. ମିଶ୍ର। ସହ–ପ୍ରଯୋଜକ ଅଛନ୍ତି ଅନିଲ ଯାଦବ। ଖାସ୍ କଥା ହେଲା, ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିଶ୍ୱ ଭୂଷଣ ମହାପାତ୍ର। ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇନ୍ତି କେପି.। ''ଏହାର କାହାଣୀ ପ୍ରସ୍ତୁତ କରିବା ସମୟରେ ତାହା ଯେପରି ଦର୍ଶକଙ୍କୁ ଶତ ପ୍ରତିଶତ ପ୍ରଭାବିତ କରିବ ସେ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ଏହାବ୍ୟତୀତ ଏହାର ସଂଳାପ ଏବଂ ଗୀତକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ଆଶା ରଖିଛି, ଦର୍ଶକ ନିଶ୍ଚୟ ଆମ ସିନେମାକୁ ଗ୍ରହଣ କରିବେ। ଖୁବ୍ ଶୀଘ୍ର ଏହାର ରିଲିଜ ତାରିଖ ଘୋଷଣା କରାଯିବ ବୋଲି କହନ୍ତି ଏହାର ନିର୍ଦ୍ଦେଶକ।'' ଚଳଚ୍ଚିତ୍ରର ସଙ୍ଗୀତ ପରିଚାଳନା କରିଛନ୍ତି ଅଭିଜିତ ତ୍ରିପାଠୀ ଏବଂ ବନ୍ନୀ ମହାନ୍ତି, ଯାହା ଫିଲ୍ମର ରୋମାଞ୍ଚକୁ ଆହୁରି ଜୋରଦାର କରିବ ବୋଲି ଆଶା କରାଯାଉଛି। ଚିତ୍ତ ରଞ୍ଜନ ତ୍ରିପାଠୀ, ପ୍ରିୟା ଚୌଧୁରୀ, ଚୌଧୁରୀ ଜୟ ପ୍ରକାଶ ଦାଶ ଏବଂ ନୂଆ ଚେହେରା ସମ୍ଭବ ମାନସିଂହଙ୍କୁ ଏଥିରେ ଦେଖିବାକୁ ମିଳିବ। ଏହାର ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଉଛନ୍ତି ମିଡିଆ ପ୍ଲାନର ପ୍ରଣୟ ଜେଠୀ। ତେବେ ଏହି ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।

# ଅପେକ୍ଷା ଶୁଭ ଦିନକୁ

ଜୟଭାରତ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି ଐତିହାସିକ ଓଡ଼ିଆ ଚଳଚ୍ଚିତ୍ର 'ଜୟୀ ରାଜଗୁରୁ'। ଖାସ୍ କଥା ହେଲା ଏହି ଫିଲ୍ମକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବାକୁ ଏହାର ପ୍ରଯୋଜକ ତଥା ନିର୍ଦ୍ଦେଶକ ଜୟ ସେନ୍‌ଙ୍କୁ ଲାଗିଥିଲା ଦୀର୍ଘ ପାଞ୍ଚ ବର୍ଷ। ସହଯୋଗୀ ନିର୍ଦ୍ଦେଶକ ଭାବେ ଲିଟନ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କ୍ରିଷ୍ଣା ସରୋଜ। କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ନିର୍ଦ୍ଦେଶକ ଜୟ । ଫିଲ୍ମଟିର ବିଭିନ୍ନ ଭୂମିକାରେ ବିଶ୍ୱରୂପ, ଅଶ୍ରୁମୋଚନ, ମିତା ଚକ୍ରବର୍ତ୍ତୀ, ଦେବିକା କଲ୍ୟା, ନାରାୟଣ ମାର୍ଥା ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଆଶା କରିଥିଲେ ସୋନମ

ପାଠ ପଢ଼ିବା ସମୟରେ ସୋନମ କପୁର ଦିନେ ଜଣେ ଅଭିନେତ୍ରୀ ହେବେ ବୋଲି ଭାବି ନ ଥିଲେ। ତାଙ୍କର ବାପା ଅନିଲ କପୁର ଯେତେବେଳେ ମୁମ୍ବାଇ ଆସିଲେ ସେତେବେଳେ ତାଙ୍କୁ ମାତ୍ର ମାସେ ବୟସ ହୋଇଥିଲା। ଜୁହୁ ସ୍ଥିତ ଆର୍ଯ୍ୟମନ୍ଦିର ସ୍କୁଲରେ ସେ ପାଠ ପଢ଼ା ଆରମ୍ଭ କରିଥିଲେ। ସ୍କୁଲରେ ପଢ଼ିବା ସମୟରେ ସେ ଭାରି ଦୁଷ୍ଟ ଥିଲେ। ପାଠ ପଢ଼ା ବ୍ୟତୀତ ତାଙ୍କର ଖେଳ ଏବଂ ନୃତ୍ୟରେ ମଧ୍ୟ ରୁଚି ରହିଥିଲା। ସେହି ସମୟରେ ସେ ରଗ୍‌ବି ଏବଂ ବାସ୍କେଟବଲ ଖେଳି ବେଶ୍ ପ୍ରଶଂସା ସାଉଁଟି ଥିଲେ।

କେବଳ ସେତିକି ନୁହେଁ, କଥକ ନୃତ୍ୟରେ ସୋନମ ନିଜର ଦକ୍ଷତା ଦେଖାଇବାରେ ସଫଳ ହୋଇଥିଲେ। କିନ୍ତୁ ପାଠ ପଢ଼ିବା ପରେ ତାଙ୍କର ଲକ୍ଷ୍ୟ କ'ଣ ଥିଲା ? ଯେହେତୁ ଏକ କଳାକାର ପରିବାରରେ ତାଙ୍କର ଜନ୍ମ ତେଣୁ ସେ ପରଦା ପଛରେ ରହି କିଛି କରିବାକୁ ଚାହୁଁଥିଲେ। ଏପରିକି ଚିତ୍ରନାଟ୍ୟ ରଚନା ଏପରିକି ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ରଖିବାକୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ସଞ୍ଜୟ ଲୀଲା ଭଁସାଲି ୨୦୦୫ରେ ନିର୍ମାଣ କରୁଥାଆନ୍ତି 'ବ୍ଲାକ୍'। ଏହି ଫିଲ୍ମରେ ଜଣେ ସହଯୋଗୀ ନିର୍ଦ୍ଦେଶକ ଭାବରେ କାମ କରିବାର ସୁଯୋଗ ତାଙ୍କୁ ମିଳିଥିଲା। ବାସ୍ ଏଇଠି ସତେଯେମିତି ତାଙ୍କ ପାଇଁ ଆଉ ଏକ ସୁଯୋଗ ଅପେକ୍ଷା କରିଥିଲା। ସଂଯୋଗ ବଶତଃ ସଞ୍ଜୟଙ୍କ ପରବର୍ତ୍ତୀ ସିନେମା 'ସାଓଁରିୟା'ରେ ତାଙ୍କୁ ନାୟିକା ଭାବରେ ବ୍ରେକ୍ ମିଳିଥିଲା। ବେଶ୍ କେତୋଟି ହିଟ୍ ଫିଲ୍ମରେ ଅଭିନୟ କରିଥିବା ସୋନମ ଘର ସଂସାର କରିବା ପରେ ପ୍ରାୟ ଅଭିନୟ ଠାରୁ ଦୂରେଇ ଯାଇଛନ୍ତି।

# କାନ୍ଦି ପକାଇଥିଲେ ପୂଜା

ପୂଜା ହେଗଡେ ଦକ୍ଷିଣ ଭାରତୀୟ ସିନେମାର ଜଣେ ପରିଚିତା ଅଭିନେତ୍ରୀ। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ କ୍ୟାମେରା ସାମ୍ନା କରିସାରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ଆଶୁତୋଷ ଗୋୱାରିକରଙ୍କର 'ମହେଞ୍ଜୋଦାରୋ'। ୨୦୧୬ରେ ପରଦା ଉପରକୁ ଆସିଥିବା ଏହି ସିନେମାରେ ସେ ହ୍ରିତିକ ରୋଶନଙ୍କ ନାୟିକା ସାଜିଥିଲେ। କିନ୍ତୁ ଏହି ଅଫରଟି ତାଙ୍କୁ କେମିତି ମିଳିଥିଲା ଜାଣନ୍ତି ? ଏ ବିଷୟରେ ପୂଜା କହନ୍ତି, ''ସେତେବେଳେ ମୁଁ ଏକ ବିଜ୍ଞାପନର ଶୁଟିଂ କରୁଥାଏ। ଏହି ସମୟରେ ସେଠାରେ ଆଶୁତୋଷ ଗୋୱାରିକର ଏବଂ ତାଙ୍କର ସ୍ତ୍ରୀ ପହଞ୍ଚିଥିଲେ। ଅବଶ୍ୟ ସେମାନେ ମୋତେ ସେଠାରେ କିଛି ସୂଚନା ଦେଇ ନ ଥିଲେ। ପରେ ଯେତେବେଳେ ନିର୍ଦ୍ଦେଶକ ମୋତେ ଫୋନ୍ କରି ମୁଁ ସିଲେକ୍ଟ ହୋଇଛି ବୋଲି କହିଲେ ସେତେବେଳେ ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। ସେଦିନ ଆଶୁତୋଷ ସାର୍‌ଙ୍କ ସ୍ତ୍ରୀ ମୋତେ ଦେଖି 'ମହେଞ୍ଜୋଦାରୋ' ଫିଲ୍ମର ନାୟିକା ଭାବରେ ଚୟନ କରିବାକୁ କହିଥିଲେ। ଆଉ ତାହାକୁ ସବୁଜ ସଙ୍କେତ ଦେଖାଇଥିଲେ ନିର୍ଦ୍ଦେଶକ। ଯେତେବେଳେ ମୁଁ ଏହି ଫିଲ୍ମ ପାଇଁ ସାଇନ୍ କଲି ସେତେବେଳେ ମୋ ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ଗଡି ପଡିଥିଲା।'' ଏହି ଫିଲ୍ମଟି ବକ୍ସ ଅଫିସରେ ୧୦୦କୋଟି କ୍ଲବରେ ସାମିଲ ହୋଇଥିଲା।


ପୂଜା


ସୋନମ୍


ଟାଇଗର

ରିଲିଜ ଅପେକ୍ଷାରେ...

# ମିଡ ନାଇଟ୍

ଏକ ରହସ୍ୟ ରୋମାଞ୍ଚପୂର୍ଣ୍ଣ କାହାଣୀକୁ ଆଧାର କରି ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ମିଡ ନାଇଟ୍'। କାହାଣୀ ଅନୁସାରେ ତିନି ଜଣ ବାନ୍ଧବୀ ନୂଆ ବର୍ଷ ସେଲିବ୍ରେଟ କରିବାକୁ ଚନ୍ଦ୍ରଭାଗା ଯାଉଥାଆନ୍ତି। ବାଟରେ ସେମାଙ୍କ ମଧ୍ୟରୁ ଜଣେ ଏକ ହରର୍ ବହି ପଢୁଥାଆନ୍ତି। ହେଲେ ସଂଯୋଗ ଏମିତି ଯେ ଯେଉଁ ଲାଇନ୍ ପଢୁଥାଆନ୍ତି, ବାସ୍ତବରେ ସେମାନଙ୍କ ସାମନାରେ ସେହି ଘଟଣା ଘଟୁଥାଏ। ହେଲେ ହଠାତ୍ ଗାଡ଼ିଟି ଖରାପ ହୋଇଯାଏ, ଆଉ ଉପାୟଶୂନ୍ୟ ହୋଇ ସେମାନେ 'ମିଡ ନାଇଟ୍' ନାମକ ଏକ ହୋଟେଲରେ ରହନ୍ତି। ଆଉ ତା'ପରେ କ'ଣ ଘଟୁଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ଅଭିନେତା ମନୁ ଦ୍ୱିବେଦୀ। ଏହାର କାହାଣୀ ରଚନା କରିବା ସହ ଅନ୍ୟତମ ପ୍ରଯୋଜକ ସାଜିଛନ୍ତି ଅନୁପ ଦ୍ୱିବେଦୀ। ଖାସ୍ କଥା ହେଲା କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ବଡ ପରଦାକୁ ଫେରୁଛନ୍ତି ସ୍ୱର ସଂଯୋଗକ ପ୍ରଶାନ୍ତ ପାଢ଼ୀ। ମନୁ ଦ୍ୱିବେଦୀ ଫିଲ୍ମସ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ମନୁ ଦ୍ୱିବେଦୀ। ସହକାରୀ ନିର୍ଦ୍ଦେଶକ ଭାର ସମ୍ଭାଳିଛନ୍ତି ସୁରେଶ ଦାଶ। ମନୁ ଦ୍ୱିବେଦୀ, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ସୁଇଟି, ଆଲିୟା ପ୍ରମୁଖ କଳାକାର ଏଥିରେ ଅଭିନୟ କରୁଛନ୍ତି।

# ନାମକରଣ ଅନ୍ତରାଳେ...

ବଲିଉଡ୍‌ର ୟଙ୍ଗ ସେନସେସନ ଟାଇଗର ଶ୍ରଫ। ଏହି ଷ୍ଟାର କିଡ୍ ବଲିଉଡ୍‌ରେ ମାତ୍ର କିଛି ବର୍ଷ ଭିତରେ ନିଜର ଅଭିନୟ ଦକ୍ଷତାର ପ୍ରମାଣ ଦେଇସାରିଛନ୍ତି। ସାଜିଦ୍ ନାଦିଓ୍ୱାଦୱାଲା ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ ଆଉ ଫିଲ୍ମଟିର ଟାଇଟଲ ଥିଲା 'ହୀରୋପନ୍ତୀ'। ମାତ୍ର ୨୫କୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ସିନେମା ବକ୍ସ ଅଫିସରେ ପାଖାପାଖି ୭୨କୋଟି ବିଜନେସ କରିବାରେ ସକ୍ଷମ ହୋଇଥିଲା। ଏହାପରେ ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି– 'ବାଗୀ', 'ଏ ଫ୍ଲାଇଙ୍ଗ ଜାଟ୍', 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨', 'ୱାର୍', 'ଗଣପତ୍', 'ବାଗୀ ୨', 'ବାଗୀ ୩', 'ହୀରୋପନ୍ତୀ ୨' ଏବଂ 'ବଡେ ମିଆଁ ଛୋଟେ ମିଆଁ'। କିନ୍ତୁ ତାଙ୍କର ନାମକରଣ ଟାଇଗର ହେବା ପଛରେ ଏକ ମଜାଦାର କଥା ଲୁଚି ରହିଛି। ତାଙ୍କୁ ଏଭଳି କିଏ ପ୍ରଥମେ ଡାକିଥିଲେ ଜାଣନ୍ତି ? ତାଙ୍କର ବାପା ଜ୍ୟାକି ଶ୍ରଫ। ତାଙ୍କର ପ୍ରକୃତ ନାମ ଥିଲା ଜୟ ହେମନ୍ତ ଶ୍ରଫ। ସେ ଯେତେବେଳେ ଛୋଟ ଥିଲେ ସେତେବେଳେ ଅନ୍ୟମାନଙ୍କୁ ବାଘ ପରି କାମୁଡ଼ିବାକୁ ଗୋଡାଉଥିଲେ। ତେଣୁ ଶ୍ରଦ୍ଧାରେ ଜ୍ୟାକି ତାଙ୍କୁ 'ଟାଇଗର' ବୋଲି ଡାକିବା ଆରମ୍ଭ କଲେ। ଆଉ ତା'ପରେ ସମସ୍ତ ତାଙ୍କୁ ସେହି ନାମରେ ଡାକିଲେ। ଏପରିକି ତାଙ୍କର ସ୍କ୍ରିନ୍ ନେମ୍ ମଧ୍ୟ ଟାଇଗର ରଖିବାକୁ ତାଙ୍କ ପରିବାର ପକ୍ଷରୁ ସ୍ଥିର କରାଯାଇଥିଲା।

# ପରିବର୍ତ୍ତନର ସମୟ ଆସିଛି

''ଆଜିକାଲି ଅନେକ ସିନେମାର କାହାଣୀ ଚୟନରେ କେତେ ଦୂରଦୃଷ୍ଟିର ଅଭାବ ରହୁଛି ତାହା ନ କହିବା ଭଲ। ଭଲ କାହାଣୀଟିଏ ମିଳିଲେ ବି ନିର୍ମାଣ ସମୟରେ ବିଭିନ୍ନ ସମସ୍ୟା ଚଳଚ୍ଚିତ୍ରଟିକୁ ବେଙ୍ଗା କରିଦେଉଛି। ଆମ ରାଜ୍ୟରେ ଅନେକ ଭଲ ଭଲ କାହାଣୀ ଅଛି। ତାହାକୁ ନେଇ ସୁନ୍ଦର ଓଡ଼ିଆ ସିନେମା ନିର୍ମାଣ କରାଯାଇପାରିବ। ''

ଓଡ଼ିଆ ସିନେମା ୯୦ ବର୍ଷକୁ ଅତିକ୍ରମ କରିବ। ଇତି ମଧ୍ୟରେ ଆମ ସିନେମା ପ୍ରଦର୍ଶନ ପାଇଁ ୯୦ଟି ପ୍ରେକ୍ଷାଳୟ ନାହିଁ। ପ୍ରଥମ ଓଡ଼ିଆ ସିନେମାର ଜନକ ପ୍ରଭୁପାଦ ମୋହନ ସୁନ୍ଦର ଗୋସ୍ୱାମୀ ମଧୁବାବୁଙ୍କ ଜନ୍ମ ଦିନ ଅବସରରେ ସ୍ୱାଭିମାନୀ ଓଡ଼ିଆଙ୍କ ସମ୍ମାନ ଦେଇ 'ସୀତା ବିବାହ' ସିନେମା ମୁକ୍ତିଲାଭ କଲେ। ପୁରୀ ଲକ୍ଷ୍ମୀ ଟକିଜ୍ ମଧ୍ୟ ଇତିମଧ୍ୟରେ ନାହିଁ। ଆମେ ବୟସ୍କମାନଙ୍କୁ ସମ୍ମାନ ନ ଦେଇ ନିଜେ ନିଜେ ପାଳ ଗଦାରେ ଚଢି ପରସ୍ପର ପରସ୍ପରର ଉଚ୍ଚତା ମାପୁଛେ ! ଓଡ଼ିଆ ସିନେମାର ଭବିଷ୍ୟତରେ ନେଇ ଅନେକ ଆଲୋଚନା ହେଉଛି। ଏ ସମ୍ପର୍କିତ ସବିଶେଷ ଜ୍ଞାନ ନ ଥାଇ କେତେକ ଯେଉଁ ମନ୍ତବ୍ୟ ଦେଉଛନ୍ତି ତାହା ନାପସନ୍ଦ ହେବା ସ୍ୱାଭାବିକ। ଓଡ଼ିଆ ଫିଲ୍ମ କ'ଣ ଥିଲା ଆଉ ଏବେ କେଉଁ ଅବସ୍ଥାରେ ଆସି ପହଞ୍ଚିଛି ତାହାକୁ ନେଇ କେବଳ ତର୍ଜମା କଲେ କ'ଣ ହେବ ତାହାର ସମାଧାନର ରାସ୍ତା ବାହାରିବା ଦରକାର। ଏହା ସହ ଜଡିତ ତଥା ଅଭିଜ୍ଞ ପ୍ରଯୋଜକ, ନିର୍ଦ୍ଦେଶକ ଏହି ଧାରାରେ ନିଜକୁ ସାମିଲ କଲେ ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ ହେବ। କେବଳ କଥା କହି ଦେଲେ ତ ହେବ ନାହିଁ, ତାହା କିପରି କାର୍ଯ୍ୟକାରୀ ହେବ ସେ ନେଇ ଉଦ୍ୟମ ହେବା ଦରକାର।

ଏବେ ପୁରସ୍କାରକୁ ନେଇ ଅନେକ ଆଲୋଚନା ହେଉଛି। ଗତ କିଛି ବର୍ଷ ଧରି ବିଦେଶରେ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ସମାରୋହ ଅନୁଷ୍ଠିତ ହେଉଛି। କିନ୍ତୁ ଆମ ଓଡ଼ିଆ ସିନେମା ସେଭଳି ମାନର ହେବା ନିଶ୍ଚୟ ଦରକାର, ଯାହାକୁ ଅନ୍ତର୍ଜାତୀୟ ସ୍ତରରେ ଦେଖିଲେ ପ୍ରଶଂସା କରିବେ। ପୁରସ୍କାର ଦିଆଯାଉ, ଏଥିରେ କାହାର ଦ୍ୱିମତ ନାହିଁ, ହେଲେ ତାହାର ଚୟନ ଏଭଳି ହେବା ଦରକାର, ଯାହା ଶୁଣି ସମସ୍ତେ ବାହାବା କରିବେ।

ଓଡ଼ିଆ ସିନେମାର ସଂଖ୍ୟା ବର୍ଷକୁ ବର୍ଷ ବଢୁଛି। ମାତ୍ର ସେପଟେ ବ୍ୟବସାୟିକ ଅସ୍ଥିରତା ତାହାର କାୟା ବିସ୍ତାର କରିଚାଲିଛି। ଏବେ ଦିନକୁ ଦିନ ପ୍ରେକ୍ଷାଳୟ ସଂଖ୍ୟା କମି ଚାଲିଛି। ୩୦ଟି ଜିଲାରେ ଆବଶ୍ୟକ ମୁତାବକ



ପ୍ରେକ୍ଷାଳୟ ପିପିପି ମୋଡ୍‌ରେ ନିର୍ମାଣ ହେବା ଦରକାର। ଏହାଦ୍ୱାରା ଓଡ଼ିଆ ସିନେମା ଆମ ରାଜ୍ୟର ଚାରିଆଡେ ମୁକ୍ତିଲାଭ କରିପାରିବ। ସରକାରଙ୍କ ଶିଳ୍ପ ବିଭାଗ ଏକ ଉଚ୍ଚସ୍ତରୀୟ ବୈଠକ ଜରିଆରେ ନିଷ୍ପତ୍ତି ନେବା ଜରୁରୀ। ପ୍ରଯୋଜକମାନଙ୍କର ଆର୍ଥିକ ଦିଗରୁ ବିକାଶ ନ ହେଲେ ଏ' ଶିଳ୍ପର ପ୍ରଗତି ଆଶା ନିରର୍ଥକ ହେବ। ଆଜିକାଲି ଅନେକ ସିନେମାର କାହାଣୀ ଚୟନରେ କେତେ ଦୂରଦୃଷ୍ଟିର ଅଭାବ ରହୁଛି ତାହା ନ କହିବା ଭଲ। ଭଲ କାହାଣୀଟିଏ ମିଳିଲେ ବି ନିର୍ମାଣ ସମୟରେ ବିଭିନ୍ନ ସମସ୍ୟା ଚଳଚ୍ଚିତ୍ରଟିକୁ ବେଙ୍ଗା କରିଦେଉଛି। ଆମ ରାଜ୍ୟରେ ଅନେକ ଭଲ ଭଲ କାହାଣୀ ଅଛି। ତାହାକୁ ନେଇ ସୁନ୍ଦର ଓଡ଼ିଆ ସିନେମା ନିର୍ମାଣ କରାଯାଇପାରିବ। ଏ ଦିଗରେ ନବାଗତ ପ୍ରଯୋଜକମାନେ ଦୃଷ୍ଟି ଦେଲେ ଭଲ ହେବ। ଏବେ ନୂଆ ପ୍ରଯୋଜକ, ନିର୍ଦ୍ଦେଶକ, କଳାକାର ଓଡ଼ିଆ ସିନେମାକୁ ଆସୁଛନ୍ତି। ନୂଆ ପ୍ରଯୋଜକଟିଏ ସିନେମା ନିର୍ମାଣ ଦିଗରେ କିଛିଟା ଜ୍ଞାନ ରହିବା ନିହାତି ଦରକାର। ନ ହେଲେ ପରବୁଦ୍ଧିରେ ପଡି ସିନେମା ନିର୍ମାଣ କରିବା ଏବଂ ରିଲିଜ ପରେ ଚିତ୍ରଟିର ଅବସ୍ଥା ଶୋଚନୀୟ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏବେ କେତେକ ସିନେମା କେତେବେଳେ ନିର୍ମାଣ ହେଉଛି ପୁଣି କେତେବେଳେ ରିଲିଜ ହୋଇ ଗୋଟିଏ ଶୋ'ରେ ଉଠି ଯାଉଛି ତାହା ଜାଣି ହେଉ ନାହିଁ।

ଓଡ଼ିଆ ସିନେମା କମ୍ ବଜେଟରେ ହେଲେ କୌଣସି ବୈଷୟିକ ଅସୁବିଧା ନାହିଁ। କେବଳ କାହାଣୀର ଗୁରୁତ୍ୱକୁ ଯଦି ଆମେ ନେବା ତେବେ ସେଇ ଅନୁସାରେ ଚରିତ୍ରରେ ଅଭିନୟ କରୁଥିବା ଭଲ କଳାକାର ନେବା ବାଞ୍ଛନୀୟ। ସେମାନେ ପୁରୁଣା ହୁଅନ୍ତୁ କି ନୂତନ ପିଢିର ହୁଅନ୍ତୁ, ପ୍ରତିଟି ଚରିତ୍ର ସମ୍ପର୍କରେ ଯଦି ନିର୍ଦ୍ଦେଶକ କର୍ମଶାଳା ମାଧ୍ୟମରେ ଅବଗତ କରିବା ନିହାତି ଜରୁରୀ। ଏବେ ସମୟ ଆସିଛି ସମସ୍ତେ ଏକତ୍ର ହୋଇ ଓଡ଼ିଆ ସିନେମାର ଉନ୍ନତି ପାଇଁ ଚେଷ୍ଟା କଲେ ପୁଣି ଥରେ ଏହାର ପୁରୁଣା ଯୁଗ ନିଶ୍ଚୟ ଫେରି ଆସିବ। ଏବେ ଅନେକ ସିନେମାର ପ୍ରିମିୟର ବ୍ୟତୀତ ଅନ୍ୟଦିନରେ ପ୍ରେକ୍ଷାଳୟ ସମ୍ମୁଖରେ କାଉ ଉଡୁଥିବାର ଦେଖିବାକୁ ମିଳୁଛି। ତେଣୁ ଭଲ ସିନେମା ନିର୍ମାଣ ହେଲେ ତାହା ନିଶ୍ଚୟ ଦର୍ଶକଙ୍କୁ ପୁଣି ଥରେ ପ୍ରେକ୍ଷାଳୟମୁହାଁ କରାଇବ–ଏକଥା ନିଃସନ୍ଦେହରେ କୁହାଯାଇପାରେ।

–ଦିଲ୍ଲୀପ ହାଲି, ବଡ଼ଗଡ଼,
ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମେ ୨୨/୨୦୨୫ Bhubaneswar, Thursday, May 22/ 2025

# ଭାରତୀୟ ଦଳରେ ଓଡ଼ିଶାରୁ ୩

## ଏସିଆନ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍

### ବିରୁ ଚନ୍ଦ୍ର ରାଓ ରିଜର୍ଭ ଖେଳାଳି

**ଭୁବନେଶ୍ୱର, ୨୧।୫ (ତପନ ସ୍ୱାଇଁ)**

ଦକ୍ଷିଣ କୋରିଆର ଜେଚ୍ୟୋନଠାରେ ମହିଳା ଓ ପୁରୁଷ ଏସିଆନ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ୩ ଜିମ୍ନାଷ୍ଟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଓଡ଼ିଶା ଏଚ୍‌ପିସି ଜିମ୍ନାଷ୍ଟ ପ୍ରଣତି ନାୟକ ସିନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବାବେଳେ ତପନ ମହାନ୍ତି ସିନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଭାଗନେବେ। ଜୁନିୟର ବର୍ଗରେ ପ୍ରୀତି ଖାଁଙ୍କର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ପାଇଁ ମନୋନୀତ ହୋଇଛନ୍ତି। ବିରୁ ଚନ୍ଦ୍ର ରାଓ ଜୁନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ପାଇଁ ରିଜର୍ଭ ଖେଳାଳି ରହିଛନ୍ତି।

ଏସିଆନ ଚାମ୍ପିୟନଶିପ୍ ପାଇଁ ଭାରତୀୟ ସିନିୟର ଓ ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ କ୍ୟାମ୍ପ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପ ଜୁନ୍ ୯ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶର କେତେକ ନାମୀ ଜିମ୍ନାଷ୍ଟ ଅଂଶଗ୍ରହଣ କରିଛନ୍ତି। ଅଭିଜ୍ଞ କୋଚ୍‌ମାନେ ପ୍ରଶିକ୍ଷଣ ଦେଉଛନ୍ତି। ସିନିୟର କ୍ୟାମ୍ପରେ ମହିଳା ଓ ପୁରୁଷ ଜିମ୍ନାଷ୍ଟ ଏବଂ କୋଚ୍‌ଙ୍କୁ ମିଶାଇ ପାଖାପାଖି ୨୦ ଜଣ ଅଂଶଗ୍ରହଣ କରିଛନ୍ତି। ସେହିପରି ଜୁନିୟରରେ ୧୫ରୁ ଉର୍ଦ୍ଧ୍ୱ ଖେଳାଳି ଓ କୋଚ୍ ରହିଛନ୍ତି। ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଜିମ୍ନାଷ୍ଟ ରାକେଶ ପାତ୍ର ଏହି କ୍ୟାମ୍ପରେ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଏହା ବ୍ୟତୀତ ଅଲିମ୍ପିଆନ ଦୀପା କର୍ମକାରଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦି ମଧ୍ୟ ପ୍ରଶିକ୍ଷଣ ଦେଉଛନ୍ତି। ବିଶ୍ୱସ୍ତରୀୟ ଭିତ୍ତିଭୂମୀ ଥିବାରୁ ଓଡ଼ିଶା କ୍ରମାଗତଭାବେ ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ସହ ମିଶି ଜାତୀୟ ସ୍ତରରେ ଜିମ୍ନାଷ୍ଟିକ୍ସର ପ୍ରମୋଟ କରି ଆସୁଛି। ଅଧିକାଂଶ କ୍ରୀଡ଼ାର ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଭାରତର ପ୍ରସ୍ତୁତିରେ ଓଡ଼ିଶା ଏବେ ମୁଖ୍ୟ ଭୂମିକା ଗ୍ରହଣ କରି ଆସୁଛି।

"ନିଜ ଘରୋଇ ରାଜ୍ୟରେ ଜାତୀୟ ଦଳର କୋଚ୍ ଦାୟିତ୍ୱ ତୁଲାଉଥିବାରୁ ଏହା ମୋ ପାଇଁ ଗର୍ବର ମୁହୂର୍ତ୍ତ। ଆମେ ଏବେ ଟ୍ରେନିଂ ଉପରେ ସମ୍ପୂର୍ଣ୍ଣ ଫୋକସ କରୁଛୁ। ଏହି କ୍ୟାମ୍ପ ଆମ ଜିମ୍ନାଷ୍ଟଙ୍କୁ ସହାୟକ ହେବ ଏବଂ ସେମାନେ ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାନେଇ ମୁଁ ଦୃଢ଼ ଆଶାୟୀ" ବୋଲି ରାକେଶ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ନିକଟରେ ଓଡ଼ିଶା ଜିମ୍ନାଷ୍ଟମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ ଦେଇ ଆସୁଛନ୍ତି। ୩୮ତମ ଜାତୀୟ କ୍ରୀଡ଼ାରେ ଏଚ୍‌ପିସି ଜିମ୍ନାଷ୍ଟ ପ୍ରଣତି ନାୟକ ବିଭିନ୍ନ ଆପାରାଉସ୍‌ରେ ପଦକ ଜିତିଥିଲେ। ରାକେଶ ପାତ୍ର ପାରାଲ ବାର୍ସ ଓ ଷ୍ଟିଲ୍ ରିଙ୍ଗ୍ସରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଖେଳାଳିଭାବେ ଅବସର ନେବାପରେ ରାକେଶ ଜାତୀୟ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। ଫଳରେ ସେ ରାଜ୍ୟର ଅନ୍ୟ ଜିମ୍ନାଷ୍ଟଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଜାତୀୟ କ୍ରୀଡ଼ା ଓ ପୁଣେରେ ଅନୁଷ୍ଠିତ ୨୦୨୫-୨୬ ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ରେ ତପନ ମହାନ୍ତି ଏକାଧିକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସୁରଟରେ ଅନୁଷ୍ଠିତ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ ହୋଇଥିଲା। ଭାରତୀୟ ଜୁନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଦଳ ପ୍ରଥମଥରପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସେହି ପ୍ରତିଯୋଗିତାରେ ସିନିୟର ମହିଳା ଦଳ ବ୍ରୋଞ୍ଜ ପଦକ ଜିତିଥିଲା।





କଳିଙ୍ଗ ଷ୍ଟାଡିୟମ ପରିସରରେ ଭାରତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ କ୍ୟାମ୍ପ ଅବସରରେ ଜିମ୍ନାଷ୍ଟମାନେ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

# ପ୍ରଶ୍ନ ଉଠାଇଲା କେକେଆର

## ନୂଆ ବର୍ଷା ନିୟମ

**ନୂଆଦିଲ୍ଲୀ, ୨୧।୫**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶେଷ ପର୍ଯ୍ୟାୟରେ ଲାଗୁ କରାଯାଇଥିବା ବର୍ଷା ନିୟମକୁ ନେଇ ପ୍ରଶ୍ନ ଉଠାଇଛି ଡିଫେଣ୍ଡିଂ ଚାମ୍ପିୟନ୍ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର)। ବ୍ରେକ୍ ପରେ ଆଇପିଏଲ୍ ପୁନଃ ଆରମ୍ଭ ସମୟରୁ ନୂଆ ନିୟମକୁ ଲାଗୁ କରାଯିବାର ଆବଶ୍ୟକ ଥିଲା ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରକାଶ କରାଯାଇଛି। ଗତ ମଙ୍ଗଳବାର ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ ବୈଠକ ବସି ପ୍ଲେଇଂ କଣ୍ଡିଶନକୁ ଦୃଷ୍ଟିରେ ରଖି ଅବଶିଷ୍ଟ ୯ ଲିଗ୍ ମ୍ୟାଚ୍ ପାଇଁ ଅତିରିକ୍ତ ୧୨୦ ମିନିଟ୍ ସମୟକୁ ଅନୁମୋଦନ କରାଯାଇଥିଲା। ଏହାଦ୍ୱାରା ବର୍ଷା ଲାଗି ଖେଳ ବାଧାପ୍ରାପ୍ତ ହେଲେ ମଧ୍ୟ ପୂରା ୨୦ ଓଭର ଖେଳ ସମ୍ଭବ ହୋଇପାରିବ ବୋଲି ଆଶା ପ୍ରକାଶ କରାଯାଇଥିଲା। ମୌସୁମୀ ବାୟୁ ଶୀଘ୍ର ଆସୁଥିବାରୁ ଅଧିକାଂଶ ମ୍ୟାଚ୍ ଶେଷହେବାକୁ ରିସ୍କ ଥିବାରୁ ଅତିରିକ୍ତ ୧୨୦ ମିନିଟ୍ ସମୟ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିବା ସମ୍ପର୍କରେ ଆଇପିଏଲ୍ ଚିଫ୍ ଅପରେଟିଂ ଅଫିସର ହେମାଙ୍ଗ ଅମିନ ସମସ୍ତ ୧୦ ଫ୍ରାଞ୍ଚାଇଜ୍‌କୁ ଇମେଲ୍ ଯୋଗେ ଜଣାଇ ଦେଇଥିଲେ। ପୂର୍ବରୁ ନିର୍ଦ୍ଧାରିତ ସମୟରେ ଖେଳ ଶେଷ ହୋଇ ନ ପାରିଲେ (ସନ୍ଧ୍ୟା ମ୍ୟାଚ୍‌ରେ ୧୦ଟା ୫୬ ସୁଦ୍ଧା) ଲିଗ୍ ମ୍ୟାଚ୍ ପାଇଁ ଅତିରିକ୍ତ ୬୦ ମିନିଟ୍ ସମୟ ପ୍ରଦାନ କରାଯାଉଥିଲା ଏବଂ ୪ ପ୍ଲେ-ଅଫ୍ ପାଇଁ ଅତିରିକ୍ତ ୨ ଘଣ୍ଟା ସମୟ ଧାର୍ଯ୍ୟ କରାଯାଇଥିଲା। ଆଇପିଏଲ୍ ଗଭର୍ଣ୍ଣିଂ ବଡି ନିଷ୍ପତ୍ତି ନେବାର ଟାଇମିଂକୁ ନେଇ ପ୍ରଶ୍ନ ଉଠାଇଛନ୍ତି କେକେଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଭେଙ୍କି ମଇସୁର। ମେ' ୧୭ରେ ଆଇପିଏଲ୍ ପୁନଃ ଆରମ୍ଭ ସମୟରୁ ଏହି ନିୟମ ଲାଗୁ କରାଯିବାର ଥିଲା। ମେ' ୧୭ରେ କୋଲ୍‌କାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ ଏବଂ କେକେଆର୍‌ର ପ୍ଲେ-ଅଫ୍ ସମ୍ଭାବନା ଶେଷ ହୋଇଯାଇଥିଲା। ମ୍ୟାଚ୍ ହୋଇଥିଲେ ସମ୍ଭବତଃ କେକେଆର ସମ୍ଭାବନା ଉଜ୍ଜୀବିତ ରହିଥାନ୍ତା ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ କୁହାଯାଇଛି।

ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଯୋଗୁ ମେ' ୯ରୁ ଆଇପିଏଲ୍‌କୁ ସ୍ଥଗିତ ରଖା ଯାଇଥିଲା। ମେ' ୧୭ରେ ପୁନଃ ଆରମ୍ଭ ମ୍ୟାଚ୍‌ରେ ଆର୍‌ସିବି ଓ କେକେଆର୍ ପରସ୍ପରକୁ ଭେଟିଥିଲେ। ଟେଷ୍ଟରୁ ଅବସର ନେଇଥିବା ବିରାଟ କୋହଲିଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଷ୍ଟାଡିୟମରେ ତାଙ୍କ ପ୍ରଶଂସକଙ୍କ ଭିଡ଼ ରହିଥିଲା। ମାତ୍ର ବର୍ଷା ଯୋଗୁ ଟସ୍ ମଧ୍ୟ ପଡ଼ିପାରି ନ ଥିଲା। ୮ଟା ୩୦ରୁ ଓଭର ହ୍ରାସ ଆରମ୍ଭ ହୋଇଥିଲା ଏବଂ ମ୍ୟାଚ ବାତିଲ ପାଇଁ ୧୦ଟା ୫୬ କଟ୍-ଅଫ୍ ଟାଇମ ଥିଲା। ବର୍ଷା ବନ୍ଦ ନ ହେବାରୁ ୧୦ଟା ୨୬ରେ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ଏହାଦ୍ୱାରା କେକେଆର୍‌ର ପ୍ଲେ-ଅଫ୍ ଆଶା ମଧ୍ୟ ୱାଶ୍‌ଆଉଟ ହୋଇଯାଇଥିଲା। ଯଦି ଏହି ମ୍ୟାଚ୍ ପାଇଁ ଅତିରିକ୍ତ ୨ ଘଣ୍ଟାର ଅପେକ୍ଷା ଉପଲବ୍ଧ ଥା'ନ୍ତା ତେବେ ଅତିକମ୍‌ରେ ୫ ଓଭର ଲେଖାଏ ଖେଳ ସମ୍ଭବ ହୋଇପାରିଥାନ୍ତା। କାରଣ ବର୍ଷା ଯୋଗୁ ବେଙ୍ଗାଲୁରୁ-କେକେଆର ମ୍ୟାଚ୍ ମଧ୍ୟ ହାଇ ରିସ୍କରେ ଥିଲା। ସବୁ ଦଳ ପାଇଁ ନିୟମ ସମାନ କରାଯିବାର ଥିଲା ବୋଲି ମଇସୁର ପ୍ରକାଶ କରିଛନ୍ତି।



# ପେସାଦାର ପାଲଟିଲେ ସିମରନଜିତ କୌର

**ନୂଆଦିଲ୍ଲୀ, ୨୧।୫ (ପି.ଟି.)**

ପୂର୍ବତନ ୱାର୍ଲ୍ଡ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକଧାରୀ ଭାରତୀୟ ବକ୍ସର ସିମରନଜିତ କୌର ପେସାଦାର ପାଲଟିଛନ୍ତି। ୨୯ ବର୍ଷୀୟ ବକ୍ସର ସିମରନଜିତ ଆମେରିକାର ପୂର୍ବତନ ପ୍ରଫେସନାଲ ବକ୍ସର ରୟ ଜୋନ୍ସ ଜୁନିୟରଙ୍କ ସହ ଚୁକ୍ତି କରିଛନ୍ତି। ଚଳିତ ବର୍ଷ ତୃତୀୟ ଭାରତୀୟ ବକ୍ସର ଭାବେ ସିମରନ ପେସାଦାର ବକ୍ସିଂରେ ପାଦ ଦେଇଛନ୍ତି। ତାଙ୍କ ପୂର୍ବରୁ ଚଳିତ ବର୍ଷ ୱାର୍ଲ୍ଡ ଚାମ୍ପିୟନଶିପ୍ ମେଡାଲିଷ୍ଟ ନିଶାନ୍ତ ଦେବ ଓ ଅମିତ ପଙ୍ଘାଲ ପେସାଦାର ବକ୍ସିଂରେ ପାଦ ରଖିଥିଲେ। ସିମରନଜିତ ଭାରତ ପାଇଁ ଏସିଆନ୍ ଚାମ୍ପିୟନଶିପ୍‌ରେ ଦୁଇଥର ପଦକ ଜିତିବା ସହ ଟୋକିଓ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ସେ ଗତ ମାର୍ଚ୍ଚରେ ୬୫ କେଜି କାଟେଗୋରିରେ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ସ୍ଥାନ ପାଇଥିଲେ। ବିଶ୍ୱକୁ ଅନେକ ତାରକା ବକ୍ସର ଦେଇଥିବା ପ୍ରମୋଟରଙ୍କ ସହ କ୍ୟାରିୟର ଆରମ୍ଭ କରୁଥିବାରୁ ମୁଁ ବହୁତ ଖୁସି। ମନଦୀପ ଜାଙ୍ଗ୍ରା ପେସାଦାର ବକ୍ସିଂରେ ଦେଶକୁ ଗର୍ବିତ କରୁଛନ୍ତି। ମୁଁ ବି ଦେଶ ପାଇଁ ଗୌରବ ହାସଲ କରିବାକୁ ଉଦ୍ୟମ କରିବି ବୋଲି ସିମରନ କହିଛନ୍ତି।

# ନାଗଲ ଆଉଟ୍

**ପ୍ୟାରିସ୍, ୨୧।୫ (ପି.ଟି.):** ଭାରତର ଟପ୍ ସିଙ୍ଗଲ୍ସ ଟେନିସ ଖେଳାଳି ସୁମିତ୍ ନାଗଲ ବୁଧବାର ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫ୍ରେଞ୍ଚ୍ ଓପନ ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ସେ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ରାଉଣ୍ଡରେ ୨-୬, ୪-୬ ସେଟ୍‌ରେ ନିମ୍ନ ର୍ୟାଙ୍କ୍‌ଧାରୀ ଜୁରିଜ ରଡିଓନୋଭଙ୍କଠାରୁ ହାରିଛନ୍ତି।

# ଶ୍ରୀଲଙ୍କାର ପୂର୍ବତନ କ୍ରିକେଟର ରାମ୍ବୁକ୍ୱେଲା ଗିରଫ

## ଦୁର୍ନୀତି ମାମଲା

**କଲମ୍ବୋ, ୨୧।୫ (ପି.ଟି.)**

ଶ୍ରୀଲଙ୍କାର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ରମିଥ ରାମ୍ବୁକ୍ୱେଲା ଦୁର୍ନୀତି ମାମଲାରେ ଆଣ୍ଟି-ଗ୍ରାଫ୍ଟ କମିଶନ ଦ୍ୱାରା ବୁଧବାର ଗିରଫ ହୋଇଛନ୍ତି। ଲାଞ୍ଚ କିମ୍ବା ଦୁର୍ନୀତି ଅଭିଯୋଗର ତଦନ୍ତଲାଗି ଗଠିତ କମିଶନ ସିଆଇଏବିଓସି ପକ୍ଷରୁ ବୁଧବାର ସକାଳେ ରାମ୍ବୁକ୍ୱେଲାଙ୍କୁ ହାଜର ହେବାକୁ ସମନ ଜାରି କରାଯାଇଥିଲା। ତାଙ୍କ ବୟାନ ରେକର୍ଡ କରାଯିବା ପରେ ତାଙ୍କୁ ଗିରଫ କରାଯାଇଛି। କଲମ୍ବୋ ଚିଫ୍ ମାଜିଷ୍ଟ୍ରେଟ୍ ରାମ୍ବୁକ୍ୱେଲାଙ୍କୁ ଜୁନ୍ ୩ ପର୍ଯ୍ୟନ୍ତ ରିମାଣ୍ଡରେ ପଠାଇ ଦେଇଛନ୍ତି। ରାଜପାକ୍‌ସେଙ୍କ ଶାସନ କାଳରେ ରାମ୍ବୁକ୍ୱେଲାଙ୍କ ବାପା କେହେଲିୟା ରାମ୍ବୁକ୍ୱେଲା ଜଣେ ଶକ୍ତିଶାଳୀ ମନ୍ତ୍ରୀ ଥିଲେ। ପୂର୍ବରୁ କେହେଲିୟାଙ୍କୁ ବ୍ରାଇବେରୀ କମିଶନ ଦ୍ୱାରା ଗିରଫ କରାଯାଇଥିଲା। ରମିଥ ସଫଳ ସ୍କୁଲ କ୍ରିକେଟ୍ କ୍ୟାରିୟର ପରେ ଶ୍ରୀଲଙ୍କା ଲାଗି ୨୦୧୩ରୁ ୧୮ ମଧ୍ୟରେ ଦୁଇଟି ଟି୨୦ ମ୍ୟାଚ୍ ଖେଳିଥିଲେ।

# ଚତୁଃରାଷ୍ଟ୍ରୀୟ ସିରିଜ୍‌ରେ ଭାରତୀୟ ଜୁନିୟର ମହିଳା ହକି ଦଳ ଭାଗନେବ

**ବେଙ୍ଗାଲୁରୁ, ୨୧।୫ (ପି.ଟି.):** ଆସନ୍ତା ୨୫ରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଆର୍ଜେଣ୍ଟିନାର ରୋଜାରିଓରେ ଖେଳାଯିବାକୁଥିବା ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଲାଗି ଭାରତୀୟ ଜୁନିୟର ମହିଳା ହକି ଦଳ ବୁଧବାର ଯାତ୍ରା କରିଛି। ଆସନ୍ତା ଡିସେମ୍ବରରେ ଚିଲିରେ ହେବାକୁ ଯାଉଥିବା ଏଫ୍‌ଆଇଏଚ୍ ହକି ଜୁନିୟର ମହିଳା ବିଶ୍ୱକପ୍ ଲାଗି ଏହି ବନ୍ଧୁତାପୂର୍ଣ୍ଣ ଟୁର୍ନାମେଣ୍ଟ ଅଂଶଗ୍ରହଣକାରୀ ଦଳକୁ ଉପଯୁକ୍ତ ପ୍ରାକ୍ଟିସ୍ ଯୋଗାଇବ। ଏହି ଚତୁଃରାଷ୍ଟ୍ରୀୟ ସିରିଜ୍‌ରେ ଆୟୋଜକ ଆର୍ଜେଣ୍ଟିନା, ଉରୁଗୁଏ ଓ ଚିଲି ସହ ଭାରତ ଖେଳିବ। ଭାରତୀୟ ଦଳ ପ୍ରତ୍ୟେକ ଅଂଶଗ୍ରହଣକାରୀ ଦଳ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବ। ଭାରତ ଆସନ୍ତା ୨୫ ତାରିଖ ପ୍ରଥମ ମ୍ୟାଚ୍‌ରେ ଚିଲିକୁ ଭେଟିବ। ଏହାପରେ ୨୬ରେ ଉରୁଗୁଏ ଓ ୨୮ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ।

# ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ଅର୍ଦ୍ଧଶତକ

**ମୁମ୍ବାଇ, ୨୧।୫**

ଚଳିତ ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଓ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ବଳରେ ପ୍ରତିପକ୍ଷ ଦିଲ୍ଲୀ ଆଗରେ ୧୮୧ ରନର ଟାର୍ଗେଟ ଛିଡ଼ା କରିଛି। ଦିଲ୍ଲୀ ଦଳର ଅଧିନାୟକ ଅକ୍ଷର ପଟେଲ ଜ୍ୱରରେ ପୀଡ଼ିତ ଥିବାରୁ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ତାଙ୍କ ଅନୁପସ୍ଥିତିରେ ଫାଫ ଡୁ ପ୍ଲେସି ଦଳର ନେତୃତ୍ୱ ନେଇଥିଲେ। ପ୍ଲେଅଫ୍ ପାଇଁ ୩ ଦଳ ଯୋଗ୍ୟତା ହାସଲ କରିସାରିଥିବା ବେଳେ ଅବଶିଷ୍ଟ ଗୋଟିଏ ସ୍ଥାନ ପାଇଁ ଦିଲ୍ଲୀ ଓ ମୁମ୍ବାଇ ମଧ୍ୟରେ ମୁକାବିଲା ହେଉଛି।

ଟସ୍ ଜିତି ଡୁପ୍ଲେସି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଆରମ୍ଭରୁ ରୋହିତ ଶର୍ମା (୫)ଙ୍କ ଉଇକେଟ ହରାଇଥିଲା। ରିୟାନ ରିକଲଟନ ଓ ୱିଲ ଜ୍ୟାକ୍ସ ଦଳୀୟ ସ୍କୋରକୁ ପାୱରପ୍ଲେରେ ୫୦ ପାଖାପାଖି ପହଞ୍ଚାଇବା ପରେ କ୍ରମାଗତ ଓଭରରେ ଆଉଟ୍ ହୋଇଥିଲେ। ରିକଲଟନ ୨ ଛକା ସହିତ ୨୫ ଏବଂ ଜ୍ୟାକ୍ସ ୩ ଚୌକା ଓ ୧ ଛକା ସହିତ ୨୧ ରନ କରି ଆଉଟ୍ ହୋଇଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ ଓ ତିଲକ ବର୍ମା ଚତୁର୍ଥ ଉଇକେଟରେ ୫୫ ରନ ଯୋଡ଼ିଥିଲେ। ତିଲକ ୧ ଲେଖାଏ ଚୌକା ଓ ଛକା ସହିତ ୨୭ ରନ କରି ପାଭିଲିଅନ ଫେରିଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୩) ବିଫଳ ହୋଇଥିଲେ। ଶେଷ ଆଡ଼କୁ ନମନ ଧିର ଓ ସୂର୍ଯ୍ୟକୁମାର ୨୧ ବଲରେ ଦ୍ରୁତ ୫୭ ରନ ଯୋଡ଼ିଥିଲେ। ସୂର୍ଯ୍ୟକୁମାର ୪୩ ବଲରେ ୭ ଚୌକା ଓ ୪ ଛକା ସହିତ ୭୩ ଏବଂ ନମନ ୮ ବଲରେ ୨ ଲେଖାଏ ଚୌକା ଓ ଛକା ସହିତ ୨୪ ରନ କରି ଅପରାଜିତ ରହିଥିଲେ। ଫଳରେ ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୦ ରନ କରିବାକୁ ସକ୍ଷମ ହୋଇଥିଲା। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ଦୁଇ ଉଇକେଟ ନେଇଥିବା ବେଳେ ମୁସ୍ତାଫିଜୁର ରହମାନ, ଦୁଶମନ୍ଥା ଚମିରା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୮୦/୫ (ସୂର୍ଯ୍ୟକୁମାର ଯାଦବ-୭୩*, ତିଲକ ବର୍ମା-୨୭, ରିୟାନ ରିକଲଟନ-୨୫, ମୁକେଶ କୁମାର-୨/୪୮, କୁଲଦୀପ ଯାଦବ-୧/୨୨, ମୁସ୍ତାଫିଜୁର ରହମାନ-୧/୩୦)।



ଶଟ୍ ଖେଳିବା ଅବସରରେ ସୂର୍ଯ୍ୟକୁମାର ଯାଦବ।

**ଆଇପିଏଲ୍ କାର୍ଯ୍ୟସୂଚୀ**


(ଆଜିର ମ୍ୟାଚ୍)
ଗୁଜରାଟ
ବନାମ ଲକ୍ଷ୍ନୌ
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୭ | ୧ | ୯ | -୧.୦୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

# ପ୍ରଣୟ, ଶ୍ରୀକାନ୍ତଙ୍କ ବିଜୟ ଅଭିଯାନ, ସିନ୍ଧୁ ବିଦା

**କୁଆଲାଲମ୍ପୁର, ୨୧।୫ (ପି.ଟି.):** ଭାରତୀୟ ପୁରୁଷ ଶଟ୍‌ଲର ଏଚ୍.ଏସ୍. ପ୍ରଣୟ ଓ କିଡାମ୍ବି ଶ୍ରୀକାନ୍ତ ବୁଧବାର ବିଜୟ ସହ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଅଭିଯାନ ଆରମ୍ଭ କରିଛନ୍ତି। ମାତ୍ର ଦୁଇଥରର ଅଲିମ୍ପିକ୍ ପଦକଧାରୀ ପିଭି ସିନ୍ଧୁ ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ବୁଧବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ପ୍ରଣୟ ପଞ୍ଚମ ସିଡ୍ କେଣ୍ଟା ନିଶିମୋଟୋଙ୍କୁ ୧୯-୨୧, ୨୧-୧୭, ୨୧-୧୬ ଗେମ୍‌ରେ ପରାସ୍ତ କରିଛନ୍ତି। ଅନ୍ୟ ଭାରତୀୟ ଖେଳାଳି ସତୀଶ କରୁଣାକରନ ୨୧-୧୩, ୨୧-୧୪ ଗେମ୍‌ରେ ତୃତୀୟ ସିଡ୍ ଚାଇନିଜ ତାଇପେର ଚୋଉ ତିଏନ ଚେନ୍‌ଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଛନ୍ତି।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ